# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଡିସେମ୍ବର ୭/୨୦୧୮ (୨୦ ପୃଷ୍ଠା) | Balasore, Friday, December 7/ 2018 | ★★★★

୪୫ଶ ଭାଗ ୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପୂଜାରାଙ୍କ ଶତକ**


ଗୁରୁବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତର ଚେତେଶ୍ୱର ପୂଜାରା ଶତକ ହାସଲ କରିଛନ୍ତି ।

୧୯ ୦୨

**ପୁଣେରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ମାଧୁରୀ**

୨୦୧୯ ସାଧାରଣ ନିର୍ବାଚନରେ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ଭାଜପା ପ୍ରାର୍ଥୀ ଭାବେ ପୁଣେ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି ।





# ବିଶ୍ୱବିଦ୍ୟାଳୟ ପାଇଁ ଏକକ ପାଠ୍ୟକ୍ରମ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

- ବଦଳିବ ପାଠ୍ୟଖସଡା
- ଗୋଟିଏ ଦିନରେ ହେବ ପ୍ରବେଶିକା ପରୀକ୍ଷା
- ୟୁଜିସି ନେଟ୍ ସିଲାବସ୍ ଆଧାରରେ ପ୍ରସ୍ତୁତ ହେବ ପାଠ୍ୟକ୍ରମ

ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି । ଏହି କ୍ରମରେ ରାଜ୍ୟର ସମସ୍ତ ୯ଟି ବିଶ୍ୱବିଦ୍ୟାଳୟ ପାଇଁ ଏକକ ପାଠ୍ୟକ୍ରମ ବ୍ୟବସ୍ଥା(ୟୁନିଫର୍ମ ସିଲାବସ୍ ସିଷ୍ଟମ୍) କରାଯିବ । ଏଥିସହିତ ଏକା ସମୟରେ ପ୍ରବେଶିକା ପରୀକ୍ଷା ହେବ। ପରୀକ୍ଷା ଗୋଟିଏ ସମୟରେ କରିବା ସହ ଫଳାଫଳ ମଧ୍ୟ ଏକ ନିର୍ଦ୍ଧାରିତ ସମୟରେ ସମାପନ ହେବ। ଗୁରୁବାର ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି ।

ରାଜ୍ୟରେ ଥିବା ୯ଟି ବିଶ୍ୱବିଦ୍ୟାଳୟ ଯଥା ଉତ୍କଳ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ବ୍ରହ୍ମପୁର, ସଂସ୍କୃତ, ରମାଦେବୀ ମହିଳା, ଖଲ୍ଲିକୋଟ, ଗଙ୍ଗାଧର ମେହେର, ଏଫ୍.ଏମ୍ ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଏହି ନୂତନ ପାଠ୍ୟକ୍ରମ ଲାଗୁ ହେବ। ପ୍ରଚଳିତ ନିୟମ ଅନୁସାରେ ବିଶ୍ୱବିଦ୍ୟାଳୟଗୁଡିକରେ ପାଠ୍ୟକ୍ରମ ଭିନ୍ନ ହେବା ସହ ତାଳମେଳ ରହୁନାହିଁ। ପ୍ରଶ୍ନପତ୍ର ପ୍ରସ୍ତୁତିଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ଆଦି କ୍ଷେତ୍ରରେ ମଧ୍ୟ ଅନେକ ସମୟରେ ବିଭ୍ରାଟ ଦେଖାଦେଉଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷାରେ ବାଧା ସୃଷ୍ଟି ହେଉଛି। ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୁରାତନ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହ ଛାତ୍ରୀଛାତ୍ରମାନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଶିକ୍ଷା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ୟୁନିୟନ ଗ୍ରାଣ୍ଟ କମିଶନ(ୟୁଜିସି)ର ନ୍ୟାଶନାଲ ଇଲିଜିବିଲିଟି ଟେଷ୍ଟ(ଏନ୍ଇଟି) ପାଠ୍ୟଖସଡା ଢାଞ୍ଚାରେ ପ୍ରସ୍ତୁତ ହେବ ଡିଗ୍ରୀ କଲେଜ ପାଠ୍ୟକ୍ରମ। ଉଚ୍ଚଶିକ୍ଷାରେ ଗୁଣାତ୍ମକ ଶିକ୍ଷା ଅଭାବରୁ ନେଟ୍ ପାଇବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉଚ୍ଚଶିକ୍ଷାରେ ସଂସ୍କାର ଆଣିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ବିଭିନ୍ନ ଶିକ୍ଷାବିତ୍ଙ୍କ ମତାମତ ନେବା ସହ ବିଭିନ୍ନ ପାଠ୍ୟଖସଡାକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ରାଜ୍ୟରେ ୧୦୭୨ଟି ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ, ବ୍ଲକଗ୍ରାଣ୍ଟ ଡିଗ୍ରୀ କଲେଜ ରହିଛି।

# ସବୁ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଲେ ନବୀନ

**ମହିଳା ସଂରକ୍ଷଣ ବିଲ୍**

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ମହିଳାଙ୍କ ଲାଗି ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାରେ ୩୩% ସ୍ଥାନ ସଂରକ୍ଷଣ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆରମ୍ଭ କରିଛନ୍ତି। ମହିଳା ସଂରକ୍ଷଣ ବିଲ୍ ଦୀର୍ଘଦିନ ହେବ ପାର୍ଲାମେଣ୍ଟର ଅନୁମୋଦନ ସକାଶେ ପଡ଼ିରହିଛି। ଏ ନେଇ ନବୀନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନଭେମ୍ବର ୪ରେ ଚିଠି ଲେଖିଥିବା ବେଳେ ବୁଧବାର ୭ ଜାତୀୟ ଓ ୧୫ ଆଞ୍ଚଳିକ ଦଳର ମୁଖ୍ୟମାନଙ୍କୁ ଭେଟି ସମର୍ଥନ ହାସଲ କରିବା ପାଇଁ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ମୁଖ୍ୟମନ୍ତ୍ରୀ ୨୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ମହିଳା ସଂରକ୍ଷଣ ବିଲ୍କୁ ସମର୍ଥନ କରିବାକୁ ଅନୁରୋଧ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦେଶ ଓ ସମାଜ ଗଠନରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହିଳାମାନେ ସଶକ୍ତ ☞ପୃଷ୍ଠା–୪

**ହକି ବିଶ୍ୱକପ୍**

ODISHA HOCKEY MEN'S WORLD CUP BHUBANESWAR 2018

**ଫଳାଫଳ**

**ଗୁରୁବାର**

ପ୍ରଥମ ମ୍ୟାଚ

ସ୍ପେନ-୨
ନ୍ୟୁଜିଲାଣ୍ଡ-୨

ଦ୍ୱିତୀୟ ମ୍ୟାଚ

ଫ୍ରାନ୍ସ-୫
ଆର୍ଜେଣ୍ଟିନା-୩

**ଆଜିର ସମ୍ପାଦକୀୟ**

ରେପୋ ଅପରିବର୍ତ୍ତିତ

**CBSE Exam Mate**

ପୃଷ୍ଠା -୧୫


NATIONAL EGG CO-ORDINATION COMMITTEE 06.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 79 | 131 | 141 |
| BLS | 79 | 131 | 141 |
| ANG | 79 | 131 | 141 |

*Conditions Apply
Eggs Retail Price- 49/-Dozen
Issued in the Interest of Consumers


**ଆଜିର ମନ୍ତବ୍ୟ**

"ଭାଜପା ଜାତି ଆଧାରରେ ଦେବଦେବୀଙ୍କୁ ଭାଗ ଭାଗ କରୁଛି।
– ମାୟାବତୀ, ବିଏସ୍ପି ସୁପ୍ରିମୋ

■ କଂଗ୍ରେସର ନିର୍ବାଚନ ଇସ୍ତାହାର କମିଟି

# ବାଦ୍ ପଡ଼ିଲେ ଶ୍ରୀକାନ୍ତ



ଶ୍ରୀକାନ୍ତ ଜେନା

- ମହଙ୍ଗା ପଡ଼ିଲା ଖଣି ଦୁର୍ନୀତି ପ୍ରସଙ୍ଗ ଉପସ୍ଥାପନ
- ଗଣେଶ୍ୱରଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୬।୧୨(ବ୍ୟୁରୋ)

ଓଡ଼ିଶାରେ ହେବାକୁ ଥିବା ବିଧାନସଭା ନିର୍ବାଚନ ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଇସ୍ତାହାର କମିଟି ଗୁରୁବାର ପୁଣିଥରେ ଘୋଷଣା ହୋଇଛି। ଏଥିରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ବାଦ୍ ପଡ଼ିଛନ୍ତି। ପୂର୍ବରୁ ଘୋଷିତ ହୋଇଥିବା କମିଟିରେ ଜେନା ଅଧ୍ୟକ୍ଷ ଥିଲେ। ଶ୍ରୀକାନ୍ତଙ୍କ ବଦଳରେ ଗଣେଶ୍ୱର ବେହେରାଙ୍କୁ ନୂତନ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ନୂତନ କମିଟି ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଦଳର ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ପ୍ରସ୍ତାବକୁ ଏଆଇସିସିର ଅନୁମୋଦନ ମିଳିଛି। ଗଣେଶ୍ୱର ଏଥିପାଇଁ ପିସିସି ସଭାପତି ପଟ୍ଟନାୟକ ଏବଂ ଏଆଇସିସିକୁ ଧନ୍ୟବାଦ ଦେଇଛନ୍ତି।

ନିର୍ବାଚନ ଇସ୍ତାହାର କମିଟିର ସଂଯୋଜକ ଥିବା ଶରତ ରାଉତଙ୍କୁ ମଧ୍ୟ ପଦରୁ ହଟାଯାଇଛି। ପଶ୍ଚିମବଙ୍ଗର ପ୍ରଭାରୀ ☞ପୃଷ୍ଠା–୪

# ଆହାର କେନ୍ଦ୍ରରେ ମିଳିବ ରାତ୍ରିଭୋଜନ

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଥିବା ଡାକ୍ତରଖାନାଗୁଡିକ ନିକଟରେ ବର୍ତ୍ତମାନ ୫୪ଟି ଆହାର କେନ୍ଦ୍ର ଖୋଲାଯାଇଛି। ଏହାଦ୍ୱାରା ଡାକ୍ତରଖାନାକୁ ଦୂର ସ୍ଥାନରୁ ଆସୁଥିବା ଲୋକମାନେ ମାତ୍ର ୫ଟଙ୍କାରେ ଆହାର କେନ୍ଦ୍ରରୁ ମଧ୍ୟାହ୍ନଭୋଜନ ପାଇପାରୁଛନ୍ତି। ଏହି କାର୍ଯ୍ୟକ୍ରମର ଲୋକପ୍ରିୟତାକୁ ଏବଂ ଡାକ୍ତରଖାନା ଆସୁଥିବା ରୋଗୀମାନଙ୍କ ସମ୍ପର୍କୀୟମାନଙ୍କ ଆବଶ୍ୟକତାକୁ ସରକାର ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡାକ୍ତରଖାନାରେ ଥିବା ଆହାର କେନ୍ଦ୍ରଗୁଡିକରେ ରାତ୍ରିଭୋଜନ ବ୍ୟବସ୍ଥା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜାନୁୟାରୀ ପହିଲାରୁ ଏହି ନୂଆ ବ୍ୟବସ୍ଥା ଆରମ୍ଭ ହେବ। ☞ପୃଷ୍ଠା–୪

■ ୨୪ରେ ଓଡ଼ିଶା ଆସିବେ ମୋଦି

# ଉପକୂଳ ଭୋଟ ଉପରେ ନଜର

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଓଡ଼ିଶା ଆସିବେ। ଖୋର୍ଦ୍ଧାଠାରେ ଏକ ଜନସମାବେଶରେ ସେ ଯୋଗଦେବେ ବୋଲି ଭାଜପା



ରାଜ୍ୟ ପ୍ରଭାରୀ ଅରୁଣ ସିଂ ଗୁରୁବାର ସୂଚନା ଦେଇଛନ୍ତି। ମୋଦିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ନେତୃବୃନ୍ଦଙ୍କ ଏକ ବୈଠକ ଅରୁଣ ସିଂଙ୍କ ଅଧ୍ୟକ୍ଷତାରେ ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୋଦି କିଛି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ନେଇ ଶୁଣିବାକୁ ମିଳୁଥିଲେ ମଧ୍ୟ କିଛି ସ୍ପଷ୍ଟ ହୋଇନାହିଁ। ସାଧାରଣ ନିର୍ବାଚନ ନିକଟତର ହୋଇଥିବାରୁ ମୋଦିଙ୍କ ଏହି ଗସ୍ତକୁ ନେଇ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଛି। ପଶ୍ଚିମଓଡ଼ିଶା ପରେ ଏବେ ଭାଜପାର ନଜର ☞ପୃଷ୍ଠା–୪

# ରାହୁଲଙ୍କୁ ଅପେକ୍ଷା

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ସମ୍ପ୍ରତି ଓଡ଼ିଶାରେ କଂଗ୍ରେସ ସ୍ଥିତି ଅନ୍ୟ ଦୁଇ ପ୍ରମୁଖ ଦଳ ବିଜେଡି ଏବଂ ଭାଜପା ଅପେକ୍ଷା ଦୁର୍ବଳ ହୋଇପଡିଛି। ଫଳରେ ଦଳୀୟ କର୍ମୀ ମହଲରେ ନିରୁତ୍ସାହ ଭାବ ପରିଲକ୍ଷିତ ହେଲାଣି। ଏଭଳି ସ୍ଥିତିରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ନ ଆସିବା ବିରାଟ



ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ଦୀର୍ଘବର୍ଷ ଧରି ଦୁର୍ବଳ ସ୍ଥିତିରେ ଥିବା ଭାଜପା କର୍ମୀଙ୍କୁ ଉତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଏକାଧିକଥର ରାଜ୍ୟ ଗସ୍ତରେ ଆସୁଛନ୍ତି। ରାହୁଲଙ୍କ ଓଡ଼ିଶା ଗସ୍ତ ନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସମୟ ଦେଇଥିଲେ ସୁଦ୍ଧା ରାହୁଲଙ୍କ ଦେଖା ମିଳି ନ ଥିଲା। ଏସବୁ ଭିତରେ ଗୁରୁବାର ନିରଞ୍ଜନ ଚଳିତ ମାସରେ ☞ପୃଷ୍ଠା–୧୧






ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଭଗବାନ ନୁହନ୍ତି । ଭାଜପା ୫୦ ବର୍ଷ ଧରି ଭାରତକୁ ଶାସନ କରିବ ବୋଲି ସେ କହିବା ଅତିରଞ୍ଜିତ । ଶାହ କିମ୍ବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜନୀତିକୁ ନେଇ ଭବିଷ୍ୟବାଣୀ କରିପାରିବେ ନାହିଁ ।

- ଜୋରାମ୍‌ଥାଙ୍ଗା, ମିଜୋ ନ୍ୟାଶନାଲ ଫ୍ରଣ୍ଟ ଅଧ୍ୟକ୍ଷ



## ସଂକ୍ଷେପରେ

### ସୀମାପାର ଗୁଳିରେ ୨ ଶହୀଦ

**ଶ୍ରୀନଗର,୬।୧୨(ପି.ଟି.)**- ଜମ୍ମୁ-କଶ୍ମୀରରେ ପାକିସ୍ତାନ ଗୁରୁବାର ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ପାକିସ୍ତାନୀ ସେନାର ଗୁଳିମାଡ଼ରେ ୨ ଯବାନ ଶହୀଦ ହୋଇଥିବାବେଳେ ୨ ଆହତ ହୋଇଛନ୍ତି। କୁପଓ୍ବାଡ଼ା ଜିଲା ସଂଲଗ୍ନ ନିୟନ୍ତ୍ରଣରେଖାର ମାଚିଲ୍ ସେକ୍ଟରରେ ପୂର୍ବାହ୍ନ ୧୦ଟା ୪୫ରେ ପାକିସ୍ତାନୀ ସେନା ୨୦୦୩ର ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ପାକିସ୍ତାନୀ ସୈନ୍ୟମାନେ ଭାରତ ପଟକୁ ଗୁଳିବର୍ଷା ସହ ମୋର୍ଟାର ମାଡ଼ କରିଥିଲେ। ଏଥିରେ ଜଣେ ଯବାନ ଶହୀଦ ହୋଇଛନ୍ତି। ବାରାମୁଲା ଜିଲାର ଉରି ସେକ୍ଟରରେ ପାକିସ୍ତାନୀ ସେନାର ଗୁଳିମାଡ଼ରେ ୨ ଯବାନ ଆହତ ହୋଇଛନ୍ତି। ସେହିପରି ସୁନ୍ଦରବନୀ ସେକ୍ଟରରେ ସନ୍ଧ୍ୟାରେ ପାକିସ୍ତାନର ସ୍ନାଇପର ଆକ୍ରମଣରେ ବିଏସ୍‌ଏଫ୍ କନଷ୍ଟେବଳ ପି. ବିଶ୍ୱାସ ଶହୀଦ ହୋଇଛନ୍ତି।

### ମିଶେଲଙ୍କୁ ଆଇନଗତ ସହାୟତା ଅନୁମତି ମାଗିଲେ ବ୍ରିଟିଶ ଉଚ୍ଚାୟୁକ୍ତ

**ନୂଆଦିଲ୍ଲୀ,୬।୧୨**-ବହୁଚର୍ଚ୍ଚିତ ଅଗୁସ୍ତା ଓ୍ବେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର ଦୁର୍ନୀତିର ମଧ୍ୟସ୍ଥ ଖ୍ରୀଷ୍ଟିୟାନ ମିଶେଲଙ୍କୁ ଆଇନଗତ ସହାୟତା ପ୍ରଦାନ ପାଇଁ ବ୍ରିଟିଶ ଉଚ୍ଚାୟୁକ୍ତ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଗୁରୁବାର ଉଚ୍ଚାୟୁକ୍ତ ଅନୁମତି ମାଗିଛନ୍ତି। ବ୍ରିଟିଶ ହାଇକମିଶନଙ୍କ ଅନୁରୋଧ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ଦୁବାଇରୁ ଭାରତକୁ ପ୍ରତ୍ୟର୍ପଣ କରାଯିବା ପରେ ବ୍ରିଟେନ ନାଗରିକ ମିଶେଲଙ୍କୁ ସିବିଆଇ ୫ ଦିନିଆ ରିମାଣ୍ଡରେ ନେଇଛି। ସିବିଆଇ ମୁଖ୍ୟାଳୟରେ ତାଙ୍କୁ ବିଭିନ୍ନ ପ୍ରଶ୍ନ କରାଯାଉଛି।

### ଚାବାହରରେ ଆତ୍ମଘାତୀ ବିସ୍ଫୋରଣ: ୩ ନିହତ

**ତେହେରାନ,୬।୧୨**-ଇରାନର ବନ୍ଦର ସହର ଚାବାହରସ୍ଥିତ ଏକ ପୋଲିସ ମୁଖ୍ୟାଳୟରେ ଗୁରୁବାର ଆତଙ୍କବାଦୀମାନେ ଆତ୍ମଘାତୀ ବିସ୍ଫୋରଣ ଘଟାଇଛନ୍ତି। ଏଥିରେ ୩ ନିହତ ହୋଇଥିବାବେଳେ ୪୦ ଆହତ ହୋଇଛନ୍ତି। ଏହି ଆକ୍ରମଣକୁ ଭାରତ ସମେତ ବିଭିନ୍ନ ଦେଶ ପକ୍ଷରୁ ନିନ୍ଦା କରାଯାଇଛି। ଇରାନର ସିସ୍ତାନ ଓ ବଲୁଚିସ୍ତାନ ପ୍ରଦେଶରେ ଚାବାହର ଅବସ୍ଥିତ। ଏହି ପ୍ରଦେଶକୁ ଲାଗି ପାକିସ୍ତାନର ସୀମା ରହିଛି। ସହରର ପୋଲିସ ମୁଖ୍ୟାଳୟକୁ ଗୁରୁବାର ସକାଳେ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଆତଙ୍କବାଦୀମାନେ ଏକ ବିସ୍ଫୋରକ ଭର୍ତ୍ତି କାର୍‌ରେ ଆସି ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ।

### ପଞ୍ଜାବରେ ଜାକିର ମୁସା

**ଚଣ୍ଡିଗଡ଼,୬।୧୨(ପି.ଟି.)**-ଆତଙ୍କବାଦୀ ଜାକିର ମୁସା ପଞ୍ଜାବର ବଠିଣ୍ଡା କିମ୍ବା ଫିରୋଜପୁର ଜିଲାରେ ଆତ୍ମଗୋପନ କରିଥିବା ନେଇ ଗୋଇନ୍ଦା ରିପୋର୍ଟ ଆସିଛି।



ସମ୍ପୃକ୍ତ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି। ମୁସା ଶିଖ୍ ପୋଷାକରେ ଥିବା ଗୋଇନ୍ଦା ବିଭାଗ ଆଶଙ୍କା କରୁଛି। ଅନସର ଘଜଓ୍ବାତ-ଉଲ୍-ହିନ୍ଦ୍‌ର ମୁଖ୍ୟ ମୁସାଙ୍କ ଅଲ୍-କାଏଦା ସହ ସମ୍ପର୍କ ରହିଛି। ବଠିଣ୍ଡା ରେଳଷ୍ଟେଶନ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେନା, ପୋଲିସ ଏବଂ ଅନ୍ୟ ଅର୍ଦ୍ଧସାମରିକ ବାହିନୀର ଯବାନମାନେ ସଜାଗ ହୋଇ ରହିଛନ୍ତି। ମୁସାଙ୍କ ଫଟୋ ସହିତ ତାଙ୍କର ଶିଖ ଛଦ୍ମବେଶୀ ଫଟୋ ଥିବା ପୋଷ୍ଟର ବିଭିନ୍ନ ସ୍ଥାନରେ ଲଗାଯାଇଛି।

[ଇତିହାସର ଆଇନାରେ]

### ଡିସେମ୍ବର ୭ର ପ୍ରମୁଖ ଘଟଣା

୧୯୮୮ ଡିସେମ୍ବର ୭ରେ ଆର୍ମେନିଆରେ ୬.୮ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିଲା, ଯେଉଁଥିରେ ପାଖାପାଖି ୫୦ ହଜାର ଲୋକଙ୍କ ମୃତ୍ୟୁ ହେବା ସହ ଲକ୍ଷାଧିକ ଲୋକ ଆହତ ହୋଇଥିଲେ। ଏହି ପ୍ରଳୟଙ୍କରୀ ଭୂକମ୍ପ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

୧୯୪୬ ଡିସେମ୍ବର ୭ରେ ଜର୍ଜିଆର ଆଟଲାଣ୍ଟା ସହରରେ ଥିବା ଓ୍ବିନକଫ ହୋଟେଲରେ ଭୟାବହ ଅଗ୍ନିକାଣ୍ଡ ଘଟି ହୋଟେଲ ମାଲିକଙ୍କ ସମେତ ୧୧୯ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ। ଆମେରିକା ଇତିହାସରେ ଏହା ସବୁଠୁ ବଡ ଅଗ୍ନିକାଣ୍ଡ।

## ରାସ୍ତାରେ ଖାଲ ଦୁର୍ଘଟଣାର କାରଣ
# ୫ ବର୍ଷରେ ନେଇଛି ୧୫ ହଜାର ଜୀବନ

**ନୂଆଦିଲ୍ଲୀ,୬।୧୨(ପି.ଟି.)**

ରାସ୍ତାରେ ଖାଲ ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏଥିରେ ୫ ବର୍ଷରେ ୧୫,୦୦୦ ଜୀବନ ଯାଇଛି। ଏହିସଂଖ୍ୟା ଭାରତରେ ଆତଙ୍କବାଦୀ ଆକ୍ରମଣ କିମ୍ବା ସୀମାରେ ଘଟୁଥିବା ପ୍ରାଣହାନିଠାରୁ ଅଧିକ। ଦେଶର ରାସ୍ତାଗୁଡ଼ିକର ଦୁରବସ୍ଥାକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଏଭଳି ଚିନ୍ତାବ୍ୟକ୍ତ କରିଛନ୍ତି।

ସଡ଼କ ସୁରକ୍ଷା ଉପରେ ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଥିଲେ। ସର୍ବୋଚ୍ଚ ଅଦାଲତର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ କେ.ଏସ୍, ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଉକ୍ତ କମିଟି ନିଜ ରିପୋର୍ଟରେ ଦର୍ଶାଇଥିଲେ ଯେ, ରାସ୍ତାଗୁଡ଼ିକରେ ସୃଷ୍ଟି ହୋଇଥିବା ଖାଲ ଯୋଗୁ ଦୁର୍ଘଟଣା ଘଟୁଛି। ଏଥିଯୋଗୁ ୨୦୧୩ରୁ ୨୦୧୭ ମଧ୍ୟରେ ସାରା ଦେଶରେ ୧୪,୯୨୬ ଜଣଙ୍କ ମୃତ୍ୟୁ ଘଟିଛି। ଜଷ୍ଟିସ୍ ମଦନ ବି. ଲୋକୁରଙ୍କ ଅଧ୍ୟକ୍ଷତାରେ ତଥା ଦୀପକ ଗୁପ୍ତା ଓ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଚିନ୍ତାବ୍ୟକ୍ତ କରିଛନ୍ତି। ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ନିଜ କାମ ଠିକ୍ ଭାବେ କରୁନାହାନ୍ତି। ରାସ୍ତାରେ ଖାଲ ଯୋଗୁ ଏତେସଂଖ୍ୟକ ଲୋକଙ୍କ ମୃତ୍ୟୁକୁ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହାସହ କମିଟିର ରିପୋର୍ଟ ଉପରେ ସମସ୍ତ ରାଜ୍ୟ ସରକାରଙ୍କ ସହ ବିଚାରବିମର୍ଶ କରି ଜବାବଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସଡ଼କ ସୁରକ୍ଷା ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ରାସ୍ତାରେ ଖାଲ ଯୋଗୁ ଘଟୁଥିବା ଦୁର୍ଘଟଣାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବା ଉଚିତ। ଜାନୁୟାରୀରେ ଏହି ଆବେଦନର ପରବର୍ତ୍ତୀ ଶୁଣାଣି କରାଯିବ।

**ଚିନ୍ତାବ୍ୟକ୍ତ କଲେ ସୁପ୍ରିମକୋର୍ଟ**
- କର୍ତ୍ତୃପକ୍ଷ ରାସ୍ତା ମରାମତି କରୁନାହାନ୍ତି
- ଦୁର୍ଘଟଣାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ ମିଳୁ କ୍ଷତିପୂରଣ
- ଜାନୁୟାରୀରେ ପରବର୍ତ୍ତୀ ଶୁଣାଣି



# ପଶ୍ଚିମବଙ୍ଗରେ ଶାହଙ୍କୁ ରଥଯାତ୍ରା ମନା

**କୋଲକାତା,୬।୧୨(ପି.ଟି.)**



ପଶ୍ଚିମବଙ୍ଗର କୁଚ୍‌ବିହାରଠାରେ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ରଥଯାତ୍ରାକୁ ଅନୁମତି ଦେବା ଲାଗି କୋଲକାତା ହାଇକୋର୍ଟ ମନାକରିଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ରାଲିକୁ ଅନୁମତି ଦିଆଯାଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଭାଜପା ଶୁକ୍ରବାର ଡିଭିଜନ ବେଞ୍ଚରେ ଅପିଲ୍ କରିବ। ଶୁକ୍ରବାର ଶାହ ଏହି ରାଲିର ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ଥିଲା। ଏଭଳି ରାଲି ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା ସମ୍ଭାବନା ଥିବା ଦର୍ଶାଇ ପଶ୍ଚିମବଙ୍ଗ ସରକାର ପୂର୍ବରୁ ଅନୁମତି ଦେବାକୁ ମନାକରିଦେଇଥିଲେ।

ଭାଜପା ଓକିଲମାନେ ମୁଖ୍ୟ ବିଚାରପତି ଦେବାଶିଷ କରଗୁପ୍ତାଙ୍କ ଚାମ୍ବରକୁ ଯାଇ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରି ସଂଧ୍ୟାରେ ମାମଲାର ପରବର୍ତ୍ତୀ ଶୁଣାଣି କରିବାକୁ ଅନୁରୋଧ କରିଥିଲେ। ତେବେ ମୁଖ୍ୟ ବିଚାରପତି ସଂଧ୍ୟାରେ ଶୁଣାଣିକୁ ମନା କରିଦେବା ସହ ଶୁକ୍ରବାର ସକାଳ ସାଢ଼େ ୧୦ଟାରେ କୋର୍ଟରେ ଅପିଲ୍ କରିବାକୁ ଭାଜପାକୁ ଅନୁମତି ଦେଇଛନ୍ତି।

ଡିସେମ୍ବର ୨୧ ସୁଦ୍ଧା ଭାଜପା ରଥଯାତ୍ରା ରାଲି ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ କୋର୍ଟ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜାନୁୟାରୀ ୯ରେ ହେବ। ଭାଜପା ପକ୍ଷରୁ ତିନୋଟି ରଥଯାତ୍ରା ଆୟୋଜନ ଲାଗି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିଲା। ଏହା ବିଭିନ୍ନ ସ୍ଥାନରୁ ଆରମ୍ଭ ହୋଇ ୪୨ଟି ନିର୍ବାଚନମଣ୍ଡଳୀ ପରିକ୍ରମା କରିଥାନ୍ତା। ଏଥିପାଇଁ ରାଜ୍ୟ ସରକାର ଅନୁମତି ଦେବା ଲାଗି ନିର୍ଦ୍ଦେଶ ଦେବାକୁ ଭାଜପା ପକ୍ଷରୁ ହାଇକୋର୍ଟଙ୍କୁ ନିବେଦନ କରାଯାଇଥିଲା। ୭ ତାରିଖରେ କୁଚ୍‌ବିହାରରୁ ରାଲି ବାହାରିବାକୁ ଥିଲା ବେଳେ ୯ରେ ଦକ୍ଷିଣ ଚବିଶ ପ୍ରଗଣା ଜିଲାର କାକଦ୍ୱୀପରୁ ଏବଂ ୧୪ରେ ବୀରଭୂମ ଜିଲାର ତାରାପୀଠ ମନ୍ଦିରରୁ ଏହି ରାଲି ବାହାରିଥାନ୍ତା। ଅନ୍ୟପକ୍ଷରେ ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ବରିଷ୍ଠ ଭାଜପା ନେତା କୈଳାସ ବିଜୟବର୍ଗୀୟ କହିଛନ୍ତି।

## ଭାଜପା ସଭାପତିଙ୍କ କାର୍‌କୁ ଆକ୍ରମଣ

**କୁଚ୍‌ବିହାର,୬।୧୨(ପି.ଟି.)**– ପଶ୍ଚିମବଙ୍ଗର ଭାଜପା ସଭାପତି ଦିଲୀପ ଘୋଷଙ୍କ କାରକୁ କୁଚ୍‌ବିହାର ଜିଲାର ଶୀତଲକୁଚି ଅଞ୍ଚଳରେ ଟାର୍ଗେଟ କରାଯାଇଛି। ଭାଜପାର ରଥଯାତ୍ରା କାର୍ଯ୍ୟକ୍ରମ ଲାଗି ଘୋଷ ଉକ୍ତ ଜିଲାକୁ ଯାଇଥିଲା ବେଳେ ଏହି ଆକ୍ରମଣ ହୋଇଛି। ଟିଏମ୍‌ସି ନେତାମାନେ ତାଙ୍କ କାରକୁ ଆକ୍ରମଣ କରିବା ସହ ଫେରିଯିବା ଦାବିରେ ସ୍ଲୋଗାନ ଦେଇଥିଲେ ବୋଲି ଘୋଷ କହିଛନ୍ତି। ଏହି ହିଂସାକାଣ୍ଡରେ ଭାଜପାର କେତେକ କର୍ମୀ ଆହତ ହୋଇଥିଲେ। ପୋଲିସ ସେଠାରେ ଉପସ୍ଥିତ ଥିଲେ ମଧ୍ୟ ନିରବ ଦର୍ଶକ ସାଜିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଘୋଷଙ୍କ ଏହି ଅଭିଯୋଗ ଭିତ୍ତିହୀନ ବୋଲି ଟିଏମ୍‌ସି ପକ୍ଷରୁ କୁହାଯାଇଛି।



ଭାଜପାରେ ଗୋଷ୍ଠୀସଂଘର୍ଷରୁ ଏହି ଆକ୍ରମଣ ହୋଇଥିବା ବରିଷ୍ଠ ଟିଏମ୍‌ସି ନେତା ରବୀନ୍ଦ୍ରନାଥ ଘୋଷ କହିଛନ୍ତି।

## ଭାଜପା ଛାଡ଼ିଲେ ସାବିତ୍ରୀ ଫୁଲେ

**ଲକ୍ଷ୍ନୌ,୬।୧୨(ପି.ଟି.)**

ଭାଜପା ଏମ୍‌ପି ସାବିତ୍ରୀ ଫୁଲେ ଗୁରୁବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏହି ଦଳ ବିଭେଦ ସୃଷ୍ଟିକାରୀ ରାଜନୀତି କରିବା ସହ ଜନସାଧାରଣଙ୍କ ଅର୍ଥରେ ମନ୍ଦିର ଓ ପ୍ରତିମୂର୍ତ୍ତି ନିର୍ମାଣ କରୁଥିବା ଫୁଲେ ଅଭିଯୋଗ କରିଛନ୍ତି। ଉତ୍ତରପ୍ରଦେଶ ବହରାଇଚ୍‌ର ଦଳିତ ଏମ୍‌ପି ଫୁଲେ ଦଳର ନେତୃତ୍ୱକୁ ନେଇ ଅସନ୍ତୁଷ୍ଟ ଥିଲେ। ବାବା ସାହେବ ଆମ୍ବେଡ୍‌କରଙ୍କ ମହାପରିନିର୍ବାଣ ଦିବସରେ ସେ ଭାଜପାରୁ ଇସ୍ତଫା ଦେଇଛନ୍ତି। ସେ ଦଳ ଛାଡିଥିଲେ ମଧ୍ୟ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ଏମ୍‌ପି ରହିବେ ବୋଲି ଫୁଲେ କହିଛନ୍ତି। ଦେଶର ଚୌକିଦାର ପ୍ରହରା ଦେଉଥିଲେ ମଧ୍ୟ ସମ୍ପତ୍ତି ଚୋରି ହେଉଛି ବୋଲି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି।



### କେନ୍ଦ୍ର ନିଷ୍ପତ୍ତି ବିରୋଧରେ ସିବିଆଇ ମୁଖ୍ୟଙ୍କ ଆବେଦନ
## ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୬।୧୨(ପି.ଟି.)**

ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ କେନ୍ଦ୍ର ସରକାର ଛୁଟିରେ ପଠାଇବା ନିଷ୍ପତ୍ତିକୁ ସେ ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଗୁରୁବାର ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଖଣ୍ଡପୀଠ ବର୍ମା, କେନ୍ଦ୍ର ସରକାର, କେନ୍ଦ୍ରୀୟ ଭିଜିଲାନ୍ସ କମିଶନ ଏବଂ ମାମଲାର ଅନ୍ୟ ପକ୍ଷମାନଙ୍କର ଯୁକ୍ତି ଶୁଣିଥିଲେ। ଏଥିସହିତ କମନ କଜ୍ ନାମକ ଏନ୍‌ଜିଓ ପକ୍ଷରୁ ଦାଏର ପିଟିଶନର ମଧ୍ୟ ଶୁଣାଣି ହୋଇଥିଲା। ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ସମେତ ଅନ୍ୟ ସିବିଆଇ ଅଫିସରମାନଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗର ଏସଆଇଟି ତଦନ୍ତ କୋର୍ଟଙ୍କ ତତ୍ତ୍ୱାବଧାନରେ କରାଯିବା ଲାଗି ଏହି ଏନ୍‌ଜିଓ ପକ୍ଷରୁ ଆବେଦନ କରାଯାଇଥିଲା। ବର୍ମା ଏବଂ ଅସ୍ଥାନା ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିର ଭାବମୂର୍ତ୍ତି କ୍ଷୁଣ୍ଣ କରିଥିବା ସରକାର ସୁପ୍ରିମକୋର୍ଟରେ କହିଥିଲେ। ଚୟନ କମିଟିର ପରାମର୍ଶ ବିନା ରାତାରାତି ଏଭଳି ନିଷ୍ପତ୍ତି ନେବା ଭଳି ଗୁରୁତର ସଙ୍କଟ ସୃଷ୍ଟି ହୋଇଥିଲା କି ବୋଲି ସୁପ୍ରମକୋର୍ଟ କେନ୍ଦ୍ର ସରକାର ଓ ସିବିସିଙ୍କୁ ପ୍ରଶ୍ନ କରିଥିଲେ।

## ଫୁର୍‌ସତ

### ଟେଲିରୋବଟିକ୍ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର

**ବିଶ୍ୱର ପ୍ରଥମ**

**ଗାନ୍ଧୀନଗର:** ବିଶ୍ୱରେ ପ୍ରଥମକରି ଏକ ଟେଲିରୋବଟିକ୍ ଅସ୍ତ୍ରୋପଚାର କରାଯାଇଥିବା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ହୃଦ୍‌ରୋଗ ବିଶେଷଜ୍ଞ ଡକ୍ଟର ତେଜସ୍ ପଟେଲ ଦାବି କରିଛନ୍ତି। ଦୂରରେ ଥାଇ ଜଣେ ମହିଳାଙ୍କ ହୃତ୍‌ପିଣ୍ଡରେ ଷ୍ଟେଣ୍ଟ ସର୍ଜରି କରାଯାଇଥିଲା। ବିଶ୍ୱରେ ଏହା ଇତିହାସ ସୃଷ୍ଟି କରିଛି। ଅସ୍ତ୍ରୋପଚାର ଦେଖିବା ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାନି ଅକ୍ଷରଧାମ ମନ୍ଦିରରେ ଉପସ୍ଥିତ ଥିଲେ। ଏହି ଜ୍ଞାନକୌଶଳ ବ୍ୟବହାର କରି କିପରି ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଗୁଜରାଟ ସରକାର ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଥିଲେ। ଡାକ୍ତରୀ ଭାଷାରେ ଏହି ପଦ୍ଧତି ହେଉଛି 'ଇନ୍-ହ୍ୟୁମ୍ୟାନ୍ ଟେଲିରୋବଟିକ୍ କରୋନାରି ଇଣ୍ଟରଭେନ୍‌ସନ୍'। ଏହି ଅସ୍ତ୍ରୋପଚାର ଦ୍ୱାରା ଧମନୀରେ ରକ୍ତ ପ୍ରବାହକୁ ସ୍ୱାଭାବିକ କରାଯାଏ। ଗାନ୍ଧୀନଗରସ୍ଥିତ ଅକ୍ଷରଧାମ ମନ୍ଦିରର ଏକ ସ୍ୱତନ୍ତ୍ର ସ୍ଥଳରେ ହୃଦ୍‌ରୋଗ ବିଶେଷଜ୍ଞ ଅସ୍ତ୍ରୋପଚାର ପରିଚାଳନା କରିଥିଲେ। ଚିକିତ୍ସକଙ୍କଠାରୁ ୩୨ କିଲୋମିଟର ଦୂରରେ ଏହି ଅସ୍ତ୍ରୋପଚାର କରାଯାଇଥିଲା।

## ବାୟୁ ପ୍ରଦୂଷଣ ନେଉଛି ଜୀବନ


**ନୂଆଦିଲ୍ଲୀ:** ଭାରତରେ ପ୍ରତି ୮ମୃତ୍ୟୁ ଘଟଣାରେ ଗୋଟିଏ ବାୟୁ ପ୍ରଦୂଷଣଜନିତ। ଧୂମପାନ ଅପେକ୍ଷା ପ୍ରଦୂଷଣଜନିତ ରୋଗରେ ପଡ଼ି ଅଧିକ ଲୋକ ମୃତ୍ୟୁବରଣ କରନ୍ତି ବୋଲି ଏକ ଆକଳନରୁ ଜଣାପଡ଼ିଛି। ଇଣ୍ଡିଆ ଷ୍ଟେଟ୍ ଲେଭଲ୍ ଡିଜିଜ୍ ବର୍ଡନ୍ ଇନିସିଏଟିଭ୍ ଦ୍ୱାରା ପ୍ରତ୍ୟେକ ରାଜ୍ୟରେ ମୃତ୍ୟୁ, ରୋଗ ପ୍ରାଦୁର୍ଭାବ ଏବଂ ମଣିଷର ଆୟୁଷ ହ୍ରାସ ଉପରେ ପ୍ରଥମକରି ଏକ ବିସ୍ତୃତ ସର୍ବେକ୍ଷଣ କରାଯାଇଥିଲା। ଏହା 'ଦି ଲାନ୍‌ସେଟ୍ ପ୍ଲାନେଟାରି ହେଲ୍‌ଥ'ରେ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ, ବିଶ୍ୱ ଜନସଂଖ୍ୟାର ୧୮% ଭାରତୀୟ। ତେବେ ବିଶ୍ୱର ସମୁଦାୟ ଲୋକସଂଖ୍ୟାର ୨୬% ବାୟୁ ପ୍ରଦୂଷଣଜନିତ ରୋଗ ଓ ଅକାଳରେ

**ଭାରତରେ ପ୍ରତି ୮ ମୃତ୍ୟୁରେ ଗୋଟିଏ ବାୟୁ ପ୍ରଦୂଷଣଜନିତ**



ମୃତ୍ୟୁବରଣ କରନ୍ତି। ବାୟୁ ପ୍ରଦୂଷଣ ଯୋଗୁ ୨୦୧୭ରେ ଭାରତରେ ମୃତ୍ୟୁବରଣ କରିଛନ୍ତି ୧୨.୪ଲକ୍ଷରୁ ଅଧିକ ଲୋକ। ଏହି ଲୋକଙ୍କ ବୟସ ୭୦ବର୍ଷରୁ କମ୍ ଥିବା ଜଣାପଡ଼ିଛି। ବାୟୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇଲେ ପ୍ରତି ଭାରତୀୟଙ୍କ ହାରାହାରି ବୟସ ୧.୭ ବର୍ଷ ବୃଦ୍ଧି ପାଇବ ବୋଲି ଉକ୍ତ ଅଧ୍ୟୟନରୁ ଜାଣିବାକୁ ମିଳିଛି।

ଉତ୍ତର ଭାରତ ବିଶେଷକରି ବିହାର, ଉତ୍ତରପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ଦିଲ୍ଲୀ, ହରିୟାଣା ଏବଂ ପଞ୍ଜାବରେ ପ୍ରଦୂଷଣର ମାତ୍ରା ଅଧିକ ଥିବା ରିପୋର୍ଟରେ ଦର୍ଶାଯାଇଛି। ସ୍ୱାସ୍ଥ୍ୟ ଗବେଷଣା ସଚିବ ଡକ୍ଟର ବଲରାମ ଭାର୍ଗବ ଉକ୍ତ ରିପୋର୍ଟ ପ୍ରକାଶ କରି କହିଲେ, ପ୍ରତ୍ୟେକ ରାଜ୍ୟରେ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଥିବା ବାୟୁ ପ୍ରଦୂଷଣ ମାତ୍ରା ପରୀକ୍ଷା କରାଯିବା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରାଯାଇ ପାରିବ।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୪ | ୧୫.୪ |
| ଚାନ୍ଦବାଲି | ୨୬.୮ | ୧୭.୬ |
| କଟକ | ୨୭.୨ | ୧୭.୦ |
| ପାରାଦ୍ୱୀପ | ୨୮.୨ | ୧୯.୩ |
| ଭୁବନେଶ୍ୱର | ୨୯.୪ | ୧୭.୯ |
| ଗୋପାଳପୁର | ୩୦.୨ | ୨୦.୭ |
| ପୁରୀ | ୨୮.୬ | ୨୦.୨ |
| ଅନୁଗୋଳ | ୨୭.୭ | ୧୩.୬ |
| ବାରିପଦା | ୨୬.୬ | ୧୬.୦ |
| ଝାରସୁଗୁଡ଼ା | ୨୮.୫ | ୧୩.୫ |
| କେନ୍ଦୁଝର | ୨୬.୯ | ୧୩.୫ |
| ସମ୍ବଲପୁର | ୨୯.୪ | ୧୪.୩ |
| ସୁନ୍ଦରଗଡ଼ | ୨୯.୫ | ୧୧.୦ |
| ହୀରାକୁଦ | ୨୮.୭ | ୧୪.୮ |
| ତାଳଚେର | ୩୧.୭ | ୧୫.୩ |
| ଭବାନୀପାଟଣା | ୩୦.୦ | ୧୬.୦ |
| ବଲାଙ୍ଗୀର | ୩୦.୨ | ୧୫.୭ |
| କୋରାପୁଟ | ୨୭.୦ | ୧୫.୨ |
| ଫୁଲବାଣୀ | --- | ୦୮.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୨.୦ | ୨୦.୮ |
| ସୋନପୁର | ୩୦.୨ | ୧୫.୮ |
| ଦାରିଙ୍ଗିବାଡ଼ି | ୨୪.୦ | ୧୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ପୁଣେରୁ ଲଢ଼ିବେ ମାଧୁରୀ

**ମୁମ୍ବାଇ:** ୨୦୧୯ ସାଧାରଣ ନିର୍ବାଚନରେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍ ଭାଜପା ପ୍ରାର୍ଥୀ ଭାବେ ପୁଣେ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି। ଚଳିତବର୍ଷ ଜୁନ୍‌ରେ ଭାଜପା ମୁଖ୍ୟ ଅମିତ ଶାହ 'ସମର୍ଥନ ଯାତ୍ରା' ବେଳେ ମାଧୁରୀଙ୍କୁ ମୁମ୍ବାଇସ୍ଥିତ ତାଙ୍କ ବାସଭବନରେ ଭେଟିଥିଲେ। ନରେନ୍ଦ୍ର ମୋଦି ସରକାରଙ୍କ ସଫଳତା ସମ୍ପର୍କରେ ତାଙ୍କୁ ସଂକ୍ଷିପ୍ତ ସୂଚନା ଦେଇଥିଲେ। ରାଜ୍ୟ ଭାଜପାର ଜଣେ ବରିଷ୍ଠ ନେତାଙ୍କ କହିବାନୁସାରେ ପୁଣେ ଲୋକ ସଭା ଆସନ ପାଇଁ ମାଧୁରୀଙ୍କ ନାମ ଚୟନ କରାଯାଇଛି। ୨୦୧୯ ସାଧାରଣ ନିର୍ବାଚନରେ ମାଧୁରୀ ଦୀକ୍ଷିତଙ୍କୁ ପ୍ରାର୍ଥୀ କରିବା ପାଇଁ ଦଳ ଗୁରୁତ୍ୱର ସହ ବିଚାର କରୁଛି। ପୁଣେ ଲୋକ ସଭା ନିର୍ବାଚନମଣ୍ଡଳୀ ତାଙ୍କ ପାଇଁ ଅପେକ୍ଷାକୃତ ଭଲ ହେବ ବୋଲି ସେ ପ୍ରକାଶ କରିଛନ୍ତି।



ଦଳ ବର୍ତ୍ତମାନ ଅନେକ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ମନୋନୟନ ପ୍ରକ୍ରିୟା ଚୂଡ଼ାନ୍ତ କରିସାରିଲାଣି। ପୁଣେ ଲୋକ ସଭା ଆସନ ପାଇଁ ମାଧୁରୀଙ୍କ ନାମ ବଛାଯାଇଛି। ୫୧ବର୍ଷୀୟା ମାଧୁରୀ 'ହମ୍ ଆପ୍‌କେ ହୈ କୋନ୍...!', 'ଦିଲ୍ ତୋ ପାଗଲ୍ ହୈ', 'ସାଜନ୍' ଏବଂ 'ଦେବଦାସ' ଭଳି ଅନେକ ଫିଲ୍ମରେ ଅଭିନୟ କରିସାରିଛନ୍ତି। ୨୦୧୪ ଲୋକ ସଭା ନିର୍ବାଚନରେ ଭାଜପା ଏହି ଆସନ କଂଗ୍ରେସ ହାତରୁ ଛଡାଇ ଆଣିଥିଲା। ଏଥିରେ ଭାଜପା ପ୍ରାର୍ଥୀ ଅନିଲ୍ ଶିରୋଲ୍ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କଠାରୁ ୩ଲକ୍ଷରୁ ଅଧିକ ଭୋଟ ପାଇ ଜିତିଥିଲେ।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡ ଅଫିସ-(06753)252710, ଭଦ୍ରକ ଅଫିସ-(06784)242101, ନୂଆପଡ଼ା ଅଫିସ-(06678)223068, ଝାରସୁଗୁଡ଼ା ଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ା ଅଫିସ-06727233825, ପାରଳାଖେମୁଣ୍ଡି-9437140002.






## ସଂକ୍ଷେପରେ

# ମୁକୁଳିଲେ ଅଭିଜିତ୍



- ଅରୁଚିକର ମନ୍ତବ୍ୟ ନ ଦେବାକୁ ସତର୍କ କଲେ କୋର୍ଟ
- ଚେନ୍ନାଇ ଯାଇ ମା'ଙ୍କୁ ଭେଟିବେ

**ଭୁବନେଶ୍ୱର, ୬।୧୨(ବ୍ୟୁରୋ):** ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର ଏବଂ ଓଡ଼ିଶା ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇ ଗିରଫ ହୋଇଥିବା ବରିଷ୍ଠ ସାମ୍ବାଦିକ ଅଭିଜିତ ଆୟର ମିତ୍ର ମୁକ୍ତ ହୋଇଛନ୍ତି। ଗତ ବୁଧବାର ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିବା ବେଳେ ଗୁରୁବାର କୋଣାର୍କ ଜେଏମ୍ଏଫସି ଏବଂ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଅଭିଜିତ୍‌ଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୨୦ ହଜାର ଟଙ୍କା ସହ ଜଣେ ଜାମିନଦାରଙ୍କ ବ୍ୟକ୍ତିଗତ ମୁଚାଲିକାରେ ତାଙ୍କୁ ଏହି ସର୍ତ୍ତମୂଳକ ଜାମିନ ଦିଆଯାଇଛି। ଭବିଷ୍ୟତରେ ଏଭଳି ଅରୁଚିକର ମନ୍ତବ୍ୟ ନ ଦେବା ପାଇଁ କୋର୍ଟ ତାଙ୍କୁ ତାଗିଦ କରିଛନ୍ତି। ପେଟଯନ୍ତ୍ରଣା ଯୋଗୁ ଅଭିଜିତ୍ ଗତ ୩୦ ତାରିଖରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ତଳକୋର୍ଟରୁ ଜାମିନ ମିଳିବା ପରେ ଗୁରୁବାର ସନ୍ଧ୍ୟାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରୁ ଡିସ୍‌ଚାର୍ଜ କରିଦିଆଯାଇଥିଲା। ହସ୍ପିଟାଲରୁ ବାହାରିବା ପରେ ସେ ତାଙ୍କ ମା'ଙ୍କୁ ଭେଟିବାକୁ ଚେନ୍ନାଇ ଯିବେ ବୋଲି ତାଙ୍କ ଓକିଲ କହିଛନ୍ତି। ସୂଚନାଯୋଗ୍ୟ, ଗତ ଅକ୍ଟୋବରରେ ଅଭିଜିତ ଓଡିଶା ବୁଲିବାକୁ ଆସିଥିବାବେଳେ ସୂର୍ଯ୍ୟମନ୍ଦିର, ଶ୍ରୀମନ୍ଦିର ଏବଂ ଓଡ଼ିଶାର ବିଧାୟକମାନଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏପରି କି ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଥିଲେ। ଏହାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଧାନସଭା ଗୃହ କମିଟି ତାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲା।

## ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା

# ମହିମାନନ୍ଦଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

**କଟକ ଅଫିସ, ୬।୧୨:** ସିୱେଜ୍ ସିପିଙ୍ଗ୍ ଆଣ୍ଡ୍ ଲଜିଷ୍ଟିକ୍ କମ୍ପାନୀର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କୁ ହାଇକୋର୍ଟରୁ ନିରାଶ ହେବାକୁ ପଡିଛି। ତାଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ଏହି ଜାମିନ ଆବେଦନର ଶୁଣାଣି କରି ଏହି ରାୟ ଶୁଣାଇଛନ୍ତି। ସୂଚନା ଥାଉକି, ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣାରେ ଶିଳ୍ପପତି ମହିମାନନ୍ଦଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ୨୦୧୬ ଡିସେମ୍ବର ମାସରେ ତାଙ୍କୁ ବ୍ୟାଙ୍କକ୍‌ରୁ ଗିରଫ କରାଯାଇଥିଲା। ୨୦୧୭ ମେ ୧୬ରେ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ମାତ୍ର ହାଇକୋର୍ଟଙ୍କ ଜାମିନ ଆଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଯାଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟ ଦେଇଥିବା ଜାମିନକୁ ଖାରଜ କରିଦେଇଥିଲେ। ଏହାପରେ ମିଶ୍ର ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।




# ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନସେବା ଉଦ୍‌ଘାଟିତ

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ଭୁବନେଶ୍ୱରରୁ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନସେବା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏୟାର ଏସିଆ ପକ୍ଷରୁ ଆରମ୍ଭ ହୋଇଥିବା ଏହି ବହୁପ୍ରତୀକ୍ଷିତ ବିମାନସେବାକୁ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ରାତି ୯ଟା ୩୦ରେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ପରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ବ୍ୟାଙ୍କକ୍ ଯିବାକୁ ଯାତ୍ରୀମାନେ ଚେକ୍-ଇନ୍ ଆରମ୍ଭ କରିଥିଲେ। ରାତି ୧୧ଟା ୫୫ରେ ବିମାନ ବ୍ୟାଙ୍କକ୍‌ରୁ ଆସି ଭୁବନେଶ୍ୱରରେ ପହଞ୍ଚିବା ପରେ ଯାତ୍ରୀମାନଙ୍କୁ ବିମାନ ମଧ୍ୟକୁ ସ୍ୱାଗତ କରାଯିବ। ପ୍ରଥମଥର ୧୭୦ଜଣ ଯାତ୍ରୀଙ୍କୁ ନେଇ ଏଫ୍‌ଡି-୧୧୩ ନାମକ ବିମାନ ରାତି ପ୍ରାୟ ୧୨ଟା ୨୫ରେ ଭୁବନେଶ୍ୱରରୁ ବ୍ୟାଙ୍କକ୍ ଅଭିମୁଖେ ଯାତ୍ରା ଆରମ୍ଭ କରିବ।

# ଆରମ୍ଭ ହେଲା ଇ-ଚାଲାଣ ବ୍ୟବସ୍ଥା




ଇ-ଚାଲାଣ ବ୍ୟବସ୍ଥାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ ଉଦ୍‌ଘାଟନ କରୁଛନ୍ତି।

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

- ପରିବହନ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ: ମନ୍ତ୍ରୀ
- ମାଲିକଙ୍କ ନିକଟକୁ ତୁରନ୍ତ ଯିବ ଏସ୍‌ଏମ୍‌ଏସ୍
- ଏକାଧିକ ଉଲ୍ଲଂଘନ ହେଲେ ଜରିମାନା ୨ଗୁଣ ହେବ

ରାଜ୍ୟରେ ନିରାପଦ ଓ ସ୍ୱଚ୍ଛ ପରିବହନ ନୀତି ଲାଗୁ କରିବା ପାଇଁ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ଇ-ଚାଲାଣ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଗୁରୁବାର ଜୟଦେବ ଭବନ ପରିସରରେ ଥିବା ଗୀତଗୋବିନ୍ଦ ସଦନରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ ଏହି ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ପରିବହନ ମନ୍ତ୍ରୀ କହିଛନ୍ତି, ଇ-ଚାଲାଣ ଦ୍ୱାରା ପରିବହନ ବ୍ୟବସ୍ଥାରେ ରାଜସ୍ୱ ଆଦାୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସମ୍ଭବ ହୋଇ ପାରିବ। ରାଜ୍ୟରେ ୫୪ ଲକ୍ଷ ଗାଡି ପଞ୍ଜୀକୃତ ହୋଇ ଚଳାଚଳ କରୁଛି। ଅନ୍ୟରାଜ୍ୟରୁ ଆସୁଥିବା ଗାଡିଗୁଡିକ ପରିବହନ ବ୍ୟବସ୍ଥାରେ ସାମିଲ ଅଛନ୍ତି। ଏଥିସହିତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଯାନବାହନ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ଏହାର ସୁପରିଚାଳନା ନିମନ୍ତେ ରାଜ୍ୟ ପରିବହନ ପ୍ରାଧିକରଣଙ୍କ ଦ୍ୱରା ଇ- ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହା ପଞ୍ଚମ ପିଢିରେ ଯାନବାହନର ଗତିବିଧିକୁ ଆଧୁନିକ ପଦ୍ଧତିରେ ନିୟନ୍ତ୍ରଣ କରିବ ପାରିବ ।

ଇ-ଚାଲାଣ ବ୍ୟବସ୍ଥା ଅନୁଯାୟୀ ମାନୁଆଲ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ସ୍ମାର୍ଟ ଯନ୍ତ୍ରପାତି ଓ ଇଣ୍ଟରନେଟ ମାଧ୍ୟମରେ ଚାଲାଣ କଟାଯିବ। ଜିପିଏସ୍ ମାଧ୍ୟମରେ ଯାନବାହନ ଯାଞ୍ଚ ସ୍ଥଳର ଫଟୋ ମଧ୍ୟ ସଂଗ୍ରହ କରାଯିବ। ଚାଲାଣ କଟାଯିବା ପରେ ସମ୍ପୃକ୍ତ ଯାନର ମାଲିକମାନଙ୍କ ନିକଟକୁ ଏସ୍‌ଏମ୍‌ଏସ୍ ଯୋଗେ ବାର୍ତ୍ତା ପଠାଯିବ। ଏହାଦ୍ୱାରା ଯାନବାହନର ଚାଳକ ଓ ମାଲିକମାନଙ୍କୁ ଆଇନ ଉଲ୍ଲଂଘନ ନ କରିବାକୁ ସଚେତନ କରାଯାଇ ପାରିବ। ଏହି ବ୍ୟବସ୍ଥା ଦ୍ୱାରା ମାଲିକମାନେ ଯେକୌଣସି କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ ମାଧ୍ୟମରେ ପିଓଏସ୍ ମେଶିନ ଜରିଆରେ ଜରିମାନା ପଇଠ କରିପାରିବେ। ଏହାଦ୍ୱାରା ଡିଜିଟାଲ ପେମେଣ୍ଟକୁ ମଧ୍ୟ ପ୍ରୋତ୍ସାହିତ କରାଯାଇ ପାରିବ। ଏଥିପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ୧୬୨ଟି ପିଏସ୍‌ଓ ମେଶିନ କାର୍ଯ୍ୟକ୍ଷମ କରାଯାଇଛି। ଏଥିସହିତ ଏନ୍‌ଫୋର୍ସମେଣ୍ଟ ଅଧିକାରୀମାନଙ୍କୁ ୧୯୫ଟି ମୋବାଇଲ ଇ-ଚାଲାଣ ଡିଭାଇସ ଯୋଗାଇ ଦିଆଯାଇଛି। ଏହି ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ପୂର୍ବରୁ ଗାଡ଼ି ଚାଳକମାନେ ଉଲ୍ଲଂଘନ କରିଥିବା ନୀତିନିୟମର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଇ ଦୁଇଗୁଣା ଜରିମାନା ଆଦାୟ କରାଯିବାର ବ୍ୟବସ୍ଥା କରାଯାଇଛି। ଏଥିସହିତ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବ। ଏହି କାର୍ଯ୍ୟକ୍ରମରେ କୃଷି ଉତ୍ପାଦନ କମିଶନର ଗଗନ ଧଳ, ବାଣିଜ୍ୟ ଓ ପରିବହନ କମିଶନର ଜି. ଶ୍ରୀନିବାସ, ପରିବହନ କମିଶନର ସଞ୍ଜୀବ ପଣ୍ଡା ପ୍ରମୁଖ ଯୋଗ ଦେଇ ଇ-ଚାଲାଣର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ।

# ଧର୍ମଗ୍ରନ୍ଥ ନୁହେଁ, ସମ୍ବିଧାନ ନାଗରିକଙ୍କ ରକ୍ଷାକବଚ: ପ୍ରକାଶ

**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ସମ୍ବିଧାନ ହିଁ ନାଗରିକଙ୍କ ରକ୍ଷାକବଚ। କୌଣସି ଧର୍ମଗ୍ରନ୍ଥ କେବେ ମନୁଷ୍ୟ ଜାତିର ରକ୍ଷା କବଚ ହୋଇପାରେନା। ଗୀତା, କୋରାନ, ବାଇବେଲ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀଙ୍କର ହୋଇଥାଏ। ହେଲେ ସମ୍ବିଧାନ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ବିଭେଦତାରୁ ଊର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ସୁରକ୍ଷା ପ୍ରଦାନ କରିଥାଏ। ଦେଶର ନିର୍ବାଚିତ ପ୍ରତିନିଧି ତଥା ସରକାର ସମ୍ବିଧାନକୁ ଆୟୁଧ କରି ଶାସନ କରିବା ଉଚିତ ବୋଲି ପ୍ରଖ୍ୟାତ ଦକ୍ଷିଣ ଭାରତୀୟ ଅଭିନେତା ପ୍ରକାଶ ରାଜ କହିଛନ୍ତି। ଓଡ଼ିଶା ଜନଚେତନା ମଞ୍ଚ ପକ୍ଷରୁ ଉତ୍କଳ ମଣ୍ଡପରେ ଆୟୋଜିତ 'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି କଥା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଗଣତନ୍ତ୍ରରେ ଏକଚ୍ଛତ୍ରବାଦର କୌଣସି ସ୍ଥାନ ନାହିଁ। ହିଟ୍‌ଲରଙ୍କୁ ଦୁନିଆ ଦେଖି ସାରିଛି। ଆଉ ଗୋଟିଏ ହିଟ୍‌ଲର ସୃଷ୍ଟି ନ କରିବା ପାଇଁ ଗଣତାନ୍ତ୍ରିକ ବ୍ୟବସ୍ଥା ରହିଛି। ହେଲେ ଏବେ ଭାରତବର୍ଷରେ କ୍ଷମତାସୀନ ସରକାର ଅଗଣତାନ୍ତ୍ରିକ କାର୍ଯ୍ୟ ହିଁ କରିଚାଲିଛି। ତେଣୁ ଦେଶର ଜନସାଧାରଣ ୫ ବର୍ଷ ତଳେ କରିଥିବା ଭୁଲ୍ ଆଗାମୀ ନିର୍ବାଚନରେ ଦୋହରାଇବେ ନାହିଁ ବୋଲି ଆଶା। ୪ ଦିନ ତଳେ ତଥାକଥିତ ଗୋରକ୍ଷା ରାଜନୀତି କାରଣରୁ ଜଣେ ପୋଲିସ ଅଫିସର ପ୍ରାଣ ହରାଇଛନ୍ତି। ହିନ୍ଦୁତ୍ୱ ନାଁରେ ଏହି ରାଜନୀତି ପାଇଁ କିଏ ଶକ୍ତି ଦେଉଛି ବୋଲି ପ୍ରକାଶ ରାଜ ଉପସ୍ଥିତ ଶ୍ରୋତାମାନଙ୍କୁ ପ୍ରଶ୍ନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ରହୁ ନ ଥିବା ଜଣେ ରାଜନେତା। କୌଣସି ରାଜ୍ୟରେ ବିଧାନସଭା ନିର୍ବାଚନ ଆସିଲେ ହିଁ ତାଙ୍କୁ ଦେଖିବାକୁ ମିଳେ। ପ୍ରଧାନମନ୍ତ୍ରୀଙ୍କ ପାଖରେ ପ୍ରତିମୂର୍ତ୍ତି ସମ୍ମୁଖରେ ଛିଡାହୋଇ ଫଟୋଶୁଟ୍ କରିବା ପାଇଁ ସମୟ ଅଛି।




'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' କାର୍ଯ୍ୟକ୍ରମରେ ପ୍ରକାଶ ରାଜ ଉଦ୍‌ବୋଧନ ଦେଉଛନ୍ତି।

ହେଲେ ସାଧାରଣ ଜନତାଙ୍କ ଦୁଃଖ ଶୁଣିବା ପାଇଁ ସମୟ ନାହିଁ। ଫଟୋ ପୋଜ୍ ଦେବା ତାଙ୍କର କାର୍ଯ୍ୟ, ପ୍ରଧାନମନ୍ତ୍ରୀଙ୍କର ନୁହେଁ ବୋଲି ପ୍ରକାଶ କହିଛନ୍ତି। ନିଜର ୧୮ ମିନିଟ୍‌ର ବକ୍ତବ୍ୟରେ ପ୍ରକାଶ ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ଦେଶରେ କେଉଁ ନୈତିକତା ଶାହଙ୍କୁ ନେତା କରିଛି। ଅମିତ୍ ଅମୁକ ରାଜ୍ୟକୁ ଯିବେ, ସମୁକ ଦଳରୁ ବିଧାୟକଙ୍କୁ କିଣି ସରକାର କରିବେ। ଏହି କିଣାକିଣି କରୁଥିବା ବ୍ୟକ୍ତି କ'ଣ ଚାଣକ୍ୟ ପଦବାଚ୍ୟ। ସେହିପରି ଉନ୍ନତିମୂଳକ କାର୍ଯ୍ୟ ନ କରି ଯୋଗୀ ନାମ ପରିବର୍ତ୍ତନ କରୁଛନ୍ତି। ନିକଟରେ ଭାଜପା ନେତାମାନେ ହାଇଦ୍ରାବାଦକୁ ଭାଗ୍ୟନଗର କରିବେ କହିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। କେରଳ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଉଦ୍ଧାର ପାଇଁ ସାରା ରାଜ୍ୟ ଏକଜୁଟ୍ ହୋଇଥିଲା। ହେଲେ ସାବରିମାଲା ପ୍ରସଙ୍ଗରେ କେରଳକୁ ଭାଗ ଭାଗ କରି ଦିଆଗଲା। କରଦାତାଙ୍କ ଅର୍ଥରେ ସରକାର ଚାଲେ। ତେଣୁ ସରକାରଙ୍କୁ ପ୍ରତିଟି ପଦକ୍ଷେପର ପ୍ରଶ୍ନ ପଚାରିବା ସାଧାରଣ ନାଗରିକର କର୍ତ୍ତବ୍ୟ। କିଏ କ'ଣ ପିନ୍ଧିବ। କିଏ କ'ଣ ଖାଇବ, ସେ କଥା ବ୍ୟକ୍ତି ସ୍ଥିର କରିବା ଉଚିତ, ସରକାର ନୁହେଁ ବୋଲି ପ୍ରକାଶ କହିଛନ୍ତି।

ବୈଠକରେ ତାଙ୍କୁ ଅଭିନେତା ଭାବେ ଡକା ନ ଯାଇ ଜଣେ ନାଗରିକ ହିସାବରେ ଡକାଯାଇଥିବାରୁ ପ୍ରକାଶ ରାଜ ମଞ୍ଚରୁ ହାତହଲାଇ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାମପନ୍ଥୀ ନେତା ଜନାର୍ଦ୍ଦନ ପତିଙ୍କ ଅଯୋଧ୍ୟା ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ମିଶ୍ର, ଅଳିକିଶୋର ପଟ୍ଟନାୟକ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତିକୁ ବିରୋଧ

**ହାଇକୋର୍ଟରେ ଜନସ୍ୱାର୍ଥ ମାମଲା**

**କଟକ ଅଫିସ, ୬।୧୨**

ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତିକୁ ବିରୋଧକରି ଗୁରୁବାର ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ପ୍ରେସ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ (ପିଟିଆଇ)ର ଜଣେ ପୂର୍ବତନ ଖବରଦାତା ତଥା ବିଶିଷ୍ଟ ସାମାଜିକ କର୍ମୀ ଭାସ୍କର ବାରିକଙ୍କ ପକ୍ଷରୁ ଏହି ମାମଲା ଦାଏର କରାଯାଇଛି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଶ୍ରମ ଓ ନିୟୋଜନ ବିଭାଗ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି। ସରକାରୀ ଓ ବେସରକାରୀ ଚାକିରିରେ ସେବାନିବୃତ୍ତ ବ୍ୟକ୍ତିମାନଙ୍କୁ ଅବସ୍ଥାପିତ କରା ନ ଯାଇ ବେକାର ଯୁବତୀଯୁବକଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ନିବେଦନ କରିଛନ୍ତି ।

ଉକ୍ତ ପିଟିଶନରେ ଭାସ୍କର ଦର୍ଶାଇଛନ୍ତି ଯେ, ରାଜ୍ୟର ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ଲାଭ କରି ବହୁସଂଖ୍ୟକ ଯୁବତୀ ଯୁବକ ବେକାର ହୋଇ ବସିଛନ୍ତି। ସରକାରଙ୍କ ଭୁଲ୍ ନିଷ୍ପତ୍ତି ଯୋଗୁ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ଅଭିଜ୍ଞତା ନାଁରେ ଅବସରପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତି ଦିଆଯାଉଛି। ଫଳରେ ବେକାରମାନେ ଦେଶ ଉପରେ ବୋଝ ପାଲଟିବା ସହ ଅର୍ଥନୈତିକ ଅସମାନତା ମଧ୍ୟ ବୃଦ୍ଧି ପାଉଛି। ଦାରିଦ୍ର୍ୟର କାରଣ ଓ ନିରାକରଣ ଉପରେ ସର୍ଭେ କରୁଥିବା ବିଶ୍ୱ ବ୍ୟାଙ୍କ ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଭାରତ ଏକ ନିମ୍ନ-ମଧ୍ୟମ ଆୟ ବର୍ଗ ଦେଶରେ ଅନ୍ତର୍ଭୁକ୍ତ ଅଟେ। ଭାରତର ଜନସଂଖ୍ୟା ତୁଳନାରେ ଚାକିରି ସଂଖ୍ୟା ଖୁବ୍ କମ୍ ଏବଂ ଶିକ୍ଷାଗତ ଯୋଗ୍ୟତା ମୁତାବକ ଚାକିରି ଖୁବ୍ ନଗଣ୍ୟ। ସରକାରୀ ଏବଂ ପବ୍ଲିକ ସେକ୍ଟର ଅଣ୍ଡରଟେକିଂ (ପିଏସ୍‌ୟୁ)ରେ ବ୍ୟାପକ ନିଯୁକ୍ତିର ସୁଯୋଗ ଥିଲେ ହେଁ ଭୁଲ୍ ନୀତି ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏ ଦିଗରେ ବାଧକ ସାଜିଛି। ଅନ୍ୟପଟରେ ଆଉଟ୍‌ସୋର୍ସିଂ ମାଧ୍ୟମରେ ବିଭିନ୍ନ କାର୍ଯ୍ୟ କରାଯାଉଥିବାରୁ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିବିଶେଷ ଲାଭବାନ ହେଉଛନ୍ତି। ମାତ୍ର ଯୁବ ଶକ୍ତିର ଏକ ବଡ଼ ଅଂଶ ବେକାର ହୋଇ ବିଭିନ୍ନ ପ୍ରକାର ଅସାମାଜିକ ତଥା ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଛି। ଆବେଦନକାରୀଙ୍କ ତରଫରୁ ଆଡ୍‌ଭୋକେଟ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଥିବାବେଳେ ଆଡ୍‌ଭୋକେଟ ଜୟନ୍ତୀ ନାୟକ, ସୁରେନ୍ଦ୍ର କୁମାର ରାଉତ ଓ ଅନିଲ କୁମାର ଦଳାଇ ତାଙ୍କୁ ସହାୟତା କରୁଛନ୍ତି।


DADLS - 210

## MESSAGE

I am glad to know that the Armed Forces Flag Day is to be celebrated on December 7, 2018.

The day is a great moment for the country to take pride in our Armed Forces who have scripted many acts of gallantry and heroism. The exemplary courage shown by members of Armed Forces makes them real Heroes of the country. Their professionalism, dedication and passion make them apart from others. Armed Forces Flag Day enables the countrymen to express solidarity with Armed Forces, the valiant martyrs and their families by contributing generously for their wellbeing.

On this occassion I would like to appeal to all citizes to contribute generously to the Armed Forces Flag Day.

Jay Hind !

(Ganeshi Lal)
Governor, Odisha

27008/13/0001/1819



DADLS - 210

## ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୧୮ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି।


ଦେଶର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ଅକ୍ଷୁଣ୍ଣ ରଖିବା ପାଇଁ ସୈନିକମାନଙ୍କର ବଳିଦାନ ଓ ତ୍ୟାଗ ଅବିସ୍ମରଣୀୟ। ମାତୃଭୂମିର ସୁରକ୍ଷା ପାଇଁ ଜୀବନ ଉତ୍ସର୍ଗ କରିଥିବା ବୀର ଶହୀଦମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ସେବାରତ ତଥା ସେବାନିବୃତ୍ତ ସୈନିକମାନଙ୍କ ପ୍ରତି ଆନ୍ତରିକ ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଏବଂ ପୁନଃ ଥଇଥାନ ନିମନ୍ତେ ସହାୟତା ଏହି ଦିବସ ପାଳନର ଉଦ୍ଦେଶ୍ୟ।

ଏହି ଶୁଭ ଅବସରରେ ସମଗ୍ର ରାଜ୍ୟବାସୀଙ୍କୁ ''ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠି''କୁ ମୁକ୍ତହସ୍ତରେ ଦାନ କରିବାକୁ ମୁଁ ଆହ୍ୱାନ କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

27008/13/0001/1819





## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୁଶ୍ରୀ
ପରିବାରବର୍ଗ


ଅଲିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

## SALE

46000 km. run July 2014 Dezire 2Xi white colour. 7873464034. D-9859

### real estate

## SALE

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-, 160/-. 9937746907, 9337259012. D-64382

Ready 2BHK/ 3BHK flats for sale at Patia. 7008346486, 9937009250. D-65213

Duplex bangalow 4BHK 95,00,000/- at Pokhariput, Bhubaneswar. Contact: 9861125539, 9040521173. D-58014

ଭୁବନେଶ୍ୱର ମହାବୀର Engineering କଲେଜ backside ଘରବାରି boundarywall ପ୍ଲଟ ମିଳୁଅଛି। 8338932027. D-64386

ଭୁବନେଶ୍ୱର AIIMS Hospital ନିକଟରେ 30' road, ଘରବାରି plot sale. 8480745797. D-64387

Instant registration possession plot available AIIMS Hospital, Bhubaneswar. 9938670164, 6370907396. D-65222

Gharabari yellowzone 1650 sqft. plot with boundary for sale at Malipada near Sum Hospital. Contact: 7008408396, 9348019300. D-9860

Gharabari plot East facing measuring A.0.700 Dec for sale. Ad joining to Bhubaneswar-Puri National highway (at Satasankha, Puri). Suitable for Petrol Pump, godown, marriage mandap etc. Genuine buyers contact directly. 9437010484. D-9865

3BHK flat, apartment near DAV School, Pokhariput, Bhubaneswar. 9437304293, 9040074293. D-58018

ଭୁବନେଶ୍ୱର Sudhananda College ପାଖରେ ଏବଂ ବାଲିଅନ୍ତାରେ ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରି ହେବ। 9776811399, 8093465134. D-65093

3 storied building 4000 sqft. construction 3BHK in each floor. Sale of 3BHK floorwise flat also possible near Big Bazar Patia. 7328078899. D-9849

Readymade new 3BHK flat at BJB Nagar no tax. 9439716901. (Broker not allowed). D-65225

Jatani Gate ପାଖରେ NHକୁ ଲାଗି ଘରବାରି boundary wall plot ବିକ୍ରିହେବ। 9778556265. D-64391

### to-let

**A spacious 3BHK 14th floor (1810 sqft.) semi-furnished flat at Royal Lagoon Apartment BBSR with 3 toilets, servant room, garage is available for rent. Contact: 9871155802, 8240107574.** D-9869

## ACCOMMODATION

ଭୁବନେଶ୍ୱରରେ ଆଜବେଷ୍ଟସ ଘର (electricity+water) ଖୋଲା ଜାଗା ଆବଶ୍ୟକ। Contact: 8280082800. D-65223

### healthcare

Ayurvedic full body massage smart boy therapist. Home service available here. 9937929638. D-9838

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT



I, Monica Mishra aged 26 years, D/O- Guru Prasad Mishra, W/O- Nihar Ray resident of MV 58, Bapanpally, Malkangiri. My name changed to Monica Ray due to marriage. Monica Ray and Monica Mishra is one and same person. Mobile. 7397404616. D-9868

## ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ସାନ୍ଭି ପ୍ରିୟଦର୍ଶିନୀ**
ଗରାମ ଶାସନ, ଜଗତ୍‌ସିହପୁର

ଆଜି ତୋତେ ତିନିବର୍ଷ ପୂରିଲା। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ଦୀର୍ଘଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରୁଛୁ। ଶୁଭେଚ୍ଛା ସହ: ମା, ବାପା, ଜେଜେ, ଜେଜେମା, ବଡବାପା, ବଡବୋଉ, ଦାଦା, ଅଜା, ଆଈ, ମାମୁ, ମାଇଁ, ମଉସା, ମାଉସୀ, ନାନା, ଭାଇ ଓ ବନ୍ଧୁପରିବାରବର୍ଗ। ଧ-୫୬୭୩୪

## ଜନ୍ମଦିନ ଶୁଭେଚ୍ଛା



(ଶ୍ରଦ୍ଧା)
**ଆରାଧ୍ୟା ପ୍ରିୟଦର୍ଶିନୀ**
ଭୁବନେଶ୍ୱର, ଗଜପତି ନଗର

ଆଜି ତୁମର ପବିତ୍ର ୩ୟ ଜନ୍ମଦିବସରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା। ସେ ତୁମର ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଟୁକା, ବାବା, ମାମା, ମୁନା, ଦାଦା, ସୋନୁ ଦାଦା, ଲୋଚନ ଦାଦା, ପିଇସା, ଅପା, ସିଦ୍ଧି ଦିଦି, ଅଜା, ଆଇ, ଚନ୍ଦନ ମାମୁ, ମଉସା, ମାଉସୀ,ମାମୁନି ଦିଦି। ଧ-୯୮୧୭

## ବିବାହ ବାର୍ଷିକୀ ଶୁଭେଚ୍ଛା



**ଦିପୁ ଓ ଲିପା**

ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଓ ପ୍ରଭୁ ଶ୍ରଜଗନ୍ନାଥ ତୁମ ଦୁହିଁଙ୍କ ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବନ୍ଧୁ, ପରିବାରବର୍ଗ। ଧ-୯୮୬୧

## ପ୍ରଥମ ପୃଷ୍ଠାରୁ...

## ଉପକୂଳ ଭୋଟ ...

ଉପକୂଳ ଓଡ଼ିଶାର ଭୋଟ ଉପରେ ରହିଥିବା କୁହାଯାଉଛି। ଗତ ସେପ୍ଟେମ୍ବର ୨୨ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ମୋଦି ଝାରସୁଗୁଡ଼ାର ଅମଲିପାଲିରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ଉକ୍ତ ସଭାରେ ସେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିଥିଲେ। ଉପକୂଳ ଜିଲାଗୁଡିକରେ ଭାଜପା ସଙ୍ଗଠନ ଦୁର୍ବଳ ଥିବାରୁ ମୋଦି ଏହି ଅଞ୍ଚଳକୁ ଗସ୍ତ କରି ଦଳର କର୍ମୀଙ୍କୁ ଉତ୍ସାହିତ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କୁହାଯାଉଛି।

ସୂଚନାଯୋଗ୍ୟ ଯେ, ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାସୀନ ହୋଇଥିଲେ ମଧ୍ୟ ପୂର୍ବ ଓ ଉତ୍ତରପୂର୍ବ ଭାରତରେ ନିଜର ପ୍ରଭାବ ବିସ୍ତାର କରିପାରି ନ ଥିଲା। ବର୍ତ୍ତମାନ ନିର୍ବାଚନ ଚାଲିଥିବା ୫ ରାଜ୍ୟ ମଧ୍ୟରୁ ମିଜୋରାମ ଏବଂ ତେଲେଙ୍ଗାନାକୁ ଛାଡ଼ଦେଲେ ରାଜସ୍ଥାନ, ଛତିଶଗଡ ଏବଂ ମଧ୍ୟପ୍ରଦେଶରେ ଭାଜପା ସରକାରରେ ରହିଛି। ନିକଟରେ ଏହିସବୁ ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ତେଣୁ ସେଠାରେ ଯଦି ଭାଜପା ଖରାପ ପ୍ରଦର୍ଶନ କରେ ତେବେ ଆସନ୍ତା ଲୋକ ସଭା ନିର୍ବାଚନରେ ଦଳ ଉପରେ ନୈରାଶ୍ୟଜନକ ପ୍ରଭାବ ପଡିବା ନିଶ୍ଚିତ। ତେଣୁ ଯେଉଁ ଆସନ ହରାଇବ ସେହି କ୍ଷତିଭରଣା ପାଇଁ ଭାଜପା ଜୋର୍‌ଦାର ପ୍ରୟାସ ଚଳାଇଛି। ଏହିକ୍ରମରେ ଆଞ୍ଚଳିକ ଦଳ ଶାସନରେ ଥିବା ରାଜ୍ୟ ତଥା ଓଡିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ନିଜର ଭୋଟବ୍ୟାଙ୍କ ସୃଷ୍ଟି କରିବାକୁ ଭାଜପା ପ୍ରୟାସ କରୁଛି।

ଗତ କିଛିବର୍ଷକୁ ଦେଖିଲେ, ଓଡିଶା ଦଖଲ ଲାଗି ଭାଜପା ଯଥା ଉଦ୍ୟମ କରିଆସୁଛି। ପଞ୍ଚାୟତ ନିର୍ବାଚନର ସାମୟିକ ସଫଳତା ପରେ ଓଡ଼ିଶାରେ ଦଳର ଦୁଇଦିନିଆ ଜାତୀୟ କାର୍ଯ୍ୟକାରିଣୀ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ୪ବର୍ଷ ପୂର୍ତ୍ତି ପ୍ରଥମେ କଟକରେ ସମାବେଶ ଆୟୋଜନ କରି ପାଳନ କରାଗଲା। ଏହିସବୁ ଭିତରେ ମୋଦି ପୁରୀରୁ ଲୋକ ସଭା ନିର୍ବାଚନ ଲଢ଼ିବା ନେଇ ମଧ୍ୟ ବିଭିନ୍ନସ୍ତରରେ ଚର୍ଚ୍ଚା ଜୋର୍ ଧରିଛି। ତେଣୁ ତାଙ୍କ ପୁନର୍ବାର ଓଡ଼ିଶା ଗସ୍ତ ରାଜ୍ୟ ରାଜନୀତିରେ ପୁଣି ଉତ୍କଣ୍ଠା ସୃଷ୍ଟି କରିଛି। ଉପକୂଳ ଓଡିଶାରେ ବିଜେଡିର ଭୋଟ୍ ବ୍ୟାଙ୍କ ଭାଙ୍ଗିବାକୁ ମୋଦିଙ୍କ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଅନ୍ୟପଟେ ମୋଦିଙ୍କ ଗସ୍ତକୁ ନେଇ ଓଡ଼ିଶାରେ କୌଣସି ପ୍ରଭାବ ପଡ଼ିବନାହିଁ ବୋଲି ଉଭୟ ବିଜେଡି ଏବଂ କଂଗ୍ରେସ ମତ ରଖିଛନ୍ତି।

ବରିଷ୍ଠ ବିଜେଡି ନେତା ତଥା ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନୂଆକରି ଓଡ଼ିଶା ଆସୁନାହାନ୍ତି। ଏହା ଭିତରେ ବହୁବାର ଆସିଛନ୍ତି। ଓଡ଼ିଶା ପାଇଁ ଭାଜପାର ଅବଦାନ କ'ଣ ସେକଥା ସମସ୍ତେ ଜାଣନ୍ତି। ମୋଦିଙ୍କ ଆସିବାରେ ବିଜେଡି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ପାତ୍ର କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ କହିଛନ୍ତି ଯେ, ମୋଦି ଖୋର୍ଦ୍ଧା ଆସିଲେ କଂଗ୍ରେସର କିଛି କ୍ଷତି ହେବାର ନାହିଁ। କାରଣ ଭାରତରେ ସେ ନିଜର ଲୋକପ୍ରିୟତା ହରାଇଲେଣି। ରାଜସ୍ଥାନ, ଛତିଶଗଡ ନିର୍ବାଚନରେ ଭାଜପା ହାରିବ ବୋଲି ସେ ଜାଣିଲେଣି। ତେଣୁ ଯୁଆଡେ ଯାଉଛନ୍ତି ସେ ରାଗିଯାଉଛନ୍ତି। ଓଡ଼ିଶାକୁ ଯଦି କିଛି ପ୍ରକଳ୍ପ ନେଇ ଆସୁଛନ୍ତି ତେବେ ତାଙ୍କୁ ସ୍ୱାଗତ। ନ ହେଲେ ସିଏ ନ ଆସନ୍ତୁ ବୋଲି ସୁରେଶ କହିଛନ୍ତି।

## ବାଦ୍ ପଡ଼ିଲେ ...

ଦାୟିତ୍ୱରେ ଥିବାରୁ ତାଙ୍କୁ ପଦରୁ ଅବ୍ୟାହତି ଦିଆଯାଇଥିବା ଶରତ କହିଛନ୍ତି। କଂଗ୍ରେସ ନେତା ଅଶୋକ ଗେହଲଟଙ୍କ ଜରିଆରେ ଜାରି କରାଯାଇଥିବା ନୂତନ ଇସ୍ତାହାର କମିଟି ତାଲିକାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। କାରଣ ସେଥିରେ ଶ୍ରୀକାନ୍ତଙ୍କ ସ୍ଥାନରେ ଗଣେଶ୍ୱରଙ୍କୁ ଦାୟିତ୍ୱ ଦିଆଯାଇଥିବା ଉଲ୍ଲେଖ କରାଯାଇଛି। ହେଲେ ନୂଆ ସଂଯୋଜକ ଭାବେ ବିସ୍ମୟ ମହାପାତ୍ରଙ୍କୁ ଶରତଙ୍କ ବଦଳରେ କରାଯାଇଥିବା ଉଲ୍ଲେଖ ନାହିଁ। ଜଣେ ପୂର୍ବତନ କଂଗ୍ରେସ ଏମ୍‌ପି କହିଛନ୍ତି ଯେ, ଲଗାତର ଭାବେ ଖଣି ପ୍ରସଙ୍ଗ ଉପସ୍ଥାପନ କରିବା ହିଁ ଶ୍ରୀକାନ୍ତଙ୍କୁ କାଳ ହେଲା। ସେହିପରି ପଟ୍ଟନାୟକ ପରିବାରରୁ ପିସିସି ସଭାପତି ଥିବାବେଳେ ବହୁଜନ(ଏସ୍‌ସି, ଏସ୍‌ଟି ଓ ଓବିସି) ବର୍ଗରୁ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଦାବି କରିବା ହିଁ ତାଙ୍କୁ ପଦଚ୍ୟୁତ କରିବାର ମୁଖ୍ୟ କାରଣ ବୋଲି ଜଣାଯାଇଛି। ସେହିପରି ଶ୍ରୀକାନ୍ତଙ୍କ ବିଦା ହେବା ପରେ ନିରଞ୍ଜନ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କ ଶିବିରରେ ଉତ୍ସାହ ବୃଦ୍ଧିପାଇଛି। ଶ୍ରୀକାନ୍ତଙ୍କ ପରେ କୃଷ୍ଣଚନ୍ଦ୍ର ସଗରିଆଙ୍କୁ ଦଳରୁ ବିଦା କରିବା ଓ ତାଙ୍କ ସମର୍ଥନରେ ଖୋଲାଖୋଲି ବାହାରିଥିବା ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସଙ୍କୁ ଅଡୁଆରେ ପକାଇବା ପାଇଁ ଯୋଜନା କରାଯାଉଛି। ଦୁଇଦିନ ତଳେ ପିସିସିର ଏକ ପ୍ରତିନିଧି ଦଳ ପିଏମ୍‌ଓ ଗସ୍ତ କରିବା ବାହାନାରେ ଦିଲ୍ଲୀରେ ଏହିସବୁ ଆଲୋଚନା କରିଥିବା ଜନୈକ ଦଳୀୟ ସମ୍ପାଦକ କହିଛନ୍ତି। ନିର୍ବାଚନ ଇସ୍ତାହାର କମିଟିରେ ସଦସ୍ୟ ଭାବେ ପ୍ରସାଦ ହରିଚନ୍ଦନ, ନରସିଂହ ମିଶ୍ର, ଶ୍ୟାମସୁନ୍ଦର ହାଁସଦା, ମେରୀ ସୂରିନ୍, ନଟବର ଖୁଣ୍ଟିଆ, ଲିୟାକତ୍ ଅଲ୍ଲୀ, ସତ୍ୟପ୍ରକାଶ ନାୟକ ଏବଂ ସୁଦର୍ଶନ ଦାସ ପ୍ରମୁଖ ସ୍ଥାନ ପାଇଛନ୍ତି।

ଇସ୍ତାହାର କମିଟିରୁ ବିଦା ହେବା ପରେ ଶ୍ରୀକାନ୍ତ କହିଛନ୍ତି ଯେ, ପଦପଦବୀ ମୋତେ ପରିଚୟ ଦେଇନି। ବହୁଜନଙ୍କ ରାଜନୈତିକ ଅଧିକାର, ଖଣି ମାଫିଆଙ୍କ ଗିରଫଦାରି ଏବଂ ସମ୍ପତ୍ତି ବାଜ୍ୟାପ୍ତି କଥା ଇସ୍ତାହାରରେ ରଖିବା ପାଇଁ କହିଥିଲି। ୫୨% ପଛୁଆବର୍ଗଙ୍କ ବୈଷୟିକ ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ପ୍ରସଙ୍ଗ ଉଠାଇଥିଲି। ଏହା ଯଦି ଭୁଲ୍, ତେବେ ଅଧ୍ୟକ୍ଷ ପଦ ଯିବା ତାଙ୍କ ନୈତିକତା ଦୃଷ୍ଟିରୁ ଗ୍ରହଣୀୟ ବୋଲି ଶ୍ରୀକାନ୍ତ କହିଛନ୍ତି।

## ସବୁ ମୁଖ୍ୟମନ୍ତ୍ରୀଙ୍କ ...

ହେଲେ ଦେଶ ସଶକ୍ତ ହେବ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ମହିଳାମାନେ ସଶକ୍ତ ନ ହେଲେ କୌଣସି ପରିବାର, କୌଣସି ସମାଜ, କୌଣସି ରାଜ୍ୟ ବା ଦେଶ ଅଗ୍ରଗତି କରିପାରିବ ନାହିଁ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ଲୋକସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ମହିଳା। ତେଣୁ ବିକାଶ ପ୍ରକ୍ରିୟା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ଯୋଗଦାନ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବ। ୧୯୯୦ରେ ପ୍ରବାଦପୁରୁଷ ବିଜୁବାବୁ ନେଇଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଜୁବାବୁ ହିଁ ସାରାଦେଶରେ ପ୍ରଥମେ ମହିଳାମାନଙ୍କ ପାଇଁ ବିଭିନ୍ନ ପଞ୍ଚାୟତ, ପୌର ପରିଷଦ ସମେତ ସରକାରୀ ଚାକିରିରେ ୩୩% ସ୍ଥାନ ସଂରକ୍ଷଣ ଆରମ୍ଭ କରିଥିଲେ। ଏହା ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରିଛି। ଏହି ସଫଳତାକୁ ଦୃଷ୍ଟିରେ ରଖି ୨୦୧୧ରେ ମୋ ସରକାର ମହିଳାଙ୍କ ପାଇଁ ପଞ୍ଚାୟତ ଓ ପୌର ପରିଷଦର ସ୍ଥାନ ସଂରକ୍ଷଣକୁ ୫୦%କୁ ବୃଦ୍ଧି କରିଛନ୍ତି। ଆମ ସମ୍ବିଧାନ ଲିଙ୍ଗଗତ ବୈଷମ୍ୟ ଦୂର କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଆମେ ସମସ୍ତେ ପ୍ରତିବଦ୍ଧତାର ସହ ଉଦ୍ୟମ ଜାରି ରଖିବା ଆବଶ୍ୟକ। ମହିଳାମାନଙ୍କ ପାଇଁ ପାର୍ଲାମେଣ୍ଟ ଓ ବିଧାନସଭାରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ଦେବା ସପକ୍ଷରେ ଓଡ଼ିଶା ବିଧାନସଭା ଏକ ସଙ୍କଳ୍ପ ପାରିତ କରିଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## ଆହାର କେନ୍ଦ୍ରରେ...

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ବସିଥିବା ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି।

ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ସାମିଲ କରିବା ଲାଗି ଅନ୍‌ଲାଇନ୍‌ରେ ଦାନ ବ୍ୟବସ୍ଥା ଆରମ୍ଭ ହେବ। ଲୋକମାନେ ସେମାନଙ୍କ ପ୍ରିୟଜନମାନଙ୍କ ଜନ୍ମଦିବସ, ବିବାହ, ବିବାହ ବାର୍ଷିକୀ ଏବଂ ଶ୍ରାଦ୍ଧଦିବସ ଅବସରରେ ଚାହିଁଲେ ଆହାର କେନ୍ଦ୍ର ଜରିଆରେ ଲୋକମାନଙ୍କୁ ଖାଇବାକୁ ଦେଇପାରିବେ। ଏଥିପାଇଁ କେବଳ ଅନ୍‌ଲାଇନ୍‌ରେ ଦାନ ଗ୍ରହଣ କରାଯିବ। ଏଥିରେ ଶତ ପ୍ରତିଶତ ଆୟକର ରିହାତି ମିଳିବ। ବର୍ତ୍ତମାନ ରାଜ୍ୟର ୭୬ଟି ପୌରାଞ୍ଚଳରେ ଆହାର କେନ୍ଦ୍ର ଥିବାବେଳେ ଆସନ୍ତା ଜାନୁୟାରୀ ୨୬ରୁ ଏହି ସୁବିଧା ସାରା ରାଜ୍ୟର ଅବଶିଷ୍ଟ ୩୨ଟି ପୌରାଞ୍ଚଳରେ ଉପଲବ୍ଧ ହେବ। ଡାକ୍ତରଖାନା ଆସୁଥିବା ରୋଗୀଙ୍କୁ ରାତ୍ରିଭୋଜନ ଯୋଗାଇବା ପାଇଁ ଅଧିକ ୫୪ଟି କେନ୍ଦ୍ର କାର୍ଯ୍ୟକ୍ଷମ ହେବ। ଏହି ନୂତନ ବ୍ୟବସ୍ଥା ମାଧ୍ୟମରେ ଦୈନିକ ୧ ଲକ୍ଷ ଲୋକଙ୍କୁ ରିହାତି ଦରରେ ଖାଦ୍ୟ ଯୋଗାଇ ଦିଆଯିବ। ସେଠାରେ ଯେଉଁ ଖାଦ୍ୟ ଦିଆଯିବ ତା'ର ଗୁଣବତ୍ତା ଏବଂ ପରିଚ୍ଛନ୍ନତାର ନିୟମିତ ତଦାରଖ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

# ମନେ ପଡ଼ନ୍ତି

### ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ରଘୁନାଥ ସାହୁ**
୫୮, ବାପୁଜୀ ନଗର,
ଭୁବନେଶ୍ୱର
ଆବିର୍ଭାବ: ୧୭।୦୨।୧୯୩୪
ତିରୋଧାନ: ୨୩।୧୧।୨୦୦୩

ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ- ସରସ୍ୱତୀ ସାହୁ ଓ ପରିବାରବର୍ଗ। ଧ-୯୮୬୬

### ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳୀ



**ସ୍ୱର୍ଗତ କନକ ଲତା ଦାସ**
ଆବିର୍ଭାବ : ୦୧-୦୧-୧୯୪୮
ତିରୋଧାନ : ୧୮-୧୧-୨୦୧୭

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ସ୍ୱାମୀ, ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତୁଣୀ, ନାତି, ବନ୍ଧୁ ଓ ପରିବାର ବର୍ଗ।

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା ଅନସୂୟା ପଟ୍ଟନାୟକ**
କରଣ ସାହି, କୁକୁଡାଖଣ୍ଡି, ଗଞ୍ଜାମ
ଆବିର୍ଭାବ: ୦୩।୦୧।୧୯୨୧
ତିରୋଧାନ: ୨୬।୧୧।୨୦୧୮

ତୁମ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମର ଚିରଦିନ ସ୍ମୃତି ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ-୪୯୨୮୪

# ତୀରମାଡ଼ରେ ମହିଳା ଗୁରୁତର

ରାଜଗାଙ୍ଗପୁର, ୬।୧୨ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧୀନ ମାଲିଡିହି ପଞ୍ଚାୟତ ରାଣୀପ୍ରିୟା ଗ୍ରାମର ସୁନିତା ବାର୍ଲା(୨୫) ନାମ୍ନୀ ଜଣେ ମହିଳା ଅଜଣା ବ୍ୟକ୍ତିଙ୍କ ତୀର ମାଡରେ ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ବୁଧବାର ସନ୍ଧ୍ୟାରେ ସୁନିତା ନିଜ ଘରୁ ବାହାରକୁ ଆସୁଥିଲେ। ଏହି ସମୟରେ ବାହାରେ ଛିଡା ହୋଇଥିବା ଜଣେ ବ୍ୟକ୍ତି ତାଙ୍କୁ ତୀର ମାଡ଼ କରି ଫେରାର୍ ହୋଇଯାଇଥିଲେ। ଅନ୍ଧାର ଯୋଗୁ ସେ ଆକ୍ରମଣକାରୀଙ୍କୁ ଚିହ୍ନିପାରି ନ ଥିବା ସୁନିତା କହିଛନ୍ତି। ତାଙ୍କ ଛାତିରେ ତୀର ପଶିଯିବାରୁ ସେ ପାଟି କରିଥିଲେ। ଘର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନାକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆର୍‌ଜିଏଚକୁ ସ୍ଥାନାନ୍ତର କରାଯାଇଥିଲା। ପରେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।



ତୀରମାଡରେ ଗୁରୁତର ସୁନିତା।

### କିଛି ତଥ୍ୟ

ଚଳିତ ବର୍ଷ ଅକ୍ଟୋବର-ନଭେମ୍ବର ସମୟରେ ଦେଶରେ ୩୯.୭୩ ଲକ୍ଷ ଟନ୍ ଚିନି ଉତ୍ପାଦନ ହୋଇଛି। ଏହା ଗତ ବର୍ଷ ସମାନ ସମୟରେ ୩୯.୧୪ ଲକ୍ଷ ଟନ୍ ଥିଲା। **- ଇଣ୍ଡିଆନ୍ ସୁଗାର ମିଲ୍ସ ଆସୋସିଏଶନ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଅଷ୍ଟମଭାବସ୍ଥ ଚାରୋଟି ଗ୍ରହ ଆପଣଙ୍କୁ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ କରାଇପାରେ। ଅବଶ୍ୟ ଅଭାବ ରହିବ ନାହିଁ କିନ୍ତୁ ଆଶଙ୍କା କରି ମନ ଅସ୍ଥିର ରହିବ। ସାମାନ୍ୟ ବିଳମ୍ବିତ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ସବୁ ସୁବିଧା ଥିଲେ ମଧ୍ୟ ବିଚଳିତ ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ବୃଷ** - ଚତୁର୍ଥାଧିପ ରବି କେନ୍ଦ୍ରଭାବରେ ରହି ଆପଣଙ୍କୁ ଘରର ଅଭାବ ଅସୁବିଧା ସୁଧାରିବାର ମାନସିକତା ପ୍ରଦାନ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଓ ପ୍ରାଧାନ୍ୟ ଦେଇ ପ୍ରଶଂସିତ ହେବେ। କିନ୍ତୁ ଏହାସଙ୍ଗକୁ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସେପରି କିଛି ବିଶେଷ ଅସୁବିଧା ହେବନାହିଁ।

**ମିଥୁନ** - କର୍ମକ୍ଷେତ୍ରରେ ଚେଷ୍ଟାସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସାମାଜିକ ସ୍ତରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ଯେଉଁ ଜିନିଷଟିକୁ ପାଇବାକୁ ଆଶା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ।

**କର୍କଟ** - ରାହୁଙ୍କ ପ୍ରଭାବରେ ପ୍ରତ୍ୟେକ ପରିସ୍ଥିତିରେ ଦୃଢ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ବଳବାନ୍ ଶନିଙ୍କ ପ୍ରଭାବରୁ ଗଣତାନ୍ତ୍ରିକ ପ୍ରକ୍ରିୟା ଅଥବା ସାଂଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେନି। ଆଜିର ଯାତ୍ରା, ବାଣିଜ୍ୟ, ଆନୁଷ୍ଠାନିକ କାମ ସକାଶେ ଦିନଟି ବହୁତ ଭଲ ରହିବ।

**ସିଂହ** - ଆଜିର କର୍ମକ୍ଷେତ୍ରରେ କିମ୍ବା ପାରିବାରିକ ସ୍ତରରେ ମଧ୍ୟ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବାର ସୂଚନା ରହିଛି। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବାର ଆଶଙ୍କା ରହିଛି।

**କନ୍ୟା** - ଆଜି ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଆଲୋଚନା ପରିସରରେ ଯଥାସମ୍ଭବ କମ୍ କଥାବାର୍ତ୍ତା କଲେ କଳହରୁ ଦୂରେଇ ରହିପାରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। କାମରେ ବିଫଳତା ଦେଖି ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଉପହସିତ ହେବାକୁ ପଡିପାରେ।

**ତୁଳା** - କର୍ମ କ୍ଷେତ୍ରରେ ହେଉ ଯାହା ଓ ଯେମିତି କଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଯାତ୍ରା, ବାଣିଜ୍ୟ, ସଭାସମିତି, ପ୍ରଶାସନ ତଥା ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଭଲ। ପାରିବାରିକ ଜୀବନରେ ଅସହିଷ୍ଣୁତା ଅଶାନ୍ତିର କାରଣ ହୋଇପାରେ।

**ବିଛା** - ଦୀର୍ଘଦିନରୁ ରହିଥିବା ଅବସୋସ ଆଜି ପରିପୂର୍ଣ୍ଣତା ଲାଭ କରିବାରୁ ଏକପ୍ରକାର ଖୁସୀ ଅନୁଭବ କରିବେ। ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ନୂତନ ସମ୍ପର୍କ ସ୍ଥାପିତ ହେବା ସଙ୍ଗକୁ ପରିବାର ସହ ଆଜିର ଭ୍ରମଣ ବେଶ୍ ଆନନ୍ଦ ଦାୟକ ହେବ।

**ଧନୁ** - ଆର୍ଥିକ ଦୁଃସ୍ଥିତି ମାନସିକ ସ୍ତରକୁ ସଂକୁଚିତ କରି ରଖିବା ସଙ୍ଗକୁ କାର୍ଯ୍ୟରେ ଅଗ୍ରଗତିକୁ ରୋକି ଦେଇପାରେ। ସବୁ କାମରେ ପଛୁଆ ହେତୁ ମାନେ ନିଜକୁ ଅପାରଗ ମନେ କରିପାରନ୍ତି। ଯେତେ ପାଇଲେ ମଧ୍ୟ ମନରେ ସନ୍ତୋଷ ଆସିବ ନାହିଁ। ଘର ସାଜସଜ୍ଜାରେ ସମୟ ଅତିବାହିତ କରିବେ ଏବଂ ଅପରାହ୍ନରେ ଶୁଭ ଖବର ପାଇ ଖୁସୀ ହେବେ।

**ମକର** - ପାରିବାରିକ ସମସ୍ୟା ସମାଧାନରେ ସମ୍ପର୍କୀୟା ମହିଳାଙ୍କ ଦ୍ୱାରା କାମ ହାସଲ କରାଇନେବେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବା ସଙ୍ଗକୁ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ରୋଗ, ଋଣ ଓ ଶତ୍ରୁପୀଡା ଜନିତ ଟେନ୍ସନ ଲାଗି ରହିବାର ସୂଚନା ରହିଛି।

**କୁମ୍ଭ** - ପାରିବାରିକ କ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅସ୍ଥିରତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ପର୍କରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଆଲୋଚନା ପରିସରରେ କିମ୍ବା ସଭାସମିତିରେ ଯୁକ୍ତି ତର୍କ କରି ପରିସ୍ଥିତିକୁ ଜଟିଳ କରିପାରନ୍ତି।

**ମୀନ** - ଆଜି ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ପାଇବା କାରଣରୁ କାର୍ଯ୍ୟ ହାସଲ କରି ମାନସିକ ସ୍ଥିତି ଆଜି ପ୍ରାୟତଃ ଭଲ ରହିବ। ଶିଳ୍ପ ,ବାଣିଜ୍ୟ,ରାଜନୀତି କ୍ଷେତ୍ରରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଭଲ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡିପାରେ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିପାରନ୍ତି।

ଆଜି ମାର୍ଗଶିର ଅମାବାସ୍ୟା ଯୁକ୍ତ ଶୁକ୍ଳ ପ୍ରତିପଦା ଶୁକ୍ରବାର, ଡିସେମ୍ବର ୭ ତାରିଖ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଶ୍ରାଦ୍ଧ ବେଶ, ନନ୍ଦ, ଯଶୋଦା, ଦେବକୀ ବସୁଦେବ, ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଅମାବାସ୍ୟାର ଶ୍ରାଦ୍ଧ, ସକାଳ ଘ.୭।୩୭ମି. ମଧ୍ୟେ ଘ.୩।୪୨ମି. ଗତେ, ଘ.୫।୦୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୩୭ମି. ଗତେ ଘ.୮।୫୮ମି. ମଧ୍ୟେ, ଘ.୧୧।୪୦ମି. ଗତେ ଘ.୧।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୧୬ମି. ଗତେ ଘ.୧୧।୩୮ମି. ମଧ୍ୟେ ରାହୁକାଳ।

DSPL - 279

ଓଡ଼ିଶା ଆମ ଗୌରବ

ଓଡ଼ିଶା ସରକାର



ରାମେଶ୍ୱରମ୍-ମଦୁରାଇ ଅଭିମୁଖୀ
୯ମ "ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"ଟ୍ରେନ୍।
ଏଥର ଶୁଭାରମ୍ଭ ହେଉଛି

**ସମ୍ବଲପୁର** ରୁ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ତୀର୍ଥଯାତ୍ରୀମାନଙ୍କୁ ଶୁଭବିଦାୟ ଜଣାଇବା ସହିତ
ସମସ୍ତଙ୍କ ପାଇଁ ଏକ ମଙ୍ଗଳମୟ ଯାତ୍ରାର
କାମନା କରୁଛନ୍ତି।

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ

**ସ୍ଥାନ:**
ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀ ପ୍ରକୋଷ୍ଠ,
ଓଡ଼ିଶା ସଚିବାଳୟ
**୭ ଡିସେମ୍ବର ୨୦୧୮**
**ଅପରାହ୍ନ ୧୨.୧୫ ମିନିଟ୍**




37001/13/0066/1819

ODISHA
Scenic ; Serene ; Sublime

Website: www.odishatourism.gov.in / www.visitodisha.org | E-mail: oritour@gmail.com

@Naveen_Odisha CMO. Odisha @CMO_Odisha CMO. Odisha

ଈଶ୍ୱରଙ୍କର କୃପା ପାଇଁ କେବଳ ପ୍ରାର୍ଥନା କର। କାରଣ, ଯଦି ନ୍ୟାୟର ସମ୍ମୁଖୀନ ହେବାକୁ ପଡେ, ତେବେ ଖୁବ୍ କମ ଲୋକେ ନ୍ୟାୟ ସମ୍ମୁଖରେ ଠିଆ ହୋଇ ପାରିବେ।
-ଶ୍ରୀମା

# ରେପୋ ଅପରିବର୍ତ୍ତିତ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ହାର ୬.୫ ଓ ରିଭର୍ସ ରେପୋ ହାର ୬.୨ ପ୍ରତିଶତରେ ଅପରିବର୍ତ୍ତିତ ରଖିଛନ୍ତି। କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ହ୍ରାସ ବା ବୃଦ୍ଧି କରିନାହାନ୍ତି। ମୁଦ୍ରାସ୍ଫୀତି ହ୍ରାସ ପାଇବା ଏବଂ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବା ପରେ ଅନେକ ଅର୍ଥନୈତିକ ବିଶ୍ଳେଷକ ଏହା ହିଁ ଆଶା କରିଥିଲେ। କେନ୍ଦ୍ରୀୟ ବ୍ୟାଙ୍କର ଏହି ନିଷ୍ପତ୍ତି କେନ୍ଦ୍ର ସରକାରଙ୍କୁ ଖୁସି କରିଛି, କାରଣ ରେପୋ ହାର ବୃଦ୍ଧି ପାଇଥିଲେ ବ୍ୟାଙ୍କଗୁଡ଼ିକୁ ଅଧିକ ଋଣ ପ୍ରଦାନ କରିବାରେ ଅସୁବିଧା ହୋଇଥାନ୍ତା। ତେବେ ରିଜର୍ଭ ବ୍ୟାଙ୍କ ଏପରି ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଥିଲା ଏବଂ ତାହା ଯୁକ୍ତିଯୁକ୍ତ ମଧ୍ୟ।

ବାସ୍ତବରେ ଆର୍‌ବିଆଇ ପାଖରେ ଅନ୍ୟ କିଛି ବିକଳ୍ପ ନ ଥିଲା। ଖାଦ୍ୟଦ୍ରବ୍ୟର ଦର ଅପ୍ରତ୍ୟାଶିତ ଭାବେ ହ୍ରାସ ପାଇବା ଏବଂ ଭାରତ ପାଇଁ ଅନ୍ତର୍ଜାତୀୟ ତୈଳ ମୂଲ୍ୟ ଅତି କମ୍ ସମୟ ବ୍ୟବଧାନରେ ପ୍ରାୟ ୩୦ ପ୍ରତିଶତ ହ୍ରାସ ପାଇବା ଯୋଗୁ ଏହାର ଅନୁକୂଳ ପ୍ରଭାବ ମଦ୍ରାସ୍ଫୀତି ଉପରେ ପଡ଼ିଥିଲା, ଯାହାଫଳରେ ରେପୋ ହାର ଅପରିବର୍ତ୍ତିତ ରଖିବାକୁ ବ୍ୟାଙ୍କ ନିଷ୍ପତ୍ତି ନେଲା। ଅଶୋଧିତ ତୈଳ ଦର ଅକ୍ଟୋବର ପ୍ରାରମ୍ଭରେ ବ୍ୟାରେଲ ପିଛା ୮୫ ଡଲାର ଥିବାବେଳେ ତାହା ନଭେମ୍ବର ଶେଷ ସୁଦ୍ଧା ୬୦ ଡଲାର ତଳକୁ ଖସିଯାଇଛି। ଭାରତୀୟ ମୁଦ୍ରାର ମୂଲ୍ୟ ମଧ୍ୟ ଡଲାର ତୁଳନାରେ ସାମାନ୍ୟ ବୃଦ୍ଧି ପାଇ ଆର୍‌ବିଆଇର କାମକୁ ସହଜ କରିଦେଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଦ୍ରାସ୍ଫୀତି ଆଗକୁ ଆହୁରି ହ୍ରାସ ପାଇବ ବୋଲି କେନ୍ଦ୍ରୀୟ ବ୍ୟାଙ୍କ ପୂର୍ବାନୁମାନ କରିଛି। ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧ ପାଇଁ ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ରହିବ ବୋଲି ଆର୍‌ବିଆଇ ପୂର୍ବରୁ ପୂର୍ବାନୁମାନ କରିଥିଲା ବେଳେ ଏବେ ତାହା ୩.୨ ପ୍ରତିଶତକୁ ଖସିଯିବ ବୋଲି ଆକଳନ କରିଛି। ଆସନ୍ତା ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଅର୍ଥାତ୍ ଏପ୍ରିଲରୁ ସେପ୍ଟେମ୍ବର ଭିତରେ ଦରଦାମ୍ ଆହୁରି ହ୍ରାସ ପାଇବ ବୋଲି ଏହା ପୂର୍ବାନୁମାନ କରିଛି। ଗତ ସପ୍ତାହରେ ପ୍ରକାଶିତ ନୈରାଶ୍ୟଜନକ ଅଭିବୃଦ୍ଧି ତଥ୍ୟ ମଧ୍ୟ ବ୍ୟାଙ୍କକୁ ଏପରି ନିଷ୍ପତ୍ତି ନେବା ଲାଗି ଅନୁପ୍ରେରିତ କରିଛି। କିଛିଦିନ ତଳେ ପ୍ରକାଶିତ ତଥ୍ୟ ଅନୁସାରେ, ଜୁଲାଇ-ସେପ୍ଟେମ୍ବର ତ୍ରିମାସୀରେ ଅଭିବୃଦ୍ଧି ଅପ୍ରତ୍ୟାଶିତ ଭାବେ ତଳକୁ ଖସିଯାଇଛି। ବାର୍ଷିକ ଅଭିବୃଦ୍ଧି ହାର ୭.୧ ପ୍ରତିଶତକୁ ଖସିଥିବା ବେଳେ ପୂର୍ବରୁ ଏହା ଦୁଇବର୍ଷର ସର୍ବୋଚ୍ଚ ସ୍ତର ୮.୨ ପ୍ରତିଶତ ଥିବା ଗତ ତ୍ରିମାସୀରେ ପ୍ରଦର୍ଶିତ ହୋଇଥିଲା। ଆର୍ଥିକ ବ୍ୟବସ୍ଥାରେ ଲିକୁଇଡିଟି (ଚଳନିଧି) ହ୍ରାସ ପାଇବା ଯୋଗୁ ବ୍ୟାଙ୍କଗୁଡ଼ିକ ସୁଧହାର ବୃଦ୍ଧି କରିବାକୁ ବାଧ ହୋଇଛନ୍ତି। ଆଉ କେତେକ କାରଣ ଭିତରେ ଅଛି: ସରକାରଙ୍କୁ ଦିଆଯାଉଥିବା ବିକ୍ରି କର, ଋତୁ-ଭିତ୍ତିକ ଋଣ ନେବା ବୃଦ୍ଧି ଏବଂ ଟଙ୍କାର ଅବମୂଲ୍ୟାୟନକୁ ରୋକିବା ପାଇଁ ବିଦେଶୀ ମୁଦ୍ରା ବଜାରରେ କେନ୍ଦ୍ରୀୟ ବ୍ୟାଙ୍କ ହସ୍ତକ୍ଷେପ କରିବା ଇତ୍ୟାଦି। ଏହି ପୃଷ୍ଠଭୂମିରେ ପଲିସି ରେଟ୍ ବୃଦ୍ଧି କରିବା ଆର୍ଥିକ ଦୃଷ୍ଟିଭଙ୍ଗୀ ତଥା ବଜାର ମାନସିକତାକୁ ଶଙ୍କିତ କରିଥାନ୍ତା।

## ଆଜିର ଅର୍ଥନୀତି

ଏଇଠୁ ଅଧଃପତନର ବିପଦକୁ ଆମେ ଟାଳିଦେଇ ପାରିବା ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଯେଉଁ ଅସ୍ୱାଭାବିକ ଦର ହ୍ରାସ ଘଟିଛି, ତାହା ବେଶିଦିନ ରହି ନ ପାରେ। ଏହି ସାମଗ୍ରୀଗୁଡ଼ିକର ଦର ଆକସ୍ମିକ ଭାବେ ବୃଦ୍ଧିପାଇପାରେ। କୃଷି ଉତ୍ପାଦଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟରେ ଯେଉଁ ବୃଦ୍ଧି ଘଟାଯାଇଛି, ତାହା କୃଷକମାନଙ୍କ ଆୟ ତଥା କ୍ରୟଶକ୍ତିକୁ ବୃଦ୍ଧି କରିପାରେ। ଫଳରେ ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି ପାଇବା ସହ ପରିଣତିରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇପାରେ। ଆହୁରି ମଧ୍ୟ ଅଶୋଧିତ ତୈଳର ଯେଉଁ ମଧ୍ୟବର୍ତ୍ତିକାଳୀନ ଦର ହ୍ରାସ ଘଟିଛି, ତାହା କେତେଦିନ ଅବ୍ୟାହତ ରହିବ କହିହେବ ନାହିଁ। ଆମେରିକା-ଚାଇନା ମଧ୍ୟରେ ଦେଖାଯାଇଥିବା ବାଣିଜ୍ୟିକ ଯୁଦ୍ଧ, ଯାହା ସାମୟିକ ଭାବେ ଶାନ୍ତ ପଡ଼ିବା ସହ ଭୂ-ରାଜନୈତିକ ଉତ୍ତେଜନା ହ୍ରାସ ପାଇଛି, ତାହା ପୁଣି ତୀବ୍ର ହୋଇଉଠିପାରେ। ପରିବର୍ତ୍ତନଶୀଳ ବିଶ୍ୱ ଆର୍ଥିକ ପରିସ୍ଥିତି ଆମର ଅଭିବୃଦ୍ଧି ତଥା ମୁଦ୍ରାସ୍ଫୀତି ପ୍ରତି ପର୍ଯ୍ୟାପ୍ତ ବିପଦ ସୃଷ୍ଟି କରିପାରେ। ତା'ଛଡ଼ା ଓପେକ୍ (ତୈଳ ରପ୍ତାନିକାରୀ ଦେଶ ସଂଘ) କାରକ ମଧ୍ୟ ରହିଛି। ଏହାର ନିଷ୍ପତ୍ତି ତୈଳ ଯୋଗାଣକୁ ବିପର୍ଯ୍ୟସ୍ତ କରିପାରେ ଏବଂ ଭାରତ ହେଉଛି ଅଶୋଧିତ ତୈଳ ଦରରେ ହ୍ରାସ-ବୃଦ୍ଧି ଯୋଗୁ ସବୁଠୁ ପ୍ରଭାବିତ ହେଉଥିବା ଦେଶ। ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବା ଲାଗି ସରକାର ନିଜ ଉଦ୍ୟମରୁ କେବେ ବି ବିରତ ହେବା ଉଚିତ ନୁହେଁ। ଏଥିରେ ହ୍ରାସ ଘଟିଲେ ମୁଦ୍ରାସ୍ଫୀତି ବଢ଼ିବ ଏବଂ ଏହା ବଜାର ଅସ୍ଥିରତାକୁ ତ୍ୱରାନ୍ୱିତ କରିବ।

## ଚିରନ୍ତନୀ

ଅଳତା ପରେ ରାଜେ ନାଗରା
ଚରମ ତୁମେ ଚାରୁ ଘାଗରା
ପୃଷ୍ଠ ବେଣୀ ପରେ ସକଳ ବାଣୀ ମରେ
କୁଟିଳ କଟୀ ପୁଣି ମେଖଳା।
(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | | | D | | | 4 | C | | | | | | 2 |
| | 2 | | 1 | B | | E | | | D | | A | | | 0 |
| | A | 9 | 5 | | | | | | | 8 | | | | |
| D | | E | | | | 5 | | 2 | 4 | | | | | 3 |
| | | | | | 7 | | 1 | | | | | 9 | 8 | |
| | D | | | | E | | 5 | 3 | B | | | | | 7 |
| | | 1 | | | | | C | 4 | | E | | 5 | | |
| 7 | | 8 | | 3 | | | | | 6 | A | 0 | | | 1 |
| | | | | | | D | 6 | | | | | B | 4 | |
| | 3 | 5 | B | | 9 | | 7 | | | | | | 0 | |
| | | | 9 | 4 | | | | | | D | | 6 | | A |
| 3 | | 0 | | | | | | | 7 | | | | | 4 |
| | B | | | | | 1 | D | A | 8 | 0 | | 3 | | |
| C | | | | E | | | 8 | 7 | | B | | | | 9 |
| 8 | | | 7 | 1 | D | 3 | | | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | A | 6 | C | 2 | B | E | 1 | 7 | 8 | 5 | 9 | 4 | 3 | D |
| 9 | 8 | D | A | 5 | 6 | B | C | 4 | 7 | 3 | 1 | E | 0 | 2 |
| 5 | 4 | E | 0 | 9 | 3 | 8 | D | 6 | B | 2 | A | 7 | C | 1 |
| 1 | 3 | 2 | 8 | D | 7 | 0 | 5 | A | E | C | 4 | B | 9 | 6 |
| B | C | 7 | E | 1 | 4 | 2 | 9 | 3 | 0 | 6 | D | 5 | A | 8 |
| 3 | 2 | 5 | 4 | 0 | C | 1 | 7 | 9 | 6 | D | E | 8 | B | A |
| 8 | 7 | 4 | 3 | 6 | E | 5 | 2 | B | A | 1 | 0 | 9 | D | C |
| C | D | 1 | B | A | 9 | 6 | 4 | 8 | 2 | 7 | 3 | 0 | 5 | E |
| A | E | B | 2 | 8 | 1 | D | 0 | C | 4 | 9 | 5 | 6 | 7 | 3 |
| 6 | 0 | 9 | 5 | 7 | D | A | 3 | E | C | B | 8 | 1 | 2 | 4 |
| 2 | 5 | C | 7 | B | A | 4 | 8 | D | 1 | 0 | 6 | 3 | E | 9 |
| E | B | A | 9 | 4 | 2 | 7 | 6 | 5 | 3 | 8 | C | D | 1 | 0 |
| 4 | 6 | 0 | D | C | 5 | 3 | E | 1 | 9 | A | 7 | 2 | 8 | B |
| D | 9 | 3 | 1 | E | 8 | C | B | 0 | 5 | 4 | 2 | A | 6 | 7 |
| 7 | 1 | 8 | 6 | 3 | 0 | 9 | A | 2 | D | E | B | C | 4 | 5 |

ଗତକାଲିର ଉତ୍ତର

# ନାମ୍ବି: ଆଉ ଜଣେ ଗାଲିଲିଓ



ଡ. ରମେଶ ଚନ୍ଦ୍ର ପରିଡ଼ା

ବୈଜ୍ଞାନିକମାନେ ହିଁ ଏ ଯୁଗର ଋଷି। ସେମାନଙ୍କ ପାଇଁ ଆମେ ଆଜି ସ୍ୱାବଲମ୍ବୀ ହୋଇପାରିଛୁ ଖାଦ୍ୟ ଓ ସ୍ୱାସ୍ଥ୍ୟଠାରୁ ଆରମ୍ଭକରି ପ୍ରତିରକ୍ଷା, ମହାକାଶ ବା ପରମାଣୁ ଗବେଷଣା ଅଥବା କୃତ୍ରିମ ମେଧା ପର୍ଯ୍ୟନ୍ତ ପ୍ରାୟ ସବୁ କ୍ଷେତ୍ରରେ। ତେବେ ଏଠାରେ ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ତାଙ୍କ ଅବଦାନର ଅନୁରୂପ ନୁହେଁ। କାରଣ ସେମାନଙ୍କର ନ ଥାଏ ପ୍ରଶାସନିକ କିମ୍ବା ରାଜନୈତିକ ଶକ୍ତି ଅଥବା ଅର୍ଥବଳ। ସେଥିପାଇଁ ତାଙ୍କୁ ଅନେକ ସମୟରେ ଅବିଚାରର ଶିକାର ହେବାକୁ ପଡ଼େ ଏବଂ ନିଜର ନିର୍ଭୀକତା ଓ ନିରପେକ୍ଷତା ପାଇଁ ମୂଲ୍ୟ ଦେବାକୁ ପଡ଼େ। ଇତିହାସରେ ଗାଲିଲିଓ ଯୁଗରୁ ରହି ଆସିଥିବା ଭୁରି ଭୁରି ଉଦାହରଣ ମଧ୍ୟରୁ ସଦ୍ୟତମ ହେଲେ ନାମ୍ବି ନାରାୟଣନ୍। ସେ ମଧ୍ୟ ତାଙ୍କରି ଭଳି ଶାସକଙ୍କ ବିଷ ଦୃଷ୍ଟିରେ ପଡ଼ି ଜୀବନବ୍ୟାପୀ ସହ୍ୟ କରିଛନ୍ତି ଅଶେଷ ଯନ୍ତ୍ରଣା। ଏଣୁ ତାଙ୍କୁ ଆଉ ଜଣେ ଗାଲିଲିଓ କହିଲେ ଚଳିବ।

ନାମ୍ବି ଥିଲେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା ବା ଇସ୍ରୋର ଅନ୍ୟତମ ପ୍ରମୁଖ ବୈଜ୍ଞାନିକ। ଭାରତ ପରମାଣୁ ବୋମା ପରୀକ୍ଷା କଲା ପରେ ଆମେରିକା ଚାପରେ ରୁଷିଆ ଅତି ନିମ୍ନତାପରେ କାର୍ଯ୍ୟ କରୁଥିବା ତଥା ମହାକାଶ ଗବେଷଣା ପାଇଁ ଅତ୍ୟାବଶ୍ୟକ ଶକ୍ତିଶାଳୀ କ୍ରାୟୋଜେନିକ୍ ଇଞ୍ଜିନ୍ ଯୋଗାଇବା ଚୁକ୍ତିରୁ ଓହରିଗଲା। ଏହାପରେ ଆମ ବୈଜ୍ଞାନିକମାନେ ନିଜସ୍ୱ ଜ୍ଞାନକୌଶଳରେ ତାହା ନିର୍ମାଣ କରିବାକୁ ଅଣ୍ଟା ଭିଡ଼ିଲେ। ସେଥିପାଇଁ ଇସ୍ରୋରେ ଆରମ୍ଭ ହୋଇଥିବା ପ୍ରକଳ୍ପର ମୁଖ୍ୟ ଥିଲେ ନାମ୍ବି। ତେବେ ୧୯୯୪ ନଭେମ୍ବର ୪ରେ ତାଙ୍କୁ ହଠାତ୍ ଗିରଫ କଲା ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ବା ଏସ୍‌ଆଇଟି। ତାଙ୍କ ବିରୋଧରେ ଅଣାଗଲା ଆମ ଦେଶର ମହାକାଶ ବିଜ୍ଞାନ ସମ୍ପର୍କିତ ଗୋପନ ତଥ୍ୟ ସବୁ ବିଦେଶୀ ଶତ୍ରୁ ରାଷ୍ଟ୍ରକୁ ହସ୍ତାନ୍ତର କରିବାର ଅଭିଯୋଗ।

ସେତେବେଳେ ତାଙ୍କ ବୟସ ଥିଲା ମାତ୍ର ୫୦ ବର୍ଷ। ବିକାଶୋନ୍ମୁଖୀ ତଥା ସୁଦୂରପ୍ରସାରୀ ଭବିଷ୍ୟତଯୁକ୍ତ କ୍ରାୟୋଜେନିକ୍ସ ବିଜ୍ଞାନରେ ତାଙ୍କର ବେଶ୍ ପାରଦର୍ଶିତା ଥିଲା। ଏହି ଦୁଃଖଦ ଘଟଣାଟି ଘଟି ନ ଥିଲେ ସେ ହୁଏତ ଜଣେ ବିଶ୍ୱସ୍ତରୀୟ ବୈଜ୍ଞାନିକ ରୂପେ ଖ୍ୟାତି ଅର୍ଜନ କରିପାରିଥାନ୍ତେ ଏବଂ ତାଙ୍କ ପ୍ରଚେଷ୍ଟାରେ ଭାରତ ଯଥାଶୀଘ୍ର କ୍ରାୟୋଜେନିକ୍ ଇଞ୍ଜିନ୍‌ର ଅଧିକାରୀ ହୋଇପାରିଥାନ୍ତା। ଫଳରେ ଏହାର ମହାକାଶ ବିଜ୍ଞାନ ଖୁବ୍ ଶୀଘ୍ର ଏକ ନୂତନ ଉଚ୍ଚତାରେ ପହଞ୍ଚି ପାରିଥାନ୍ତା, ଯାହାକି ବେଶ୍ ବିଳମ୍ବିତ ହୋଇଗଲା।

ନାମ୍ବିଙ୍କୁ କାହିଁକି ହଠାତ୍ ଜଣେ ଦେଶଦ୍ରୋହୀ ରୂପେ ଚିତ୍ରିତ କରାଗଲା, ତାହାର ଠିକ୍ ଜବାବ ଏବେ କାହାରି ପାଖରେ ନାହିଁ। ଗତ ସେପ୍ଟେମ୍ବର ୨୦୧୮ରେ ତାଙ୍କୁ ଦୋଷମୁକ୍ତ କରିଛନ୍ତି ଉଚ୍ଚତମ ନ୍ୟାୟାଳୟର ତଦାନୀନ୍ତନ ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ତିନି ଜଣିଆ ଖଣ୍ଡପୀଠ। ଏହି ରାୟରେ ସେମାନେ ଦୁଃଖ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସୂଚାଇଛନ୍ତି, କୌଣସି ଖିଆଲ ବା ଅସ୍ପଷ୍ଟ ଧାରଣାର ବଶବର୍ତ୍ତୀ ହୋଇ ତାଙ୍କୁ ଏକ ଆପରାଧିକ ମିଥ୍ୟା ପ୍ରମାଣର ଶିକାର କରାଯାଇଥିଲା।

ଏସ୍‌ଆଇଟି ନାମ୍ବିଙ୍କ ବିରୋଧରେ ଆଣିଥିବା ଅଭିଯୋଗ ଏହି ପ୍ରକାର ଥିଲା- ମାଳଦ୍ୱୀପର ମାରିୟମ ରସିଦା ନାମ୍ନୀ ଜଣେ ସୁନ୍ଦରୀ ଯୁବତୀ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସ୍‌ଆଇ ପାଇଁ କାମ କରୁଥିଲା। ଆମ ରକେଟ୍ ପ୍ରଯୁକ୍ତିବିଦ୍ୟା ଚୋରାଇବା ପାଇଁ ସେ ସମ୍ପର୍କ ସ୍ଥାପନ କରିଥିଲା ଇସ୍ରୋର କିଛି ବୈଜ୍ଞାନିକଙ୍କ ସହିତ। ସେମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ନାମ୍ବି। ତେବେ ସେହି ଯୁବତୀର ନିର୍ଦ୍ଦିଷ୍ଟ ପରିଚୟ ଏବଂ ତା' ସହିତ ଆଉ କେଉଁ ବୈଜ୍ଞାନିକଙ୍କର ସମ୍ପର୍କ ଥିଲା କିମ୍ବା କି ତଥ୍ୟ ଚୋରି ହୋଇଥିଲା ସେ ସମ୍ପର୍କରେ ଠିକ୍ ସୂଚନା ଦେବାକୁ ଏସ୍‌ଆଇଟି କିମ୍ବା ଏହାପରେ ଏହି ଅନୁସନ୍ଧାନର ଦାୟିତ୍ୱ ନେଇଥିବା ସିବିଆଇ କେହି ସମର୍ଥ ହୋଇପାରିନାହାନ୍ତି। ଅଭିଯୋଗ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜନସାଧାରଣଙ୍କ କ୍ରୋଧ କେନ୍ଦ୍ରୀଭୂତ ହୋଇଥିଲା ନାମ୍ବିଙ୍କ ଉପରେ। ସେ ଏବେ ଅଶ୍ରୁଳ ନୟନରେ ବର୍ଣ୍ଣନା କରନ୍ତି ସେଦିନର ଅନୁଭୂତି- ତାଙ୍କୁ ଟାଣି ଟାଣି ନେଇ ପୋଲିସ ଗାଡ଼ିରେ ବସାଗଲା ଏବଂ ନିଆଗଲା ଥିରୁଭାନନ୍ତପୁରମ୍ ମାଜିଷ୍ଟ୍ରେଟଙ୍କ ବିଚାରାଳୟକୁ। ସେତେବେଳେ ସେଠାରେ ଜମାହୋଇ ସାରିଥାନ୍ତି ଅନେକ ଲୋକ। ଗାଡ଼ିରୁ ଓହ୍ଲାଇବା ମାତ୍ରେ ସେମାନେ ତାଙ୍କୁ ଆରମ୍ଭକରିଦେଲେ ଗାଳି ଓ ଟେକାପଥର ମାଡ଼। ଏଣୁ ପୋଲିସ ତାଙ୍କୁ ଘେର ଭିତରେ ମାଜିଷ୍ଟ୍ରେଟଙ୍କ ନିକଟକୁ ନେଲା। ତାଙ୍କ ମତରେ ଏହା ଥିଲା ତାଙ୍କ ଜୀବନର ସବୁଠାରୁ ଦୁଃଖଦ ଓ ଲଜ୍ଜାଜନକ ଘଟଣା।

ତା'ପରେ ତାଙ୍କୁ ଜେଲରେ ରଖାଗଲା ଏବଂ ଦିଆଗଲା ଶାରୀରିକ ଓ ମାନସିକ ଯନ୍ତ୍ରଣା। କେତେବେଳେ ତାଙ୍କୁ ଘଣ୍ଟା ଘଣ୍ଟା ଧରି ଠିଆକରି ରଖାଯାଉଥିଲା ତ ଆଉ କେତେବେଳେ ଦିନ ଦିନ ଧରି ଅନିଦ୍ରା ରଖାଯାଉଥିଲା, ଏପରିକି ଶୋଷ ହେଲେ ପାଣି ମଧ୍ୟ ଦିଆଯାଉ ନ ଥିଲା। ପୁନଶ୍ଚ ପୋଲିସର କହିବା ମୁତାବକ ଦୋଷ ସ୍ୱୀକାର ନ କଲେ ତାଙ୍କ ପରିବାରବର୍ଗ ଓ ସହକର୍ମୀମାନଙ୍କୁ ମଧ୍ୟ ଏଥିରେ ସମ୍ପୃକ୍ତ କରିବାର ଧମକ ଦିଆଯାଉଥିଲା। ବିଜ୍ଞାନାଗାରରେ ଜୀବନ କଟାଇ ଆସିଥିବା ଲୋକଟି ଏହିଭଳି ଯନ୍ତ୍ରଣା ମଧ୍ୟରେ ଜଣେ ବିଚାରାଧୀନ ବନ୍ଦୀ ରୂପେ ଜେଲରେ ବିତାଇଥିଲେ ୫୦ ଦିନ। ତା' ପରେ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପ୍ରମାଣ ଯୋଗାଇବାରେ ପୋଲିସ ବିଫଳ ହେବାରୁ ତାଙ୍କୁ ଜାମିନ ମିଳିଲା।

ଜେଲରୁ ମୁକୁଳିଲା ପରେ ନାମ୍ବି ସାମ୍ବାଦିକ ସମ୍ମିଳନୀଟିଏ ଡାକି ପୋଲିସ, ପ୍ରଶାସନ ଏବଂ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ କିଛି ପ୍ରଶ୍ନ -(୧) ଯେତେବେଳେ (୧୯୯୪ ମସିହାରେ) ଭାରତରେ ଏହି ଟେକ୍ନୋଲୋଜି (କ୍ରାୟୋଜେନିକ୍)ର ସ୍ଥିତି ପ୍ରାୟ ନ ଥିଲା, ମୁଁ ତାକୁ ବିକ୍ରୟ କଲି କିପରି ଏବଂ (୨) ଅନ୍ୟ କେତେକ ଦେଶରେ ଏହା ମୁକ୍ତ ଭାବେ ମିଳିପାରୁଥିଲା ବେଳେ କୌଣସି ସଂସ୍ଥା ତାହା ଲାଭ କରିବା ପାଇଁ ମୋତେ ଗୁପ୍ତଚର ଭାବେ ନିଯୁକ୍ତି ଦେବ କାହିଁକି?

ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା କିମ୍ବା ତଦନ୍ତ କରୁଥିବା ସଂସ୍ଥା ପାଖରେ ଏହାର ଜବାବ ନ ଥିଲା। ତଥାପି ଏହାପରେ ମାମଲାଟାକୁ ପୁନର୍ବାର ତଦନ୍ତ କରିବାକୁ ସିବିଆଇକୁ କୁହାଗଲା। କିନ୍ତୁ ଏ ସଂସ୍ଥା ୧୯୯୬ ମସିହାରେ ପ୍ରମାଣ ଅଭାବରୁ ମାମଲାକୁ ବନ୍ଦ କରିଦେଲା ଏବଂ ଏଥିସହିତ ଦେଇଥିବା ରିପୋର୍ଟରେ ପୋଲିସର ନିନ୍ଦନୀୟ ଦୋଷାରୋପ ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହିତ ସ୍ଥାନୀୟ ଅନୁସନ୍ଧାନକାରୀମାନେ (ଏସ୍‌ଆଇଟି) ସେମାନଙ୍କ ମନଗଢ଼ା ଅଭିଯୋଗକୁ ସତ୍ୟ ବୋଲି ଉପସ୍ଥାପିତ କରିବା ଲାଗି ଅନୁସରଣ କରିଥିବା ସନ୍ଦେହଜନକ ପଦ୍ଧତିଗୁଡ଼ିକୁ ନେଇ ପ୍ରଶ୍ନ ଉଠାଇଲା।

ଏହା ପରେ ନାମ୍ବି ତାଙ୍କ ହୃତଗୌରବର ପୁନରୁଦ୍ଧାର ଏବଂ ତାଙ୍କୁ ବିନାଦୋଷରେ ଅପରାଧୀ ସଜାଇଥିବା ଅଭିଯୋଗକାରୀଙ୍କ ବିରୋଧରେ ପଦକ୍ଷେପ ଆରମ୍ଭ କଲେ। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଥମେ ସେ କେରଳ ସରକାରଙ୍କୁ ଅନୁରୋଧ କଲେ। କିନ୍ତୁ କେହି ତାଙ୍କ ପ୍ରତି କର୍ଣ୍ଣପାତ କଲେ ନାହିଁ। ବରଂ ସିବିଆଇ ଦ୍ୱାରା ବନ୍ଦ କରିଦିଆଯାଇଥିବା ମାମଲାଟିକୁ ପୁନର୍ବାର ଉନ୍ମୁକ୍ତ କରି ତାଙ୍କ ବିରୋଧରେ ନୂଆ ଅନୁସନ୍ଧାନ ପାଇଁ ଉଦ୍ୟମ ଚାଲିଲା। ଏଣୁ ନାମ୍ବି ବାଧ୍ୟହୋଇ ନ୍ୟାୟାଳୟର ଆଶ୍ରୟ ନେଲେ ଏବଂ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କୁ ଏଥିରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଲେ।

ଏହାପରେ ମାମଲାଟି ଚାଲିଲା ଏବଂ ଦୀର୍ଘ ୨୪ ବର୍ଷ ପରେ ଏବେ ତାଙ୍କୁ ନ୍ୟାୟ ମିଳିଛି। ଏଥିରେ ତାଙ୍କୁ କେବଳ ଦୋଷମୁକ୍ତ କରାଯାଇନାହିଁ, ଉଚ୍ଚତମ ନ୍ୟାୟାଳୟ ନ୍ୟାୟାଧୀଶ ଡି.କେ. ଜୈନଙ୍କ ଅଧ୍ୟକ୍ଷତାରେ ଏଥିସହିତ ସମ୍ପୃକ୍ତ ଦୋଷୀ କର୍ମଚାରୀମାନଙ୍କୁ କୈଫିୟତଯୋଗ୍ୟ କରିବାକୁ ଉପାୟ ନିର୍ଦ୍ଧାରଣ ଲାଗି ଏକ କମିଟି ଗଠନ କରିଛି। ତତ୍ ସଙ୍ଗେ ସଙ୍ଗେ ଏହା ନାମ୍ବିଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ଲାଗି ମଧ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କ ମତରେ ମାମଲାଟିର ଏହିଠାରୁ ସମାପ୍ତି ଘଟିନାହିଁ। ଜୈନ କମିଟି ତାଙ୍କ ଜୀବନ ନଷ୍ଟ କରିବା ସଙ୍ଗେ ସମ୍ମାନକୁ ଧରାଶାୟୀ କରିଥିବା ଏବଂ ଦେଶର ମହାକାଶ ଗବେଷଣାକୁ ଘୋର କ୍ଷତି ପହଞ୍ଚାଇଥିବା ଏହି ଷଡ଼ଯନ୍ତ୍ରର ରହସ୍ୟ ଉଦ୍‌ଘାଟନ କରିବ ବୋଲି ସେ ଆଶା କରନ୍ତି। ତା' ହେଲେ ଆଗକୁ ଆହୁରି ଅନେକ ନିଷ୍ପାପଙ୍କ ଜୀବନ ଓ ସମ୍ମାନ ତଥା ଦେଶ ପ୍ରତି ତାଙ୍କର ଅବଦାନର ସମ୍ମାନକୁ ନଷ୍ଟ କରିବା ଲାଗି ଷଡ଼ଯନ୍ତ୍ର କରିବା ଆଗରୁ କ୍ଷମତାସୀନମାନେ ଅନ୍ତତଃ ଦୁଇଥର ଚିନ୍ତା କରିବେ।

ଶେଷରେ ନାମ୍ବି ବିଜୟୀ ହେଲେ ଠିକ୍ ଗାଲିଲିଓଙ୍କ ଭଳି। ପୁନର୍ବାର ସତ୍ୟର ବିଜୟ ଘଟିଲା। ତେବେ ଫରକ ଏତିକି ଯେ ସେ ଏହା ପ୍ରାପ୍ତ ହେଲେ ତାଙ୍କର ଜୀବନକାଳ ମଧ୍ୟରେ। ଗାଲିଲିଓଙ୍କ ଭାଗ୍ୟରେ ତାହା ଜୁଟି ନ ଥିଲା।

ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ-୯୯୩୭୯୮୫୭୬୬

# ଟେକାଟିଏ ମାରିଲେ ପଥରଟିଏ ଅଛି



ଡ. ସିଦ୍ଧାର୍ଥ କାନୁନ୍‌ଗୋ

କୌଣସି ଲୋକ ଅନ୍ୟ ପ୍ରତି ଜାଣିଶୁଣି ଅନ୍ୟାୟ କରୁଥିଲେ, ସଚେତନ ଲୋକ ତାକୁ ସତର୍କ କରାଇ କହନ୍ତି- ବାବୁ! ଟେକାଟିଏ ମାଇଲେ ପଥରଟିଏ ଅଛି। ବିଜ୍ଞାନ ମତରେ ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଅଛି। ଆମେ ଭଲ କର୍ମ କଲେ ତା'ର ଯେପରି ସୁଫଳ ଅଛି, କୁକର୍ମ କଲେ ତା'ର ପ୍ରତିଫଳ ମଧ୍ୟ ପାଇବା। ଏ ଜନ୍ମରେ ନ ହେଲେ ମଧ୍ୟ ଆରଜନ୍ମରେ ଆମେ କରୁଥିବା ପାପ ଓ ପୁଣ୍ୟର ଫଳ ଭୋଗ କରିବା।

ଏଠାରେ ଗୋଟିଏ ସତ୍ୟ ଘଟଣାର ଅବତାରଣା କରିବା ପ୍ରାସଙ୍ଗିକ ହେବ। ବଲାଙ୍ଗୀର ସହରରେ ଜଣେ ଓକିଲ ଥିଲେ। ଫୌଜଦାରି ମକଦ୍ଦମା ପରିଚାଳନାରେ ତାଙ୍କର ଦକ୍ଷତା ଦେଖି ଜଜ୍‌ମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଉଥିଲେ। ସ୍ପଷ୍ଟ ଦିବାଲୋକରେ ହତ୍ୟା ଅପରାଧୀମାନଙ୍କୁ ମଧ୍ୟ ସେ ନିଜର ଅକାଟ୍ୟ ଯୁକ୍ତି ଦ୍ୱାରା ନିର୍ଦ୍ଦୋଷରେ ଖଲାସ କରିପାରୁଥିଲେ। ଏଥିପାଇଁ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା। ସେ ମଧ୍ୟ ପ୍ରଚୁର ଅର୍ଥ ଉପାର୍ଜନ କରୁଥିଲେ। ଦିନକର କଥା, ଓକିଲ ବାବୁ କଚେରିକୁ ଯିବା ପାଇଁ ବାହାରିଛନ୍ତି। ଏହି ସମୟରେ ତାଙ୍କ ଜୁନିୟର ଆସି ଖବର ଦେଲା ଯେ, ଜଣେ ଲୋକ ତାଙ୍କୁ ସାକ୍ଷାତ କରିବାକୁ ଚାହୁଁଛି। ତା' ଦେହରେ ଘା'ଘାଉଡ଼ ହୋଇଯାଇଛି। ଦେହରୁ ଦୁର୍ଗନ୍ଧ ମଧ୍ୟ ବାହାରୁଛି। ଓକିଲ ବାବୁ ଏହା ଶୁଣି ଭାବିଲେ କୌଣସି ଏକ ଭିକାରି ତାଙ୍କ ପାଖକୁ ଭିକ ମାଗିବାକୁ ଆସିଥିବ। ସେ ଲୋକଟିକୁ ଦେଖା ନ କରି ନିଜ ଜୁନିୟର ହାତରେ ୧୦ ଟଙ୍କା ପଠାଇ ତାକୁ ଦେଇଦେବାକୁ କହିଲେ। ଜୁନିୟର ଜଣକ ସେହି ଲୋକକୁ ଯେତେବେଳେ ୧୦ ଟଙ୍କା ଯାଚିଲେ, ସେ ତତ୍‌କ୍ଷଣାତ୍ କହିଲେ, ମୁଁ ଓକିଲ ବାବୁଙ୍କଠାରୁ ଟଙ୍କା ନେବା ପାଇଁ ଆସିନାହିଁ ବରଂ ତାଙ୍କୁ ଟଙ୍କା ଦେବା ପାଇଁ ଆସିଛି। ମୁଁ ବେଶି ସମୟ ନେବିନାହିଁ। ତାଙ୍କୁ କୁହ, ମୁଁ ମାତ୍ର ୫ ମିନିଟ ପାଇଁ ତାଙ୍କୁ ହଇରାଣ କରିବି। ଏ କଥା ଶୁଣି ଓକିଲ ବାବୁ ଯେତେବେଳେ ବାହାରକୁ ଆସନ୍ତି ଲୋକଟି ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା ଏବଂ ଟଙ୍କା ମୁଣିଟିଏ ତାଙ୍କ ଆଗରେ ଥୋଇ କହିଲା- ହଜୁର! ଏଥିରେ ୨ଲକ୍ଷ ଟଙ୍କା ଅଛି। ଏହା ହିଁ ଆପଣଙ୍କ ପ୍ରାପ୍ୟ।

ଓକିଲ ବାବୁ ହଠାତ୍ କିଛି ବୁଝିପାରିଲେ ନାହିଁ। ଲୋକଟି ତାଙ୍କୁ ମନେପକାଇ କହିଲା- ସାର୍! ଆପଣ ମୋତେ ଚିହ୍ନିପାରୁନାହାନ୍ତି। ଆପଣ ମୋତେ ନରହତ୍ୟା ଅପରାଧରୁ ମୁକୁଳାଇଥିଲେ। ମୁଁ କିଛିବର୍ଷ ତଳେ ଗୋଟିଏ ପରିବାରର ୫ଜଣଙ୍କୁ ହତ୍ୟା କରିଥିଲି। ମକଦ୍ଦମା ଚାଲିଲା, ଚୁକ୍ତି ଅନୁସାରେ ମୁଁ ଆପଣଙ୍କୁ ୫ ଲକ୍ଷ ଟଙ୍କା ଦେବାର ଥିଲା। ମୁଁ ସେତେବେଳେ ଆପଣଙ୍କୁ ୩ ଲକ୍ଷ ଟଙ୍କା ଦେଇଥିଲି ଏବଂ ପରେ ଆଉ ୨ ଲକ୍ଷ ଦେବି ବୋଲି କହିଥିଲି। ଆପଣ ମଧ୍ୟ ରାଜି ହୋଇ ମୋ ପାଇଁ କୋର୍ଟରେ ଜବାବସୁଆଲ କଲେ ଏବଂ ମୁଁ ନିର୍ଦ୍ଦୋଷରେ ଖଲାସ ହେଲି। କିନ୍ତୁ ଆଜି ଭାବୁଛି, ମୁଁ ସିନା ବିଚାରପତିଙ୍କ ହାତରୁ ରକ୍ଷା ପାଇଗଲି କିନ୍ତୁ ଉପରର ବିଚାରପତିଙ୍କ ହାତରୁ ମୋତେ ନିସ୍ତାର ମିଳିଲା ନାହିଁ। ମୋ ପରିବାରର ସମସ୍ତ ସଦସ୍ୟ ଘଟଣାକ୍ରମେ ଇହଲୀଳା ସମ୍ବରଣ କରିଛନ୍ତି ଏବଂ ମୁଁ ମଧ୍ୟ ଆଜି କୁଷ୍ଠ ରୋଗାଗ୍ରାନ୍ତ। ଆଜି ମୋର ଯେଉଁ ଅବସ୍ଥା, ତାହା ମୋ କୃତକର୍ମର ଫଳ। କିନ୍ତୁ ବର୍ତ୍ତମାନ ଅନୁଶୋଚନା କରି କିଛି ଲାଭ ନାହିଁ। ଆପଣ ଉକ୍ତ ଟଙ୍କା ରଖନ୍ତୁ। ଓକିଲ ଏ କଥା ଶୁଣି ହତବାକ୍ ହେଲେ ଏବଂ ତାଙ୍କର ମଧ୍ୟ ଭାବାନ୍ତର ହେଲା। ସେ ଉକ୍ତ ବ୍ୟକ୍ତିର ସେହି ଟଙ୍କା ରଖିବାକୁ ରାଜି ହେଲେ ନାହିଁ। କିନ୍ତୁ ଲୋକଟି ନଛୋଡ଼ବନ୍ଧା। ଲୋକଟି କହିଲା ଯେ, ମୁଁ କୃତକର୍ମର ଫଳ ଭୋଗ କରୁଛି। ପୁଣି ବଚନଭଙ୍ଗ ହୋଇ ଆହୁରି କାହିଁ ପାପ କରିବି? ଆପଣ ଏ ପଇସା ରଖିପାରନ୍ତି କିମ୍ବା କୌଣସି ଦାତବ୍ୟ ଅନୁଷ୍ଠାନକୁ ଦାନ କରପାରନ୍ତି। ମୋର କିନ୍ତୁ ଏ ଟଙ୍କା ରଖିବାର ନାହିଁ। ଏତିକି କହି ଲୋକଟି ଓକିଲଙ୍କ ଘରୁ ଚାଲିଗଲା।

ଆଉ ଏକ ଘଟଣା ହେଉଛି ମହାଭାରତ ଯୁଦ୍ଧ ପରବର୍ତ୍ତୀ ସମୟର। ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଲେ- ବାସୁଦେବ! ତୁମେ ଚାହିଁଥିଲେ ଏ ଯୁଦ୍ଧ ଏଡ଼ାଯାଇ ପାରିଥାଆନ୍ତା। ତୁମ ଯୋଗୁ ମୋର ଶତପୁତ୍ର ମୃତ୍ୟୁବରଣ କଲେ। ମୁଁ ମଧ୍ୟ ତୁମକୁ ଅଭିଶାପ ଦେଉଛି, ତୁମ ବଂଶ ନାଶ ହେଉ। ଶ୍ରୀକୃଷ୍ଣ ଏହାକୁ ସ୍ୱୀକାର କରିନେଲେ। ଏହା ପରେ ଗାନ୍ଧାରୀଙ୍କର ଭାବାନ୍ତର ହେଲା। ସେ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେଇଥିବା କଥାକୁ ସ୍ମରଣ କରି ଅନୁତାପ କଲେ। ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ- ମା! ଏହା ନିଶ୍ଚୟ ଘଟିବ। ଏଥିରେ ତୁମର କିଛି ଭୁଲ୍ ନାହିଁ। ତୁମେ କେବଳ ମାଧ୍ୟମ ମାତ୍ର। ଯଦୁବଂଶୀମାନେ ବର୍ତ୍ତମାନ ପାପକର୍ମରେ ଲିପ୍ତ। ତେଣୁ ଖୁବ୍‌ଶୀଘ୍ର ଯଦୁବଂଶ ଧ୍ୱଂସ ପାଇବ। ଏହାପରେ ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ, ମୋର କେଉଁ ଭୁଲ୍ ପାଇଁ ଶହେପୁତ୍ରଙ୍କୁ ହରାଇବାକୁ ପଡ଼ିଲା? ମୁଁ ତ ଏ ଜନ୍ମରେ କିଛି ଭୁଲ୍ କରିନାହିଁ। ଶ୍ରୀକୃଷ୍ଣ ତାଙ୍କୁ ଅତୀତର ଗୋଟିଏ ଜନ୍ମର କଥା ସ୍ମରଣ କରାଇଦେଲେ। ଗାନ୍ଧାରୀ ଦେଖୁଛନ୍ତି, ସେହି ଜନ୍ମରେ ସେ ରାଜକୁମାରୀ ହୋଇ ଜନ୍ମ ହୋଇଛନ୍ତି। କୌତୂହଳବଶତଃ ଶହେଟି କୁମ୍ଭୀର ଅଣ୍ଡାକୁ ଫୁଟାଇ ଦେଇଛନ୍ତି। ଏହା ଦେଖିଲା ପରେ ଗାନ୍ଧାରୀଙ୍କ ମନରୁ ସଂଶୟ ଦୂର ହେଲା ଏବଂ ସେ କହିଲେ ପ୍ରଭୁ! ମୁଁ ମୋ ଉତ୍ତର ପାଇଗଲି।

ହିନ୍ଦୁ, ବୌଦ୍ଧ, ଜୈନ ଆଦି ଅନେକ ଧର୍ମ କର୍ମଫଳ ଉପରେ ବିଶ୍ୱାସ କରନ୍ତି। ସୁତରାଂ ଆଜି ନ ହେଲେ ବି କାଲି ବା ଆରଜନ୍ମରେ ଆମକୁ ନିଶ୍ଚୟ ଆମର କର୍ମଫଳ ଭୋଗ କରିବାକୁ ପଡ଼ିବ। ହୁଏତ ଆମେ ନାନା ପାପ କରୁଥିଲେ ମଧ୍ୟ ଏ ଜନ୍ମରେ ତାକୁ ଭୋଗ କରିପାରୁନାହୁଁ। କିନ୍ତୁ ଏହା ନିଶ୍ଚିତ ଯେ, ଆଗାମୀ ଜନ୍ମରେ ଆମକୁ ଏ ସବୁ ଭୋଗ କରିବାକୁ ପଡ଼ିବ।

ଭୁବନେଶ୍ୱର, ମୋ: ୯୪୩୮୦୭୨୮୪୦

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀଙ୍କୁ ସ୍ମାର୍ଟ ଫୋନ ବଣ୍ଟନ

ମହାଶୟ,

ନିର୍ବାଚନ ପାଖେଇ ଆସିଲେ ସରକାର ଅନେକ ଜନହିତକାରୀ ଯୋଜନା ହାତକୁ ନେଇଥାନ୍ତି। ଏବେ ମନ୍ତ୍ରୀ କହିଲେଣି ଯେ, ପ୍ରତି ଜିଲାର ୨୫୦୦ ସିନିୟର ଚାଷୀଙ୍କୁ ସ୍ମାର୍ଟ ଫୋନ ଦିଆଯିବ। ଠିକ୍ ସମୟରେ ଚାଷୀଙ୍କୁ ବିହନ ଓ କୀଟନାଶକ ମିଳୁନାହିଁ। ଜଳସେଚନର ସୁବିଧା ନାହିଁ। ଫସଲ ଅମଳ ହେଲେ ତାକୁ ରଖିବା ପାଇଁ ଶୀତଳଭଣ୍ଡାର ନାହିଁ। ୨୭ ଲକ୍ଷ ଚାଷୀଙ୍କୁ ଜୁଲାଇ ୩୧ ତାରିଖ ମଧ୍ୟରେ ବୀମାଭୁକ୍ତ କରାଯିବା କଥା, ତାହା ମଧ୍ୟ ହୋଇପାରୁନାହିଁ। ଏଲ୍.ଆଇ. ପଏଣ୍ଟଗୁଡିକ ଅଚଳ। ଚାଷୀଙ୍କ ପାଇଁ ଯାହା ଦରକାର ତାହା ନ କରି ସ୍ମାର୍ଟଫୋନ ଯୋଗାଇବାକୁ ସରକାର କାହିଁକି ପ୍ରୟାସୀ ବୁଝି ହେଉନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତସିଂହପୁର

### ପଥପ୍ରାନ୍ତ ସୁବିଧା କେନ୍ଦ୍ର

ରାଜ୍ୟରେ ପର୍ଯ୍ୟଟକ ଓ ଯାତ୍ରୀମାନଙ୍କ ସୁବିଧା ପାଇଁ ୩୪ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ହେବାର ଖବର କିଛିଦିନ ତଳେ ପ୍ରକାଶ ପାଇଥିଲା। ଯେ କୌଣସି ପର୍ଯ୍ୟଟନସ୍ଥଳରେ ଦ୍ୱାରଦେଶରେ ଟଏଲେଟ ରହିବା ସାଧାରଣ କଥା। କିନ୍ତୁ କେନ୍ଦ୍ର ଖୋଲିଦେଲେ କାମ ସରିଯାଏ ନାହିଁ। ଏହାର ସୁପରିଚାଳନା ପାଇଁ ଜଳସଂଯୋଗ ଥିବା ଓ ଏଗୁଡିକର ରକ୍ଷଣାବେକ୍ଷଣ ହେବା ଦରକାର। ପୂର୍ତ୍ତବିଭାଗ ଓ ପର୍ଯ୍ୟଟନ ବିଭାଗର ଏ ଦିଗରେ ବହୁ ଦାୟିତ୍ୱ ରହିଛି। ନଚେତ୍ କିଛିଦିନ ଠିକ୍‌ଠାକ୍ ଚାଲିବା ପରେ ସବୁ ଅବ୍ୟବସ୍ଥା ଦେଖାଦେବ। ବିଳମ୍ବରେ ହେଲେ ମଧ୍ୟ ଆମ ସରକାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ସ୍ୱାଗତଯୋଗ୍ୟ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବର୍ତ୍ତମାନର ଇଣ୍ଟରନେଟ୍ ଯୁଗରେ ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବସା ବାନ୍ଧି ରହିଛି। ଏହାକୁ ଦୂର କରିବା ଏତେ ସହଜ ନୁହେଁ। କିନ୍ତୁ ଏଥିପାଇଁ ଯେ କ୍ଷତି ସହିବାକୁ ପଡେ ଏହା ମଣିଷ ଜାଣିପାରେ ନାହିଁ। ଜଣେ ଏଡ୍‌ସ ଆକ୍ରାନ୍ତ ମହିଳା ହ୍ରଦରେ ବୁଡି ଆତ୍ମହତ୍ୟା କରିବା ପରେ ହ୍ରଦର ସବୁତକ ପାଣି ଶୁଖାଇବା ଉଦ୍ୟମରେ ଅଛନ୍ତି ଗାଁ ଲୋକେ। କାରଣ ଏହି ପାଣି କେହି ବ୍ୟବହାର କଲେ ସେ ହୁଏତ ଏଡ୍‌ସ ଆକ୍ରାନ୍ତ ହୋଇପାରେ। ଏପରି ଏକ ଘଟଣା ଘଟିଛି କର୍ନାଟକର ହୁବ୍‌ଲି ଜିଲାର ମୋରାବ ଗାଁରେ। ଏଡ୍‌ସ ଆକ୍ରାନ୍ତ ମହିଳା ଜଣକ ହ୍ରଦକୁ ଡେଇଁ ଆତ୍ମହତ୍ୟା କରିଥିଲେ। ହ୍ରଦପାଣି ଏଡ୍‌ସ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଗୁଜବ ପ୍ରଚାରିତ ହେବା ପରେ ଗାଁ ଲୋକେ ଆଉ ହ୍ରଦପାଣି ବ୍ୟବହାର କରୁନାହାନ୍ତି। ୩୬ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହ୍ରଦରୁ ପାଣି ଶୁଖାଇବା ପାଇଁ ଶତାଧିକ ପାଣିଉଠା ମୋଟରକୁ କାର୍ଯ୍ୟରେ ଲଗାଯାଇଛି। ଏହି ଖବର ଜିଲା ପ୍ରଶାସନ ପାଖରେ ପହଞ୍ଚିବା ପରେ ଗାଁ ଲୋକଙ୍କୁ ସଚେତନ କରାଯାଉଛି। ତେବେ ଗାଁ ଲୋକେ ଏହା ବୁଝିବାକୁ ନାରାଜ। ଏଡ୍‌ସ ଭୂତାଣୁ ଦ୍ୱାରା ଜଳ ସଂକ୍ରମିତ ହୋଇ ନ ଥାଏ ବୋଲି ଲୋକଙ୍କୁ ପରାମର୍ଶ ଦିଆଗଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ହ୍ରଦରୁ ଅଧାପାଣି କଢ଼ାଯାଇ ସାରିଲାଣି। ନିକଟସ୍ଥ ମାଲାପ୍ରଭା କେନାଲରୁ ପାଣି ଆଣି ଭର୍ତ୍ତି କରିବା ଯୋଜନା କରିଛନ୍ତି ଗାଁ ଲୋକେ। ଏହି ଘଟଣା ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଡିସେମ୍ବର ୧୯୯୩

- ରାଫେଲ କାଇଡେରା ଭେନେଜୁଏଲାର ନୂତନ ରାଷ୍ଟ୍ରପତି ନିଯୁକ୍ତ।
- ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଦିଗ୍‌ବିଜୟ ସିଂଙ୍କ ଶପଥ ଗ୍ରହଣ।



ଜିଲା ଡାଏରୀ
## କଟକ

### ଯଥା ପୂର୍ବ ତଥା ପର

କିଛି ଅଘଟଣା ଘଟିଲେ ସମସ୍ତେ ଚେଇଁ ଉଠନ୍ତି। ମାତ୍ର କିଛିଦିନ କେଇଟା ପରେ ସମସ୍ତେ ତାକୁ ପାସୋରି ପକାନ୍ତି। ନଭେମ୍ବର ୨୦ରେ ମହାନଦୀ ପୋଲରୁ ଏକ ବସ୍ ନଦୀ ଭିତରକୁ ଖସି ପଡ଼ିଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏହାପରେ ଦୁର୍ଘଟଣାକୁ ନେଇ ଖୋଳତାଡ଼ କରାଗଲା। ବିଚାରବିମର୍ଶ ଚାଲିଲା କିପରି ପୁନର୍ବାର ଏଭଳି ଦୁର୍ଘଟଣା ନ ଘଟିବ। କିନ୍ତୁ ଉକ୍ତ ଘଟଣାକୁ ୧୫ ଦିନ ବିତିନି, ପରିସ୍ଥିତି ଯାହାକୁ ସେଇଆ। ପୋଲ ଉପରେ ବସ୍, ଟ୍ରକ୍‌ଗୁଡ଼ିକ ପବନ ବେଗରେ ଯାତାୟାତ କରୁଛନ୍ତି। ଅଥଚ ନଖରାଠାରୁ ଟାଙ୍ଗୀ ପର୍ଯ୍ୟନ୍ତ ବସ୍, ଟ୍ରକ୍ ପାଇଁ ନିର୍ଦ୍ଦିଷ୍ଟ ବେଗ ନିର୍ଦ୍ଧାରଣ କରାଯାଇଛି। କିନ୍ତୁ ନା ଏଥିପ୍ରତି ଡ୍ରାଇଭରମାନେ ସଚେତନ ହେଉଛନ୍ତି ନା ସାଧାରଣ ଲୋକେ ପ୍ରତିବାଦ କରୁଛନ୍ତି। ଅନ୍ୟପଟେ ପ୍ରଶାସନ ଓ ସରକାରଙ୍କ ମନରୁ ନଭେମ୍ବର ୨୦ ଘଟଣା ଲିଭିଯିବାକୁ ବସିଲାଣି। କିନ୍ତୁ ଯେଉଁ ୧୧ ଜଣଙ୍କ ଜୀବନ ଗଲା ସେମାନଙ୍କ ପରିବାର ଆଖିର ଲୁହ ଶୁଖିବା ଏତେ ସହଜ ନୁହେଁ। ଦୁର୍ଘଟଣାକୁ ଦେଖିଥିବା ଲୋକେ ବର୍ତ୍ତମାନର ଗାଡ଼ି ଚଳାଚଳକୁ ଦେଖି କେବଳ ଭଗବାନଙ୍କୁ ଡାକିବା ଛଡ଼ା ସେମାନଙ୍କ ପାଖରେ ଅନ୍ୟ କିଛି ଗତି ନାହିଁ।

- ନିର୍ମଳ ପଣ୍ଡା

# ଛାତ୍ର-ଅଣଛାତ୍ର ଗଣ୍ଡଗୋଳ ନେଇ ଉତ୍ତେଜନା

ଧାମନଗର, ୬।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର କଲେଜରେ ଛାତ୍ର ଓ ଅଣଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣାକୁ ନେଇ ଗୁରୁବାର କଲେଜ କ୍ୟାମ୍ପସ ଅଶାନ୍ତ ରହିଥିଲା। ଛାତ୍ରମାନେ ରାସ୍ତାରେ ଟାୟାର ଜାଳି ପ୍ରାୟ ୩ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ସେଠାରେ ଉତ୍ତେଜନା ସ୍ଥିତି ସୃଷ୍ଟି ହୋଇଥିଲା। ବୁଧବାର କଲେଜ ସମ୍ମୁଖରେ କେତେକ ଛାତ୍ର ଏବଂ ଅଣଛାତ୍ରଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। କଲେଜ ଛାତ୍ରମାନଙ୍କ ତରଫରୁ ଅଧକ୍ଷ ପୁରଞ୍ଜନ ପଣ୍ଡା ଏନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଆଇଆଇସି ବୁଧବାର ରାତିରେ ଉଭୟ ପକ୍ଷଙ୍କୁ ଡାକି ଘଟଣାର ସମାଧାନ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଗୁରୁବାର ପୂର୍ବାହ୍ନରେ କଲେଜ ଖୋଲିବା ସମୟରେ କେତେଜଣ ଛାତ୍ର ଅଧକ୍ଷଙ୍କୁ ଅଣଛାତ୍ରମାନେ କଲେଜ ମଧ୍ୟରେ ପ୍ରବେଶ କରିବା ନେଇ ପଚାରିବା ସହ ଉତ୍ତେଜନା ଦେଖାଦେଇଥିଲା। ଶତାଧିକ ଛାତ୍ର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରୁ କଲେଜ ସମ୍ମୁଖ ଧାମନଗର-ଯାଜପୁର ମୁଖ୍ୟରାସ୍ତାରେ ଟାୟାର ଜାଳି ୩ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଗଣ୍ଡଗୋଳ ଘଟଣାରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ। ଧାମନଗର ଥାନା ଆଇଆଇସି ବନ୍ଦନା ପାତ୍ର ପୋଲିସ ଫୋର୍ସ ନେଇ ଘଟଣାସ୍ଥଳରେ ପହଞ୍ଚି ଛାତ୍ରମାନଙ୍କୁ ବୁଝାସୁଝା କରିବା ପରେ ଅପରାହ୍ନରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ସେ ଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। କଲେଜରେ ଅଣଛାତ୍ର ପ୍ରବେଶ, କଲେଜ ସମ୍ମୁଖ ଗ୍ରାମ୍ୟ ରାସ୍ତାରେ ଯାତାୟାତ ସମୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଥିବାରୁ ସାଧାରଣ ଯାତାୟାତ ଲାଗି ବାଇପାସ୍ ରାସ୍ତା ନିର୍ମାଣ, କଲେଜ ଚାରିପଟେ ପାଚେରି ନିର୍ମାଣ ଆଦି ବିଭିନ୍ନ ଦାବି ସମ୍ପର୍କରେ ଛାତ୍ରମାନେ ଅଧକ୍ଷଙ୍କ ସହ ଆଲୋଚନା କରିଥିଲେ।


ଧାମନଗର-ଯାଜପୁର ମୁଖ୍ୟରାସ୍ତାକୁ କଲେଜ ଛାତ୍ରମାନେ ଅବରୋଧ କରିଛନ୍ତି।

- ଧାମନଗର କଲେଜ କ୍ୟାମ୍ପସ ଅଶାନ୍ତ
- ୩ ଘଣ୍ଟା ଧରି ରାସ୍ତା ଅବରୋଧ

## ସଂକ୍ଷେପରେ

### ବିଦ୍ୟାଳୟରେ ତାଲା: ଆସିଲେନି ଛାତ୍ରଛାତ୍ରୀ

ଧାମନଗର, ୬।୧୨ (ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖଡ଼ିପଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର ଦାବିରେ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକମାନେ ବୁଧବାର ରାସ୍ତାରୋକୋ କରିଥିଲେ। ଏଥିସହ ବିଦ୍ୟାଳୟ ଅଫିସ ଏବଂ ଶ୍ରେଣୀଗୃହରେ ତାଲା ପକାଇ ଦିଆଯାଇଛି। ଗୁରୁବାର ବିଦ୍ୟାଳୟରେ ତାଲା ପଡ଼ିଥିବାବେଳେ କୌଣସି ଛାତ୍ରଛାତ୍ରୀ ଆସି ନ ଥିଲେ। ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟ ବାହାରେ ବସିରହି ଫେରି ଯାଉଥିବା ଦେଖାଯାଇଥିଲା। ସ୍ଥାନୀୟ ଲୋକେ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି ୩ଦିନ ମଧ୍ୟରେ ପ୍ରଧାନଶିକ୍ଷକଙ୍କ ନିଲମ୍ବନ ପ୍ରତ୍ୟାହାର ଲାଗି ଦାବି କରିଛନ୍ତି।

### ୧୧ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

ବାସୁଦେବପୁର, ୬।୧୨(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ଏବି କଲେଜ ପରିସରରେ ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ନିଯୁକ୍ତି ମେଳା ପାଇଁ ସଚେତନତା କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସ୍ୱୟଂଶାସିତ କଲେଜ ପରିସରରେ ଆସନ୍ତା ୧୧ ତାରିଖରେ ଜିଲାସ୍ତରୀୟ ନିଯୁକ୍ତି ମେଳା ହେବାକୁ ଥିବାବେଳେ ଏଥିରେ ଅଧିକରୁ ଅଧିକ ଛାତ୍ରୀଛାତ୍ର, ଯୁବତୀ ଯୁବକ ନାମ ପଞ୍ଜୀକରଣ କରିବାକୁ ଏହି କର୍ମଶାଳାରେ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଜିଲା ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ମନୋରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏବି କଲେଜ ଛାତ୍ରୀଛାତ୍ର କର୍ମଶାଳାରେ ଯୋଗ ଦେଇଥିଲେ।

### ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ

ଚାନ୍ଦବାଲି, ୬।୧୨ (ଡି.ଏନ.ଏ.): ସର୍ବଭାରତୀୟ ସମତା ସୈନିକ ଦଳର ଚାନ୍ଦବାଲି ଶାଖା ପକ୍ଷରୁ ସ୍ଥାନୀୟ ଦୁର୍ଗା ମଣ୍ଡପରେ ସମ୍ବିଧାନ ପ୍ରଣେତା ଡ. ବି. ଆର୍ ଆମ୍ବେଦକରଙ୍କ ୬୩ତମ ମହାପ୍ରୟାଣ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଆୟୋଜିତ ସାଧାରଣ ସଭାରେ ଦଳର ବ୍ଲକ ଶାଖା ସଭାପତି ଗୟାଧର ଦାସ ଅଧକ୍ଷତା କରିଥିଲେ। ଭଦ୍ରକ ଜିଲା ସଭାପତି ପ୍ରଦୀପ ଦାସଙ୍କ ସମେତ ମହେଶ୍ୱର ଦାସ, ମିଲନ ଦାସ, ଜୟୀରାମ ଦାସ, ପ୍ରଫୁଲ୍ଲ ଦାସ, ପବିତ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଏବି କଲେଜରେ ଉଚ୍ଚଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ

ବାସୁଦେବପୁର, ୬।୧୨ (ଡି.ଏନ.ଏ.)

ଉଚ୍ଚଶିକ୍ଷା ବିଭାଗର ବାଲେଶ୍ୱର ଜୋନ୍ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ସାତାଂଶୁ ସାମଲ ଓ ଜିଲା ଶିକ୍ଷା ସଂଯୋଜକ ଡ. ହରେକୃଷ୍ଣ ନାୟକ ଗୁରୁବାର ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ(ଏବି) କଲେଜରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଦୁଇ ଅଧିକାରୀ କଲେଜ ଅଧକ୍ଷ ଡ. ମନୋରଞ୍ଜନ ମିଶ୍ରଙ୍କଠାରୁ ସାମୂହିକ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀଙ୍କ ମତ ମଧ୍ୟ ସଂଗ୍ରହ କରିଥିଲେ। ଉଲ୍ଲେଖନୀୟ ଯେ, ଗତ କିଛିଦିନ ଧରି ଏହି କଲେଜରେ ଅଧକ୍ଷଙ୍କ ସହ କେତେକ ଅଧ୍ୟାପକ, କର୍ମଚାରୀଙ୍କ ମତପାର୍ଥକ୍ୟ ଦେଖାଦେଇଥିବା ବେଳେ ଏହା ଶୈକ୍ଷିକ ବାତାବରଣକୁ ପ୍ରଭାବିତ କରିଥିଲା। ଅଧକ୍ଷ ଓ କର୍ମଚାରୀ, ଅଧ୍ୟାପକଙ୍କ ମଧ୍ୟରେ ତିକ୍ତତା ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା।

## କ୍ରିକେଟ ଟୁର୍ନାମେଣ୍ଟ: ଷାଠିବାଙ୍କୁଡ଼ା ରାଇଜିଂ ଷ୍ଟାରକୁ ଟ୍ରଫି


ବିଜୟୀ ଟିମ୍ ଟ୍ରଫି ଗ୍ରହଣ କରୁଛନ୍ତି।

ଆରଡ଼ି, ୬।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡ଼ି ସନ୍ନିକଟ କୁଳେଇପଦା ଖେଳପଡ଼ିଆରେ ଦୁଇଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଥିଲା ଫାଇନାଲ ମ୍ୟାଚ୍। କେ.କେ. ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୧୬ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଷାଠିବାଙ୍କୁଡାର ରାଇଜିଂଷ୍ଟାର ଟିମ୍ ବିଜୟୀ ହୋଇଛି। ମଙ୍ଗଳପୁର ଯୁବା ୱାରିୟର୍ସ ଓ ରାଇଜିଂଷ୍ଟାର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ରାଇଜିଂଷ୍ଟାର ୪୦ ରନ୍ ସଂଗ୍ରହ କରିଥିଲା। ୪୧ ରନ୍ ବିଜୟ ଲକ୍ଷ୍ୟରେ ମଙ୍ଗଳପୁର ୧୭ ରନ୍‌ରେ ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା। ପରେ କ୍ଲବର ବରିଷ୍ଠ ସଭ୍ୟ ଅମରେନ୍ଦ୍ର ବିଶ୍ୱାଳଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। କ୍ରିକେଟର ଜୟନ୍ତ ନାୟକ ଶୁଭମ ନାୟକଙ୍କୁ ‘ମ୍ୟାନ ଅଫ୍ ଦି ସିରିଜ୍’ ଟ୍ରଫି ପ୍ରଦାନ କରିଥିଲେ। ସାମାଜିକ କର୍ମୀ ଦୀପ୍ତିରଞ୍ଜନ ନାୟକ ମଙ୍ଗଳପୁର ଟିମ୍‌କୁ ରନର୍ସଅପ୍ ଓ ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ ରାଇଜିଂଷ୍ଟାରକୁ ଉଇନର ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ତରଫରୁ ସଞ୍ଜୟ ବାରିକ ଓ ସ୍ମୃତିରଞ୍ଜନ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ଅମରେନ୍ଦ୍ର ବିଶ୍ୱାଳ, ଜ୍ୟୋତିପ୍ରକାଶ ବିଶ୍ୱାଳ, ଦିଲୀପ ଶେଖର ନାୟକ, ଆକାଶ ନାୟକ, ଭବାନୀ ଶଙ୍କର ନାୟକ, ସୁବ୍ରତ ନାୟକ, ଜୀବନ ବିଶ୍ୱାଳ ପ୍ରମୁଖ ସହାୟତା କରିଥିଲେ।

## ନୂଆ ଓଡ଼ିଶା ଗଠନ ନେଇ ପରାମର୍ଶ ସଂଗ୍ରହ

ଭଣ୍ଡାରିପୋଖରୀ, ୬।୧୨ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ରଣଜିତ ପଞ୍ଚାୟତ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପାର ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ମଞ୍ଜୁରିସ୍ଥିତ ବଳଦେବଜୀଉ ମନ୍ଦିରରେ ପୂଜାର୍ଚ୍ଚନା କରି ପଦଯାତ୍ରା ଆରମ୍ଭ କରିଥିଲେ। ସେମାନେ ପଦଯାତ୍ରାରେ ଯାଇ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ନୂଆ ଭାରତରେ ନୂଆ ଓଡ଼ିଶା ଗଠନ ନେଇ ଲୋକଙ୍କଠାରୁ ଲିଖିତ ପରାମର୍ଶ ସଂଗ୍ରହ କରିଥିଲେ। ଏହି ଅବସରରେ ଲୋକଙ୍କୁ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଅବଗତ କରିବା ପାଇଁ ଜନ ପରାମର୍ଶ ରଥ ଗାଁ ଦାଣ୍ଡରେ ବୁଲିବା ସହ ଗ୍ରାମର ବିଭିନ୍ନ ଛକରେ ଏଲ୍ଇଡି ମାଧ୍ୟମରେ ସଚେତନ କରାଯାଇଥିଲା। ବରିଷ୍ଠ ନେତା ନିର୍ମଳ କର, ସତ୍ୟବ୍ରତ ଦାସ, ବିବେକାନନ୍ଦ ସାହୁ, ତପସ୍ୱିନୀ ମହାପାତ୍ର, ଜୟସ୍ମିତା ଗୋଚ୍ଛାୟତ, ରୁକ୍ମିଣୀ ଦାସ, ପ୍ରେମଲତା କର, ଶିବାନନ୍ଦ ସାହୁ, ନଟବର ଜେନା, ଲଳିତ ନାୟକ ପ୍ରମୁଖ ଘର ଘର ବୁଲି ଲୋକଙ୍କଠାରୁ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ପଚାରି ବୁଝିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ପ୍ରଚାରପତ୍ର ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ପ୍ରମୁଖ ରତ୍ନାକର ରାଉତ, କଳାକାର ରଣା, ଲାଲମୋହନ ବାରିକ, ଶିବପ୍ରସାଦ ମଲିକ, ଚୁନି ବେହେରା, ସୁଶାନ୍ତ ମହାପାତ୍ର, ଶ୍ରୀକାନ୍ତ ଜେନା ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ।

## ‘ହୋମଗାର୍ଡ ସେବା ମନୋବୃତ୍ତି ରଖନ୍ତୁ’


ହୋମଗାର୍ଡ ଦିବସରେ ଅନୁଷ୍ଠିତ ପରେଡ।

ଭଦ୍ରକ ଅଫିସ, ୬।୧୨

ଭଦ୍ରକ ଜିଲା ଚରମ୍ପା ରିଜର୍ଭ ପୋଲିସ ପଡ଼ିଆରେ ଗୁରୁବାର ୫୬ତମ ହୋମଗାର୍ଡ ଦିବସ ପାଳିତ ହୋଇଯାଇଛି। ହୋମଗାର୍ଡ ମୁଖ୍ୟ ବରୁଣ ମିତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରେଡରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଆରକ୍ଷୀ ଅଧୀକ୍ଷକ ପଣ୍ଡିତ ଅଭିଭାଷଣରେ ହୋମଗାର୍ଡମାନେ ସେବା ମନୋବୃତ୍ତି ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏସ୍‌ଡିପିଓ ଜଳନ୍ଧର ଜାଲିଙ୍କ ସମେତ ବିଭିନ୍ନ ଥାନାଧିକାରୀ ଉପସ୍ଥିତ ଥିଲେ।

## ଚାକିରି କରାଇଦେବା ନାଁରେ ଠକେଇ

ରାଜନଗର, ୬।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମରା ବନ୍ଦରରେ ଚାକିରି କରାଇଦେବା ନାଁରେ ପ୍ରାୟ ୧୨ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ହୋଇଛି। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ। ଏ ନେଇ ଯୁବକମାନେ ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ବୁଧବାର ବିଳମ୍ବିତ ରାତିରେ ଭଦ୍ରକ ଟାଉନରୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରାଜନଗର ଥାନା ଅନ୍ତର୍ଗତ ସାନବଡ଼ଗୋପାଳପୁର ପଞ୍ଚାୟତ ଜଗନ୍ନାଥପୁର ଗାଁର ମଳୟ କୁମାର ବଳ। ଏନେଇ ଥାନାରେ ଏକ ମାମଲା (ନଂ.୧୯୭/୨୦୧୮) ରୁଜୁ କରାଯାଇ ମଳୟଙ୍କୁ ଜେରା କରାଯାଉଛି।


### ଦଲିଲ୍ ହଜିଛି

ମୁଁ ଶ୍ରୀମତୀ ସୁଜାତା ସୁବୁଦ୍ଧି, ସ୍ୱାମୀ- ବି. ଅନନ୍ତ ପଦ୍ମନାଭ ସୁବୁଦ୍ଧି, ପେସା: ବ୍ୟବସାୟ, ବର୍ତ୍ତମାନ ବାସିନ୍ଦା: ରସୁଲଗଡ଼, ପୋଷ୍ଟ- ମଞ୍ଚେଶ୍ୱର, ଥାନା- ଶହୀଦନଗର, ଜିଲ୍ଲା- ଖୋର୍ଦ୍ଧା ମୋର ଜମି କାଗଜପତ୍ର ଅର୍ଥାତ୍ ମୋ ସପକ୍ଷରେ ସର୍ବେଶ୍ୱର ରାଉତଙ୍କ ଦ୍ୱାରା ସ୍ୱାକ୍ଷରିତ “ପଞ୍ଜୀକୃତ ବିକ୍ରି କବଲା” ସଂଖ୍ୟା- ୮୧୫୧, ତାରିଖ: ୦୮।୧୧।୧୯୭୬ ଏବଂ ରାଜେନ୍ଦ୍ର କୁମାର ପାତ୍ରଙ୍କ ନାମରେ ଥିବା ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ “ଅଧିକାରର ଅଭିଲେଖ” ଖାତା ସଂଖ୍ୟା- ୩୧୪, ପ୍ଲଟ୍ ନଂ.- ୫୩୨/୧୦୨୬ ହଜିଯାଇଛି।
ଏହି ଦୁଇଟି ଦଲିଲ୍ ମୋ ଜମି ଏସିଓ-୧୪୨ ଏ/ସି ମୌଜା:- ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ପାଇଁ ଅଟେ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍ ପାଇଥାନ୍ତି ତେବେ ଦୟାକରି ମୋବାଇଲ ନଂ.- 8249447728ରେ ସୂଚିତ କରନ୍ତୁ। କଥିତ ଦଲିଲ୍‌ର ଅପବ୍ୟବହାର ପାଇଁ ମୁଁ ଦାୟୀ ରହିବି ନାହିଁ ।




CLASSIFIED DISPLAY










### ସିଣ୍ଡିକେଟ୍ ବ୍ୟାଙ୍କ

SyndicateBank — ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ ସିଣ୍ଡିକେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ “ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହାଅଛି ଭିତ୍ତିରେ” ଇ-ନିଲାମ କରାଯିବ।

| ଶାଖା / ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ମୋଟ ବକେୟା/ ଡିମାଣ୍ଡ ନୋଟିସ୍/ ଦଖଲ ତାରିଖ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| ପୁରୀ ଶାଖା / ରଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ସାହୁ, ସ୍ୱାମୀ: ଯଯାତି କେଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା / ଗ୍ୟାରେଣ୍ଟିଦାତା: ରଶ୍ମିତା କୁମାରୀ ଆଚାର୍ଯ୍ୟ, ପିତା: ଯଯାତି କଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ଖାତା ନଂ.: ୧୬୫/୭୯୩, ହାଲ୍ ଖାତା ନଂ.: ୧୬୫/୧୨୧୦, ସାବକ ପ୍ଲଟ୍ ନଂ.: ୧୬୯/୧୫୪୯, ହାଲ୍ ପ୍ଲଟ୍ ନଂ.: ୧୭୧/୨୦୧୦, ୧୬୯/୨୦୧୧, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୩, ଏସ୍ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୬, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୪, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୨ । | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୮୩୭/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| ପୁରୀ ଶାଖା / ରଣଗ୍ରହୀତା: ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟ, ପିତା: ଯଯାତି କେଶରୀ ଆଚାର୍ଯ୍ୟ, ମାର୍ଫତ: ହୋଟେଲ୍ ସୁକନ୍ୟା, ସା/ପୋ.: ଚକ୍ରତୀର୍ଥ ରୋଡ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / ଗ୍ୟାରେଣ୍ଟିଦାତା: ଶ୍ରୀ ତପନ କୁମାରୀ ପାଣିଗ୍ରାହୀ, ପିତା: ଶ୍ରୀଧର ପାଣିଗ୍ରାହୀ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୨/୧୨୦୨, ପ୍ଲଟ୍ ନଂ.: ୧୬୯/୨୦୦୨, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୨, ଏସ୍ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୭, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୩, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୧ । | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୯୯୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| ପୁରୀ ଶାଖା / ରଣଗ୍ରହୀତା: ଶ୍ରୀ ଦୁଲ୍ଲାଲ ରାୟ, ପିତା: ଚିତ୍ତରଞ୍ଜନ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଷଷ୍ଠୀ ରାୟ, ସ୍ୱାମୀ: ଶ୍ରୀ ଦୁଲ୍ଲାଲ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା | ଶ୍ରୀ ଦୁଲ୍ଲାଲ ରାୟଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨, ପ୍ଲଟ୍ ନଂ.: ୧୯୮, ମୌଜା: ଭାରଥୀପୁର, ଏସ୍ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୯୮ (ବିକ୍ରେତାର ଅଂଶ), ଉତ୍ତର: ବସ୍ତି ପ୍ଲଟ୍ ନଂ.: ଡି-୧, ଡି-ବିକ୍ରେତା, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ଡି-୧, ବି-ଶକୁନ୍ତଳା ମିଶ୍ର । | ଟ.୧୦,୩୫,୦୦୦/- / ଟ.୧,୦୩,୫୦୦/- / ଟ.୧୦,୦୦୦/- | ଟ.୧୬,୭୧,୮୨୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| ପୋଡାଡିହ ଶାଖା / ରଣଗ୍ରହୀତା: ମେସର୍ସ ସୀତା ସର୍ଭିସ୍ ଷ୍ଟେସନ, ସ୍ୱତ୍ୱାଧିକାରୀ : ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ, ସା./ପୋ.: ପାଟପୁର, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ ସମ୍ପତ୍ତିର ମାଲିକ: ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ / ଗ୍ୟାରେଣ୍ଟିଦାତା: ଜସ୍ମୀ ମାଝି, ସା.: ଅଦାପାଳ, ପୋ.: କୁଆଁଳିଆ, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ ଶ୍ରୀ ରବିନ୍ଦ୍ର ନାଥ ଦାସ, ସା: ଦୂତୀକାଦେଇପୁର, ପୋ.: ଭୀମହାତୀ, ଭାୟ : ଉଦଳା, ଜିଲ୍ଲା : ମୟୂରଭଞ୍ଜ | ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଟପୁର, ଖାତା ନଂ.: ୧୯, ପ୍ଲଟ୍ ନଂ.: ୩୪୫, କ୍ଷେତ୍ର: ଏକର ୦.୧୯ ଡ଼ିସିମିଲି, କିସମ: ଘରବାରୀ, ପୋ.: ପୋଡାଡିହ, ତହସିଲ: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ଜମି (ପ୍ଲଟ୍ ନଂ.: ୩୪୪), ପଶ୍ଚିମ: ପିଡବ୍ଲୁଡି ରୋଡ୍, ଉତ୍ତର: ସରକାରୀ ଜମି (ପ୍ଲଟ୍ ନଂ.: ୩୦୨), ଦକ୍ଷିଣ: ନିଜସ୍ୱ ଜମି (ପ୍ଲଟ୍ ନଂ.: ୩୪୬) | ଟ.୨୪,୭୫,୦୦୦/- / ଟ.୨,୪୭,୫୦୦/- / ଟ.୧୦,୦୦୦/- | ଟ.୬୮,୮୫,୦୫୫/- / ୩୧.୦୧.୨୦୧୨ / ୧୩.୦୯.୨୦୧୨ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |

ନିୟମ ଓ ସର୍ତ୍ତାବଳୀ :

୧) ଇ-ନିଲାମ “ଯେଉଁଠାରେ ଯେପରି ଅଛି”, “ଯାହା ଯେପରି ଅଛି” ଏବଂ “ସେଠାରେ ଯାହାଅଛି ଭିତ୍ତିରେ” ସମ୍ପନ୍ନ ହେବ ।
୨) ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୬.୧୨.୨୦୧୮ରିଖ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ । ଇ-ନିଲାମ ତାରିଖ ଓ ସମୟ: ତା.୨୯.୧୨.୨୦୧୮ରିଖ ପୂର୍ବାହ୍ନ ୧୦.୦୦ ରୁ ମଧ୍ୟାହ୍ନ ୧୨.୦୦ ଘଟିକା।
୩) ଇଚ୍ଛୁକ ନିଲାମଧାରୀମାନେ ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ ସିଣ୍ଡିକେଟ୍ ବ୍ୟାଙ୍କ (ସମ୍ପୃକ୍ତ ରଣଗ୍ରହୀତା) ସପକ୍ଷରେ ଅମାନତ ଜମା ରାଶି ରୂପେ ଡ଼ିମାଣ୍ଡ ଡ୍ରାଫ୍ଟ ଡ୍ର କରି ପୈଠ କରିପାରିବେ।
୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ସମ୍ପତ୍ତିର କୌଣସି ଏନ୍‌କମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ନିଜେ ସମ୍ପତ୍ତିର ମାଲିକାନା, ଏନ୍‌କମ୍ବ୍ରାନ୍‌ସେସ୍ ବିଷୟରେ ଅନୁସନ୍ଧାନ କରି ଏବଂ ସମ୍ପତ୍ତି ତନଖି କରି ନିଜେ ସନ୍ତୁଷ୍ଟ ହେବା ଉଚିତ । ସମ୍ପତ୍ତି ତା.୨୦.୧୨.୨୦୧୮ ଏବଂ ୨୧.୧୨.୨୦୧୮ରିଖ ଅପରାହ୍ନ ୨.୦୦ଘଟିକା ରୁ ୪.୦୦ଘଟିକା ମଧ୍ୟରେ ତନଖି କରିପାରିବେ।
୫) ଅମାନତ ରାଶି ଦାଖଲ କରିଥିବା ଇଚ୍ଛୁକ ନିଲାମଧାରୀମାନେ ଲଗ୍‌ଇନ୍ ଆଇଡି, ପାସ୍‌ୱାର୍ଡ, ଡାଟା ଅପଲୋଡ କରିବା, ବିଡ୍ ଦାଖଲ କରିବା, ଇ-ନିଲାମ ତାଲିମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଇତ୍ୟାଦି ବିଷୟରେ ସହାୟତା ନିମନ୍ତେ ଇ-ନିଲାମ ତାରିଖ ପୂର୍ବରୁ M/s. e-Procurement Technologies Limited, (Auctiontiger) Ahmedabad ଙ୍କ ସହ ଯୋଗାଯୋଗ କରିପାରନ୍ତି । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ https://syndicatebank.auctiontiger.net ରେ ପଞ୍ଜିକରଣ କରି ୟୁଜର ଆଇଡି, ପାସ୍‌ୱାର୍ଡ ଏବଂ ଇ-ନିଲାମ ତାଲିମ M/s. e-procurement Technologies Ltd. (Auctiontiger) Ahmedabad ରୁ ମାଗଣାରେ ପାଇପାରିବେ: ହେଲ୍ପଲାଇନ୍ ନଂ.: ଶ୍ରୀ ରାମ ଶର୍ମା, ମୋ.: ୦୮୦୦୦୦୨୩୨୯୭, ରାକେଶ, ମୋ.: ୦୯୯୩୭୨୨୦୩୧୯, ଟେଲିଫୋନ୍: ୦୭୯-୪୦୨୩୦୮୧୧/୮୧୨/୮୧୦, ଶ୍ରୀ ରିକିନ୍, ମୋ.: ୦୯୯୭୮୫୯୧୮୮୮, E-mail ID: orissa@auctiontiger.net, rikin@auctiontiger.net & support@auctiontiger.net ଏବଂ ସମ୍ପତ୍ତି ବିଷୟରେ ଅନୁସନ୍ଧାନ ନିମନ୍ତେ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଉପର ଦର୍ଶିତ ଆକାଉଣ୍ଟରେ ଦର୍ଶାଯାଇଥିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: ୯୪୩୭୪୬୩୧୩୩ ଏବଂ ୯୪୩୭୫୭୯୫୩୧ ରେ ଯୋଗାଯୋଗ କରନ୍ତୁ: E-mail id: ro.bhubaneswar@syndicatebank.co.in
୬) ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ୱେବସାଇଟ୍ https://syndicatebank.auctiontiger.net ଦେଖନ୍ତୁ।
୭) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବ ଏବ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ପରେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ ୭୫% ରାଶି ବିକ୍ରୟର ୧୫ ଦିନ ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀଙ୍କ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ ।
୮) କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ, ତାହା ବହନ କରିବେ ।
୯) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।
୧୦)ସଫଳ ନିଲାମଧାରୀ/କ୍ରେତା ଆୟକର ଆଇନ ୧୯୬୧ର ଧାରା 194 IA ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ 26QB ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦ ବ୍ୟାଙ୍କରେ ଜମା କରିବେ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୨.୨୦୧୮

କ୍ଷମତାପ୍ରାପ୍ତ ଅଧିକାରୀ, ସିଣ୍ଡିକେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ



**ଭଣ୍ଡାରିପୋଖରୀ, ୬।୧୨ :** (ଡି.ଏନ.ଏ.)- ଭଦ୍ରକ ଜିଲା ମଞ୍ଜୁରିରୋଡ ବଜାରଠାରେ ଥିବା ଆକ୍ସିସ ବ୍ୟାଙ୍କ ଏଟିଏମ୍ କାଉଣ୍ଟର ମେଶିନକୁ ବୁଧବାର ବିଳମ୍ବିତ ରାତିରେ ଚୋରମାନେ ଭାଙ୍ଗି ଲୁଟ କରିବା ପାଇଁ ଉଦ୍ୟମ କରିଥିଲେ। ଏଟିଏମ ଭାଙ୍ଗିଥିଲେ ମଧ ସେଥିରୁ ଟଙ୍କା ନେଇପାରି ନାହାନ୍ତି। ତେବେ ଏଟିଏମ୍ ମେଶିନ କଭର ଭାଙ୍ଗିଦେଇଥିବା ବେଳେ ସିସିଟିଭିରେ ଗୋବର ନେସି ଦେଇଥିଲେ। ଏନେଇ କର୍ତ୍ତୃପକ୍ଷ କର୍ମଚାରୀ ଦେଖିଥିଲେ ମଧ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମଞ୍ଜୁରିରୋଡ ଫାଣ୍ଡିରେ କୌଣସି ଅଭିଯୋଗ କରି ନ ଥିବା ଫାଣ୍ଡି ଏଏସଆଇ ହୃଷିକେଶ ନାୟକ ପ୍ରକାଶ କରିଛନ୍ତି। ମଞ୍ଜୁରିରୋଡ ବଜାରରେ ଫାଣ୍ଡି ଥିଲେ ମଧ ପାଟ୍ରୋଲିଂ ଅଭାବରୁ ଏଭଳି ଘଟଣା ଘଟୁଥିବା ବ୍ୟବସାୟୀ ମାନେ ପ୍ରକାଶ କରିଛନ୍ତି। ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡି କରିବାକୁ ସାଧାରଣରେ ବ୍ୟବସାୟୀ ମାନେ ଦାବି କରିଛନ୍ତି।

### ବାଲି ବୋଝେଇ ଟ୍ରାକ୍ଟରରୁ ଜରିମାନା ଆଦାୟ

ଭଣ୍ଡାରିପୋଖରୀ, ୬।୧୨(ଡି.ଏନ.ଏ)- ଭଣ୍ଡାରିପୋଖରୀ ତହସିଲ ଅଧୀନ ଷୋଳମପୁର ପଞ୍ଚାୟତର ମୁଡ଼ାପଦା, ଦାଣ୍ଡକୂଳ, ମଣିନାଥପୁର ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ଖୁଲମଖୁଲା ଚୋରାରେ ବାଲି ଉତ୍ତୋଳନ କରାଯାଉଛି। ଦୈନନ୍ଦିନ ଶହ ଶହ ଟ୍ରିପ ବାଲି ଟ୍ରକ, ଟ୍ରାକ୍ଟର ଯୋଗେ ଯାଜପୁର ଜିଲା, ଧାମନଗର ଅଞ୍ଚଳ ଓ ଭଣ୍ଡାରିପୋଖରୀ ଅଞ୍ଚଳକୁ ପରିବହନ କରାଯାଉଛି । ଗୁରୁବାର ଭଣ୍ଡାରିପୋଖରୀ ତହସିଲଦାର ପ୍ରଣୟ କୁମାର ଜେନା ମଣିନାଥପୁର ବଲ୍ଲଭିଘାଟ ସେତୁ ଉପରୁ ୨ ଟି ବାଲି ବୋଝେଇ ଟ୍ରାକ୍ଟରକୁ ଧରିଥିଲେ। ଟ୍ରାକ୍ଟର ଦୁଇଟି ବାଲି ଉଠାଇ ଯାଜପୁର ଜିଲାକୁ ଯାଉଥିବା ବେଳେ ତହସିଲଦାର ଧରି ବିରୋଲି ଆର୍‌ଆଇଙ୍କ ଜିମାରେ ଦେଇଥିଲେ। ଟ୍ରାକ୍ଟର ପିଛା ୧୦ ହଜାର ୧୦୫ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇ ଛଡ଼ାଯାଇଥିବା ଆର୍‌ଆଇ ଦିବ୍ୟରଞ୍ଜନ ଧଳ ସୂଚନା ଦେଇଛନ୍ତି।

# ବିନା ଡାକ୍ତରରେ ଚାଲିଛି ଧୂଷୁରୀ ଏରିଆ ହସ୍ପିଟାଲ

**ସଚେତନ ନାଗରିକ ସଂଘର ଆନ୍ଦୋଳନ ଚେତାବନୀ**

**ଧାମନଗର, ୬।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଏରିଆ ହସ୍ପିଟାଲରେ ଡାକ୍ତର ପଦବୀ ଖାଲିପଡ଼ିଥିବା ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ହସ୍ପିଟାଲଲେ ଦୀର୍ଘଦିନ ହେବ ସ୍ଥାୟୀ ଡାକ୍ତର ନାହାନ୍ତି। ଜଣେ ଡାକ୍ତରଙ୍କୁ ଡେପୁଟେସନରେ ଅଣାଯାଇ ୩ ବର୍ଷ ଧରି ରୋଗୀସେବା କରାଯାଇଥିଲା। ହେଲେ ୮ ଦିନ ହେବ ଜନୈକ ଡାକ୍ତରଙ୍କୁ ଭୁବନେଶ୍ୱରକୁ ନିଆଯାଇଛି। ଗୋଟିଏ ଏରିଆ ହସ୍ପିଟାଲରେ ୨ଜଣ ଏମ୍‌ବିବିଏସ୍ ଡାକ୍ତର ଆବଶ୍ୟକ ସ୍ଥଳେ ଆଦୌ ଡାକ୍ତର ନ ଥିବା, ୨ ଫାର୍ମାସିଷ୍ଟ ଏବଂ ନିରାମୟ ଯୋଜନା ପାଇଁ ଜଣେ ଫାର୍ମାସିଷ୍ଟ ରହିବା କଥା। ୩ ଫାର୍ମାଶିଷ୍ଟ ଆବଶ୍ୟକ ସ୍ଥଳେ ଜଣଙ୍କୁ ୨୪ ଘଣ୍ଟିଆ ଡ୍ୟୁଟି ଦିଆଯିବା, ୫ ଷ୍ଟାଫନର୍ସ ସ୍ଥଳେ ୩ ଜଣ ରହିବା, ୫ ଚତୁର୍ଥ ଶ୍ରେଣୀ କର୍ମଚାରୀ ଆବଶ୍ୟକ ଥିବାବେଳେ ୨ ଏବଂ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏଠାରେ ରୋଗୀସେବା ଚାଲିଛି। ସେହିପରି ପାଚେରି ନ ଥିବା ଯୋଗୁ ଡାକ୍ତରଖାନା ଅସୁରକ୍ଷିତ ହୋଇପଡ଼ିଛି। କ୍ୱାର୍ଟର୍ସ ନ ଥିବାରୁ ଡାକ୍ତର ଏବଂ ଷ୍ଟାଫମାନେ ହଇରାଣ ହେବା, ଡାକ୍ତରଖାନା ଜମି ବିବାଦ, ଡାକ୍ତର ଏବଂ ଆବଶ୍ୟକ କର୍ମଚାରୀ ନ ଥିବା ନେଇ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଡାକ୍ତରଖାନା ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସଚେତନ ନାଗରିକ ସଂଘର ଚତୁର୍ଭୁଜ ନାୟକ, ନୃସିଂହ ତରାଇ, ସୁରେନ୍ଦ୍ର ମିଶ୍ର, ଶାନ୍ତିଲତା ତରାଇ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

**ପଦ୍ମପୁର, ୬।୧୨(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଠାରେ ବିଜୁ ଯୁବବାହିନୀ ତରଫରୁ ବରିଷ୍ଠ ନାଗରିକ ଏବଂ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବଂଶୀଧର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ବୀରକିଶୋର ପାଣିଗ୍ରାହୀ, ଅତିଥି ଭାବେ ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ କୁମାର ନାୟକ, ଜିଲା ବିଜେଡି ଉପସଭାପତି ଦେବଦର୍ଶନ ଦାସ, ଜିଲା ପରିଷଦ ସଭ୍ୟ ଉମେଶ ଚନ୍ଦ୍ର ମିଶ୍ର, ସମିତିସଭ୍ୟା ସ୍ନେହଲତା ପରିଡା, କରଞ୍ଜଆଡିଆ ସରପଞ୍ଚଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ ନାଗରିକ ଓ ପ୍ରତିଭାଙ୍କୁ ଯୁବବାହିନୀ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆତଙ୍କ ପଡ଼ିଲେ ହରିଙ୍କି ଭଜ**
**ଆତଙ୍କ ସରିଲେ ସଙ୍ଗିନୀ ଖୋଜ ।**

ବିପଦରେ ପଡ଼ିଥିବାବେଳେ ଏଥିରୁ ବର୍ତ୍ତିବା ନିମନ୍ତେ କେତେଜଣ ବ୍ୟକ୍ତି ଭଗବାନଙ୍କ ପାଖରେ ମାନସିକ ଯାଚିଥାନ୍ତି। ବିପଦ ଟଳିଗଲା ପରେ ସେମାନେ କିନ୍ତୁ ଏଥିପ୍ରତି ଧ୍ୟାନ ଦେଇ ନ ଥାନ୍ତି। ବିପଦ ବେଳେ ଭଗବାନଙ୍କ ପାଖରେ ଅଧିଆ ପଡ଼ିଥିବା ବ୍ୟକ୍ତି ପରମୁହୂର୍ତ୍ତରେ ସେସବୁ ପାସୋରି ଦେଇ ଚିରାଚରିତ ଅନ୍ୟାୟ ଅନୀତି ବାଟ ଆପଣେଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆପଣା ହୋଇ କହେ କଥା**
**ଗୁଞ୍ଜି ମାରି କାଟେ ମଥା ।**

ଆପଣାର ଭାବ ଦେଖାଇ ମୁହଁ ସାମ୍ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ। ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। ମୁହଁରେ ହସ ପେଟରେ ବିଷ ଭଳି ଉପରେ ଆପଣାର ଭାବ ଦେଖାଇ ଏଭଳି ବିଶ୍ୱାସଘାତକ ବ୍ୟକ୍ତିଙ୍କ ପ୍ରତି ଏପରି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ

ଭଣ୍ଡାରିପୋଖରୀ, ୬।୧୨ (ଡି.ଏନ.ଏ./ସ୍ୱ.ପ୍ର.) – ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରାଯାଇଛି। ଦକ୍ଷିଣବାଡ଼ ପଞ୍ଚାୟତର କହରାପୋଖରୀ ଓ ବର୍ଯ୍ୟାଁବନାପୁର ମିଶନ ଶକ୍ତି ସଭାଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ତୋରତଠାରେ ଅଙ୍ଗନୱାଡି ଗୃହ ଉଦ୍‌ଘାଟନ, ରଣଜିତ ପଞ୍ଚାୟତ ମଞ୍ଜୁରି ସେବାଶ୍ରମ ସ୍କୁଲର ଶ୍ରେଣୀଗୃହ ଓ ରୋଷେଇଶାଳ ଉଦ୍‌ଘାଟନ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରାବାସ ଉଦ୍‌ଘାଟନ ହୋଇଥିଲା। ଏଥିପାଇଁ ୭୯ ଲକ୍ଷ ୨୨ ହଜାର ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଛି। କହରାପୋଖରୀ ଓ ବର୍ଯ୍ୟାଁବନାପୁର ଗାଁରେ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଞ୍ଜୁରି ସେବାଶ୍ରମ ବିଦ୍ୟାଳୟ ପରିସରରେ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି ଅର୍ଜୁନ ଚରଣ ସେଠୀ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ବିଡିଓ ବନମାଳୀ ତରେଇ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ନାୟକ, ଜିଲା ବିଜେଡି ଯୁବ ଉପସଭାପତି ପ୍ରଣତକାନ୍ତ ସାମଲ, ତଥାଗତ ସାମଲ, ପ୍ରଧାନଶିକ୍ଷକ ସଞ୍ଜୟ ପତି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ବସନ୍ତ କୁମାର ରଥ ସଞ୍ଚାଳନା କରିଥିଲେ। କହରାପୋଖରୀଠାରେ କାର୍ଯ୍ୟକ୍ରମରେ ଉପରୋକ୍ତ ଅତିଥିଙ୍କ ସହ ପ୍ରଭାକର ରାଉତ, ଲଳିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ।



ଚନ୍ଦ୍ରଭାନୁପୁରଠାରେ ମିଶନ ଶକ୍ତିଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

## ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ

**ଭଦ୍ରକ ଅଫିସ, ୬।୧୨**

ଭଦ୍ରକ ଜିଲା ଧାମରା ବନ୍ଦର ପରିସରରେ ଥିବା କମ୍ୟୁନିଟି ହଲଠାରେ ଆଦାନୀ ଫାଉଣ୍ଡେସନ କର୍ମକର୍ତ୍ତାଙ୍କ ଦ୍ୱାରା ସ୍ୱାସ୍ଥ୍ୟଭିତ୍ତିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ସୁପୋଷଣ କାର୍ଯ୍ୟକ୍ରମରେ କାର୍ଯ୍ୟରତ ୪୫ରୁ ଉର୍ଦ୍ଧ୍ୱ ସଙ୍ଗିନୀ(କର୍ମକର୍ତ୍ତା)ଙ୍କୁ ତାଲିମ ଦିଆଯାଇଛି। ଶରୀରରେ ହିମୋଗ୍ଲୋବିନର ପରିମାତ୍ରାକୁ ଜାଣିବା ପାଇଁ ଯନ୍ତ୍ରପାତିର ବ୍ୟବହାର ଓ ପରିଚାଳନା ଉପରେ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯାଇଥିଲା। ମୁମ୍ବାଇସ୍ଥିତ ବାୟୋସାଇନ୍ସ ଟେକ୍ନୋଲୋଜି ସଂସ୍ଥାର ଦକ୍ଷ ପ୍ରଶିକ୍ଷକ ଅମିତ କୁମାର ଦଇଆ ଶିବିରରେ ଯୋଗଦେଇ ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ।

# 'ଲୋକଙ୍କ ନିକଟତର ହେଲେ ମିଳିବ ସଫଳତା'

**ତିହିଡ଼ି, ୬।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ତିହିଡ଼ି ବ୍ଲକ ବାରସର ପଞ୍ଚାୟତ କେଳାସାହିରେ ଗୁରୁବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତା ଓ କର୍ମୀମାନେ ତିହିଡ଼ି ଡାକବଙ୍ଗଳାଠାରୁ ବାଇକ୍ ଶୋଭାଯାତ୍ରାରେ ଯାଇ କେଳାସାହିଠାରେ ପହଞ୍ଚିଥିଲେ। ପରେ ବ୍ଲକ ସଭାପତି ସରୋଜ ଦାସଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକତାବଦ୍ଧ ହୋଇ ଲୋକଙ୍କ ନିକଟତର ହେଲେ ସଫଳତା ମିଳିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ନରେନ ପଲେଇ, ଜିଲା ସଭାପତି ଅଶୋକ ଦାସ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସତ୍ୟାନନ୍ଦ ରାଉତ ଓ ମନୋଜ ବିଶ୍ୱାଳ, ମହିଳା ସମ୍ପାଦିକା ସୁଲୋଚନା ନାୟକ, ଅଭିଷେକ ରାଉତ, ପ୍ରକାଶ ଜ୍ୟୋତି ମହାକୁଡ଼, ପ୍ରେମାନନ୍ଦ ନାୟକ, ଦେବ ମହାନ୍ତି, ରୁବି ମହାନ୍ତି, ସୁଦର୍ଶନ ବିଶ୍ୱାଳ, ସୁଦର୍ଶନ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଗଣେଶ ମଲିକ, ସୋମ୍ୟପ୍ରକାଶ ନାୟକ, ଗଜେନ୍ଦ୍ର ପରିଡ଼ା, ରାଜୀବ କୁମାର ନାୟକ, ବାବୁ ସେନାପତି, ରମାକାନ୍ତ ବାରିକ, ହରେନ୍ଦ୍ର ମାଇତି, ସୁବାସ ଚନ୍ଦ୍ର ନାୟକ, ମାନସ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହରିହର ମଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ସାମିଲ ହୋଇଥିଲେ। ନୂତନ କର୍ମୀଙ୍କୁ ଦଳୀୟ ନେତାମାନେ ସ୍ୱାଗତ ଜଣାଇଥିଲେ।

# ଗାଁ ବୁଲିଲା ଜନ ପରାମର୍ଶ ରଥ

**ବନ୍ତ, ୬।୧୨ (ଡି.ଏନ.ଏ.)**

ବନ୍ତ ବ୍ଲକ ରାମପୁର ପଞ୍ଚାୟତରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜନ ପରାମର୍ଶ ରଥ ଗାଁ ଗାଁ ବୁଲିବା ସହ ଦଳୀୟ କର୍ମୀମାନେ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ସାଧାରଣ ଜନତାଙ୍କଠାରୁ ଲିଖିତ ପରାମର୍ଶ ପତ୍ର ସଂଗ୍ରହ କରାଯାଇଥିଲା। ଜିଲା ସଭାପତି ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଭାଜପାର ଶତାଧିକ କର୍ମୀ ପଦଯାତ୍ରାରେ ବିଭିନ୍ନ ଗ୍ରାମ ବୁଲି କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ମଣ୍ଡଳ ସଭାପତି ଗୌରହରି ନନ୍ଦ, ଜିଲା କୋଷାଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ, ଯୁବନେତା ବନମାଳୀ ଜେନା, ତପନ ବାରିକ, ନିରଞ୍ଜନ ଭୂୟାଁ, ଶିଶିର ପଲେଇ ପ୍ରମୁଖ ଏଥିରେ ସାମିଲ ଥିଲେ। ଅଉଳତି ଆଦିବାସୀ ସାହିରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଭାଜପା ଜିଲା ସଭାପତି ଧଳ କେନ୍ଦ୍ରୀୟ ଯୋଜନାରେ ବାଧା ସୃଷ୍ଟି କରାଯାଉଛି ବୋଲି ଅଭିଯୋଗ ବାଢ଼ିଥିଲେ। ପୁରସ୍ତମ ମିଶ୍ର, ମନୋଜ ବିଶ୍ୱାଳ, ନବ ବଳ, ବସନ୍ତ ନାୟକ, ଜୟନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
MUDRA FINANCE
ଆଗେ କାମ - ପରେ ଦାମ
ପର୍ସନାଲ, ପ୍ରପର୍ଟି ମାର୍କଶିଟ୍, ବ୍ୟବସାୟ ଯାନବାହନ, ଆଧାରକାର୍ଡ ରାଶନ କାର୍ଡ ସମସ୍ତ ଋଣ
2% ସୁଧ - 40% ରିହାତି
ଘରେ ବସି ଉପଲବ୍ଧ
7078300380
Ram Nagar, Narnel, Haryana

ଭାରତର ନଂ.1 କମ୍ପାନୀ
HI-TECH TOWER
(GOVT. REGD.)
ଡିଜିଟାଲ ଉପକରଣ ଜମି, ଛାତ, ପ୍ଲଟ୍ କ୍ଷେତରେ ଲଗାନ୍ତୁ
ପାଆନ୍ତୁ 60 ଲକ୍ଷ ଅଗ୍ରିମ + ଭଡ଼ା 40 ହଜାର + 20,000/-ର ପ୍ରୋତ୍ସାହନ + ବାଇକ୍ + ଜୀବନ ବୀମା
(ଠକମାନଙ୍କ ପ୍ରତି ସାବଧାନ)
08818956614
09753490869
#908, Dhiman Line, Yamuna Nagar, Haryana.

ନୂଆବର୍ଷର ଶୁଭ ଅବସରରେ
GANAPATI FINANCE
ଦ୍ୱାରା ଆଧାରକାର୍ଡ, ମାର୍କଶିଟ୍, ଗୃହ, ପର୍ସନାଲ, ବ୍ୟବସାୟ
ସମସ୍ତ ଋଣ ମାତ୍ର 4 ଘଣ୍ଟାରେ
1% ସୁଧ - 50% ରିହାତି
ମହିଳା / ସରକାରୀ କର୍ମଚାରୀଙ୍କ ପାଇଁ ରିହାତି
ଦ୍ରଷ୍ଟବ୍ୟ: ଆମର ଅନ୍ୟ କୌଣସି ଶାଖା ନାହିଁ
ଯୋଗାଯୋଗ: ସୁନିତା
8860416623, 8860412564
168, Sector 30, Jagatpura, Jaipur (Rajasthan)

## ସଂକ୍ଷେପରେ

### ୩ ମୃତ ବିଦେଶୀ ପକ୍ଷୀ ଜବତ, ୨ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୬।୧୨(ଡି.ଏନ୍.ଏ.):** ଚିଲିକା ଉପକୂଳ ଭୁଷଣ୍ଡପୁର ରିଙ୍ଗ୍ ବନ୍ଧରେ ବନ୍ୟପ୍ରାଣୀ ବିଭାଗ ତରଫରୁ ଗୁରୁବାର ଅପରାହ୍ନରେ ଚଢ଼ାଉ କରାଯାଇ ୩ ମୃତ ପକ୍ଷୀ ଓ ବନ୍ଧୁକ ଜବତ କରାଯାଇଛି। ଏ ଘଟଣାରେ ୨ ଅଭିଯୁକ୍ତ ଗିରଫ କରାଯାଇଛି। ଜଣେ ହେଲେ ଆନ୍ଧ୍ର ଇଚ୍ଛାପୁରମ୍ ଅଞ୍ଚଳର ଜନଥା ଆଜୁବ୍ ଓ ଅନ୍ୟଜଣେ ଗଞ୍ଜାମ ଜିଲା ଭିକାରୀପଲୀ ଅଞ୍ଚଳର ପି. ଗଣେଶ। ଭୁଷଣ୍ଡପୁର ବନ୍ୟପ୍ରାଣୀ ବିଭାଗର ବନପାଳ ମୀନା କୁମାରୀ ନାୟକ, ବନରକ୍ଷୀ ଭାନୁମତୀ ବେହେରା ଓ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ବିଦେଶୀ ପକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ୨ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବ ବୋଲି ବନ୍ୟପ୍ରାଣୀ ଅଧିକାରୀ ସୁବାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

### କଟକରେ ଶୁଭିଲା ଦାମଙ୍କ ଗର୍ଜନ

ମୁଖ୍ୟମନ୍ତ୍ରୀଙ୍କୁ କହିଲେ ଦୁର୍ନୀତିର ଖଳନାୟକ

**କଟକ ଅଫିସ, ୬।୧୨:** ରାଜ୍ୟରେ ଏକ ଦୁର୍ନୀତିଗ୍ରସ୍ତ ସରକାର ଚାଲିଛି। ଆଉ ଖୋଦ୍ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଦୁର୍ନୀତିର ଖଳନାୟକ। ମୁଁ ଦୁର୍ନୀତିକୁ ବିରୋଧ କରିବାରୁ ମୋତେ ମନ୍ତ୍ରିମଣ୍ଡଳ ଓ ଶେଷରେ ଦଳରୁ ବହିଷ୍କୃତ ହେବାକୁ ପଡ଼ିଲା ବୋଲି କହିଛନ୍ତି ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ। ଗୁରୁବାର ସନ୍ଧ୍ୟାରେ କଲେଜଛକଠାରେ ଆୟୋଜିତ ସଭାରେ ଏପରି ବକ୍ତବ୍ୟ ରଖିବା ସହ ସେ ସରକାର, ମୁଖ୍ୟମନ୍ତ୍ରୀ ଓ କେତେଜଣ ବିଜେଡି ନେତାଙ୍କ ଉପରେ ଗର୍ଜିଥିଲେ। ରାଜ୍ୟ ଋଣଭାରରେ ବୁଡ଼ିଥିବା କହି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ 'ଦୁର୍ନୀତି ଓ ଭ୍ରଷ୍ଟାଚାର ଶାସନ ବିରୋଧରେ ସୂଚନା ଅଧିକାର ଆଇନର ଭୂମିକା' ଉପରେ ଏହି ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ରାଉତ କହିଲେ, ରାଜ୍ୟରେ ସରକାରୀ କ୍ଷେତ୍ରରେ ୧ ଲକ୍ଷ ୧୪ହଜାର ପଦବୀ ଫାଙ୍କା ପଡ଼ିଥିବାବେଳେ ୬୦ହଜାର ବେକାର ଯୁବତୀ ଯୁବକ ଚାକିରି ଅନ୍ୱେଷଣରେ ବୁଲୁଛନ୍ତି। ହେଲେ ସରକାର ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଏହି ଅବସରରେ ସେ ସିଧାସଳଖ ମନ୍ତ୍ରୀ ପ୍ରତାପ ଜେନା ଓ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ଟାର୍ଗେଟ କରିଥିଲେ। ଉଭୟେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ଭୁଲି ଦାମ ଦଳନରେ ବ୍ୟସ୍ତ ଥିବା ସେ କହିଥିଲେ। ଏଥିସହ ଚାରା ଦୁର୍ନୀତିଠାରୁ ଆରମ୍ଭ କରି ଖଣି, ବ୍ଲାକ୍‌ରୋଜ, ଡାଲି ଦୁର୍ନୀତି ଆଦି ପ୍ରସଙ୍ଗ ଉଠାଇଥିଲେ ଡା. ରାଉତ। ତେବେ ଦାମଙ୍କ ଏହି ମନ୍ତବ୍ୟ ସଂକ୍ରାନ୍ତରେ ପଚାରିବାରୁ ମନ୍ତ୍ରୀ ଜେନା ଏହାକୁ ଅତ୍ୟନ୍ତ ହାଲ୍‌କା ଭାବେ ଗ୍ରହଣ କରିଥିଲେ। ରାସ୍ତାରେ ଯାଉଥିବା ଲୋକ ଯଦି ମୋତେ ଗାଳିଦିଏ ତେବେ ମୁଁ କ'ଣ ତା' ଉପରେ ପ୍ରତିକ୍ରିୟା ଦେବି ବୋଲି ସେ କହିଥିଲେ। ବିଧାୟକ ସାମନ୍ତରାୟ ମଧ ଅନୁରୂପ ଢଙ୍ଗରେ ପ୍ରତିକ୍ରିୟା ଦେଇ କହିଲେ, ଦାମଙ୍କ କଥାକୁ ଲୋକେ ଗ୍ରହଣ କରୁନାହାନ୍ତି। ସେ ଯାହା କହିବା କଥା କହିଚାଲନ୍ତୁ ବୋଲି ସାମନ୍ତରାୟ କହିଥିଲେ। ଏହି ସଭାରେ ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନ, କଂଗ୍ରେସ ମୁଖପାତ୍ର ସତ୍ୟପ୍ରକାଶ ନାୟକ, ଆଡ୍‌ଭୋକେଟ ସୁଧୀର ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇ ସରକାରଙ୍କ କାର୍ଯ୍ୟଧାରା ସମ୍ପର୍କରେ କହିବା ସହ ପ୍ରବଳ ବର୍ଷିଥିଲେ।

### ଘଟଣାସ୍ଥଳ ପରିଦର୍ଶନ କଲା ଏମ୍‌ସିଏଲ୍ ଟିମ୍

**ତାଳଚେର,୬।୧୨(ନି.ପ୍ର.):** ତାଳଚେର ସଦର ଥାନା ସମ୍ମୁଖରେ ଥିବା ଶାନ୍ତିଲତା ବାଇଙ୍କ ବାସଭବନ ବାରଣ୍ଡା ଦବିଯାଇଥିବା ଅଭିଯୋଗ ପରେ ଗୁରୁବାର ଏମ୍‌ସିଏଲ୍‌ର ଏକ ୯ ଜଣିଆ ଟିମ୍ ଘଟଣାସ୍ଥଳ ଅନୁଧ୍ୟାନ କରିଥିଲା। ଏମ୍‌ସିଏଲ୍‌ର ଜିଏମ୍ ସେପ୍ଟି ଏସ. ରାୟ ଚୌଧୁରୀ, ତାଳଚେର ଏରିଆ ଜେନେରାଲ ମ୍ୟାନେଜର ଭି. କୁମାର, ସିନିୟର ମ୍ୟାନେଜର ଜେ.କେ. ସିହ୍ନା, ଭୁବନେଶ୍ୱରୀ ସିଏମ୍ ପିଡିଆଇର ଭି.କେ. ସିଂହ, ସିନିୟର ମ୍ୟାନେଜର ବୀରେନ୍ଦ୍ର ପ୍ରସାଦ, ଡିଡିଏମ୍ ତାଳଚେର ଏଲ.ଡି. ନାୟକ, ତାଳଚେର ଏରିଆ ସିଭିଲ ଡେପୁଟି ମ୍ୟାନେଜର ଆଶିଷ ଭଟନାଗର, ଭୁବନେଶ୍ୱରୀ ସିଏମ୍‌ପିଡିଆଇର ସଂଗ୍ରାମ କେଶରୀ ଦାସ, ଦେଉଳବେଡା ମ୍ୟାନେଜର ଶତ୍ରୁଘନ ସାହୁ ପ୍ରମୁଖ ପହଞ୍ଚି ମାଟି ଦବିବାର କାରଣ ଖୋଜିଥିଲେ। କୋଇଲା ଖଣି ଯୋଗୁ ନୁହେଁ, ବରଂ ଅନ୍ୟ କୌଣସି କାରଣରୁ ଏପରି ଘଟିଥାଇପାରେ ବୋଲି ଘଟଣାସ୍ଥଳରେ ଅଧିକାରୀମାନେ ଆଲୋଚନା କରିଥିଲେ।

# ବାବୁ ରହୁନାହାନ୍ତି ଅନୁଗୋଳରେ

**ଅନୁଗୋଳ ଅଫିସ, ୬।୧୨**

ଅନୁଗୋଳ ଜିଲା ସଦର ମହକୁମାରେ ଥିବା ସରକାରୀ ଅଧିକାରୀମାନଙ୍କ ପାଇଁ ବାସଭବନର ବ୍ୟବସ୍ଥା ରହିଛି। କିନ୍ତୁ ବାବୁମାନେ ସଦର ମହକୁମାସ୍ଥିତ ବାସଭବନରେ ନ ରହି ଭୁବନେଶ୍ୱର, କଟକ, ଢେଙ୍କାନାଳ ଆଦି ଅଞ୍ଚଳରେ ରହିବାକୁ ପସନ୍ଦ କରୁଛନ୍ତି। ସେଠାରୁ ଦୈନିକ ସକାଳ ସାଢ଼େ ୧୦ଟାରେ ଅଫିସ ଆସି ଅଧିକାଂଶ ବଡ଼ବଡ଼ିଆ ସାଢ଼େ ୪ଟା ବେଳକୁ ଘର ମୁହାଁ ହେଉଛନ୍ତି। ଫଳରେ ସରକାରଙ୍କ ବିଭିନ୍ନ ଯୋଜନାର ରୂପାୟନ ଏବଂ ସମୀକ୍ଷା ଠିକ୍ ଭାବେ ହୋଇପାରୁ ନାହିଁ। ସବୁଠାରୁ ବଡ଼କଥା ହେଉଛି, ବାବୁମାନଙ୍କ ପାଦ କେବେ ଗ୍ରାମାଞ୍ଚଳରେ ପଡ଼େ ନାହିଁ। ଫଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ଜିଲାରେ ଗୋଟିଏ ପରେ ଗୋଟିଏ ବିଫଳ ହେଉଥିବା ଆଲୋଚନାର ବିଷୟ ପାଲଟିଛି। ଏପରି କି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ସମୀକ୍ଷା କରିବାକୁ ଅନୁଗୋଳ ଆସୁଥିବା ମନ୍ତ୍ରୀ ଓ ସଚିବଙ୍କୁ ସହର ଉପକଣ୍ଠ ଗ୍ରାମରେ ବୁଲାଇ ବିଦା କରି ଦିଆଯାଉଥିବା ଭଳି ଘଟଣା ଅନେକ ସମୟରେ ଦେଖାଯାଇଛି। ଫଳରେ ଜିଲାର ଅପହଞ୍ଚ ଇଲାକାରେ ଥିବା ଲୋକମାନେ ଏବେ ବି ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି, ଯାହାକି ଉକ୍ତ ଅଞ୍ଚଳକୁ ଗଲେ ବାରି ହୋଇପଡୁଛି। ଅନୁଗୋଳ ସହରରେ ଏହି ପରିସ୍ଥିତି ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହେଉଛି।

ଗତ ଦୁଇ ବର୍ଷକୁ ଲକ୍ଷ୍ୟ କଲେ ଜିଲାରେ ସରକାରୀ ଯୋଜନା କିପରି ବିଫଳ ହେଉଛି ତାହା ଜଳ ଜଳ ଦିଶୁଛି। ଜିଲାର ବିକାଶ ପାଇଁ ଅନେକ କୋଟି ଟଙ୍କା ଆସିଥିଲେ ବି ତାହା କାର୍ଯ୍ୟରେ ନ ଲାଗି ପଡ଼ି ରହିଛି। ପ୍ରଶାସନ ବାସ୍ତବ ଚିତ୍ର ନ ପରଖି କେବଳ ସମୀକ୍ଷାରେ କାମ ସାରି ଦେଉଥିବାରୁ ବିଭିନ୍ନ ଯୋଜନାରେ ଅର୍ଥ ଖର୍ଚ୍ଚ ହୋଇପାରୁ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)କୁ ଲକ୍ଷ୍ୟ କଲେ ଜଣାପଡୁଛି। ଡିଏମ୍‌ଏଫ୍ ଫଣ୍ଡରେ ୯୫୫ କୋଟି ଟଙ୍କା ଚଳିତ ବର୍ଷ ଆଦାୟ ହୋଇଛି। ଏହି ଅର୍ଥରେ ୧୯୮୯ଟି ପ୍ରକଳ୍ପ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ନିର୍ମାଣ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ପାଇଁ ୯୪୯ କୋଟି ଟଙ୍କା ମଞ୍ଜୁର ସହ କାର୍ଯ୍ୟ ଜାରି ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲା ପ୍ରଶାସନ ୧୩୪ କୋଟି ଟଙ୍କା ଖର୍ଚ୍ଚ କରିସାରିଥିବା ହିସାବ ମଧ୍ୟ ଦେଉଛି। କିନ୍ତୁ ଅନେକ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜିଲା ମିନେରାଲ ପଣ୍ଡ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଢ଼ାଯାଇଥିବା ବେଳେ ତାହାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାବେ ଜିଲାପାଳଙ୍କୁ ରଖାଯାଇଛି। ପ୍ରକଳ୍ପ ତାଲିକା ନିର୍ଦ୍ଧାରଣ କରିବା ପାଇଁ ଟ୍ରଷ୍ଟ ବୋର୍ଡ ଗଠନ ହୋଇଥିବା ସତ୍ତ୍ୱେ ଜିଲାପାଳ ଏବଂ ତାଙ୍କର କେତେକ ବଛା ଅଫିସର ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚ ଦାୟିତ୍ୱ ତୁଲାଉଛନ୍ତି। ପ୍ରଶାସନ ପକ୍ଷରୁ ଜିଲାରେ ପାନୀୟ ଜଳ ପ୍ରକଳ୍ପରେ ସର୍ବାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା କୁହାଯାଉଛି। ବାସ୍ତବରେ ଦେଖିବାକୁ ଗଲେ ଜିଲାର ଅଧିକାଂଶ ଗ୍ରାମରେ ପାଇପ୍ ବିଛା ଯାଇଥିବା ସତ୍ତ୍ୱେ ପାଣିର ବ୍ୟବସ୍ଥା କରାଯାଇ ନାହିଁ। ଅନୁଗୋଳ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ (ଆରଡବ୍ଲୁଏସ୍‌ଏସ୍) ପକ୍ଷରୁ ଡିଏମ୍‌ଏଫ ଫଣ୍ଡରୁ ମାର୍ଚ୍ଚ ୩ ସୁଦ୍ଧା ୨୮ଟି ପ୍ରକଳ୍ପ ଅନୁମୋଦନ ହୋଇଛି। ହେଲେ ସେଥିମଧ୍ୟରୁ ତାଳଚେରର ଦୟାନିଧିପୁର, ଅନାଦିପୁର, ଯଦୁନାଥପୁର ପ୍ରକଳ୍ପକୁ ବନ୍ଦ କରି ଦିଆଯାଇଛି। ବଉଳପୁର, ବାଘବାସପୁର, ବନବାସପୁର, ଖମାରରେ ଅନୁମୋଦନ ହୋଇଥିବା ୫ଟି ପ୍ରକଳ୍ପର କୌଣସି କାର୍ଯ୍ୟ ଆରମ୍ଭ ହୋଇନାହିଁ। ତେବେ ଅନ୍ୟ ୨୦ଟିର କାର୍ଯ୍ୟ ଚାଲୁରହିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ସେହିପରି ଓମ୍‌ବାଡ୍ ଫଣ୍ଡରେ ୪୬ଟି ପ୍ରକଳ୍ପରୁ ୨୨ଟିର କାର୍ଯ୍ୟ ଶେଷ ହୋଇଛି। ଅନ୍ୟ ୨୪ଟିର କାର୍ଯ୍ୟ ଚାଲୁ ରହିଛି। ଏମ୍‌ସିଏଲ୍‌ର ସିଏସ୍‌ଆର୍ ଅର୍ଥରେ ୫୬ କୋଟି ଟଙ୍କା ବ୍ୟୟରେ ତାଳଚେର ବ୍ଲକର କଣ୍ଡାଳ, ବ୍ରଜନାଥପୁର ଓ ଘଣ୍ଟପଡ଼ା ପଞ୍ଚାୟତ ସହ ଧରମପୁର ପଞ୍ଚାୟତର ୩ଟି ଗ୍ରାମ ଓ କଣିହାଁ ବ୍ଲକର ୧୧ଟି ଗ୍ରାମ ପାଇଁ ଏହି ଯୋଜନା କରାଯାଇଛି। ଏମ୍‌ସିଏଲ ପକ୍ଷରୁ ୧୯ଟି ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଯାଇଛି। ତେବେ ୧୯ଟି ଗ୍ରାମରେ ହୋଇଥିବା ଜଳ ଯୋଗାଣ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଅନୁଗୋଳ ଜିଲାର ୮ଟି ବ୍ଲକରେ ୨୨୫ଟି ପଞ୍ଚାୟତ ରହିଛି। ହେଲେ ସରକାରଙ୍କ ପକ୍ଷରୁ ଲୋକଙ୍କ ପାଇଁ ହୋଇଥିବା ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟ ଶେଷ ହୋଇ ପାରୁନାହିଁ। ଯୋଜନା ଯୋଜନ ବାଟରେ ଅଟକି ଯାଉଛି, ଯାହାର ଜ୍ୱଳନ୍ତ ଉଦାହରଣ ମଧ୍ୟ ସରକାରୀ ତଥ୍ୟ କହୁଛି। ୨୦୧୭-୧୮ ଆର୍ଥିକ ବର୍ଷକୁ ଲକ୍ଷ୍ୟ କଲେ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୯ ହାଜର ୧୨୧ଟି ଟାର୍ଗେଟ ଥିବାବେଳେ ୬ ହଜାର ୭୮୯ଟି ପୂରଣ ହୋଇଛି। ବାକି ୨ ହଜାର ୩୩୨ଟି ଆବାସ ଅଦ୍ୟାବଧି ଶେଷ ହୋଇପାରି ନାହିଁ। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୬ ହଜାର ୯୦୬ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଟାର୍ଗେଟ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୨ ହଜାର ୯୮୭ଟି ଘର ଶେଷ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗୋଟିଏ ପଟେ ଜିଲା ପ୍ରଶାସନ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରୁ ନ ଥିବାବେଳେ ଅନ୍ୟପଟେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୭-୧୮ରେ ଆବେଦନକାରୀଙ୍କ ସଂଖ୍ୟା ୯୨୮୧ ଓ ୨୦୧୮-୧୯ରେ ୭,୦୨୧ରେ ପହଞ୍ଚିଲାଣି। ସେହିପରି ବିଜୁ ପକ୍କା ଘର ଯୋଜନାରେ ୨୦୧୭-୧୮ରେ ଆବେଦନକାରୀଙ୍କ ସଂଖ୍ୟା ୩୭୪ ଓ ୨୦୧୮-୧୯ରେ ୮୩୯ରେ ପହଞ୍ଚିଲାଣି। ଅନ୍ୟପକ୍ଷରେ ବିଜୁ ପକ୍କା ଘର ଯୋଜନା ଜିଲାରେ ମଧ୍ୟ ସଫଳ ହୋଇପାରୁନାହିଁ। ୨୦୧୭-୧୮ ଆର୍ଥିକ ବର୍ଷରେ ୩୭୨ଟି ଘର ନିର୍ମାଣ କରିବାକୁ ସରକାର ଜିଲା ପ୍ରଶାସନକୁ ଟାର୍ଗେଟ ଦେଇଥିବାବେଳେ ୩୬୮ ଜଣଙ୍କୁ ଅନୁମୋଦନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦୭ଟି ଘର ଶେଷ ହୋଇଛି ବୋଲି ଜିଲା ପ୍ରଶାସନ ଦାବି କରୁଥିବାବେଳେ ଅନ୍ୟ ୧୬୨ଟି ଘର ସମ୍ପୂର୍ଣ୍ଣ କରାଯାଉ ନାହିଁ। ଚଳିତବର୍ଷର ଟାର୍ଗେଟ ୧୦୨୦ଟି ଥିବାବେଳେ ୫୯୫ ଜଣଙ୍କୁ ପ୍ରଥମ କିସ୍ତି ଟଙ୍କା ଅନୁମୋଦନ କରାଯାଇଛି। କିନ୍ତୁ ଅଦ୍ୟାବଧି ମାତ୍ର ୧୨ଟି ଘର ଶେଷ ହୋଇଥିବା ସରକାରୀ ତଥ୍ୟରେ ଉଲ୍ଲେଖ ରହିଛି।

ଯଦି ଉଦାହରଣ ଭାବେ ଦେଖାଯାଏ, ଅନୁଗୋଳ ବ୍ଲକରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା (ଜିଜିୱାଇ)ରେ ୨୦୧୪ରୁ ଆଜି ପର୍ଯ୍ୟନ୍ତ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାର୍ଯ୍ୟରେ ନ ଲାଗି ପଡ଼ି ରହିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୧କୋଟି ୩୭ ଲକ୍ଷ ୯୬ ହଜାର ୫୭ ଟଙ୍କା ପଡ଼ି ରହିଥିବାବେଳେ ୨୦୧୮-୧୯ ବର୍ଷର ୨ କୋଟି ୨୯ ଲକ୍ଷ ୯୩ ହଜାର ୩୪୬ ଟଙ୍କା ମଞ୍ଜୁର ହୋଇ ଆସିଛି। କିନ୍ତୁ ଏହି ଅର୍ଥରୁ କିଛି ମାତ୍ର ଟଙ୍କା ବିଭିନ୍ନ ପ୍ରକଳ୍ପରେ ଲାଗିଥିବା ସରକାରୀ ବାବୁମାନେ ଦାବି କରିଛନ୍ତି। ସେହିପରି ଅନୁଗୋଳ ବ୍ଲକର ୨୧ଟି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଆସିଥିବା ୧କୋଟି ୪୭ ଲକ୍ଷ ଟଙ୍କା କାର୍ଯ୍ୟରେ ନ ଲାଗି ପଡ଼ି ରହିଛି। ପ୍ରତ୍ୟେକ ଘର ପାଇଁ ୭ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଗୃହ ନିର୍ମାଣ ହୋଇପାରୁନାହିଁ। ସେହିପରି ସରକାର ବିଜୁ ପକ୍କା ଘର ଯୋଜନାରେ ଭିନ୍ନକ୍ଷମ, ବିଧବା, କୁଷ୍ଠରୋଗୀ, ଏଡ୍‌ସ ଭଳି ରୋଗରେ ଜୀବନ ବିତାଉଥିବା ଲୋକଙ୍କୁ ପ୍ରାଥମିକତା ଭିତ୍ତିରେ ଅନ୍ତର୍ଭୁକ୍ତ କରିବା କଥା। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ବସଲା ପଞ୍ଚାୟତ ବସଲା ଗାଁର ତେଲିସାହି ଅଞ୍ଚଳର ସ୍ୱର୍ଗତ ଆଦିକନ୍ଦ ସାହୁଙ୍କ ସ୍ତ୍ରୀ ଗୌରୀ ସାହୁ(୬୫) ବିଧବା ସହ କୁଷ୍ଠରୋଗରେ ପୀଡ଼ିତ ଥିଲେ ମଧ୍ୟ ତାଙ୍କୁ ଏହି ସୁବିଧା ମିଳିପାରି ନାହିଁ। ଜିଲା ପ୍ରଶାସନ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଶେଷରେ ହତାଶ ହୋଇ ଛପର ଘର ବାରଣ୍ଡାରେ ଖରା ବର୍ଷାରେ ସେ ପଡ଼ି ରହିଛନ୍ତି। ଅନ୍ୟ ଏକ ପ୍ରକଳ୍ପର ବିଫଳତା ମଧ୍ୟ ଜଳଜଳ ହୋଇ ଦେଖିବାକୁ ମିଳିଛି। କାଙ୍ଗୁଲା-ବେନ୍ତପୁର ପଞ୍ଚାୟତ ମୁଣ୍ଡିଆସାହିରେ ଅନେକ ଦିନ ହେବ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଏଥିରେ ୩ଟି ୱାର୍ଡ଼ ଗୋଡ଼ିସାହି, ମୁଣ୍ଡିଆସାହି ଓ ନୂଆଡ଼ିଅକୁ ପାଣି ଯୋଗାଇ ଦେବା ପାଇଁ ୨୦ ହଜାର ଲିଟର କ୍ଷମତା ଥିବା ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ଏହାକୁ ନ୍ୟାଶନାଲ ରୁରାଲ ଡ୍ରିଙ୍କିଂ ୱାଟର ପ୍ରୋଜେକ୍ଟ (ଏନ୍‌ଆରଡବ୍ଲୁପି) ଯୋଜନାରେ ନିର୍ମାଣ କରାଯାଇଥିଲା। କିନ୍ତୁ ମୁଣ୍ଡିଆସାହି ଓ ନୂଆଡିଅ ସାହି ଲୋକଙ୍କ ପାଇଁ ପାଣି ସାତସପନ ହୋଇଛି। ଗାଁ ଦାଣ୍ଡରେ ପାଣି ପାଇପ ବିଛା ଯାଇଛି। ତା'ସାଙ୍ଗକୁ ପାଣି ପଏଣ୍ଟ(ଟ୍ୟାପ୍) ଲଗାଯାଇଥିଲା। ଏବେ କେତେ ସ୍ଥାନରେ ପାଇପ୍ ଗୁଡ଼ିକ ଭାଙ୍ଗି ମାଟିରେ ମିଶିଯାଇଥିବା ବେଳେ ଆରମ୍ଭରୁ ଅନେକ ଷ୍ଟାଣ୍ଡ ପୋଷ୍ଟରେ ଟ୍ୟାପ୍ ଲାଗି ନାହିଁ। ଏହି ସବୁ ସ୍ଥାନଗୁଡ଼ିକ ଜିଲା କାର୍ଯ୍ୟାଳୟ ଠାରୁ ମାତ୍ର କେଇ କୋଶ ଦୂରରେ ଥିଲେ ବି ଏହି ଅଞ୍ଚଳକୁ ପ୍ରଶାସନ ଅଣଦେଖା କରୁଛି ବୋଲି ଅଭିଯୋଗ ଉଠିଛି। ଏଥିରୁ ଜିଲାର ଉପାନ୍ତ ଅଞ୍ଚଳରେ ଲୋକମାନେ କିପରି ସରକାରୀ ଯୋଜନାର ଲାଭ ପାଉଥିବେ ତାହା ବାରି ହୋଇପଡୁଛି। ସମ୍ଭବତଃ ଏହି ଖବର ପଢ଼ା ଶେଷ ହେବା ବେଳକୁ ବାବୁଙ୍କର ଘରକୁ ଫେରିବାର ସମୟ ଆସିଯାଇଥିବ।

(ଖବର ପ୍ରସ୍ତୁତ କରିଛନ୍ତି: ଅମିତ ସାମଲ, ମନୋଜ ନନ୍ଦ, ଦିନେଶ ଦେହୁରୀ, ଉପେନ୍ଦ୍ର ରାଉତ, ଜୟଗୋପାଳ ଷଡ଼ଙ୍ଗୀ, ଦିବ୍ୟଜ୍ୟୋତି ଦାସ, ଲମ୍ବୋଦର ସାହୁ, ଅଜିତ ଧଳ, ସଚ୍ଚିଦାନନ୍ଦ ପ୍ରଧାନ, ନିରୋଜ କୁମାର ପ୍ରଧାନ।)

■ ସମ୍ବିଧାନର ୮ମ ଅନୁଚ୍ଛେଦରେ 'ହୋ' ଭାଷାକୁ ସାମିଲ କରିବା ପ୍ରସଙ୍ଗ

## ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧି ଦଳ



**ଭୁବନେଶ୍ୱର,୬।୧୨(ବ୍ୟୁରୋ)**

ସମ୍ବିଧାନର ୮ମ ଅନୁଚ୍ଛେଦରେ 'ହୋ' ଭାଷାକୁ ସ୍ଥାନ ଦେବାକୁ ଦାବି କରି ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ଓ ଝାଡ଼ଖଣ୍ଡର ଏହି ପ୍ରତିନିଧି ମଣ୍ଡଳୀ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ଦେଶର ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ହୋ ଭାଷାଭାଷୀମାନଙ୍କର ଏକ ଶୋଭାଯାତ୍ରା ଓ ଧାରଣା ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ଦେଶତମାମ ୧ ହଜାରରୁ ଅଧିକ ପ୍ରତିନିଧି ଏଥିରେ ଯୋଗଦେବା ସହ 'ହୋ' ଭାଷାକୁ ୮ମ ଅନୁଚ୍ଛେଦରେ ସାମିଲ କରିବାକୁ ଦାବି କରିଥିଲେ। ସେମାନଙ୍କର ଏକ ନେତୃମଣ୍ଡଳୀ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ରାଜନାଥ ସିଂ ଏହି ପ୍ରତିନିଧି ମଣ୍ଡଳୀଙ୍କ ଦାବିକୁ ସହୃଦୟତାର ସହ ଗ୍ରହଣ କରି ଏହାର କ୍ରିୟାନ୍ୱୟନ ପାଇଁ ଯଥାବିଧି ପ୍ରତିଶ୍ରୁତି ଦେଇଥିବା ହେତୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ରାଜଧାନୀରେ କୃଷ୍ଣଙ୍କ ଶକ୍ତି ପ୍ରଦର୍ଶନ

**ଖଣି ଲୁଟିଥିବା ପରିବାରକୁ ଶ୍ରୀକାନ୍ତଙ୍କ ଟାର୍ଗେଟ**

**ଭୁବନେଶ୍ୱର, ୬।୧୨(ବ୍ୟୁରୋ)**

କଂଗ୍ରେସ ବିଧାୟକ ପଦରୁ ଇସ୍ତଫା ଦେବା ପରେ କୃଷ୍ଣଚନ୍ଦ୍ର ସଗରିଆ ରାଜଧାନୀରେ ଗୁରୁବାର ଶକ୍ତି ପ୍ରଦର୍ଶନ କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ସାମାଜିକ ନ୍ୟାୟ ଅଭିଯାନ ଦ୍ୱାରା ଆୟୋଜିତ ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁଜନ ବିରୋଧୀ ନୀତିକୁ ସମାଲୋଚନା କରିଛନ୍ତି।



ମଞ୍ଚରେ କୃଷ୍ଣ ସଗରିଆଙ୍କ ସହ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ବୌଦ୍ଧ ଭିକ୍ଷୁଗଣ।

କୃଷ୍ଣ କହିଛନ୍ତି ଯେ, ୧୯୯୨ ଡିସେମ୍ବର ୬ରେ ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବା ଘଟଣା ସମ୍ବିଧାନ ଉପରେ ଆକ୍ରମଣ ସଦୃଶ। ଏହିଦିନ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡକରଙ୍କ ତିରୋଧାନ ଦିବସ। ଭାରତୀୟ ଜନମାନସରୁ ତାଙ୍କ ତ୍ୟାଗପୂତ ଜୀବନୀରୁ ଶିକ୍ଷା ଲାଭରୁ ବଞ୍ଚିତ କରିବା ପାଇଁ ହିଁ ଡିସେମ୍ବର ୬ରେ ବାବ୍ରି ମସ୍‌ଜିଦ୍ ଉପରେ ଆକ୍ରମଣ ହୋଇଥିଲା। ତେଣୁ ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତଙ୍କୁ ଆଗକୁ ଆସିବାକୁ ପଡ଼ିବ ବୋଲି କୃଷ୍ଣ କହିଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏସ୍‌ସି, ଏସ୍‌ଟି ବିରୋଧୀ ପଦକ୍ଷେପକୁ ସେ ସମାଲୋଚନା କରିଛନ୍ତି। ଏ ପ୍ରସଙ୍ଗରେ କୃଷ୍ଣ କହିଛନ୍ତି, କୁନ୍ଦୁଲି ପୀଡ଼ିତାଙ୍କୁ ନ୍ୟାୟ ମିଳିଲା ନାହିଁ। ଉକ୍ତ ପ୍ରସଙ୍ଗରେ ଇସ୍ତଫା ଦେବା କ'ଣ ଦଳବିରୋଧୀ କାର୍ଯ୍ୟ ? ଲୋକେ କ୍ଷମତା ଦେଇଛନ୍ତି। ତାଙ୍କ ସୁଖଦୁଃଖରେ ସାଥୀ ହୋଇ ରହିବା ଜନପ୍ରତିନିଧିର କାର୍ଯ୍ୟ। କୁନ୍ଦୁଲି ପୀଡିତା ହୁଏତ ଆଜି ପ୍ରଶାସନ ସହ ଲଢ଼ି ହାରିଯାଇଛନ୍ତି, ହେଲେ ସେ ବ୍ୟବସ୍ଥା ସହ ଲଢ଼ିବା ପାଇଁ ମହାଶିକ୍ଷା ଦେଇଥିବା କୃଷ୍ଣ କହିଛନ୍ତି।

ସଭାରେ ଅନ୍ୟତମ ବକ୍ତା ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ କହିଲେ, ଓଡ଼ିଶାରେ ଦୁଇଟି ପରିବାର ୪୦ ବର୍ଷ କ୍ଷମତାରେ ରହିଆସିଛନ୍ତି। ଉକ୍ତ ସମୟରେ ରାଜ୍ୟର ୪୦ଟି ଖଣିଜସମ୍ପଦ ଥିବା ପାହାଡ଼ ଉଭା ହୋଇଯାଇଛି। ୧ ଲକ୍ଷ କୋଟି ଟଙ୍କାର ଋଣଭାର ରାଜ୍ୟ ଉପରେ ପଡ଼ିଛି। ରାଜ୍ୟରେ ମଦର ବନ୍ୟା ହୋଇଛି। ୪ କୋଟି ଓଡ଼ିଆଙ୍କ ଟଙ୍କା ୬୦ଟି ପରିବାର ଲୁଟିଛନ୍ତି। ତେଣୁ ବହୁଜନଙ୍କୁ ରାଜନୈତିକ ଅଧିକାର, ଅନ୍ୟ ଉପେକ୍ଷିତ ବର୍ଗ ତଥା ଓବିସିଙ୍କୁ ବୈଷୟିକ ଏବଂ ମେଡିକାଲ ଶିକ୍ଷାରେ ସଂରକ୍ଷଣ ମିଳିବା ଦାବି ଯଥାର୍ଥ ବୋଲି ଶ୍ରୀକାନ୍ତ କହିଛନ୍ତି। ଏଥିସହ ସେ ବର୍ତ୍ତମାନର ୨ ବରିଷ୍ଠ କଂଗ୍ରେସ ନେତାଙ୍କୁ ପରୋକ୍ଷରେ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ, କଂଗ୍ରେସ ବହୁଜନ ହିତାୟରେ ବିଶ୍ୱାସ କରେ। ତେଣୁ ଅତୀତରେ ଅଦାଲତ ଦ୍ୱାରା ଅଭ୍ୟାସଗତ ଲାଞ୍ଛଦାତାର ପରିଚୟ ପାଇଥିବା ବ୍ୟକ୍ତି ଉପଯୁକ୍ତ ନେତୃତ୍ୱ ଦେଇପାରେନା। ସେହିପରି ରାଜ୍ୟରେ ୫୨ ପ୍ରତିଶତ ଓବିସିଙ୍କ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଏବଂ ମଣ୍ଡଳ କମିଶନ ସୁପାରିସକୁ କାର୍ଯ୍ୟକାରୀ ନ କରିବା ପାଇଁ ଜଣେ ବନ୍ଧୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଯାଇଥିବା ଶ୍ରୀକାନ୍ତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିକାଶ ଗୁପ୍ତା, ଅକ୍ଷୟ ମଲ୍ଲିକ, ନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।

■ ଘର ଚଟାଣ ଦବିବା ଘଟଣା

## ସୁରକ୍ଷା ଦାବିରେ ତାଳଚେର ସହର ବନ୍ଦ

**ତାଳଚେର, ୬।୧୨(ନି.ପ୍ର.)**

ତାଳଚେର ପୌରାଞ୍ଚଳ ସଦରଥାନା ସମ୍ମୁଖ ଶାନ୍ତିଲତା ବାଇଙ୍କ ବାସଭବନ ବାରଣ୍ଡା ଚଟାଣ ବୁଧବାର ୪ ଫୁଟ ଦବିଯିବା ଘଟଣାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏମ୍‌ସିଏଲ୍‌ର ଭୂତଳ କୋଇଲା ଖଣିରେ ଠିକ୍ ଭାବେ ବାଲି ଭର୍ତ୍ତି କରାଯାଇ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗକରୀ ସହରବାସୀ ଗୁରୁବାର ତାଳଚେର ବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲେ। ସହର ପ୍ରତି ବିପଦ ସୃଷ୍ଟି ହୋଇଥିବାରୁ ସୁରକ୍ଷା ବ୍ୟବସ୍ଥା କରାଯିବା, ଉଚ୍ଚସ୍ତରୀୟ କମିଟି ଦ୍ୱାରା ମାଟି ଦବିବା ଘଟଣାର ତଦନ୍ତ, ରାସ୍ତାର ଉଭୟ ପାର୍ଶ୍ୱ କଂକ୍ରିଟ କରାଯିବା ଆଦି ଦାବି ନେଇ ସକାଳୁ ଅଞ୍ଚଳବାସୀ ସ୍ଥାନୀୟ ବାଇପାସ୍ ଛକ ଠାରେ ୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବନ୍ଦ ରହିବା ସହିତ କୋଲ କରିଡର ରାସ୍ତାରେ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପ୍ରଶାସନ ପକ୍ଷରୁ ବୁଝାଶୁଝା କରାଯାଇଥିଲେ ମଧ୍ୟ ଆନ୍ଦୋଳନକାରୀ ତାହା ଶୁଣି ନ ଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ବନ୍ଦ ପାଳନ ଜାରି ରହିଛି। ତାଳଚେରବାସୀଙ୍କ ସ୍ୱାର୍ଥ ପାଇଁ ଏହି ବନ୍ଦ ପାଳନକୁ ଅନିର୍ଦ୍ଦିଷ୍ଟ କାଳ ଜାରି ରଖିବାକୁ ସନ୍ଧ୍ୟାରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି।



ଆନ୍ଦୋଳନକାରୀମାନେ ରାସ୍ତା ଉପରେ ବସି ଅବରୋଧ କରିଛନ୍ତି।

■ ଗାଡ଼ି ଚଳାଚଳ, କୋଇଲା ପରିବହନ ଠପ୍
■ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଜାରି ରଖିବାକୁ ଆହ୍ୱାନ
■ ଏମ୍‌ସିଏଲ୍ ବିରୋଧରେ ଜୋରଦାର ଅସନ୍ତୋଷ

ପ୍ରକାଶ ଯେ, ଶାନ୍ତିଲତାଙ୍କ ଘର ବାରଣ୍ଡା ଚଟାଣରେ ସୋମବାର ଫାଟ ସୃଷ୍ଟି ହୋଇଥିଲା। ମଙ୍ଗଳବାର ସେହି ସ୍ଥାନରେ ମାଟି ସାମାନ୍ୟ ଦବି ଯାଇଥିଲା। ହେଲେ ବୁଧବାର ସେଠାରେ ୪ ଫୁଟ ଗୋଲେଇ ଓ ୪ ଫୁଟ ଗଭୀରର ଗର୍ତ୍ତ ସୃଷ୍ଟି ହେବା ପରେ ଶାନ୍ତିଲତାଙ୍କ ପରିବାରବର୍ଗ ଆତଙ୍କିତ ହୋଇପଡ଼ିଥିଲେ। ପଡ଼ୋଶୀମାନେ ମଧ୍ୟ ଭୟଭୀତ ହୋଇଯାଇଥିଲେ। ଘଟଣା ପାଇଁ ଏମ୍‌ସିଏଲ୍‌ର ଭୂତଳ କୋଇଲା ଖଣିକୁ ସହରବାସୀ ଦାୟୀ କରିଥିଲେ। ଏହା ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସେମାନେ ଅଭିଯୋଗ କରିବା ସହ ଗୁରୁବାର ସକାଳୁ ବନ୍ଦ ପାଳନ ପାଇଁ ରାସ୍ତାକୁ ଓହ୍ଲାଇଥିଲେ। ୫୩ ନମ୍ବର ଜାତୀୟ ରାଜପଥର ବାଇପାସ ଛକ ଠାରେ ଆନ୍ଦୋଳନକାରୀ ବସି ରହିଥିଲେ। ସେହିପରି ଯୁବ ସମାଜସେବୀ ସଙ୍ଗଠନର ସଭାପତି ସ୍ୱାଧୀନ ଅମ୍ବଙ୍କ ନେତୃତ୍ୱରେ ସଦସ୍ୟମାନେ ହାଟତୋଟା ଠାରେ ଥିବା ସରକାରୀ ଅଫିସ ଓ ଦୋକାନ ବଜାର ବୁଲି ବୁଲି ବନ୍ଦ କରାଇଥିଲେ। ପୂର୍ବତନ ନଗରପାଳ କେଶବ ଭୂତିଆ, ପବିତ୍ର ଭୂତିଆ, ବଜରଙ୍ଗ ଅଗ୍ରୱାଲ, ଯଯାତି ପଟ୍ଟନାୟକ, ପ୍ରକାଶ ମହାରଣା, ମନୋଜ ମହାପାତ୍ର, ପୁପୁନା ଦାସ, ଚିନ୍ତାମଣି ମହାପାତ୍ର, ଆସିଫ ଖାନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ତହସିଲଦାର ସାଫଲ୍ୟମଣ୍ଡିତ ପ୍ରଧାନ, ଏସ୍‌ଡିପିଓ ହେମନ୍ତ ପଣ୍ଡା, ଆଇଆଇସି ସୌଭାଗ୍ୟ ସ୍ୱାଇଁ ଓ ଅନ୍ୟମାନେ ଆନ୍ଦୋଳନକାରୀ ସହିତ ଆଲୋଚନା କରିଥିଲେ। ୧୦ ଦିନ ମଧ୍ୟରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ଏହାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଅଧିକାରୀମାନେ ଜଣାଇଥିଲେ ବି ଆନ୍ଦୋଳନକାରୀ ରାସ୍ତାରୁ ହଟି ନ ଥିଲେ।

ଏ ସମ୍ପର୍କରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ କହିଛନ୍ତି, ପ୍ରଶାସନ ପକ୍ଷରୁ ବହୁ ଚେଷ୍ଟା କରାଗଲା। କିନ୍ତୁ ଆନ୍ଦୋଳନକାରୀ ନିଜ ଜିଦ୍‌ରେ ଅଟଳ ଥିବାରୁ ସମସ୍ୟାର ସମାଧାନ ହୋଇ ପାରି ନାହିଁ।

## ଋଷିକୁଲ୍ୟା ମୁହାଣରେ ଆରମ୍ଭ ହେଲା କଇଁଛଙ୍କ ମିଳନ ପର୍ବ

**ଗଞ୍ଜାମ,୬।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ନିକଟସ୍ଥ ଋଷିକୁଲ୍ୟା ମୁହାଣ ବିରଳ ଅଲିଭ ରିଡଲେ କଇଁଛଙ୍କ ଏନ୍ତୁଡିଶାଳ ଭାବେ ପରିଚିତ। ଏବେ ଉପକୂଳଠାରୁ ୪ କିମି ମଧ୍ୟରେ କଇଁଛଙ୍କ ମିଳନ ପର୍ବ ଆରମ୍ଭ ହୋଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତବର୍ଷ ଏହି ପ୍ରକ୍ରିୟାରେ ସାମାନ୍ୟ ବିଳମ୍ବ ହୋଇଛି। ବିଗତ ବର୍ଷମାନଙ୍କରେ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଚଳିତବର୍ଷ ଡିସେମ୍ବର ପ୍ରଥମ ସପ୍ତାହରୁ ଏହା ବଢ଼ିଥିବା ଖଲ୍ଲିକୋଟ ବନଖଣ୍ଡ ଅଧିକାରୀ ଦିଲୀପ ମାର୍ଥା କହିଛନ୍ତି। ବର୍ତ୍ତମାନ କଇଁଛମାନେ ସମୁଦ୍ର ମଧ୍ୟରେ ଦଳ ଦଳ ହୋଇ ଭାସୁଥିବା ଦେଖିବାକୁ ମିଳୁଛି। ସେ ଆହୁରି କହିଛନ୍ତି, ଏହି ମିଳନ ପ୍ରକ୍ରିୟା ଆସନ୍ତା ଜାନୁୟାରୀ ପର୍ଯ୍ୟନ୍ତ ଚାଲିବ। ସମୁଦ୍ର ଉପକୂଳରେ ଦକ୍ଷିଣା ପବନ ବହିଲେ ଫେବୃୟାରୀ ମାସରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବନ ବିଭାଗ ପୂର୍ବାନୁମାନ କରିଛି।



କଇଁଛଙ୍କ ସୁରକ୍ଷା ପାଇଁ ଉତ୍ତର ଦିଗରେ ଥିବା ପ୍ରୟାଗୀ ଏବଂ ଦକ୍ଷିଣ ଦିଗରେ ଆର୍ଜିପଲ୍ଲି ପର୍ଯ୍ୟନ୍ତ ସମୁଦ୍ର ଅଞ୍ଚଳକୁ ବନ ବିଭାଗ ପକ୍ଷରୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏହି ଅଞ୍ଚଳକୁ ଟ୍ରଲରର ପ୍ରବେଶ ଉପରେ ରୋକ୍ ଲଗାଯିବା ସହ ତଦାରଖ ପାଇଁ ଏକ ସ୍ୱତନ୍ତ୍ର ୧୦ଜଣିଆ ଟିମ୍ ଗଠନ କରାଯାଇଥିବା ରମ୍ଭା ବନଖଣ୍ଡ ଅଧିକାରୀ ସୋମନାଥ ମଲିକ କହିଛନ୍ତି। ଏହାସହ ପ୍ରତି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ କୋଷ୍ଟଗାର୍ଡ ଏବଂ କଇଁଛ ସୁରକ୍ଷା କର୍ମଚାରୀ ନିୟୋଜିତ ଅଛନ୍ତି।

କଇଁଛ ଗୁଡ଼ିକ ସୁଦୂର କୋଷ୍ଟରିକା, ଶ୍ରୀଲଙ୍କା ଏବଂ ଜାପାନ ଉପକୂଳରୁ ହଜାର ହଜାର କିମି ଅତିକ୍ରମ କରି ଏଠାରେ ପହଞ୍ଚି ପ୍ରଥମେ ମିଳନ ଓ ପରେ ଗଣ ଅଣ୍ଡାଦାନ କରିଥାନ୍ତି। ଗୋଟିଏ କଇଁଛ ପ୍ରାୟ ୧୪୦ ରୁ ୧୬୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଛୁଆ ଫୁଟିବା ପାଇଁ ପ୍ରାୟ ୪୦ ରୁ ୫୦ ଦିନ ସମୟ ଲାଗିଥାଏ।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ — ସୁନା ନିଲାମ ବିଜ୍ଞପ୍ତି

ଆଞ୍ଚଳିକ କାର୍ଯ୍ୟାଳୟ: ପିପିଲି, ଜିଲ୍ଲା: ପୁରୀ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ଜଣାଇବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିମ୍ନରେ ଦର୍ଶାଯାଇଥିବା ଋଣ ପରିଶୋଧର ଅନ୍ତିମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହା ହେଲେ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ସେମାନଙ୍କର ବନ୍ଧକ ସୁନା ଅଳଙ୍କାରକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କ କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ଏହାର ବିଜ୍ଞପ୍ତି ପରିବର୍ତ୍ତନ କରିବାର ଅଧିକାର ବ୍ୟାଙ୍କ ପାଖରେ ସଂରକ୍ଷିତ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) |
|---|---|---|---|
| | | **ଚାରିଛକ ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୭.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଚାରିଛକ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୫.୧୨.୨୦୧୮** | |
| ୧. | [illegible] | [illegible] | [illegible] |
| | | **ନରିଶ ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୭.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଚାରିଛକ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୫.୧୨.୨୦୧୮** | |
| | | **ଓସ୍ତପୁର ଖଣ୍ଡାସାହି ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୭.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଚାରିଛକ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୫.୧୨.୨୦୧୮** | |
| | | **ଅସ୍ତରଙ୍ଗ ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୭.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଚାରିଛକ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୫.୧୨.୨୦୧୮** | |
| | | **ଗୋରଡିଆ ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୮.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଗୋରଡିଆ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୭.୧୨.୨୦୧୮** | |
| | | **କଣାସ ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୮.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଗୋରଡିଆ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୭.୧୨.୨୦୧୮** | |
| | | **ଇନ୍ଦିପୁର ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୮.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଗୋରଡିଆ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୭.୧୨.୨୦୧୮** | |
| | | **ଚନ୍ଦନପୁର ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୯.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଚନ୍ଦନପୁର ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୮.୧୨.୨୦୧୮** | |
| | | **କପିଳେଶ୍ୱରପୁର ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୯.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଚନ୍ଦନପୁର ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୮.୧୨.୨୦୧୮** | |
| | | **ବ୍ରହ୍ମଗିରି ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୧୯.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଚନ୍ଦନପୁର ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୮.୧୨.୨୦୧୮** | |
| | | **କୃଷ୍ଣପ୍ରସାଦ ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୨୦.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: କୃଷ୍ଣପ୍ରସାଦ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୧୯.୧୨.୨୦୧୮** | |
| | | **ଭୁବନେଶ୍ୱର ଶାଖା, ଜିଲ୍ଲା: ଖୋର୍ଦ୍ଧା (ନିଲାମ ତାରିଖ: ୨୧.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଭୁବନେଶ୍ୱର ଶାଖା, ଜିଲ୍ଲା: ଖୋର୍ଦ୍ଧା), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୦.୧୨.୨୦୧୮** | |
| | | **ଭୀମଟାଙ୍ଗି ଶାଖା, ଜିଲ୍ଲା: ଖୋର୍ଦ୍ଧା (ନିଲାମ ତାରିଖ: ୨୪.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଭୀମଟାଙ୍ଗି ଶାଖା, ଜିଲ୍ଲା: ଖୋର୍ଦ୍ଧା), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୧.୧୨.୨୦୧୮** | |
| | | **ରାଜସ ଶାଖା, ଜିଲ୍ଲା: ଖୋର୍ଦ୍ଧା (ନିଲାମ ତାରିଖ: ୨୬.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ରାଜସ ଶାଖା, ଜିଲ୍ଲା: ଖୋର୍ଦ୍ଧା), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୪.୧୨.୨୦୧୮** | |
| | | **ଏରବଙ୍ଗ ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୨୭.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ଏରବଙ୍ଗ ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୬.୧୨.୨୦୧୮** | |

ଅବଶିଷ୍ଟାଂଶ ପରବର୍ତ୍ତୀ ପୃଷ୍ଠାରେ...

## ପ୍ରଥମ ପୃଷ୍ଠାରୁ...

## ରାହୁଲଙ୍କୁ ...

ରାହୁଲଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ ନେଇ ପୁଣିଥରେ ସୂଚନା ଦେଇଛନ୍ତି। ରାହୁଲ ଚଳିତ ମାସ ଶେଷ ସୁଦ୍ଧା ଦୁଇ ଦିନିଆ ଗସ୍ତରେ ଆସିବେ ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲିବେ ବୋଲି ସେ କହିଛନ୍ତି। ମାତ୍ର ଏହାର କୌଣସି ନର୍ଦ୍ଦିଷ୍ଟ ସୂଚନା ସେ ଦେଇପାରି ନାହାନ୍ତି। ନିରଞ୍ଜନଙ୍କ ସହ କଂଗ୍ରେସର ଆଉ କେତେଜଣ ନେତା ମଧ୍ୟ ପୂର୍ବରୁ ସମାନ କଥା କହିଛନ୍ତି। ନିରଞ୍ଜନ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୂଚନାକୁ ଦୃଷ୍ଟିରେ ରଖି ବିଗତଦିନ ଭଳି ଏପରି କହିଥାଇପାରନ୍ତି ବୋଲି ଦଳର ଜଣେ ନେତା ମତ ରଖିଛନ୍ତି।

ନିରଞ୍ଜନ ଦାୟିତ୍ୱ ନେବା ପରେ ''ଉଠିବ କଂଗ୍ରେସ ଏବଂ ହସିବ ଓଡ଼ିଶା''ର ସ୍ଲୋଗାନ ଦିଆଯାଉଛି। ହେଲେ ୭ ମାସ ବିତିଯାଇଥିଲେ ମଧ୍ୟ ଦଳର ସଙ୍ଗଠନରେ ସେପରି କିଛି ଆଖିଦୃଶିଆ ସୁଧାର ଆସିନାହିଁ। ଓଲଟି ବିଭିନ୍ନ କାରଣରୁ ପିସିସି ନେତୃତ୍ୱକୁ ଲୋକହସା ହେବାକୁ ପଡିଛି ବୋଲି ଚର୍ଚ୍ଚା ହେଉଛି। ବିଧାନସଭା ନିର୍ବାଚନ ପାଇଁ ଆଗୁଆ ୫୦ ପ୍ରାର୍ଥୀଙ୍କ ନାମ ଘୋଷଣା ଏବଂ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ନେଇ ନିରଞ୍ଜନ ଦେଇଥିବା ମତ ବାରମ୍ବାର ଭୁଲ୍ ପ୍ରମାଣିତ ହେବାରେ ଲାଗିଛି। ଅନ୍ୟପଟେ ରାଜ୍ୟ ନେତୃବୃନ୍ଦଙ୍କ ତ୍ରୁଟି କାରଣରୁ ରାହୁଲ ଓଡ଼ିଶା ଗସ୍ତରେ ଆସିପାରୁ ନ ଥିବା ବର୍ତ୍ତମାନ ରାଜନୈତିକ ବିଶେଷଜ୍ଞ ମହଲରେ ଆଲୋଚନା ହେଉଛି। ଏହାସହ ତାଙ୍କର ଦାୟିତ୍ୱ ଗ୍ରହଣର ଖୁବ୍ କମ୍ ଦିନ ମଧ୍ୟରେ ଦଳୀୟ କନ୍ଦଳ ମଧ୍ୟ ଉଗ୍ରରୂପ ନେବାରେ ଲାଗିଛି।

କିଛିଦିନ ତଳେ ନିରଞ୍ଜନ କହିଥିଲେ ଯେ, ରାହୁଲ ଅକ୍ଟୋବର ଏବଂ ନଭେମ୍ବରରେ ଦୁଇଥର ରାଜ୍ୟ ଗସ୍ତରେ ଆସିବେ। ସେହିପରି ବିଗତଦିନରେ ମଧ୍ୟ ନିରଞ୍ଜନ ରାହୁଲଙ୍କ ଗସ୍ତ ନେଇ ସମୟ ଦେଇଥିଲେ। ଅଗଷ୍ଟରେ ରାହୁଲ ଆସିବେ ବୋଲି ସେ ପ୍ରଥମେ କହିଥିଲେ। ଯେତେବେଳେ ସେହି ସମୟ ଅତିବାହିତ ହୋଇଗଲା ତା'ପରେ ସେ ସେପ୍ଟେମ୍ବର ଶେଷ ସପ୍ତାହରେ ରାହୁଲ ଆସିବେ ବୋଲି କହିଥିଲେ। କେବଳ ନିରଞ୍ଜନ ନୁହନ୍ତି ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଏବଂ ରାଜ୍ୟ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂହ ମଧ୍ୟ ରାହୁଲ ଓଡ଼ିଶା ଆସିବାକୁ ଚାହୁଁଛନ୍ତି ବୋଲି କହିଥିବାବେଳେ କେବେ ଆସିବେ ସେନେଇ ସ୍ପଷ୍ଟ ସୂଚନା ଦେଇପାରି ନ ଥିଲେ। ସେତେବେଳେ ଏନେଇ ପ୍ରଦୀପ ମାଝିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ବିଭିନ୍ନ ରାଜ୍ୟରେ ନିର୍ବାଚନ ଚାଲିଥିବାରୁ ରାହୁଲ ଓଡ଼ିଶା ଆସିପାରୁ ନାହାନ୍ତି। ସେ ବହୁ ପୂର୍ବରୁ ଆସି ସାରନ୍ତେଣି, ଯେହେତୁ ଆମ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇପାରୁ ନାହିଁ ସେଥିପାଇଁ ରାହୁଲ ଆସିପାରୁ ନାହାନ୍ତି ବୋଲି ପ୍ରଦୀପ ମତ ରଖିଛନ୍ତି।

ନିରଞ୍ଜନ କୁଆଡ଼େ ସବୁ ନେତାଙ୍କୁ ଏକାଠି ନ କରିବାର ଖବର ପାଇ ରାହୁଲ ଓଡ଼ିଶା ଗସ୍ତରୁ ପଛଘୁଞ୍ଚା ଦେଉଛନ୍ତି ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି। କେନ୍ଦ୍ରୀୟ ନେତାଙ୍କ ମନରେ ରାହୁଲଙ୍କ ଗସ୍ତର ସଫଳତା ବିଷୟରେ ରାଜ୍ୟ ନେତୃବୃନ୍ଦ ବିଶ୍ୱାସ ଜନ୍ମାଇପାରୁ ନାହାନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଏନେଇ କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି କହିଛନ୍ତି ଯେ, ରାହୁଲ ଓଡ଼ିଶା ଆସିବା ଜରୁରୀ। ତାଙ୍କ ଗସ୍ତନେଇ ସଭାପତି ପୂର୍ବରୁ ଦେଇଥିବା ମତ ଭୁଲ୍ ପ୍ରମାଣିତ ହେଲେ ଦଳର କର୍ମୀମାନଙ୍କ ଉପରେ କୌଣସି ପ୍ରଭାବ ପଡିବନାହିଁ। ମାତ୍ର ତାଙ୍କର ତୁରନ୍ତ ରାଜ୍ୟ ଗସ୍ତରେ ଆସିବା ଜରୁରୀ ବୋଲି ଅଂଶୁମାନ କହିଛନ୍ତି।

---



## idco ODISHA — ODISHA INDUSTRIAL INFRASTRUCTURE DEVELOPMENT CORPORATION

Your power to grow. ISO 9001 & 14001 CORPORATION
NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.**

Tender Call Notice No. EST- 59 / 2018-19 / 24464 Dt. 03.12.2018

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding From | To |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of D-Type Quarter at ITI Gumma, in the District of Gajapati. (Ground Floor) | CGM (Civil), IDCO, IDCO Tower, Janpath, Bhubaneswar | Bid ID. No.Civil-EST-59 / 2018-19 | 06 (Six) Calendar Months | Rs. 26,75,831.00 | 18.00 Hours of 07.12.2018 | 17.00 Hours of 17.12.2018 |

Further details can be seen from the e-procurement portal. **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website.**

Sd/-
**Chief General Manager (Civil) I/C**
**IDCO, Bhubaneswar**

---

## GOVERNMENT OF ODISHA
## DEPARTMENT OF WATER RESOURCES

**Office of the Chief Engineer & Basin Manager**
**Rushikulya Vansadhara & Nagabali Basin, Berhampur-760004**

**No.907-A:- e-Procurement Notice No.: CE & BM, RVN-06/2018-19**

1. Type of works : Improvement of Canal Embankment Roads
2. No. of works : 02 Nos.
3. Form of Contract : Percentage Rate
4. Period of Completion : 14 (Fourteen) Calendar Months

| Sl. No. | Procurement Officer | Bid Identification | Bid Amount Rs. in lakhs | Availability & submission of Bids on line. |
|---|---|---|---|---|
| 01 | CE & BM, RVN Basin, Berhampur | CE & BM, RVN (BNID)-05/2018-19 | 636.00 | From 11.12.2018, 10.00 AM to 31.12.2018, 5.00 P.M. |
| 02 | | CE&BM,RVN (BEID) - 02/ 2018-19 | 699.00 | |

Date of opening of the Technical Bid : 02.01.2019 at 11.30 A.M.
Further details can be seen from the Govt. website www.tendersorissa.gov.in

**Chief Engineer & Basin Manager,**
**RVN Basin, Berhampur**

**32072/11/0009/1819**

---

**...ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସୁନା ନିଲାମ ବିଜ୍ଞପ୍ତିର ଅବଶିଷ୍ଟାଂଶ:**

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) |
|---|---|---|---|
| ୭୧. | ୩୪୧୩୦୪୧୦୦୦୮୨୪ | **ସନ୍ତୋଷ କୁମାର ମହାନ୍ତି,** ପିତା: ବାଇଧର ମହାନ୍ତି, ଓଗାଳପୁର, ପୋ: ମଳଗ୍ରାମ, ଜିଲ୍ଲା: ପୁରୀ | ୬.୭୦୦ |
| ୭୨. | ୩୪୧୩୦୪୧୦୦୦୮୪୮ | **ସୁଶାନ୍ତ କୁମାର ମଲ୍ଲିକ,** ପିତା: ଭ୍ରମରବର ମଲ୍ଲିକ, ବନମାଳୀପୁର, ପୋ: ମାଧବ, ଜିଲ୍ଲା: ପୁରୀ | ୬୩.୫୦୦ |
| ୭୩. | ୩୪୧୩୦୪୧୦୦୦୮୫୪ | **ଶ୍ରୀଚରଣ ସାହୁ,** ପିତା: ଭୀମସେନ ସାହୁ, ବୀରତୁଙ୍ଗ, ଜିଲ୍ଲା: ପୁରୀ | ୫୨.୫୦୦ |
| ୭୪. | ୩୪୧୩୦୪୧୦୦୦୮୫୫ | **ଧନେଶ୍ୱର ସାହୁ,** ପିତା: କପିଳ ସାହୁ, ଓଗାଳପୁର, ମଳଗ୍ରାମ, ଜିଲ୍ଲା: ପୁରୀ | ୩୩.୩୦୦ |
| ୭୫. | ୩୪୧୩୦୪୧୦୦୦୮୬୦ | **ଶ୍ରୀଚରଣ ସାହୁ,** ପିତା: ଭୀମସେନ ସାହୁ, ବୀରତୁଙ୍ଗ, ଜିଲ୍ଲା: ପୁରୀ | ୭୫.୭୦୦ |
| ୭୬. | ୩୪୧୩୦୪୧୦୦୦୮୮୩ | **ରାମଚନ୍ଦ୍ର ବେହେରା,** ପିତା: ବଂଶୀଧର ବେହେରା, ବେଦପୁର, ପୋ: ଭଇରପୁର, ଜିଲ୍ଲା: ପୁରୀ | ୮.୯୦୦ |
| ୭୭. | ୩୪୧୩୦୪୧୦୦୦୮୯୯ | **ରତିକାନ୍ତ ବାରିକ,** ପିତା: ପଞ୍ଚାନନ ବାରିକ, ସା/ପୋ: ଗୋପ, ଜିଲ୍ଲା: ପୁରୀ | ୩୫.୯୦୦ |
| ୭୮. | ୩୪୧୩୦୪୧୦୦୦୯୦୦ | **ସୁମନ୍ତ ନାୟକ,** ପିତା: ଲମ୍ବୋଧର ନାୟକ, ପୟରା, ପୋ: ତମ୍ପାଲୋ, ଜିଲ୍ଲା: ପୁରୀ | ୨୨.୪୦୦ |
| ୭୯. | ୩୪୧୩୦୪୧୦୦୦୯୦୯ | **ବିରେନ୍ଦ୍ର ଖଟୋଇ,** ପିତା: ବଂଶୀଧର ଖଟୋଇ, କେଉତୁଙ୍ଗା, ଭଇରପୁର, ଜିଲ୍ଲା: ପୁରୀ | ୧୬.୦୦୦ |
| ୮୦. | ୩୪୧୩୦୪୧୦୦୦୯୧୨ | **ରମେଶ ପ୍ରଧାନ,** ପିତା: କପିଳ ପ୍ରଧାନ, ସା/ପୋ: ଶିଶୋ, ଜିଲ୍ଲା: ପୁରୀ | ୧୦.୦୦୦ |
| ୮୧. | ୩୪୧୩୦୪୧୦୦୦୯୧୩ | **ପ୍ରଫୁଲ୍ଲ କୁମାର ନାୟକ,** ପିତା: ଲୋକନାଥ ନାୟକ, ଏରବଙ୍ଗ, ଜିଲ୍ଲା: ପୁରୀ | ୧୬.୦୦୦ |
| ୮୨. | ୩୪୧୩୦୪୧୦୦୦୯୧୬ | **ସୁରେଶ ସେନାପତି,** ପିତା: ବେଣୁଧର ସେନାପତି, ସା/ପୋ: ଗୋପ, ଜିଲ୍ଲା: ପୁରୀ | ୨୧.୨୦୦ |
| ୮୩. | ୩୪୧୩୦୪୧୦୦୦୯୨୬ | **ଅଳି ବିଶ୍ୱାଳ,** ପିତା: ଇଶ୍ୱର ବିଶ୍ୱାଳ, କୁଣ୍ଡିସ, ପୋ: ମହଲପଡ଼ା, ଜିଲ୍ଲା: ପୁରୀ | ୨୮.୯୦୦ |
| ୮୪. | ୩୪୧୩୦୪୧୦୦୦୯୩୦ | **ପୂର୍ଣ୍ଣ ଚନ୍ଦ୍ର ସାହୁ,** ପିତା: ଗୋପି ସାହୁ, ବେଦପୁର, ପୋ: ଭଇରପୁର, ଜିଲ୍ଲା: ପୁରୀ | ୫.୩୦୦ |
| ୮୫. | ୩୪୧୩୦୪୧୦୦୦୯୫୨ | **ପ୍ରଦୀପ୍ତ କୁମାର ମଲ୍ଲିକ,** ପିତା: କୁଞ୍ଜ ମଲ୍ଲିକ, ତୁଳସୀପୁର, ଜିଲ୍ଲା: ପୁରୀ | ୨୯.୨୦୦ |
| ୮୬. | ୩୪୧୩୦୪୧୦୦୦୯୭୯ | **ମନୋଜ ଜେନା,** ପିତା: ବନବିହାରୀ ଜେନା, ସା/ପୋ: ଗଡ଼ରୂପାସ, ଜିଲ୍ଲା: ପୁରୀ | ୧୨.୪୦୦ |
| ୮୭. | ୩୪୧୩୦୪୧୦୦୦୯୮୯ | **ସୁବାଷ ରଞ୍ଜନ ସେନାପତି,** ପିତା: ବଳରାମ ସେନାପତି, ସା/ପୋ: ଗୋପ, ଜିଲ୍ଲା: ପୁରୀ | ୫୯.୮୦୦ |
| ୮୮. | ୩୪୧୩୦୪୧୦୦୦୯୯୦ | **ସୁବାଷ ରଞ୍ଜନ ସେନାପତି,** ପିତା: ବଳରାମ ସେନାପତି, ସା/ପୋ: ଗୋପ, ଜିଲ୍ଲା: ପୁରୀ | ୬୧.୦୦୦ |
| ୮୯. | ୩୪୧୩୦୪୧୦୦୦୯୯୬ | **ସୁଦର୍ଶନ ଦାସ,** ପିତା: କିଶା ଦାସ, ବୀରତୁଙ୍ଗ, ଜିଲ୍ଲା: ପୁରୀ | ୯.୧୦୦ |
| ୯୦. | ୩୪୧୩୦୪୧୦୦୦୯୬୯ | **ସରୋଜ କୁମାର ମିଶ୍ର,** ପିତା: ବିଷ୍ଣୁ ମିଶ୍ର, ବେଦପୁର, ପୋ: ଭଇରପୁର, ଜିଲ୍ଲା: ପୁରୀ | ୧୩.୭୦୦ |
| ୯୧. | ୩୪୧୩୦୪୧୦୦୧୦୧୬ | **କାଶିନାଥ କାଣ୍ଡି,** ପିତା: ପଞ୍ଚୁ କାଣ୍ଡି, ବୀରତୁଙ୍ଗ, ଜିଲ୍ଲା: ପୁରୀ | ୨୭.୫୦୦ |
| ୯୨. | ୩୪୧୩୦୪୧୦୦୧୦୩୩ | **ଅକ୍ଷୟ କୁମାର ବାରିକ,** ପିତା: ଭଗବାନ ବାରିକ, ଡଭାର, ପୋ: ଗଣେଶ୍ୱରପୁର, ଜିଲ୍ଲା: ପୁରୀ | ୧୨.୭୦୦ |
| **ବଳଙ୍ଗା ଶାଖା, ଜିଲ୍ଲା: ପୁରୀ (ନିଲାମ ତାରିଖ: ୨୮.୧୨.୨୦୧୮, ସମୟ: ପୂର୍ବାହ୍ନ ୧୧ ଘଟିକା, ସ୍ଥାନ: ବଳଙ୍ଗା ଶାଖା, ଜିଲ୍ଲା: ପୁରୀ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୭.୧୨.୨୦୧୮** | | | |
| ୧. | ୦୦୦୭୧୩୦୪୧୦୦୦୨୫୩ | **ଅନନ୍ତ ସାହୁ,** ପିତା: ସାଧୁ ସାହୁ, ସା: ନହମଙ୍ଗା, ପୋ: ସାହାଡାପଡା | ୨୨.୦୦୦ |
| ୨. | ୦୦୦୭୧୩୦୪୧୦୦୦୨୬୮ | **କୈଳାଶ ପାଣି,** ପିତା: ବଳଭଦ୍ର ପାଣି, ସା: ପାଳୀପୋଟଳୀ, ପୋ: ଜୋପାନ | ୧୦.୦୦୦ |
| ୩. | ୦୦୦୭୧୩୦୪୧୦୦୦୩୫୩ | **ନରେନ୍ଦ୍ର ପ୍ରଧାନ,** ପିତା: ବେଣୁ ପ୍ରଧାନ, ସା: ତୋଟାସାହି, ପୋ: ବଳଙ୍ଗା | ୧୯.୯୫୦ |
| ୪. | ୦୦୦୭୧୩୦୪୧୦୦୦୩୫୧ | **ଅଶୋକ କୁମାର ଛଟୋଇ,** ପିତା: ଲକ୍ଷ୍ମୀଧର ଛଟୋଇ, ସା: ବନମାଳୀପୁର, ପୋ: କୋଠସାହି | ୩୭.୨୦୦ |
| ୫. | ୦୦୦୭୧୩୦୪୧୦୦୦୪୧୫ | **ପ୍ରମିଳା ଗୁରୁ,** ସ୍ୱାମୀ: କାଳୁ, ସା: ବାଲିଗାଁ, ପୋ: ସରସ୍ୱତୀପୁର | ୮.୦୯୦ |
| ୬. | ୦୦୦୭୧୩୦୪୧୦୦୦୪୩୬ | **ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ,** ପିତା: ଦାମ ମଲ୍ଲିକ, ସା: ନହମଙ୍ଗା, ପୋ: ସାହାଡାପଡା | ୧୯.୪୦୦ |
| ୭. | ୦୦୦୭୧୩୦୪୧୦୦୦୪୬୬ | **ନବଘନ ବାରିକ,** ପିତା: ସାହେବ, ସା: ରୂପଦେଇପୁର | ୧୩.୦୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି।**

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର **୧ ଘଣ୍ଟା** ପୂର୍ବରୁ ନିଜର ପାନ୍ କାର୍ଡ ଏବଂ ଆଧାର କାର୍ଡର ଜେରକ୍ସ କପି ସହିତ **ଟ.୫,୦୦୦/- (ପାଞ୍ଚହଜାର ଟଙ୍କା ମାତ୍ର)** ଅମାନତ ଆକାରରେ ଜମା ଦେବାକୁ ହେବ।
୨. ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟର **୧ ଘଣ୍ଟା** ପୂର୍ବରୁ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩. ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ **ଆବଶ୍ୟକ ଜିଏସ୍‌ଟି ସହିତ** ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪. ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫. ସର୍ବୋଚ୍ଚ ନିଲାମ ଡାକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ।
୬. ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୭. ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଚୁଡାନ୍ତ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ ଭାଗ ଟଙ୍କା **ଆବଶ୍ୟକ ଜିଏସ୍‌ଟି ସହିତ** ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା କରିଥିବା ଅମାନତ ଟ.୫୦୦୦/- ଏବଂ ଶତକଡା ୨୫ ଭାଗ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୮. ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୯. ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୧୦. ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ: ପିପିଲି
ତାରିଖ: ୦୬.୧୨.୨୦୧୮

ଆଞ୍ଚଳିକ ପ୍ରବନ୍ଧକ,
ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

---

## OFFICE OF THE MUNICIPAL COUNCIL, MALKANGIRI

**Odisha, PIN: 764045, Ph.: 06861 - 230244, E-mail: malkangiri@ulborissa.gov.in**

Lt. No. 3175/Mpl./2018 Dated: 05.12.2018

**TENDER CALL NOTICE**

Sealed tenders are hereby invited from intending firms / outsourcing agencies for sanitation work of Malkangiri Municipality for a period of 03 (Three) years i.e. from 1st January 2019 to 31st December 2021.

**Work Details:**

| Sl. No. | Name of the work | Estimated cost (Rs.) per month | E.M.D (Rs.) | Paper cost (Rs.) | Security Deposit (Rs.) |
|---|---|---|---|---|---|
| 1 | Sanitation work of Zone-I (Door to Door Collection, Bush Cutting, Street Sweeping & Cleaning of drain from Ward No.01 to Ward No.09) | 5,91,000/- | 6,000/- | 4,000/- | 6,00,000/- |
| 2 | Sanitation Work of Zone-II (Door to Door Collection, Bush Cutting, Street Sweeping & Cleaning of drain from Ward No.10 to Ward No.19) | 5,91,000/- | 6,000/- | 4,000/- | 6,00,000/- |

The tender papers along with DTCN will be available in the Government website i.e. **www.tenderorissa.gov.in** from dated **07.12.2018 at 10 AM to 20.12.2018 at 5.00 PM**. The tender paper should be submitted through online separately for each work zone on or befoere **5.00 PM** of dated **20.12.2018**. The paper cost, EMD, Security Deposit and other documents must be reached through Registered Post / Speed Post on or before **5.00 PM dated 21.12.2018**. Any tender received after the specified date shall be rejected. The tender paper will be opened online in presence of the tenderers or their authorized representatives on dated **22.12.2018** at **11.00 AM** in the office of the undersigned.

**Sd./- Executive Officer, Malkangiri Municipality**

---

## JAWAHAR NAVODAYA VIDYALAYA, PALJHAR, BOUDH (ODISHA)

**TENDER NOTICE 02/2018-19**

Sealed tenders are invited from the registered firms for supply of Sports items, Lab items, Furniture, Student Stationery & Music Instruments to JNV, Paljhar, Boudh (O). The tender forms with other particulars and list of items can be obtained from the office of the principal, J.N.V. Paljhar, Boudh(O) from **09.00 AM to 04.00 PM** in all working days w.e.f. **07.12.18** to **13.12.18** on payments of Rs.100/- for each unit. The tender papers can also be downloaded from Vidyalaya website **www.jnvboudh.nic.in** and its cost to be remitted in shape of bank draft i.f.o. Principal, JNV, Boudh along with the sealed tender or can be directly deposited in our SB A/C as mentioned in the tender paper. The sealed tender papers completed in all respect should only be deposited by **11.30 AM** of **14.12.2018**. The Vidyalaya Purchase Committee Meeting will be held on **14.12.18** at **12.15 PM** for finalisation of tender. The Chairman of the Committee reserves the right to reject the tender in whole or in part without assigning any reason thereto.

**Sd./- Principal**

---

## ନିୟନ୍ତ୍ରିତ ବଜାର କମିଟି, ବରଗଡ଼

**ସଂଖ୍ୟା: ୯୪** **ତା: ୦୫।୧୨।୧୮**

**ଦୋକାନ ଗୃହ ଲଟେରୀ ଉଠାଣ**

ଏତଦ୍ୱାରା ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ବିଜ୍ଞାପନ ସଂଖ୍ୟା ୭୧୧/ତା୨୪।୦୯।୨୦୧୮ ଅନୁଯାୟୀ କୃଷକ ବଜାର ସଂଲଗ୍ନରେ ଖାଲିପଡ଼ିଥିବା ୮(ଆଠ) ଗୋଟି ଦୋକାନଗୁଡ଼ିକୁ ପାଇବା ପାଇଁ ଆବେଦନ କରିଥିବା ଆବେଦନକାରୀମାନଙ୍କୁ ଅବଗତ କରାଯାଉଅଛି ଯେ, ଆସନ୍ତା ତା୧୧।୧୨।୨୦୧୮ ଦିବା ୧୧.୦୦ ଘ. ସମୟରେ ଦୋକାନ ଗୃହର ଆବଣ୍ଟନ ସକାଶେ ନିୟନ୍ତ୍ରିତ ବଜାର କମିଟିର ମୁଖ୍ୟ କାର୍ଯ୍ୟାଳୟ, ବରଗଡ଼ରେ 'ଲଟେରୀ' ଉଠାଣ ହେବ। ଏଣୁ ଆବେଦନକାରୀମାନେ ନିର୍ଦ୍ଧାରିତ ତାରିଖ,ସମୟ ଓ ସ୍ଥାନରେ ଉପସ୍ଥିତ ରହି ଲଟେରୀ ଉଠାଣରେ ସହଯୋଗ କରିବାକୁ ଅନୁରୋଧ କରୁଅଛୁଁ।

**ଅଧ୍ୟକ୍ଷଙ୍କ ଆଦେଶକ୍ରମେ**

**ସ୍ୱା./- ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି,**
**ବରଗଡ଼**

---

See Career Appointment on every Wednesday & Saturday

---

## ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ

**ବିଜ୍ଞାପନ ସଂଖ୍ୟା ୧୯** ତା୦୬।୧୨।୧୮

ଏତଦ୍ୱାରା କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡର ସମସ୍ତ ପଞ୍ଜୀକୃତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡିଶା ସରକାରଙ୍କ ଧାନ ସଂଗ୍ରହ ନୀତି ୨୦୧୮-୧୯ ତଥା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ନିଷ୍ପତ୍ତି ମୁତାବକ ଆସନ୍ତା ତା୦୭।୧୨।୨୦୧୮ରିଖ ଠାରୁ ବାଙ୍କୀ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ୪୫ଗୋଟି ସେବା ସମବାୟ ସମିତି ଦ୍ୱାରା ଧାନକ୍ରୟ କରାଯିବ। ସମସ୍ତ ପଞ୍ଜୀକୃତ ଧାନ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନ ହୋଇ ନିକଟସ୍ଥ ସେବା ସମବାୟ ସମିତିମାନଙ୍କ ଜରିଆରେ (ଏଫ୍.ଏ.କ୍ୟୁ) ମାନର ଧାନ ବିକ୍ରୟ କରନ୍ତୁ ଓ ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ ସେବା ସମବାୟ ସମିତିର ସଂପାଦକ ସହ ଯୋଗାଯୋଗ କରିପାରିବେ।

| **ଏଫ.ଏ.କ୍ୟୁ. ଧାନର ନିର୍ଦ୍ଧାରିତ ମାନଦଣ୍ଡ** | | | **ଏଫ.ଏ.କ୍ୟୁ. ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (କ୍ୱିଣ୍ଟାଲ ପିଛା ଦର)** | |
|---|---|---|---|---|
| କ୍ର. ସଂ. | ଧାନରେ ମିଶ୍ରିତ ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ ଧାନର ସର୍ବୋଚ୍ଚ ସୀମା | ସାଧାରଣ ମାନ | ଗ୍ରେଡ 'ଏ' ଧାନ |
| ୧. | ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧.୦% | ଟ.୧,୭୫୦.୦୦ଙ୍କା | ଟ.୧,୭୭୦.୦୦ଙ୍କା |
| ୨. | କାଠି, କୁଟା, ଧୂଳି, ଅଗାଡି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% | | |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି (*ଖରାପ, ପାଣିଫୁଲା, ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫.୦% | | |
| ୪. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% | | |
| ୫. | ଗ୍ରେଡ୍ - 'ଏ' ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬.୦% | | |
| ୬. | ଆଦ୍ରତା ବା ଜଳୀୟ ଅଂଶ | ୧୭.୦% | | |

ପି-ପାସ୍ ବ୍ୟବସ୍ଥାରେ ଚାଷୀମାନଙ୍କ ଠାରୁ ଧାନକ୍ରୟ କରାଯିବ। ମଣ୍ଡିରେ ସମସ୍ତ ପ୍ରକ୍ରିୟା କମ୍ପ୍ୟୁଟର ମାଧ୍ୟମରେ କରାଯିବ। ଧାନର ମୂଲ୍ୟ ଅନ୍‌ଲାଇନ ଆକାଉଣ୍ଟ ଟ୍ରାନ୍ସଫର ମାଧ୍ୟମରେ ଚାଷୀଙ୍କୁ ପ୍ରଦାନ କରାଯିବ। ଧାନର ସହାୟକ ମୂଲ୍ୟ ନେଇ କୌଣସି ଅସୁବିଧା ଥିଲେ, ଜିଲ୍ଲାପାଳ ବା ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜଣାନ୍ତୁ କିମ୍ବା ଜିଲ୍ଲା ଯୋଗାଣ ବିଭାଗ ନିୟନ୍ତ୍ରିତ କକ୍ଷ ଫୋନ୍ ନଂ.(୦୬୭୧) ୨୫୦୮୩୮୮/୨୫୦୭୭୪୪ କୁ ଫୋନ୍ କରନ୍ତୁ।

**ସ୍ୱା./- ସଂପାଦକ, ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ** **ସ୍ୱା./- ଉପଜିଲ୍ଲାପାଳ, ବାଙ୍କୀ-ତଥା-ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ**

---

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

# ମଣ୍ଡେଇ ବାର୍ତ୍ତା - ୨୦୧୮

ବହୁ ପୁରାତନ ସମୟରେ ସ୍ୱତଃପ୍ରବୃତ୍ତଭାବେ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଅଧିବାସୀମାନଙ୍କ ମଧ୍ୟରେ ଜାଗି ଉଠିଥିବା ଲୋକ କଳା ଓ ସଂସ୍କୃତିକୁ ଉଜ୍ଜୀବିତ ଓ ଋଦ୍ଧିମନ୍ତ କରିବା ଏବଂ ଏହି ଅଞ୍ଚଳର କଳାକାର ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ କରାଇବା ପ୍ରଚେଷ୍ଟାରେ ହୁଏ ''ମଣ୍ଡେଇ''ର ପରିକଳ୍ପନା।

କଳା ଓ ସଂସ୍କୃତିର ଏହି ମହାକୁମ୍ଭ ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନ ଓ ଜିଲ୍ଲାବାସୀଙ୍କ ଅଶେଷ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇଆସୁଛି। ଏହି କ୍ରମରେ ଏହି ବର୍ଷ ମଧ୍ୟ ''ମଣ୍ଡେଇ-୨୦୧୮'' ଚଳିତ ୦୭।୧୨।୨୦୧୮ରୁ ୦୯।୧୨।୨୦୧୮ ପର୍ଯ୍ୟନ୍ତ ପାଳନ କରାଯାଉଛି। ତତ୍‌ସହିତ ଏହି ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ କୃଷିଭିତ୍ତିକ ହସ୍ତଶିଳ୍ପ, ହସ୍ତତନ୍ତ, ଟେରାକୋଟା, ଡୋକରା, କାଷ୍ଠ ଶିଳ୍ପ ଆଦି ଉତ୍ପାଦନ ଉପଯୁକ୍ତ ବଜାର ତିଆରି କରିବା ପ୍ରଚେଷ୍ଟାରେ ପଲ୍ଲିଶ୍ରୀ ମେଳା ୨୦୧୮, ୦୭।୧୨।୨୦୧୮ରୁ ୧୧।୧୨।୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ପ୍ରଚେଷ୍ଟାରେ ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷାର ବିକାଶ ପାଇଁ ୦୯ ଗୋଟି ଆଶ୍ରମ ବିଦ୍ୟାଳୟଗୁଡ଼ିକୁ ଉଚ୍ଚ ବିଦ୍ୟାଳୟ ରୂପେ ଉନ୍ନୀତ କରାଯାଇଅଛି। ତତ୍ ସଙ୍ଗେ ସଙ୍ଗେ ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ୦୮ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି। ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ଏବଂ ପୋଲ ନିର୍ମାଣ କରାଯାଇ ଆଦିବାସୀ ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରହିଅଛି। ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଆତ୍ମନିଯୁକ୍ତି/ଦକ୍ଷତା ବୃଦ୍ଧି ପାଇଁ କମ୍ପ୍ୟୁଟର ଶିକ୍ଷା, ସିଲେଇ ଶିକ୍ଷା, ଗାଡ଼ି ଚାଳନା ଶିକ୍ଷା, ୱେଲ୍‌ଡିଂ ଏବଂ ଅନ୍ୟାନ୍ୟ ତାଲିମ୍ ପ୍ରଦାନ କରାଯାଉଅଛି। ଏହି ଜିଲ୍ଲାରେ ଥିବା ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀଙ୍କ ଶିକ୍ଷାର ମାନ ବୃଦ୍ଧି ନିମନ୍ତେ ନବରଙ୍ଗପୁରଠାରେ ଏକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଉମରକୋଟଠାରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଅଛି।

ଆସନ୍ତୁ ଆମେ ସମସ୍ତେ ମିଶି ସ୍ୱଚ୍ଛ ଓ ସୁସ୍ଥ ନବରଙ୍ଗପୁର ଗଠନ ନିମନ୍ତେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର ତରଫରୁ ଆହ୍ୱାନ ଜଣାଉଛୁ।

**ଶ୍ରୀଯୁକ୍ତ ଅଣାକାର ଠାକୁର**
ପ୍ରକଳ୍ପ ପ୍ରଶାସକ,
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,
ନବରଙ୍ଗପୁର

**ଡଃ. ଅଜିତ କୁମାର ମିଶ୍ର**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,
ନବରଙ୍ଗପୁର

---

## State Institute for Development of Arts & Crafts

Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, Bhubaneswar-30
Tel./Fax No.: +91 (0) 674-2351389, 2350310
E-mail: sidacorissa@gmail.com, Website: www.sidacodisha.org.in

SIDAC

## EXPRESSION OF INTEREST

"Expression of Interest" in sealed cover is hereby invited for the following activities of upcoming 13th **Toshali National Crafts Mela** from **28.12.2018 to 13.01.2019** at **Janata Maidan**, Bhubaneswar.

**i. Providing Children Fun Fair Play Items to Play Zone.**
**ii. Providing Security Service.**

For details of EOI document and terms & conditions etc., please visit the office of **SIDAC, Handicrafts Complex, Gandamunda, Bhubaneswar-751030** Ph.-0674-2350318 or the website **www.sidacodisha.org.in**

The last date of submission of EOI document is dated **17.12.2018** up to **01:30 P.M.**

**Member Secretary**

---

## SOUTH CO UTILITY

**OFFICE OF THE SUPERINTENDING ENGINEER**
**Electrical Circle, Bhanjanagar, Tel: (06821) 240335 (O), Fax: 242400,**
**EMail ID: circlehead.bhanjanagar@southcoodisha.com**

**No. 2013** **Date: 05.12.2018**

**E-Tender Notice No. 14/2018-19/07.12.18/ STRENGTHENING OF ELEPHANT CORRIDOR/ SOUTHCO UTILITY/ BHANJANAGAR CIRCLE**

For and on behalf of Southco Utility, sealed Tenders in duplicate on two part bidding systems are invited from bidders having valid HT Electrical License complying to the terms and conditions laid in the tender documents of the following works.

For supply & erection of materials for strngthening of lines and sub stations of Elephant Corridor of Phulbani Electrical Division on Turnkey basis.

The interested bidders would be required to enrol themselves on the tender portal www.tenderwizard.com/SOUTHCO. Complete set of bidding documents will be available in www.tenderwizard.com/SOUTHCO portal from Dt. 07.12.2018 from 10.00 AM onwards (as per e-tender schedule). Interested bidders may visit Southco's official website www.southcoodisha.com or www.tenderwizard.com/ SOUTHCO for detail specification.

Any addendum/ corrigendum to this e-tender notice shall be uploaded in the website only.

| | | |
|---|---|---|
| Issue of online tender document (bid sheet) | : | From 07.12.2018 (10.00 AM) upto 17.12.2018 (01.00 PM |
| Last date for submission of online tender | : | Up to dt.17.12.2018 (05.00 PM). |
| Submission of Tender (Hard copy) | : | Up to dt.18.12.2018 (01.00 PM). |
| Opening of Techno-commercial Bid (Part-1) | : | On dt. 18.12.2018 on or after 03.00 PM. |

Southco reserves the right to alter the tendered quantity and reject/accept any or all tenders or split the tender among tenders without assigning any reason thereof.

**Sd./- Superintending Engineer (Elect)**
**Electrical Circle, Bhanjanagar**

---

## OFFICE OF THE SANAGHAGARA DEVELOPMENT COMMITTEE, KEONJHAR

**SEALED QUOTATION CALL NOTICE**

**No. 137** **Date: 05.12.2018**

Sealed quotations are invited from interested persons for collection of entry fees, parking fees, Boating Fees, Picnic & cleaning fees at Sanaghagara picnic Spot for the year 2019 i.e. from 01.01.2019 to 31.12.2019 on contract basis. The item wise rate chart and the upset price along with the details terms and conditions of the quotations are uploaded in the website of NIC, Keonjhar. Interested persons may visit the website of www.kendujhar.nic.in and subit the quotations in plain paper. The last date of submission of quotation papers is 20.12.2018 only upto 3 PM and the quotations will be opened at 4 PM on the same day.

**Sd./- Sub-Collector, Keonjhar-cum-Chairman**
**Sanaghagara Development Committee,**
**Keonjhar**

---

## OFFICE OF THE ADUPHPO, CITY PROGRAMME MANAGEMENT UNIT, NATIONAL URBAN HEALTH MISSION, ROURKELA, ROURKELA MUNICIPAL CORPORATION, ROURKELA

**No. 2705** **Dt. 30.11.2018**

## TENDER CALL NOTICE

Sealed tenders in double cover are invited from the intending bonafide Agency/Firms for supply of Computer & other peripherals for UPHCs under NUHM, Rourkela. Interested bidders may obtain details Specifications and terms & conditions from the website-www.sundargarh.nic.in. The tender papers will be in two parts i.e. Technical (Cover-A) & Financial Bid (Cover-B).The bidders should give their technical & financial proposal separately in two envelopes and should put into another cover completed in all respect with superscription of Tender for applied, must reach to the undersigned on or before 15.12.2018 at 5 PM through registered/speed post/courier at Sub-Divisional Hospital. UCHC Panposh, Near Panposh Railway Station-769004. The tenders will be opened on

Dtd- 28.12.2018 at 11.30 AM. in presence of the bidders or their authorized representatives. The authority is having discretion to open the tender with or without the presence of the representatives of the concerned bidders for said purpose. The authority reserves the right to reject or cancel the tenders without assigning any reason thereof.

**Sd./- Additional District Urban**
**Public Health Officer, Rourkela**

---

## Directorate of Town Planning
**Government of Odisha**
**Bhubaneswar**

No - 6269 / DTP. Date - 04.12.2018

**REQUEST FOR PROPOSAL FOR PREPARATION OF GIS / RS BASED MASTER PLAN FOR 24 (TWENTY FOUR) TOWNS OF ODISHA**

No.369-C: Directorate of Town Planning, Government of Odisha invites **"REQUEST FOR PROPOSAL FOR PREPARATION OF GIS/RS BASED MASTER PLAN FOR 24 (TWENTY FOUR) TOWNS OF ODISHA"** i.e. Rayagada, Koraput, Paralakhemundi, Deogarh, Anandpur, Joda, Nowarangpur, Malkangiri, Sunabeda, Udala, Padampur, Daspalla, Niligiri, Kamakhyanagar, Patnagarh, Bhuban, Kesinga, Hindol, Khariar Road, Dhamnagar, Gunupur, Karanjia, Titilagarh, and Jaleswar Towns. The RFP Documents will be available from **Dt.11.12.2018** to **Dt.11.01.2019**. The RFP documents can be downloaded from **www.urbanodisha.gov.in/ www.odisha.gov.in**. The last date of submission of proposals is **Dt.14.01.2019** by **4.00 PM**. The Pre-bid meeting will be held on **Dt.21.12.2018** at **11.00 AM** in the Office Chamber of the Director of Town Planning, Odisha, Unit-V, Power House Square, Bhubaneswar-751001. **Please refer the RFP documents for further details.**

**Sd./- Director, Town Planning**
**Government of Odisha**

13038/11/0003/1819

■ ସ୍ୱାଭିମାନ ଅଞ୍ଚଳରେ ମାଓବାଦୀ ପୋଷ୍ଟର

# ନିର୍ବାଚନ ବର୍ଜନ କର, ସଙ୍ଗଠନରେ ସାମିଲ ହୁଅ

ମାଲକାନଗିରି,୬।୧୨(ଡି.ଏନ.ଏ.)

ପିଏଲଜିଏ (ପିପୁଲ ଲିବରେଶନ ଗେରିଲା ଆର୍ମି) ସପ୍ତାହର ପଞ୍ଚମ ଦିନରେ ସ୍ୱାଭିମାନ ଅଞ୍ଚଳରେ ମାଓବାଦୀମାନେ ପୋଷ୍ଟର ଲଗାଇ ନିର୍ବାଚନ ବର୍ଜନ କର, ସଙ୍ଗଠନରେ ସାମିଲ ହେବାକୁ ଅଞ୍ଚଳବାସୀଙ୍କୁ ଆହ୍ୱାନ କରିଛନ୍ତି । ଜଳ, ଜମି ଓ ଜଙ୍ଗଲର ହକ୍ ପାଇଁ ଯୁବପିଢିମାନେ ସଙ୍ଗଠନରେ ସାମିଲ ହେବାକୁ କହିଛନ୍ତି। ଏନେଇ ପଣସପୁଟ, ଜଡାମ୍ବ, ଅଣ୍ଡ୍ରାପାଲି ଅଞ୍ଚଳରେ ପୋଷ୍ଟର ଲଗାଯାଇଛି । ମୁଖ୍ୟତଃ ପିଏଲଜିଏର ପ୍ରତିଷ୍ଠା ସପ୍ତାହକୁ ଧୁମଧାମରେ ପାଳନ କରିବା, ପିଏଲ୍‌ଜିଏର ଆଦିବାସୀଙ୍କ ମୌଳିକ ଅଧିକାର ଜଳ, ଜମି, ଜଙ୍ଗଲ ଲଢେଇକୁ ସମର୍ଥନ ଦେବା, ପୋଲିସ ଦମନକୁ ପ୍ରତିରୋଧ କରିବା, ସମ୍ପୂର୍ଣ୍ଣ ହିଂସାମୁକ୍ତ ଅଭିଯାନକୁ ଧ୍ୱଂସ କରିବା, ଆଣ୍ଟି ମାଓବାଦୀ ପିପୁଲସ୍ ଫୋର୍ସକୁ ଜନ ଆନ୍ଦୋଳନ ଦ୍ୱାରା ଧ୍ୱଂସ କରିବା, ଜନତା ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା, ସଙ୍ଗଠନରେ ଅଧିକ ଯୁବପିଢି ସାମିଲ ହେବା, ମିଥ୍ୟା ଗଣତନ୍ତ୍ରର ନିର୍ବାଚନକୁ ବର୍ଜନ କରିବା, ମିଥ୍ୟା ଏନକାଉଣ୍ଟର, ଷଡଯନ୍ତ୍ରକୁ ପ୍ରତିରୋଧ କରିବା ପାଇଁ ପୋଷ୍ଟର ମାଧ୍ୟମରେ ଆହ୍ୱାନ କରାଯାଇଛି।

ପିଏଲ୍‌ଜିଏ ସପ୍ତାହ ଆସନ୍ତା ୮ ତାରିଖରେ ସରିବ। ଏଥିପାଇଁ ୮ ଦିନ ଧରି ମାଲକାନଗିରି ଜିଲା ଚିତ୍ରକୋଣ୍ଡା, ବାଲିମେଳା, କାଲିମେଳାରେ ସରକାରୀ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ ଭୁବନେଶ୍ୱର ବଲାଙ୍ଗୀର, କଟକ, ସମ୍ବଲପୁର, ଭବାନୀପାଟଣା, ଜୟପୁର, ବ୍ରହ୍ମପୁର, ଭଞ୍ଜନଗର, ବିଶାଖାପାଟଣା, ବିଜୟନଗରମ୍ ଆଦି ସ୍ଥାନକୁ ଯାଉଥିବା ସରକାରୀ ବସ୍ ଚଳାଚଳ ବନ୍ଦ ରହିଛି। ଏନେଇ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମାଲକାନଗିରି ପୋଲିସ ଏବଂ ବିଏସ୍‌ଏଫ୍ ପକ୍ଷରୁ ଜିଲା ସଦର ମହକୁମାଠାରୁ ଆରମ୍ଭ କରି ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ସୀମାନ୍ତ ଛତିଶଗଡ଼ ଏବଂ ଆନ୍ଧ୍ର-ଓଡ଼ିଶା ସୀମାନ୍ତରେ ସୁରକ୍ଷା କର୍ମୀ ମାଓବାଦୀଙ୍କ ଗତିବିଧି ଉପରେ କଡା ନଜର ରଖିଛନ୍ତି ବୋଲି ଏସ୍‌ପି ଜଗମୋହନ ମୀନା କହିଛନ୍ତି।


ମାଓବାଦୀମାନେ ଲଗାଇଥିବା ପୋଷ୍ଟର।

■ ରେଙ୍ଗାଳି ନଦୀବନ୍ଧ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ

# ୧୨ ଘଣ୍ଟା ପାଲଲହଡ଼ା ବନ୍ଦ

ପାଲଲହଡ଼ା, ୬।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା ରେଙ୍ଗାଳି ନଦୀବନ୍ଧ କ୍ଷତିଗ୍ରସ୍ତ ଏବଂ ବିସ୍ଥାପିତଙ୍କୁ ବର୍ଦ୍ଧିତ ହାରରେ କ୍ଷତିପୂରଣ ଓ ପାଲଲହଡା, ଖମାର ଡାକ୍ତରଖାନାରେ ଡାକ୍ତର ପଦବୀ ପୂରଣ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ରେଙ୍ଗାଳି ନଦୀବନ୍ଧ କ୍ଷତିଗ୍ରସ୍ତ ପ୍ରଜା। ଏ ନେଇ କ୍ଷତିଗ୍ରସ୍ତ ପ୍ରଜା ସଂଘ ଓ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ପାଲଲହଡ଼ା ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ ସମର୍ଥନ ଜଣାଇ ବିଭିନ୍ନ ସାମାଜିକ ସଙ୍ଗଠନ ସହ ରାଜନୈତିକ ଦଳ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସକାଳ ୬ ଟାରୁ ବିଭିନ୍ନ ସଙ୍ଗଠନ, ଓକିଲ ସଂଘ, ଖବରଦାତା ସଂଘ, ବଣିକ ସଂଘର କର୍ମକର୍ତ୍ତାମାନେ ପ୍ରଥମେ ପାଲଲହଡ଼ା ଓ ଖମାର ଦେଇ ଯାଇଥିବା ୪୯ ଏବଂ ୧୪୯ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା। ସଂଘର କର୍ମକର୍ତ୍ତାମାନେ ପିକେଟିଂ କରି ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ସରକାରୀ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଏହି ବନ୍ଦକୁ ବଣିକ ସଂଘ ସମର୍ଥନ କରୁଥିବାରୁ ଅଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା।

କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ସନ୍ତୋଷ କୁମାର ଦେହୁରୀଙ୍କ କହିବା ମୁତାବକ, ୧୯୮୩ରେ ସରକାର କ୍ଷତିଗ୍ରସ୍ତ ଲୋକଙ୍କ ଜାଗା ନେଇ ରେଙ୍ଗାଳି ନଦୀବନ୍ଧ ନିର୍ମାଣ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଠିକ୍ କ୍ଷତିପୂରଣ ମିଳିପାରିନାହିଁ। ସେହିପରି ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାରେ ୧୮ ପଦବୀରୁ ମାତ୍ର ୫ ଜଣ ଡାକ୍ତର ରହିଛନ୍ତି । ଖମାର ଡାକ୍ତରଖାନା ବିନା ଡାକ୍ତରରେ ଚାଲିଥିବା ସଂଘ ଅଭିଯୋଗ କରିଛି। ତୁରନ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଅପରାହ୍ନରେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ, ଉପଖଣ୍ଡ ପୋଲିସ ଅଧିକାରୀ ଯଶୋବନ୍ତ ସାମଲ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଖମାରଠାରେ ଖମାର ନାଗରିକ ମଞ୍ଚର ସମ୍ପାଦକ ପ୍ରସନ୍ନ କୁମାର ଜେନା, ବଣିକ ସଂଘ ସଭାପତି ଇନ୍ଦ୍ରମଣି ସାହୁ, ଜିଲାପରିଷଦ ସଭ୍ୟ ସରୋଜ କୁମାର ସାହୁ, ଭାଜପା ନେତା ପ୍ରହଲ୍ଲାଦ ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା ।


ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରି ବସିଛନ୍ତି।

# ବିଜେଡିରେ ମିଶିଲେ ଚକ୍ରଧର

ଭୁବନେଶ୍ୱର, ୬।୧୨(ବ୍ୟୁରୋ)

ଗଜପତି ଜିଲା ମୋହନାର ପୂର୍ବତନ କଂଗ୍ରେସ ବିଧାୟକ ଚକ୍ରଧର ପାଇକ ଗୁରୁବାର ନିଜ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି। ଚକ୍ରଧର ରାମଗିରି ଓ ମୋହନା ନିର୍ବାଚନମଣ୍ଡଳୀରୁ ୨ଥର ବିଧାୟକ ଭାବେ ନିର୍ବାଚିତ ହୋଇସାରିଛନ୍ତି। ନବୀନ ନିବାସରେ ହୋଇଥିବା ଏହି ମିଶ୍ରଣ ପର୍ବ ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ପୂର୍ବତନ ବିଧାୟକ ଚକ୍ରଧର ପାଇକ ଏବଂ ତାଙ୍କ ସମର୍ଥକମାନେ ବିଜେଡିରେ ଯୋଗ ଦେଇଥିବାରୁ ସେ ବହୁତ ଖୁସି। ଏହି ଯୋଗଦାନ ଗଜପତି ଜିଲା ସହ ମୋହନା ନିର୍ବାଚନମଣ୍ଡଳୀରେ ଦଳର ଶକ୍ତିବୃଦ୍ଧିରେ ସହାୟକ ହେବ।

ସେହିପରି ବିଜେଡିରେ ସାମିଲ ହେବା ପରେ ଚକ୍ରଧର କହିଛନ୍ତି, ମୁଁ ଦୀର୍ଘଦିନ ଧରି ବିଜୁବାବୁଙ୍କ ସହିତ ଥିଲି। ବିଜୁବାବୁଙ୍କ ଦଳ ଉତ୍କଳ କଂଗ୍ରେସରେ ରହି ୧୯୭୪ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲି। ତେଣୁ ଆଜି ବିଜେଡିରେ ଯୋଗଦେବା ତାଙ୍କ ପାଇଁ ଘରବାହୁଡ଼ା ସଦୃଶ। ବିଜେଡି ଯେଉଁ ଦାୟିତ୍ୱ ଦେବ ତାହାକୁ ସେ ନିଷ୍ଠାର ସହିତ କରିବେ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲା ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ, ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁ, ଭୂପିନ୍ଦର ସିଂ, ଗଜପତି ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
(E-mail id: cceabp-eicwr.od@nic.in/ loabp-eicwr.od@nic.in)

No.908-A:- **E-procurement Notice No. CCEABP-13 of 2018-19**

| E-Procurement Officer | Name of the work | Bid id No. | Tender cost in Lakhs (Appx) | Bid security | Cost of Bid Document | Class of contractor | Period of completion | Availability of tender on line for bidding | | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Chief Construction Engineer A.B Project, Salapada | Construction of Field Channel work to develop command area of Kalyani, Baghua, Nahanga and Panichhatra Distributary off taken from Salandi Left Main Canal (SLMC). | ABP-BCD-03/ 1 of 2018-19 | 207.13 | 2,10,000/- | 10,000/- | B & A | 06 (Six) calendar months | 07.12.18 11.30 AM | 24.12.18 5.00 PM | 26.12.18 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only.

Sd./- Chief Construction Engineer,
Anandapur Barrage Project, Salapada

32068/11/0023/1819



ODISHA LIVESTOCK RESOURCES DEVELOPMENT SOCIETY
OBPI Campus, Siripur, Bhubaneswar-751003,
Tel No: 0674-2397985, email: olrdsahd@gmail.com,
Website: www.olrds.com

**CORRIGENDUM**

**NATIONAL COMPETITIVE BIDDING (NCB)**
**Invitation for Bids for Laboratory Equipments**

**No.CAD-1099:-** With reference to NCB IFB No.: 01/18-19 published earlier for supply of Laboratory Equipments, the corrigendum to this effect has been uploaded in www.olrds.com / www.orissaahvs.com / www.khordha.nic.in. The same may be downloaded for reference. Eligible bidders may submit their bids on or before 15.00 hrs. on 15.12.2018. Other terms and Conditions of the above tender remain same.

Sd./- Chief Executive Officer,
Odisha Livestock Resources
Development Society (OLRDS)

06061/11/0015/1819



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
Order No. 7607 (2) / Veh., Puri the 28th November, 2018

**TENDER CALL NOTICE FOR PURCHASE OF NEW HEARSE VAN**

Please visit Puri District website (https://puri.nic.in)

**No. 632-E:-** Sealed tenders are invited from intending authorized dealers of Mahindra & Mahindra Ltd. for supplying of New Hearse Van with fabrication for carrying dead body for Nimapada N.A.C., Puri. The last date of submission of tender is on or before 12.12.2018 in the above office by Regd. Post / Speed Post only. Before transmission of tender papers an earnest money of Rs. 1000/- (Refundable) should be deposited by each tenderer in this office at the time of obtaining bidding documents along with technical specification of Van on all working days from 11.30AM to 4.30PM. The date of finalization of tender process will be intimated to the authorized dealers in due course of time. Intending parties / dealers may get details of tender call notice from this office on all working days from 11.30AM to 4.30PM.

10021/11/0038/1819 *Sd./- CDM&PHO, Puri*



**ODISHA POWER TRANSMISSION CORPORATION LIMITED**
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in

No /SGM(TP&C)/Publication/Gaz/ 2526 Date : 04.12.2018

**NOTIFICATION**

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pas | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KVLILO from existing 132KV DC Budhipadar- Tarkera line (Ckt-II) and construction of 220KV LILO from existing 220KV DC Budhipadar-Tarkera line (Ckt- II) both in 220KV Multicircuit tower tp proposed 220/132/33KV Grid S/s Bamra (Total length of ine: 7.409 Kms) | **Tehsil:-** Bamra **R.I.Circle:-** Govindpur (Bamra) **Revenue Village:** Bamphei, Gurla, Baunsalaga, Govindpur Town Unit No. 02 (Dumermunda Bada) | Rs. 15 crores (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply in & around areas of Bamra |

**Sd./- Chief General Manager (Const.), Zone-II, OPTCL, Sambalpur**



**ODISHA POWER TRANSMISSION CORPORATION LIMITED**
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in

No /SGM(TP&C)/Publication/Gaz/ 2527 Date : 04.12.2018

**NOTIFICATION**

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KVD/C (4 Conductor) line from proposed 220/132/33KV Grid S/s Bamra to Proposed RTSS Dhutra (Total length of ine: 38.338 Kms)) | **Tehsil;-** Bamra, **R.I.Circle:-** Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada), Mithupada, Govindpur Town Unit No. 01 . **Tehsil:-** Sundargarh **R.I.Circle:-** Kulta., **Revenue Village:** Kaputikira, Kulta, Phiringi Bahal, Kheria kani. **Tehsil:-** Sundargarh R.I.Circle:- Majhapara **Revenue Village:** Dharuadihi, Budelkani, Suanmal, Ledhimanga,, **Tehsil:-** Kirmira, **R.I.Circle:-** Jharmunda. **Revenue Village:** Jharmunda, Handatupa, Teladihi. **Tehsil:-** Kirmira, **R.I.Circle:-** Bandhapali. **Revenue Village:** Tumbadihi, Sarasmal, Kadobahal, Panpali, Aghria, Bagdihi, Jharmal, Bhalupatra, Bandhpali, Bhursimal, Sialrama, Siarmal, Thakurpada **Tehsil :** Kirmira, **R.I.Circle -** Kirmira, **Revenue Village :** Bidmal **Tehsil :** Kirmira, **R.I.Circle :** Arda, **Revenue Village :** Arda, Saraspali, Dhutura | Rs 15.5 crores (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply RTSS Garposh |

**Sd./- Chief General Manager (Const.), Zone-II, OPTCL, Sambalpur**



**ZILLA SWASTHYA SAMITI, KEONJHAR**
**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**
**(DISTRICT PROGRAMME MANAGEMENT UNIT, NHM)**

**TENDER CALL NOTICE**

Advt. No. 5359 Date: 05.12.2018

**No. 631-E:-** Sealed tenders are invited from eligible transporters to transport KHUSHI-Sanitary Napkins from the Block Ware house of Keonjhar district to different Govt. Schools under Blocks of Keonjhar district. Details regarding the terms and conditions and tender papers may be downloaded from www.keonjhar.nic.in upto dt.17.12.2018. The tender document should reach to the office of the undersigned by 17.12.2018 till 5.00PM through Reg. Post / Speed Post only along with all the relevant documents and E.M.D. The tenders will be opened on dated 18.12.2018 at 11.00AM in presence of the bidders / their authorized representatives.

The undersigned has reserves the right to reject or cancel any or all the tenderers without assigning any reason thereof.

*Sd./- Chief District Medical & Public Health Officer, Keonjhar*

10033/11/0063/1819



**ODISHA POWER TRANSMISSION CORPORATION LIMITED**
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in

No /SGM(TP&C)/Publication/Gaz/ 2528 Date : 04.12.2018

**NOTIFICATION**

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KV D/C (4 Conductor) line from proposed 220/132/33KV Grid S/s Bamra to existing RTSS Bamra (Total length of ine: 1.794Kms)) | **Tehsil:-** Bamra **R.I.Circle** :- Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada) | Rs. 1 crore (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply RTSS Bamra |

**Sd./- Chief General Manager (Const.), Zone-II, OPTCL, Sambalpur**



**ODISHA POWER TRANSMISSION CORPORATION LIMITED**
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
(A Government of Odisha Undertaking)
O/o Sr. General Manager Construction, Zone-II, Sambalpur
At-132/33 Kv Grid S/S, Ganesh Nagar, Bhoidar Nuapali, PO- Sankarma, Sambalpur-7680006
Telephone : (0663) 2540039, Email : sgm.con2.sbp@optcl.co.in

No /SGM(TP&C)/Publication/Gaz/ 2529 Date : 04.12.2018

**NOTIFICATION**

In accordance with section- 164 of Indian Electricity Act., 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R&R-II-10.2006,dated the 9th March 2006 , the following transmission scheme which are intended to be undertaken by the Odisha Power Transmission Corporation Limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur-768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the Work & Scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue. |
|---|---|---|---|---|---|
| 01 | Construction of 132KV D/C (4 Conductor) line from proposed 220/132/3 3KV Grid S/s Bamra to Proposed RTSS Garposh (Total length of ine: 18.424Kms)) | **Tehsil:-** Bamra **R.I.Circle:-** Govindpur (Bamra) **Revenue Village:** Govindpur Town Unit No. 02 (Dumermunda Bada), Baunsalaga, Nuian munda, Kechupani, Baragada, Bhagapada, Uchhuka pat, Lolobiera. **R.I.Circle:-** Garposh. Revenue Village: Titiripashi, Mahulachhapala, Pindapathara, Garposh, Dehuripada, Bada Phiringi, bahal, Bundukamala, Manapali, Dehuri Pada. | Rs 8.37 crores (Approx.) | Deputy General Manager (Elect.), EHT (Construction) Division, Jharsuguda. | To develope quality power supply RTSS Garposh |

**Sd./- Chief General Manager (Const.), Zone-II, OPTCL, Sambalpur**



COUNCIL OF HIGHER SECONDARY EDUCATION, ODISHA
C-2, PRAJNAPITHA, SAMANTAPUR, BHUBANESWAR-13

**No.68-N:-** **QUOTATION CALL NOTICE**
**Bhubaneswar dated the 04th December, 2018.**

No. ADM-II- 25 / 2018 / 11784 / CHSE (O)/ Sealed Quotations are invited from intending Travel Agencies located at Bhubaneswar having GST Registration, IT-Permanent Account Number with capability to supply bulk numbers of different types of vehicles to the Council on hiring basis, as and when required during the period from 01.01.2019 to 31.12.2019 for the purpose of transportation of men and materials of the Council to different colleges of Odisha.

The quotation document can be downloaded from the official website of the Council at http://www.chseodisha.nic.in. Quotation complete in all respect requires to be submitted with the tender fee (non-refundable) of Rs.1,000/- (Rupees One Thousand) only and Earnest Money Deposit (EMD) of Rs.10,000/- (Rupees Ten Thousand) only in shape of Demand Draft/Banker's Cheque payable at Bhubaneswar drawn in favour of **"Finance Officer, C.H.S.E, Odisha, Bhubaneswar"** in an sealed cover addressing **Secretary, Council of Higher Secondary Education, Odisha, C-2, Prajnapitha, Samantapur, Bhubaneswar-13,** through speed post / registered post/ in drop-box **on or before dt. 21.12.2018 by 2.00 P.M.** The Quotations shall be opened at **04.00 P.M** on the same day in the conference hall of the Council. Tender Papers without requisite Tender fees, Earnest Money and any conditional bids shall be summarily rejected.

The Council, in its discretion, reserves the right to accept or reject any or all of the Quotations without assigning any reason thereof.

**By order of Chairman**
**Sd./- Finance Officer I/C**
**C.H.S.E., Odisha, Bhubaneswar**

**11003/11/0019/1819**

## ସଂକ୍ଷେପରେ

### ଆମ୍ବେଡକରଙ୍କ ତିରୋଧାନ ଦିବସ

**ରାଇରଙ୍ଗପୁର,୬।୧୨ (ଡି.ଏନ.ଏ):** ରାଇରଙ୍ଗପୁରସ୍ଥିତ କ୍ରିଏଟିଭ ଏଜୁକେସନ ହଲ୍‌ରେ ଗୁରୁବାର ବି.ଆର. ଆମ୍ବେଡକରଙ୍କ ତିରୋଧାନ ଦିବସ ପାଳିତ ହୋଇ ଯାଇଛି। ମୟୁରଭଞ୍ଜ ଜିଲା ଅନୁସୂଚିତ ଜାତି, ଜନଜାତି,ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ମହାସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାସଂଘ ସଭାପତି ଅଧାପକ ବିଜୟ କୁମାର ରାମଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ମହାସଂଘ ଉପ ସଭାପତି ଡ. ରମେଶ ଚନ୍ଦ୍ର ମାରାଣ୍ଡି, ଡ. ସାଗେରାମ ଟୁଡୁ, ଉପଦେଷ୍ଟା ମୋଚିରାମ ମାରାଣ୍ଡ, ସମେତ ମାସା ସଙ୍ଗଠନ ପାରାୟ୍ କିସ୍କୁ ଏବଂ ଶିବ ଚରଣ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।

**କପ୍ତିପଦା,(ଡ଼ିଏନ୍ଏ):** ଡ଼ଃ ଭୀମରାଓ ଆମ୍ବେଡକରଙ୍କ ୬୩ତମ ତିରୋଧାନ ଦିବସ ପୋଡ଼ାଡ଼ିହା ଏବଂ ଜାମବଣିଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ପୋଡ଼ାଡ଼ିହା ଡାକବଙ୍ଗଳା ପଡ଼ିଆରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସମୀବୃକ୍ଷ ସାହିତ୍ୟ ସଂସଦର ସଭାପତି ତଥା ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଖିଲାର ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ କବି ଇନ୍ଦ୍ରମଣି ବିନ୍ଧାଣୀ, ମୁଖ୍ୟବକ୍ତାଭାବେ ପୂର୍ବତନ ସରପଞ୍ଚ ମୋହନ ଦାସ, ସମ୍ମାନିତ ଅତିଥିଭାବେ ଅଜିତ୍ କୁମାର ବେହେରା, ଶୁକରାମ ମୁଣ୍ଡା, ସାତ୍ୱିକ କୁମାର ବେହେରା, ଗଜେନ୍ଦ୍ର ଗିରି, ଅଜିତ କୁମାର ଦାସ, ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଜାମବଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ବୁଦ୍ଧେଶ ଚନ୍ଦ୍ର ପାତ୍ରଙ୍କ ଆବାହକତ୍ୱରେ ପ୍ରବାଦ ପୁରୁଷ ଡ଼. ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ ହୋଇଥିଲା ।

### ଜନ ପରାମର୍ଶ ପଦଯାତ୍ରା

**ବାରିପଦା ଅଫିସ,୬।୧୨:** ମୟୁରଭଞ୍ଜ ଜିଲା ଭାଜପା ପକ୍ଷରୁ 'ମୋର ଆଶା ନୂଆ ଓଡ଼ିଶା' ଜନ ପରାମର୍ଶ ପଦଯାତ୍ରା ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପିତ ନୂଆ ଭାରତରେ ନୂଆ ଓଡ଼ିଶା ନିର୍ମାଣ ପାଇଁ ଓଡ଼ିଆ ଲୋକଙ୍କ ମନରେ ଆଶାକୁ ସଞ୍ଚାର କରିବା ନିମନ୍ତେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅମ୍ବିକା ମନ୍ଦିର ନିକଟରୁ ଏହି ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ପଦଯାତ୍ରା ସମୟରେ ଓଡ଼ିଶାରେ ଦୀର୍ଘ ୧୯ବର୍ଷ ଧରି ବିଜେଡି ସରକାର ଶାସନ କରିଥିଲେ ମଧ ସ୍ୱାସ୍ଥ୍ୟସେବା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଶିକ୍ଷାଦାନ ଆଦି କ୍ଷେତ୍ରରେ ରାଜ୍ୟ ପଛେଇ ଯାଇଥିବା କୁହାଯାଇଥିଲା। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧରେ କୁମାର ମଙ୍ଗଳମ,ଲକ୍ଷ୍ମୀଧର ହାବଡା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ରୋଜଗାରିଆ ପୁଅ ଗୋଡ଼ରେ ବେଡ଼ି

**ଖୁଣ୍ଟା,୬।୧୨(ଡି.ଏନ.ଏ.)**


ଶିକୁଳିରେ ବନ୍ଧା ହୋଇଥିବା ଚାମୁର ।

- ବିଗିଡିଛି ମାନସିକ ସ୍ଥିତି
- ପରିବାର ଉପରେ ଚଡକ
- ଚିକିତ୍ସା ଲାଗି ଅର୍ଥାଭାବ ହୋଇଛି ବାଧକ

ରୋଜଗାରିଆ ପୁଅ ଗୋଡରେ ଏବେ ବେଡି। ପୁଅର ମାନସିକ ଅବସ୍ଥା ବିଗିଡିବା ପରଠୁ ଅନନ୍ୟୋପାୟ ହୋଇ ପରିବାର ଲୋକେ ଘରେ ବାନ୍ଧି ରଖିଛନ୍ତି। ଫଳରେ ଦୋହଲି ଯାଇଛି ପରିବାରର ଆର୍ଥିକ ସ୍ଥିତି। ଏପରି ସମସ୍ୟା ସହ ସଂଘର୍ଷ କରୁଛନ୍ତି ଗୋପବନ୍ଧୁନଗର ବ୍ଲକ ଅଧୀନ ଭୁଡୁରୁକୁଲା ଗ୍ରାମର ମାନ ହେମ୍ବ୍ରମଙ୍କ ପରିବାର। ଏପରିସ୍ଥିତିରେ ମାନଙ୍କ ପରିବାର ବିପିଏଲ ଅନ୍ତର୍ଭୁକ୍ତ ହୋଇଥିଲେ ମଧ କୌଣସି ସହାୟତା ପାଇ ନ ପାରି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି।

ଭୁଡୁରୁକୁଲା ଗ୍ରାମର ମାନ ହେମ୍ବ୍ରମଙ୍କ ୪ ସଦସ୍ୟ ବିଶିଷ୍ଟ ପରିବାର ଭାର ସମ୍ଭାଳିଥିଲେ ତାଙ୍କ ଗୋଟିଏ ବୋଲି ପୁଅ ଚାମୁରୁ ହେମ୍ବ୍ରମ (୩୬)। ହେଲେ ବର୍ଷେ ହେବ କୌଣସି କାରଣରୁ ତାଙ୍କ ମାନସିକ ଅବସ୍ଥା ବିଗିଡିବାରେ ଲାଗିଥିଲା। ପରବର୍ତ୍ତୀ ସମୟରେ ତାହା ଭଲ ହୋଇଯାଇଥିଲେ ହେଁ ଆଉ ପୂର୍ବଭଳି କାମଦାମ କରିପାରୁ ନ ଥିଲେ । ତେବେ ଦୁଇ ସପ୍ତାହ ହେଲା ହଠାତ୍ ଚାମୁରୁଙ୍କ ମାନସିକ ଅବସ୍ଥା ପୁଣି ବିଗିଡିବାରୁ ସେ ସାହି ପଡିଶାଙ୍କୁ ମାରପିଟ କରିବାକୁ ଲାଗିଲେ। ଏଥିରୁ ବର୍ତ୍ତିବା ପାଇଁ ପରିବାର ଲୋକେ ବାଧ ହୋଇ ପୁଅକୁ ଶିକୁଳିରେ ବାନ୍ଧି ରଖିଛନ୍ତି। ଗ୍ରାମର ଆଶା କର୍ମୀଙ୍କ ଠାରୁ ଖବର ପାଇ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଗ୍ରାମକୁ ଯାଇ ଚାମୁରୁଙ୍କ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବା ସହିତ ବାରିପଦା ପିଆରଏମ ମେଡିକାଲ ନେବା ପାଇଁ ପରାମର୍ଶ ଦେଇଥିଲେ । ଏହାପରେ ଗାଁ କଲ୍ୟାଣ ସମିତି ପକ୍ଷରୁ ତାଙ୍କୁ ହଜାରେ ଟଙ୍କା ଦିଆଯାଇଥିଲା। ଇତି ମଧରେ ପରିବାର ଲୋକେ ଦୁଇ ଥର ପିଆରଏମ ମେଡିକାଲରେ ଚାମୁରୁଙ୍କୁ ଡାକ୍ତର ଦେଖାଇ ଔଷଧ ଆଣିଛନ୍ତି । ହେଲେ ଔଷଧ ସହିତ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସ୍ୱାମୀଙ୍କୁ ଖାଦ୍ୟ ଦିଆଯାଇ ପାରୁ ନ ଥିବା କୋହଭରା କଣ୍ଠରେ କହିଛନ୍ତି ସ୍ତ୍ରୀ ସୋନାଲି। ଚାମୁରୁଙ୍କର ଉଚ୍ଚତର ଚିକିତ୍ସା ଆବଶ୍ୟକ ହେଉଥିବା ବେଳେ ଆର୍ଥିକ ଅନାଟନ ଯୋଗୁ ତାହା ସମ୍ଭବ ହୋଇପାରୁ ନ ଥିବା କହିଛନ୍ତି ମାନ। ଏଭଳି ଅବସ୍ଥାରେ କେବଳ ଖାଦ୍ୟ ସୁରକ୍ଷା କାର୍ଡରୁ ମିଳୁଥିବା ଚାଉଳ ହିଁ ସାହା ଭରସା। ଏଭଳି ପରିସ୍ଥିତିରେ ସ୍ୱାମୀଙ୍କ ଅଧିକ ଚିକିତ୍ସା ଲାଗି ସୋନାଲି ଗୋପବନ୍ଧୁନଗର ବିଡ଼ିଓଙ୍କୁ ଆବେଦନ କରିଥିବା କହିଛନ୍ତି। ମାନଙ୍କ ପରିବାର ବିପିଏଲ ଅନ୍ତର୍ଭୁକ୍ତ ହୋଇଥିଲେ ମଧ ଘର ଖଣ୍ଡିଏ ପାଇ ନାହାନ୍ତି। ବିଡ଼ିଓ ମନୋଜ କୁମାର ବେହେରା ଉକ୍ତ ଆବେଦନ ପାଇଥିବା ବେଳେ ସହାୟତା ପ୍ରଦାନ କରିବାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି । ପରବର୍ତ୍ତୀ ସମୟରେ ଅଗ୍ରାଧିକାର ଭିତ୍ତିରେ ମାନଙ୍କ ପରିବାରକୁ ଘର ଯୋଗାଇ ଦିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।



କୃତୀ ପ୍ରତିଯୋଗୀ ଓ ଉପସ୍ଥିତ ଅତିଥୀ ବୃନ୍ଦ ।

# 'ନିରନ୍ତର ସାଧନା ହିଁ ସଫଳତାର ମନ୍ତ୍ର'

**ବାରିପଦା ଅଫିସ,୬।୧୨**

ବାରିପଦାସ୍ଥିତ ସାଇ ହାୟାର ସେକେଣ୍ଡାରୀ ସ୍କୁଲ ଓ ସାଇ ଡିଗ୍ରୀ କଲେଜ ପକ୍ଷରୁ ମିଳିତ ଭାବେ ବାର୍ଷିକ ଉତ୍ସବ ସାଇ ମାଙ୍ଗଲ୍ୟ-୨୦୧୮ ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ଡ.ବନଜା ମହାନ୍ତି, ମୁଖ୍ୟ ବକ୍ତା ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ଡ.ଜଗନ୍ନାଥ ଲେଙ୍କା ଯୋଗଦେଇଥିଲେ। ଏହି ଅବସରରେ ନିରନ୍ତର ସାଧନା ହିଁ ସଫଳତାର ଚାବି କାଠି ବୋଲି ଅତିଥିମାନେ କହିଥିଲେ। ସାଇ ହାୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷ ପ୍ରଫେସର ରାଜୀବ ଲୋଚନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଇ ଡିଗ୍ରୀ କଲେଜ ଅଧକ୍ଷ ଡ.ଅନୀଲ କୁମାର କର,ପରିଚାଳନା କମିଟି ସମ୍ପାଦକ ଅମୀୟ ଶଙ୍କର ସାହୁ, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁ, ସାଇ ସେକେଣ୍ଡାରୀ ସ୍କୁଲର ଉପାଧକ୍ଷ ଜ୍ୟୋତି ଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ଆୟୋଜିତ ସାଇ ମ୍ୟୁଜିକାଲ ନାଇଟର ଗାୟକ ଆଶୁତୋଷ ମହାନ୍ତି ଓ ଗାୟିକା ପ୍ରଜ୍ଞା ପ୍ରସ୍ମିତା ହୋତା, ଉଏସଅଫ ଓଡ଼ିଶା ସିଜିନ ୪ର ବିଜେତା ପୂର୍ଣ୍ଣଚନ୍ଦ୍ର ପଣ୍ଡା,ଟେଲି ଉପସ୍ଥାପକ ନନସେନସ ମଣି ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ଯୁକ୍ତ ଦୁଇ ବିଭାଗର ଶେଷବର୍ଷ ଛାତ୍ରୀ ସୁନିତା ମାର୍ଣ୍ଡି ଷ୍ଟୁଡେଣ୍ଟ ଅଫ ଦି ଇୟର ବିବେଚିତ ହୋଇଥିବା ଯୁକ୍ତ ତିନି ବିଭାଗର ଶେଷବର୍ଷ ପ୍ରାଣୀ ବିଜ୍ଞାନ ଛାତ୍ରୀ ସରସ୍ୱୀ କୁଣ୍ଡୁ ଷ୍ଟୁଡେଣ୍ଟ ଅଫ ଦି ଇୟର ବିବେଚିତ ହୋଇଥିଲେ।


# ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତିକୁ ଗୁରୁତ୍ୱ

**ବାରିପଦା ଅଫିସ,୬।୧୨**


ବୈଠକରେ ଉପସ୍ଥିତ ସଚିବ, ଜିଲାପାଳ ଓ ଅନ୍ୟ ବରିଷ୍ଠ ଅଧିକାରୀ ।

ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ଚନ୍ଦ୍ରଶେଖର କୁମାର ଦିନିକିଆ ମୟୂରଭଞ୍ଜ ଜିଲା ଗସ୍ତ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏବଂ ଜମିଜମା ରେକର୍ଡର ଅନଲାଇନ ରେଜିଷ୍ଟ୍ରେସନ ତଥା କମ୍ପ୍ୟୁଟରୀକରଣ, ରାଜସ୍ୱ କୋର୍ଟ ମାମଲା ଆଦି କାର୍ଯ୍ୟଧାରାର ଅଗ୍ରଗତିର ସମ୍ପର୍କରେ ବୁଝିଛନ୍ତି। ଏହି ବୈଠକରେ ପ୍ରମୁଖ ଶାସନ ସଚିବ କୁମାର ଜିଲାରେ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି ନୂତନ ଭୋଟର ଓ ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ନେଇ ହୋଇଥିବା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ବସୁନ୍ଧରା ଯୋଜନାରେ ଘରଡିହ ଜମି ପ୍ରଦାନ ଏବଂ ତହସିଲ ଓ ଆରଆଇ କାର୍ଯ୍ୟାଳୟର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ ଉପରେ ମଧ ସମୀକ୍ଷା କରିଥିଲେ। ଏହି ବୈଠକରେ ଜିଲାପାଳ ବିନିତ କୁମାର ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଆବୋଲୀ ନରଭାଣେ, ଅନ୍ୟତମ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଳ, ବାରିପଦା ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା, କରଞ୍ଜିଆ ଉପଜିଲାପାଳ ଶରତ କୁମାର ପୁରୋହିତ, ଉଦଳା ଉପଜିଲାପାଳ ଭଗବାନ ବେହେରା, ରାଇରଙ୍ଗପୁର ଉପଜିଲାପାଳ ପରମାନନ୍ଦ ବେହେରା, ଡେପୁଟି କଲେକ୍ଟର ନିର୍ମଳଚନ୍ଦ୍ର ବରାଳ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


## ଜିଲ୍ଲା ସଂସ୍କୃତି ପରିଷଦ
ନବରଙ୍ଗପୁର



### ମଣ୍ଡେଇ ବାର୍ତ୍ତା

ବହୁ ପୁରାତନ କାଳରୁ ସମୟର ସ୍ରୋତରେ ସ୍ୱତଃପ୍ରବୃତ୍ତ ଭାବେ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଅଧିବାସୀମାନଙ୍କ ମଧରେ ଜାଗିଉଠିଥିବା ପାରମ୍ପରିକ ଲୋକକଳା ଓ ସଂସ୍କୃତିକୁ ଉଜ୍ଜୀବିତ ଓ ଋଦ୍ଧିମନ୍ତ କରିବା, ଏହି ଅଞ୍ଚଳର ଲୋକକଳାରେ ରୁଚି ଥିବା କଳାକାରମାନଙ୍କ ମଧରେ ଲୁଚିରହିଥିବା ଲୋକକଳାର ପ୍ରତିଭାକୁ ଏକ ବୃହତ୍ ମଞ୍ଚ ଯୋଗାଇଦେବା, ଏହି ଜିଲ୍ଲାର କଳା ଓ ସଂସ୍କୃତିକୁ ରାଜ୍ୟ ତଥା ରାଜ୍ୟ ବାହାରେ ଜନସାଧାରଣଙ୍କ ସହିତ ପରିଚିତ କରିବା ଏବଂ ଏହି ଅଞ୍ଚଳର କଳାକାର ଓ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନଙ୍କ ମଧରେ ଭାବର ଆଦାନପ୍ରଦାନ କରାଇବା ପ୍ରଚେଷ୍ଟାରେ ହୁଏ ''ମଣ୍ଡେଇ'ର ପରିକଳ୍ପନା। କଳା ଓ ସଂସ୍କୃତିର ଏହି ମହାକୁମ୍ଭ ଜିଲ୍ଲା ପ୍ରଶାସନର ପ୍ରୋତ୍ସାହନ ଓ ଜିଲ୍ଲାବାସୀଙ୍କ ଅଶେଷ ସହଯୋଗରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି। ଏହି କ୍ରମରେ ଏହିବର୍ଷ ମଧ ''ମଣ୍ଡେଇ ୨୦୧୮'' ଚଳିତ ୦୭।୧୨।୨୦୧୮ରୁ ୦୯।୧୨।୨୦୧୮ ପର୍ଯ୍ୟନ୍ତ ପାଳନ କରାଯାଉଛି। ତତ୍‌ସହିତ ଏହି ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ କୃଷିଭିତ୍ତିକ, ହସ୍ତଶିଳ୍ପ, ହସ୍ତତନ୍ତ, ଟେରାକୋଟା, ଡୋକରା, କାଷ୍ଠ ଶିଳ୍ପ ଆଦି ଉତ୍ପାଦନର ଉପଯୁକ୍ତ ବଜାର ତିଆରି କରିବା ପ୍ରଚେଷ୍ଟାରେ ''ପଲ୍ଲିଶ୍ରୀ ମେଳା ୨୦୧୮'' ୦୭।୧୨।୨୦୧୮ରୁ ୧୧।୧୨।୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲାର ଜିଲ୍ଲାବାସୀଙ୍କୁ ''ମଣ୍ଡେଇ -୨୦୧୮''ର ଅଭିନନ୍ଦନ ଜ୍ଞାପନ କରିବା ସହ ଏହି କଳା ଓ ସଂସ୍କୃତିର ମହାକୁମ୍ଭରେ ବହୁ ସଂଖ୍ୟାରେ ଯୋଗଦେଇ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଉପଭୋଗ କରିବା ପାଇଁ ମୁଁ ସମସ୍ତଙ୍କୁ ସ୍ୱାଗତ ଜଣାଉଛି।

**ଡାଃ ଅଜିତ କୁମାର ମିଶ୍ର (ଓ.ପ୍ର.ସେ.)**
**ଜିଲ୍ଲାପାଳ-ତଥା-ଜିଲ୍ଲା ସଂସ୍କୃତି ପରିଷଦ ଅଧକ୍ଷ, ନବରଙ୍ଗପୁର**

### ସାଂସ୍କୃତିକ କାର୍ଯ୍ୟକ୍ରମର କାର୍ଯ୍ୟସୂଚୀ

**୦୭।୧୨।୨୦୧୮**
୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ ନୃତ୍ୟ, ୩. ଦାଣ୍ଡିଆ ନୃତ୍ୟ, ୪. ନାଗାଲାଣ୍ଡ ଆଦିବାସୀ ନୃତ୍ୟ, ୫. ଗୋଟିପୁଅ ନୃତ୍ୟ, ୬. ଘୁମରା, ୭. ଢେମସା, ୮. ଶାସ୍ତ୍ରୀୟ ଦଶଅବତାର, ୯. ସ୍ଥାନୀୟ ଲୋକ ନୃତ୍ୟ।

**୦୮।୧୨।୨୦୧୮**
୧. ସ୍ୱାଗତ ସଙ୍ଗୀତ, ୨. ଓଡ଼ିଶୀ ନୃତ୍ୟ, ୩. ବିହୁ ନୃତ୍ୟ, ୪. ଘୁମର, ୫. ମୟୂରୀ ନୃତ୍ୟ, ୬. ଲାବୋଣୀ ନୃତ୍ୟ, ୭. ସମ୍ବଲପୁରୀ ଡାଲଖାଇ ନୃତ୍ୟ, ୮. ଛଉ ନୃତ୍ୟ, ୯. ଦଶ ଅବତାର ନୃତ୍ୟ, ୧୦. ଭତରା ନୃତ୍ୟ, ୧୧. ସ୍ଥାନୀୟ ଲୋକ ନୃତ୍ୟ, ୧୨. ଶାସ୍ତ୍ରୀୟ ପୌରାଣିକ ନୃତ୍ୟ।

**୦୯।୧୨।୨୦୧୮**
୧. ଉଦ୍‌ଯାପନୀ ସଙ୍ଗୀତ, ୨. ଲବଣୀ ନୃତ୍ୟ, ୩. କୋଇଲି ନୃତ୍ୟ, ୪. ଦିବ୍ୟାଙ୍ଗମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତରେ ନୃତ୍ୟ, ୫. ଢେମସା, ୬. ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୁଶ୍ରୀ ଅସୀମା ପଣ୍ଡାଙ୍କ ଦ୍ୱାରା live melody.



OFFICE OF THE
DIVISIONAL FOREST OFFICER
BARIPADA FOREST DIVISION
BARIPADA, DIST.: MAYURBHANAJ
Tel.: 06792-252613/252622, Fax: 06792 - 255770
E-mail: dfobaripada.od@gmail.com

No.269 Date: 06.12.2018

**NOTICE INVITING TENDER**

Sealed tenders are hereby invited from Registered Firms / Authorized dealers / DGS&D Rate contract holders having required statutory clearance for supply and installation of Furniture for Field Management Units under Divisional Management Unit, Baripada. The sealed offers are to be submitted on or before **21.12.2018 by 5 PM** by **Speed Post** only. The details regarding tender documents, specifications and terms and conditions can be downloaded from the standardised webportal of MAYURBHANJ district i.e. **www.mayurbhanj.nic.in**.

**Sd./- Divisional Forest Officer**
**Baripada Forest Division**



**Superintending Engineer, Southern Irrigation Circle-II, Paralakhemundi**
**e-mail id : se_sicpkd@yahoo.com**
**No.906-A:-** **e-Procurement Notice No. SE, SIC-II-02/2018-19**

| | | | |
|---|---|---|---|
| 1 | Type of Work | : | C, D Works. |
| 2 | Total No. of Works | : | 01 (One) No. |
| 3. | Amount put to tender | : | Rs. 192.80 lakhs |
| 4. | Perio of completion | : | 08 (eight) calendar months. |

| Procurement officer | Bid Identification No. | Bid Amount (Rs. in lakh) | Availability & Submission of Bid On-line |
|---|---|---|---|
| Superintending Engineer, Southern Irrigation Circle-II, Paralakhemundi, Gajapati | SE, SIC, (CCD)-04 / 2018-19 | 192.80 | From 11.12.2018, 10.00 AM to 26.12.2018, 5.00 PM |

Date of pending of the Technical Bid:- 27.12.2018 at 11.30 AM
Further detail can be seen from the Govt. website www.tendersorissa.gov.in.

**32388/11/0004/1819** **Sd./- Superintending Engineer, Southern Irr. Circle-II, Paralakhemundi**



## ନରସିଂହପୁର ନିୟନ୍ତ୍ରିତ ବଜାର କମିଟି, ଜି- କଟକ
## ଆଠଗଡ଼ ଉପଖଣ୍ଡ ଚାଷୀମାନଙ୍କ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା
## ୨୦୧୮-୧୯

ଏତଦ୍ୱାରା କଟକ ଜିଲ୍ଲା ଆଠଗଡ଼ ଉପଖଣ୍ଡର ସମସ୍ତ ଧାନ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଚଳିତ ୨୦୧୮-୧୯ ଖରଫ୍ ବିପଣନ ବର୍ଷ ପାଇଁ ସରକାର ତା ୦୭.୧୨.୨୦୧୮ ରିଖଠାରୁ ପ୍ରାଥମିକ ସେବା ସମବାୟ ସମିତି ମାଧମରେ ଧାନ କିଣିବାକୁ ବ୍ୟବସ୍ଥା କରିଅଛନ୍ତି । ଏହାର ମୂଲ୍ୟ ଏଫ୍. ଏ. କ୍ୟୁ ୧ ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ଟ ୧୭୫୦/-ସାଧାରଣ ଧାନ (ଗ୍ରେଡ୍ ଏ ) କ୍ୱିଣ୍ଟାଲ ପ୍ରତି ଟ ୧୭୭୦/- ଧାର୍ଯ୍ୟ କରାଯାଇଛି । । ଧାନ ଖାଦ୍ୟ ଉପଯୋଗୀ , ଶୁଖିଲା, ପରିଷ୍କାର. ସମରଙ୍ଗୀ, ସମଆକାର, ଏକକିସମ, (ଏଫ୍. ଏ. କ୍ୟୁ ) ହୋଇଥିବା ଆବଶ୍ୟକ ।ଏଣୁ ଚାଷୀଭାଇ ଓ ଭଉଣୀମାନେ ନିଜ ନିଜର ( କିଷାନ କ୍ରେଡିଟ୍ କାର୍ଡ ) **K.C.C** / (ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ) **B.K.KY / Voter Card (E.P.I.C )** ଯେ କୌଣସି ଗୋଟିଏ ଦର୍ଶାଇ ନିକଟସ୍ଥ ଧାନ କ୍ରୟ କେନ୍ଦ୍ରରେ ବଳକା ଧାନ ବିକ୍ରୟ କରି ନିର୍ଦ୍ଧାରିତ ସରକାରୀ ଧାର୍ଯ୍ୟ ଦର ପାଇବା ପାଇଁ ହକ୍‌ଦାର ହୋଇପାରିବେ । ଚାଷୀ ନିଜର ବଳକା ଧାନ ବିକ୍ରୟ କରିବା ପାଇଁ ପ୍ରଥମେ ସଂପୃକ୍ତ **P.A.C.S** ଠାରୁ ଅଗ୍ରିମ ଟୋକନ ଆଣିବାକୁ ପଡିବ ଏବଂ ସମସ୍ତେ ନିଜ ନିଜର ବ୍ୟାଙ୍କ ଆକାଉଣ୍ଟ ( ପାସ୍ ବହି ନଂ ) ଧାନ ବିକ୍ରୟ ସମୟରେ ଆଣିବେ । ସମସ୍ତ ବ୍ଲକ ପାଇଁ **P.PASS** ମାଧମରେ ଅର୍ଥ ପ୍ରଦାନ କରାଯିବ ।

ଧାନ କ୍ରୟ ବିକ୍ରୟ ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ନିମ୍ନ ପଦାଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଅନୁରୋଧ । ଧାନ ବିକ୍ରୟ ନିମନ୍ତେ ଧାର୍ଯ୍ୟ ଦିନ, ତାରିଖ ଏବଂ PACS ର ନାମ ଓ ସବିଶେଷ ବିବରଣୀ ନିକଟସ୍ଥ ବ୍ଲକ୍, ସେବା ସମବାୟ ସମିତି PACS ସହକାରୀ ନିବନ୍ଧକ ସମବାୟ ସମିତି ସମୂହ,ତହସିଲ ଅଫିସ୍, ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଏବଂ ନିୟନ୍ତ୍ରିତ ବଜାର କମିଟି ଆଠଗଡ଼ରେ ପାଇ ପାରିବେ ।

| କ୍ର.ନ | ପଦାର୍ଥ | ସର୍ବାଧିକ ପରିସୀମା ଏଫ୍ .ଏ. କ୍ୟୁ(ସାଧାରଣମାନ) |
|---|---|---|
| ୧. | (କ) ବାଲି, ମାଟି, ଗୋଡି, ପଥର, ଧୂଳି ଆଦି ।ଜୈବିକ ପଦାର୍ଥ ଇତ୍ୟାଦି | ୧% |
| | (ଖ) କାଠି, କୁଟା, ଧୂଷ, ଅଗାଡି, ପୋଲ ଆଦି ଜୈବିକ ପଦାର୍ଥ | ୧% |
| ୨. | *ଖରାପ, ବେରଙ୍ଗୀ,ପାଣିଫୁଲା, ପୋକ ( ଖରାପ, ପାଣିଫୁଲା ଏବଂ ପୋକ ୪% ଭିତରେ ସୀମିତ ରହିବା ଦରକାର) | ୫% |
| ୩. | ଅପରିପକ୍ୱ, କଂଚା, ସବୁଜ, ବଙ୍କା, ସଂକୁଚିତ | ୩% |
| ୪. | ଗ୍ରେଡ୍ ଏ ସରୁଧାନରେ ମିଶିଥିବା ମୋଟା ଧାନର ପରିମାଣ | ୬% |
| ୫. | ଆର୍ଦ୍ରତା | ୧୭% |

**ଯୋଗାଯୋଗ**
୧. ଉପଜିଲ୍ଲାପାଳ, ଆଠଗଡ଼, ଫୋନ୍ - ୦୬୭୨୩-୨୨୦୩୧୧
୨.ସହକାରୀ ଯୋଗାଣ ଅଧିକାରୀ, ଆଠଗଡ଼
୩. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ଆଠଗଡ଼ଫୋନ୍-୦୬୭୨୩ ୨୨୦୨୧୦
୪. ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ
୫. ଯୋଗାଣ ନିଗମ ନିୟନ୍ତ୍ରଣ କକ୍ଷ ଫୋନ୍ - ୦୬୭୪-୨୩୯୦୨୦୬

ଉପଜିଲ୍ଲାପାଳ ଆଠଗଡ
ତଥା ଅଧକ୍ଷ,ନରସିଂହପୁର ନିୟନ୍ତ୍ରିତ ବଜାର କମିଟି



## OHPC ODISHA HYDRO POWER CORPORATION LTD.
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
**AT/PO BARINIPUT,DIST. KORAPUT – 764006 , ODISHA,**
**PHONE: - (06854)242001, FAX: - (06854) 242092,**
**e-mail: sgmel_ukhep@ohpcltd.com**
**CIN: U40101OR1995SGC003963**

**No.: OHPC/SGM/ UKHEP/ Tech.EM-3/ Dated, Bariniput the**
**1ST CORRIGENDUM TO TENDER CALL NOTICE NO. 23/2018-19 DATED: 08.11.2018**

**No.CAD-1107:-** The last date of Sale, Receipt and Opening of Tender Paper against this office Tender Call Notice No. 23/2018-19 Dated: 08.11.2018 are hereby extended and re-scheduled as follows:-

| | | | |
|---|---|---|---|
| (1) | Last Date & Time of Sale of Tender Paper | : | Upto 13.00 hrs. of dated 17.12.2018 |
| (2) | Last Date & Time of Receipt of Tender Paper | : | Upto 16.00 hrs. of dated 17.12.2018 |
| (3) | Date & Time of Opening of Tender | : | At 16.30 hrs. of dated 17.12.2018 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

**Sd./- Unit Head,**
**Upper Kolab HEP, OHPC Limited**
**Bariniput**
**04002/11/0069/1819**



## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଯାଜପୁର

**ପତ୍ର ସଂଖ୍ୟା:- ୩୨୧୯** **ତା: ୦୬।୧୨।୨୦୧୮**

**ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଣ୍ଟ) ନିଯୁକ୍ତି ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ଜାତୀୟ ଗୋମହିଷାଦି ପ୍ରଜନନ କାର୍ଯ୍ୟକ୍ରମ ମାଧମରେ ୩ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ମଧରୁ ଯାଜପୁର ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ୨୫ ଗୋଟି ଚୁକ୍ତିଭିତ୍ତିକ ୪ର୍ଥ ବର୍ଗ କର୍ମଚାରୀ (ଆଟେଣ୍ଡାଣ୍ଟ) ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣଭିତ୍ତିକ ପଦବୀ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | ଅନୁସୂଚିତ ଜନଜାତି | ୫ | ୨ | ୭ |
| ୨ | ଅନୁସୂଚିତ ଜାତି | ୫ | ୨ | ୭ |
| ୩ | ଅଣ ସଂରକ୍ଷିତ | ୮ | ୩ | ୧୧ |
| | ମୋଟ | ୧୮ | ୭ | ୨୫ |

ଉକ୍ତ ଆବେଦନ ନିମନ୍ତେ ସମସ୍ତ ନିୟମାବଳୀ ଓ ଦରଖାସ୍ତ ଫର୍ମ ଯାଜପୁର ଜିଲ୍ଲା ୱେବସାଇଟ୍ www.jajpur.nic.in ରେ ଉପଲବ୍ଧ। ଇଚ୍ଛୁକ ପ୍ରାର୍ଥୀ ଓ ପ୍ରାର୍ଥିନୀ ଏହାକୁ ଇଣ୍ଟରନେଟ୍‌ରୁ ଡାଉନ୍ ଲୋଡ୍ କରି ତା୨୨।୧୨।୨୦୧୮ରିଖ ଅପରାହ୍ନ ୪ ଘଟିକା ମଧରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି ଡାକ କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରି ପ୍ରାପ୍ତ ରସିଦ୍ ନେଇ ପାରିବେ। ଧାର୍ଯ୍ୟ ସମୟ ପରେ ଆସିଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ।

**ସ୍ୱା./-**
**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**
**ଯାଜପୁର**



## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବାଲେଶ୍ୱର
**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ବାଲେଶ୍ୱରଙ୍କ ଅଧୀନରେ ୩୬ ଗୋଟି ଆଟେଣ୍ଡାଣ୍ଟ ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ମାସିକ ପାରିଶ୍ରମିକ ଟ. 8070/- ରେ କେବଳ ବାଲେଶ୍ୱର ଜିଲ୍ଲାରୁ ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଦ୍ୱାରା ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ, ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର. ସଂ | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
|---|---|---|---|---|
| ୧ | SC | ୦୩ | ୦୨ | ୦୫ |
| ୨ | ST | ୦୭ | ୦୪ | ୧୧ |
| ୩ | unreserved | ୧୩ | ୦୭ | ୨୦ |
| | ମୋଟ | ୨୩ | ୧୩ | ୩୬ |

ଆବେଦନ ଦରଖାସ୍ତର ଶେଷ ତାରିଖ ୨୦।୧୨।୨୦୧୮।

(ରାଜ୍ୟ ସଂରକ୍ଷଣ ଆଇନ (ORV Act) ଅନୁସାରେ ଯୋଗ୍ୟ ଭିନ୍ନକ୍ଷମ ବ୍ୟକ୍ତି, କ୍ରୀଡ଼ାବିତ ଓ ପୂର୍ବତନ ସାମରିକ କର୍ମଚାରୀ ଆବଶ୍ୟକ ସ୍ଥଳେ ପୂରଣ କରାଯିବ)

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱରଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧରେ ଆବେଦନ କରିବେ।

ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବାଲେଶ୍ୱରଙ୍କ କାର୍ଯ୍ୟାଳୟ/ www.baleswar.nic.in ରେ ଉପଲବ୍ଧ।

**ସ୍ୱା./- ଡା. ନିତ୍ୟାନନ୍ଦ ଦାସ**
**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ**
**ବାଲେଶ୍ୱର**



## OFFICE OF THE REGULATED MARKET COMMITTEE, CHAMPUA

**E-mail address: rmcchampua1@gmail.com**
**E-PROCUREMENT (INVITATION FOR BIDS)**
**TENDER CALL NOTICE NO. 43/RMC, DATED: 03.12.2018**
**BID IDENTIFICATION NO. RMC-01/2018-19**

The Sub-Collector, Champua-cum-Chairman, RMC, Champua invites percentage rate Single cover system (TECHNICAL BID & PRICE BID) in online mode from the eligible contractors having experience in similar nature of work registered in with Govt. of Odisha or equivalent class of Govt. of India/ C.P.W.D. / Central undertaking/ Railway/ M.E.S. the proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the appropriate register authority of the State Government of Odisha in appropriate class of eligibility before award of the work as per prevalent registration norm of the State.

Bid documents consisting of Specifications, Schedule of Quantities, and a set of Terms & Conditions of contract and other necessary Documents will be available in the e-procurement portal https://tendersodisha.gov.in.

| | |
|---|---|
| Name of work | CONSTRUCTION OF INFRASTRUCTURE IN CHAMPUA MARKET YARD UNDER RMC, CHAMPUA |
| No. of works | 02 (Two) |
| Approx. value | 4534909/- |
| E.M.D. @ 1% (Rs) approx. | 45349/- |
| Cost of bid document | 6000/- |
| Period of completion | 06(six) calendar months |
| Availability of Tender online for Bidding | 06.12.2018, 11.00 AM to 20.12.2018, 05.00 PM |
| Date & Time of opening of Bids | 21.12.2018, 11.00 AM |
| Class of Contractor | "B" & "A" |
| Venue of opening of Bids | Office of R.M.C, Champua, Keonjhar |

| | |
|---|---|
| Name of work | CONST. OF 06 Nos. SMALL GODOWN CUM SHOP ROOM AT JHUMPURA MARKET YARD OF CHAMPUA RMC. |
| No. of works | 01 (One) |
| Approx. value | 1032249/- |
| E.M.D. @ 1% (Rs) approx. | 10322/- |
| Cost of bid document | 6000/- |
| Period of completion | 04(Four) calendar months |
| Availability of Tender online for Bidding | 06.12.2018, 11.00 AM to 20.12.2018, 05.00 PM |
| Date & Time of opening of Bids | 21.12.2018, 11.00 AM |
| Class of Contractor | "C" & "D" |
| Venue of opening of Bids | Office of R.M.C, Champua, Keonjhar |

The bidder shall transfer online the Earnest Money Deposit/ Bid Security and cost of bid document of the amount specified for the work mentioned.
All the rule & Regulation regarding GST will be applicable as per the Guidelines of Governmnet of Odisha.
The authority reserves the right to cancel any or all bids without assigning any reason thereof.

**Sd./- Sub-Collector, Champua-cum-Chairman, R.M.C, Champua, Keonjhar**



## DISTRICT RURAL DEVELOPMENT AGENCY, CUTTACK

**Tender Call Notice No.: 5081/DRDA** **Dated: 06.12.2018**

Sealed tenders are invited in the prescribed format from the intending reputed firms/Agencies with the following terms & condition for

1. Supply of I.E.C. materials (i.e. Poster & Hoarding) under Rural Housing scheme and I.E.C. material (i.e. Poster) under Ama Gaon Ama Bikash scheme and delivery at all 14 Blocks of Cuttack district as per design types & specifications given by this Office.

The tender/bid documents completed in all respect will be received from **07.12.2018 to 21.12.2018** latest by 5.00 P.M. during the office hour in DRDA, Cuttack by way of **Registered Post/Speed Post** only and will be opened on **Dt.22.12.2018** at 3.00 P.M. at the Conference Hall of DRDA, Cuttack.

The bid documents along with terms & condition, detail specification of I.E.C. materials and eligibility criteria can be viewed/downloaded from the district website i.e. **www.cuttack.nic.in** & Non-refundable Demand Draft of Rs.1000/- (Rupees one thousand) only in favour of Project Director, DRDA, Cuttack payable at Cuttack shall be deposited along with the Bid Document towards tender paper cost.

**Sd./- Project Director, Cuttack**

# ୧୪୩ ମଣ୍ଡି ଖୋଲିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ବାଲେଶ୍ୱର ଅଫିସ, ୬।୧୨**



- ୭୨ ଘଣ୍ଟା ମଧ୍ୟରେ ଚାଷୀ ପାଇବେ ପ୍ରାପ୍ୟ
- କଳାବଜାର ରୋକିବା ପାଇଁ ୧୬ ଟିମ୍ ଗଠନ

ବାଲେଶ୍ୱର ଜିଲାରେ ଚଳିତବର୍ଷ ୧୪୩ଟି ମଣ୍ଡି ଖୋଲିବା ପାଇଁ ଜିଲାପାଳ ରମେଶ ଚନ୍ଦ୍ର ରାଉତ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଡିସେମ୍ବର ୫ରୁ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଧାନମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିପାରିବେ। ପ୍ରାପ୍ୟ ଅର୍ଥ ୭୨ଘଣ୍ଟା ଭିତରେ ମିଳିବ ବୋଲି ଜିଲା ଯୋଗାଣ ଅଧିକାରୀ ରବି ନାରାୟଣ ପୃଷ୍ଟି ସୂଚନା ଦେଇଛନ୍ତି। ସେହି ଅନୁଯାୟୀ ନୀଳଗିରି ଲ୍ୟାମ୍ପସ ଅଧୀନ ମିତ୍ରପୁର ସୋସାଇଟିରେ ବୁଧବାର ଜିଲାର ପ୍ରଥମ ଧାନମଣ୍ଡି ଖୋଲି ୪ଜଣ ଚାଷୀଙ୍କଠାରୁ ମୋଟ ୮୯.୩୧ କୁଇଣ୍ଟାଲ ଧାନ କିଣାଯାଇଛି।

ଚଳିତବର୍ଷ ଯୋଗାଣ ବିଭାଗ ଦ୍ୱାରା ମିଳିଥିବା ତଥ୍ୟ ଅନୁଯାୟୀ, ୬୭ହଜାର ୭୨୫ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ସେମାନଙ୍କର ଜମିର ବଳକା ଧାନ ୩୨ଲକ୍ଷ ୫୫ହଜାର ୭୩୨ କୁଇଣ୍ଟାଲ ଧାନ କ୍ରୟ କରିବାର ଦକ୍ଷତା ଥିଲା। ପ୍ରଥମ ପର୍ଯ୍ୟାୟରେ ୯ଲକ୍ଷ ୪୫ହଜାର ୫୮୮ କୁଇଣ୍ଟାଲ ଧାନକୁ ଡିସେମ୍ବର ୫ ତାରିଖରୁ ସଂଗ୍ରହ ଆରମ୍ଭ ହୋଇଛି। ଜିଲାରେ ୧୪୩ ମଣ୍ଡିରୁ ୨୨ ମିଲର ଧାନ ସଂଗ୍ରହ କରିପାରିବାର ଅନୁମତି ମିଳିଛି। ପ୍ରତିବର୍ଷ ଭଳି ଚାଷଜମିରୁ ଉତ୍ପାଦନ କରୁଥିବା ଫସଲରୁ ମୁଣ୍ଡ ପିଛା ୩ କୁଇଣ୍ଟାଲ ଖାଇବା ପାଇଁ ରଖି ଅଧିକ ଅମଳକୁ ବିକ୍ରି କରିବା ପାଇଁ ସରକାରଙ୍କ ନିୟମ ଥିବାବେଳେ ଚଳିତବର୍ଷ ଏହାକୁ ଉଚ୍ଛେଦ କରାଯାଇଛି। ଜଣେ ଚାଷୀ ସମସ୍ତ ଅମଳକୁ ସରକାରଙ୍କୁ ବିକ୍ରି କରିପାରିବେ। ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଏବଂ 'ଗ୍ରେଡ୍ ଏ' ଧାନ କୁଇଣ୍ଟାଲ ପିଛା ୧୭୭୦ ଟଙ୍କା ସରକାରୀ ମାନ୍ୟତା ମିଳିଛି। ଧାନକିଣା ଦିନ ହିଁ ମିଲରମାନେ ଉଠାଣ କରିବେ ଓ ଚାଷୀ ୨୪ଘଣ୍ଟାରୁ ୭୨ ଘଣ୍ଟା ମଧ୍ୟରେ ତା'ର ପ୍ରାପ୍ୟ ପାଇବା ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ବଜାର ନିୟନ୍ତ୍ରଣ କମିଟି, କୋଅପରେଟିଭ୍ ସମବାୟ ବିଭାଗ ଏବଂ ଯୋଗାଣ ବିଭାଗ ଉକ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିବେ। ଧାନ କିଣାବିକାର ଚୋରା କାରବାର ଏବଂ କଳାବଜାରି ରୋକିବା ପାଇଁ ଜିଲାରେ ୧୬ଟି ଟିମ୍ ଗଠନ କରାଯାଇଛି। ଜିଲାସ୍ତରରେ ଅତିରିକ୍ତ ଜିଲାପାଳ ଏବଂ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଉପଖଣ୍ଡସ୍ତରରେ ଉପଜିଲାପାଳ ଏବଂ ପ୍ରତି ବ୍ଲକସ୍ତରରେ ବିଡିଓମାନଙ୍କୁ ଉକ୍ତ ଟିମ୍‌ର ମୁଖ୍ୟ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୧୪-୧୫ରେ ୩୭, ୦୫୬, ୨୦୧୫-୧୬ରେ ୫୭, ୦୪୯, ୨୦୧୬-୧୭ରେ ୬୦, ୩୨୪, ୨୦୧୭-୧୮ରେ ୬୯, ୫୬୬ ଏବଂ ଚଳିତବର୍ଷର (୧୪।୧୧।୨୦୧୮) ସୁଦ୍ଧା ୭୦, ୦୪୭ ଚାଷୀଙ୍କୁ ପଞ୍ଜୀକରଣ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ବିଗତ ୫ବର୍ଷରେ ଚାଷୀଙ୍କ ପଞ୍ଜୀକରଣ ଦ୍ୱିଗୁଣିତ ହୋଇଥିବା ପରିଲକ୍ଷିତ ହୋଇଛି। ଧାନ କିଣିବା ପାଇଁ ପ୍ରଶାସନ ପ୍ରସ୍ତୁତି ହେଉଥିବା ବେଳେ ଚାଷୀମାନେ କୁଇଣ୍ଟାଲ ପିଛା ଅଧିକ ଟଙ୍କା ପାଇବା ଆଶାରେ ନିଜ ଅମଳକୁ ପ୍ରସ୍ତୁତ କରିବାରେ ଲାଗିଛନ୍ତି।

## ଗୃହରକ୍ଷୀ ବାହିନୀର ବାର୍ଷିକ ଉତ୍ସବ

**ବାଲେଶ୍ୱର ଅଫିସ, ୬।୧୨**

ବାଲେଶ୍ୱର ରିଜର୍ଭ ପୋଲିସ ପଡ଼ିଆ ଠାରେ ଗୃହରକ୍ଷୀ ବାହିନୀଙ୍କ ୫୬ତମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏସ୍‌ପି ବି. ଯୁଗଳ କିଶୋର କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳିତ ପରେଡ୍‌ର ଅଭିବାଦନ ଗ୍ରହଣ କରିଥିଲେ। ୪ ପ୍ଲାଟୁନ୍ ଗୃହରକ୍ଷୀ ବାହିନୀ ଏଥିରେ ସାମିଲ ହୋଇଥିଲେ। ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଅଧିକାରୀ ବିକାଶ ଚୌଧୁରୀ, ସଦର ତହସିଲଦାର ଶତ୍ରୁଘ୍ନ ସେଠୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଆୟୋଜିତ ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତୁଷାରକାନ୍ତ ଜେନା ଓ ବିନଜନ ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ହୋମ୍‌ଗାର୍ଡ ପ୍ରମୋଦ କୁମାର ସାହାଣୀ, ଡିଏସ୍‌ପି କ୍ରାଇମ୍ ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୮୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ପାଉଁଶ

**ଔପଦା, ୬।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ପୋଖରୀ ପଞ୍ଚାୟତର ସଦର ବଡ଼ପୋଖରୀ ଗ୍ରାମର ଜଣେ ଚାଷୀ ୩ ଏକରରୁ ଊର୍ଦ୍ଧ୍ୱ ଜମିରୁ ଧାନ କାଟି ବିଲରେ ପୁଞ୍ଜି ମାରି ରଖିଥିବା ବେଳେ ସେସବୁ ଜଳି ପାଉଁଶ ହୋଇଯାଇଛି। ଗ୍ରାମର ନାରାୟଣ ପାଣିଗ୍ରାହୀଙ୍କ ସ୍ତ୍ରୀ ଶାନ୍ତିଲତା ଚାଷ କରିଥିବା ଧାନକୁ କାଟି ସେଇ ଜମିରେ ୩ଟି କଳେଇ ପୁଞ୍ଜି କରି ରଖିଥିଲେ। ଗତ ୫ତାରିଖ ରାତିରେ ପରିବାର ଲୋକେ ଖାଇ ଶୋଇଥିବା ବେଳେ ପୁଞ୍ଜିରେ ନିଆଁ ଲାଗିଥିବା ଶାନ୍ତିଲତା ଫୋନ ପାଇଥିଲେ। ପରିବାର ଲୋକେ ପହଞ୍ଚି ପୁଞ୍ଜିରେ ନିଆଁ ଲାଗିଥିବା ଦେଖି ଔପଦା ଦମକଳ ବାହିନୀକୁ ଖବର ଦେଇଥିଲେ। ପରେ ବିଭାଗୀୟ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ସେତେବେଳକୁ ପ୍ରାୟ ୮୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ପୋଡ଼ି ପାଉଁଶ ହୋଇଯାଇଥିଲା।

### ପଞ୍ଚାୟତବାସୀଙ୍କ ପକ୍ଷରୁ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

**ବାଲିଆପାଳ, ୬।୧୨(ଡି.ଏନ.ଏ.):** ବିଭିନ୍ନ ଦାବି ନେଇ ବାଲିଆପାଳ ପଞ୍ଚାୟତବାସୀ ଏକ ଶୋଭାଯାତ୍ରା ବାହାରି ଗୁରୁବାର ବାଲିଆପାଳ କଲେଜ ଅଫ୍ ଫିଜିକାଲ ଏଜୁକେଶନ୍ (ବି.ସି.ପି.) ନିକଟରେ ପହଞ୍ଚିଥିଲା। କଲେଜ କର୍ତ୍ତୃପକ୍ଷ ସେମାନଙ୍କର ଦାବି ପୂରଣ କରୁ ନ ଥିବାରୁ ଗୁରୁବାର ସରପଞ୍ଚ ମଧୁସୂଦନ ବାରିକ, ପଞ୍ଚାୟତ ସମିତି ସଦସ୍ୟ ଗିରିଶ ଚନ୍ଦ୍ର ପାତ୍ର, ବିଜେଡି ପଞ୍ଚାୟତ ସଭାପତି ରଘୁନାଥ ଜେନାଙ୍କ ନେତୃତ୍ୱରେ ଶତାଧିକ ଜନସାଧାରଣ ବାଲିଆପାଳ ପଞ୍ଚାୟତ ଅଫିସ୍‌ରୁ ଶୋଭାଯାତ୍ରାରେ ବାହାରି କ୍ରୀଡ଼ା କଲେଜ ସମ୍ମୁଖରେ ପହଞ୍ଚିଥିଲେ। କଲେଜ ପ୍ରତିଷ୍ଠା ସମୟରେ ଜମି ହରାଇଥିବା ସ୍ଥାନୀୟ ତଫସିଲଭୁକ୍ତ ଜାତି, ଜନଜାତି ଏବଂ କ୍ଷତିଗ୍ରସ୍ତ ପରିବାରଙ୍କୁ ନିଯୁକ୍ତି ଦେବା, ସରକାରୀ ସଂରକ୍ଷଣ ବ୍ୟବସ୍ଥାକୁ କଲେଜ ନିଯୁକ୍ତିରେ କଡ଼ାକଡ଼ି ଭାବେ ଲାଗୁ କରିବା, ନୂଆ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରିବା ଆଦି ଦାବି କରାଯାଇଥିଲା। ଶୋଭାଯାତ୍ରା ମୁଖ୍ୟ ଫାଟକ ନିକଟରେ ପହଞ୍ଚିବା ପରେ ମେମ୍ବର ସେକ୍ରେଟାରୀ ଡ.ଶ୍ରୀକାନ୍ତ ମିଶ୍ର ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ଏକ ମାସ ମଧ୍ୟରେ ଗଭର୍ଣ୍ଣିଂ ବଡ଼ି ବୈଠକ ଡକାଯାଇ ଦାବିଗୁଡ଼ିକ ଉପରେ ବିଚାର କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

### ୨୩ରୁ ବରୁଣସିଂ ପ୍ରିମିୟମ ଲିଗ୍

**ରେମୁଣା, ୬।୧୨(ଡି.ଏନ.ଏ.):** ରେମୁଣା ବ୍ଲକ ଅନ୍ତର୍ଗତ ବରୁଣସିଂ ପଞ୍ଚାୟତର ରୁପାବାଲି ପଡ଼ିଆଠାରେ ଆସନ୍ତା ୨୩ ତାରିଖ ଅନୁଷ୍ଠିତ ହେବ। ଏନେଇ ଗୁରୁବାର ସରସ୍ୱତୀ ଓ ଯୁବଶକ୍ତି କ୍ଲବ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଡେଣ୍ଟାଲ କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଗଜେନ୍ଦ୍ର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୮ଟି ଟିମ୍‌ର ମାଲିକ ଯୋଗଦେବା ପାଇଁ ସମ୍ମତି ଜଣାଇଥିଲେ।

### ନଦୀବନ୍ଧ ନିର୍ମାଣ ପାଇଁ ଶୁଭ ଦେଲେ ବିଧାୟକ



**ସିମୁଳିଆ, ୬।୧୨(ଡି.ଏନ.ଏ.):** କାଂଶବାଂଶ ନଦୀବନ୍ଧର ସୁରକ୍ଷା ସହିତ ନଦୀକୂଳବାସୀଙ୍କ ସୁବିଧା ଲାଗି ରାଧାବଲ୍ଲଭପୁରରୁ ବାଉରୀପଦା ପର୍ଯ୍ୟନ୍ତ ନଦୀବନ୍ଧର ଉନ୍ନତୀକରଣ ପାଇଁ ଗୁରୁବାର ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶୁଭ ଦେଇଛନ୍ତି। ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ କରାଯିବ। ଏହି ଅବସରରେ ଇରିଗେଶନ ଏସ୍‌ଡ଼ିଓ ସୁମନ୍ତ ସେଠୀ, ଜିଲାପରିଷଦ ଉପସଭାପତି ଗୌରାଙ୍ଗ ଚନ୍ଦ୍ର ପାଢ଼ୀ, ସ୍ଥାନୀୟ ୱାର୍ଡ଼ସଭ୍ୟ ମୂରଲୀଧର ମୁଦୁଲି ଉପସ୍ଥିତ ଥିଲେ।

### ପୂର୍ବପଡାରେ ୱାର୍ଡସଭ୍ୟ ନିର୍ବାଚନ ୬୨ ପ୍ରତିଶତ ମତଦାନ

**ଖଇରା, ୬।୧୨(ଡି.ଏନ.ଏ.):** ଖଇରା ବ୍ଲକ ସୁଣ୍ଡିରା ଗଣ୍ଡିବେଡ ପଞ୍ଚାୟତର ୧୫ନଂ. ୱାର୍ଡ ପୂର୍ବପଡା ଗ୍ରାମ ୱାର୍ଡସଭ୍ୟ ନିର୍ବାଚନ ଗୁରୁବାର ଶେଷ ହୋଇଛି। ମୋଟ ୨୮୩ ଭୋଟରଙ୍କ ମଧ୍ୟରୁ ୧୭୫ଜଣ ଆଖଣ୍ଡଳେଶ୍ୱର ମତଦାନ କେନ୍ଦ୍ରରେ ମତାଧିକାର ସାବ୍ୟସ୍ତ କରିଛନ୍ତି। ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଥିବା ଏହି ୱାର୍ଡରେ ମତଦାନ ଶତକଡା ୬୨ପ୍ରତିଶତ ହୋଇଛି। ଶୁକ୍ରବାର ସକାଳ ୮ଟାରେ ଖଇରା ବ୍ଲକ ପରିସରରେ ଭୋଟଗଣତି ଆରମ୍ଭ ହେବ।

## ସଚେତନତା ରୋକିବ ଏଡ୍‌ସ



ଏଡ୍‌ସ ସଚେତନତା ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନେ।

**ଖଇରା, ୬।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ୍ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି କନିଷ୍ଠ ମହିଳା ମହାବିଦ୍ୟାଳୟରେ ଏଡସ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନିୟର ରେଡକ୍ରସ(ୱାଇଆରସି) ଓ ଜାତୀୟ ସେବା ଯୋଜନା(ଏନଏସଏସ)ର ମିଳିତ ସହଯୋଗରେ ଆୟୋଜିତ ସଭାରେ ଇଂରାଜୀ ଅଧ୍ୟାପକ ଅର୍ଜୁନ ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ୱାଇଆରସିର ମୁଖ୍ୟ ଅଧ୍ୟାପିକା ଅଳକାନନ୍ଦା ସାହୁ ଓ ଏନଏସଏସର ପ୍ରୋଗ୍ରାମ ଅଧିକାରିଣୀ ଜ୍ୟୋତ୍ସ୍ନାବାଳା ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଥିବା ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ରର (ଆଇସିଟିସି) ଅଧିକାରିଣୀ ରୋଜାଲିନ୍ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏ ରୋଗରୁ ନିରାକରଣ ରହିବାର ଉପାୟ ବତାଇଥିଲେ। ଏଥି ସହ ଏଡସ ରୋଗକୁ ଘୃଣା କରିବା ଏବଂ ରୋଗୀଙ୍କଠାରୁ କେବେ ଦୂରେଇ ନ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଷ୍ଣୁପ୍ରସାଦ ରାଉଳ, ବସନ୍ତ ସୂତାର, ଅଧ୍ୟାପିକା ମମତାମୟୀ ପଣ୍ଡା ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ସଭାପରେ ଏକ ସଚେତନତା ରାଲି ନହଙ୍ଗ ଗ୍ରାମ ପରିକ୍ରମା କରିଥିଲା। ଗାୟତ୍ରୀ ଦାସ, ଭାସ୍କର ମାଝୀ, ରମା ଦାସ, ସୂର୍ଯ୍ୟମଣୀ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅମ୍ବେଡକରଙ୍କ ସଂସ୍କାରମୂଳକ ଅବଦାନ ଉପରେ ଆଲୋଚନା

**ବାଲେଶ୍ୱର ଅଫିସ, ୬।୧୨**

ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ଅମ୍ବେଡକରଙ୍କ ୬୨ତମ ମହାପ୍ରୟାଣ ଦିବସ ଗୁରୁବାର ବାଲେଶ୍ୱର ଗୁଡ଼ିପଦାସ୍ଥିତ 'ଡ. ଆମ୍ବେଡକର ସ୍ମାରକୀ କମିଟି'ର ଜିଲା କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ମଞ୍ଚ ଆବାହକ ବିଶିଷ୍ଟ କୃଷକ ନେତା ଅରୁଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ବିଶିଷ୍ଟ ନେତୃବୃନ୍ଦ ଯୋଗଦେଇ ତାଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ତାଙ୍କର ପାଣ୍ଡିତ୍ୟ ଓ ବିଚକ୍ଷଣ ଦୂରଦୃଷ୍ଟି, ସଂସ୍କାରମୂଳକ ଦର୍ଶନ ତଥା ବୈଜ୍ଞାନିକ ସିଦ୍ଧାନ୍ତକୁ ମହାତ୍ମା ଗାନ୍ଧୀ, ନେହେରୁ ଓ ଡଃ ରାଜେନ୍ଦ୍ର ପ୍ରସାଦଙ୍କ ଭଳି ବହୁ ରାଷ୍ଟ୍ରନାୟକ ଭୂୟସୀ ପ୍ରଶଂସା କରିଥିଲେ ବୋଲି ବକ୍ତାମାନେ ଉଲ୍ଲେଖ କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ବର୍ଷୀୟାନ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଆଇନଜୀବୀ ମନୋଜ ନାୟକ, ସମ୍ମାନିତ ଅତିଥି ଭାବେ ସର୍ବୋଦୟ ନେତା ବିଧାନଚନ୍ଦ୍ର ରାୟ, ଚାଷୀ ନେତା ନିରଞ୍ଜନ ବେହେରା, ଯୁବନେତା ବିଚିତ୍ରାନନ୍ଦ ଗିରି, ସୁଶାନ୍ତ ପଣ୍ଡା, ଅଶ୍ୱିନୀ ସ୍ୱାଇଁ, ଅଜୟ ସାହୁ, ଖଗନ ସିଂ, ଆକବର ସାହା, ସ୍ନେହଲତା ଦାସ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବେଣୁଧର ବାରିକ ଧନ୍ୟବାଦ ଦେଇଥିଲେ।

## ଗଣଦୌଡ଼ରେ ହକି ଖେଳାଳିଙ୍କୁ ଶୁଭେଚ୍ଛା

**ସଜନାଗଡ଼, ୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ଧୋବଶିଳା ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ହକି ବିଶ୍ୱକପ୍ ଉଦ୍ଦେଶ୍ୟରେ ଗୁରୁବାର କେନ୍ଦୁଖୁଣ୍ଟା ଛକରୁ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦୌଡ଼ କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀମାନେ ଗାଁ ପରିକ୍ରମା କରିବା ସହ ଏମ୍.ଇ. ସ୍କୁଲ ପଡ଼ିଆ ପାଖରେ ପହଞ୍ଚିଥିଲେ। ଏଥିରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ବ୍ଲକ ସଭାପତି ଗଙ୍ଗାଧର ମିଶ୍ର ଭାଗ ନେଇଥିଲେ। ଓଡ଼ିଶାରେ ପ୍ରଥମଥର ହକିର ମହାକୁମ୍ଭ ବିଶ୍ୱକପ୍ ଖେଳିବା ପାଇଁ ଆସିଥିବା ବିଭିନ୍ନ ଦେଶବିଦେଶରୁ ହକି ଖେଳାଳିଙ୍କୁ ଏହି ଅବସରରେ ଶୁଭେଚ୍ଛା ବାର୍ତ୍ତା ଦିଆଯାଇଥିଲା। ଏହି ଗଣଦୌଡ଼ରେ ୧୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ବିଜୁ ଯୁବ ବାହିନୀ ସଭାପତି ଦେବେନ୍ଦ୍ର ସ, ଗଙ୍ଗାଧର ବେହେରା କିଶୋର ସିଂ, ସନ୍ତୋଷ ସ୍ୱାଇଁ, ଗୌରୀ ଶଙ୍କର ମହାନ୍ତି, ମନୋଜ ମହାନ୍ତି ଓ ସନ୍ଦୀପ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଗଣଦୌଡ଼ରେ ସାମିଲ ନୀଳଗିରି ବିଧାୟକ ଓ ଅନ୍ୟମାନେ।

## ■ ଆମ ଗାଁ ଆମ ବିକାଶ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ
# ଜାନୁୟାରୀ ୩୧ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ

**ଭୋଗରାଇ, ୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି ଭୋଗରାଇ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ। ଆମ ଗାଁ ଆମ ବିକାଶ ପାଇଁ ଭୋଗରାଇ ବ୍ଲକକୁ ୧୨କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬କୋଟି ୨୪ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଭୋଗରାଇ ବ୍ଲକର ୫୦ ପଞ୍ଚାୟତର ନୂତନ ଭାବେ କମ୍ୟୁନିଟି ସେଣ୍ଟର, ଲାଇବ୍ରେରୀ, ମିଶନଶକ୍ତି, ପୋଖରୀ ଗାଧୁଆଘାଟ, ପୋଷାକ ବଦଳାଇବା ପାଇଁ ଗୃହ ଆଦି ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। ଏଥିପାଇଁ ଭୋଗରାଇ ବ୍ଲକରେ ୫୦ ପ୍ରତିଶତ ଉନ୍ନୟନ କାର୍ଯ୍ୟ ଶେଷ ହୋଇଛି ବୋଲି ବିଭାଗୀୟ କର୍ମଚାରୀମାନେ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ସହିତ ଜାନୁୟାରୀ ୩୧ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ବିଡ଼ିଓ ଦୀପ୍ତିରଞ୍ଜନ ସେଠୀ, ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ସହକାରୀ ଯନ୍ତ୍ରୀ ଇଂ. ବିଜୟ କୁମାର ଗିରି, ସମସ୍ତ ବିଭାଗୀୟ କର୍ମଚାରୀ, ସରପଞ୍ଚ, ସମିତିସଦସ୍ୟ, ଜିଲାପରିଷଦ ସଦସ୍ୟା, ସଦସ୍ୟମାନେ ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ସୋର, ୬।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାର ହେଁସଗୁଡା ଛକ ଠାରେ ଗୁରୁବାର ଅପରାହ୍ନରେ ରତ୍ନାକର ବେହେରା ନାମକ ଜଣେ ଯୁବକଙ୍କୁ ଏକ ବାଇକ୍ ଧକ୍କା ଦେବାରୁ ସେ ଗୁରୁତର ହୋଇପଡ଼ିଛନ୍ତି। ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋର ଡ଼ାକ୍ତରଖାନା ଏବଂ ପରେ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ■ ଆଜବେଷ୍ଟସ ଭଙ୍ଗାକୁ କେନ୍ଦ୍ରକରି ଗଣ୍ଡଗୋଳ
# ୮ ଆହତ, ଥାନାରେ ମାମଲା

**ରୂପସା, ୬।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ କ୍ଷୀରଂ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଟ୍ରାକ୍ଟର ଲାଗି ସଞ୍ଜୟ ଦାସଙ୍କ ଆଜବେଷ୍ଟସ ଛପର ଭାଙ୍ଗିଯିବାକୁ କେନ୍ଦ୍ର କରି ଉଭୟପକ୍ଷଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ୮ଜଣ ଆହତ ହୋଇଥିବା ବେଳେ ବସ୍ତା ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ବୁଧବାର ଏହି ଗ୍ରାମର ସପନ ଦାସ ଟ୍ରାକ୍ଟର ଯୋଗେ ଧାନବିଡ଼ା ଘରକୁ ଆଣୁଥିଲେ। ଅସାବଧାନତା ବଶତଃ ଟ୍ରାକ୍ଟର ଲାଗି ସଞ୍ଜୟ ଦାସଙ୍କ ଘର ଆଜବେଷ୍ଟସ ଭାଙ୍ଗିଯାଇଥିଲା। ଫଳରେ ଉଭୟପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଗୁରୁବାର ଏହି ଘଟଣାକୁ କେନ୍ଦ୍ର କରି ଗୋଷ୍ଠୀସଂଘର୍ଷ ହୋଇଥିଲା। ଏଥିରେ ସଞ୍ଜୟଙ୍କ ୨ ପୁଅ ରାମକୃଷ୍ଣ, ଦୀନକୃଷ୍ଣ, ପତ୍ନୀ ସୁମିତ୍ରା ମଣି ଆହତ ହେବା ସହ ପ୍ରତିପକ୍ଷ ସପନ ଦାସ ଓ ତାଙ୍କ ପରିବାରର ଶାନ୍ତନୁ, ସୁଶାନ୍ତ, ପ୍ରଶାନ୍ତ ଓ ତୃପ୍ତିରାଣୀ ପ୍ରମୁଖ ଆହତ ହୋଇଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ଆହତମାନଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଉଭୟ ପକ୍ଷଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୨ଟି ମାମଲା (ନଂ.୩୦୬/୧୮ ଓ ୩୦୭/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଝୋଟି ଆଙ୍କି ମା' ଲକ୍ଷ୍ମୀଙ୍କୁ ଆରାଧନା

**ରେମୁଣା, ୬।୧୨(ଡି.ଏନ.ଏ.)**

ମାର୍ଗଶିର ମାସ ଗୁରୁବାର ମା' ଲକ୍ଷ୍ମୀଙ୍କୁ ସ୍ୱାଗତ କରିବା ପାଇଁ ଘର ଅଗଣାକୁ ଝୋଟି ଚିତାରେ ଚିତ୍ରିତ କରାଯାଇଥାଏ। ଏହି କଳା ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ରେମୁଣାର କୁଅଁରପୁର ଗାଁର ସାଂସ୍କୃତିକ କଳା ପରିଷଦ ପକ୍ଷରୁ ଗୁରୁବାର ଝୋଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୩ଟି ପଞ୍ଚାୟତରୁ ମହିଳାମାନେ ଯୋଗଦେଇଥିଲେ।

ଉତ୍କଳୀୟ ଝୋଟି ପ୍ରତିଷ୍ଠାନର ଆବାହକ ଶିଳ୍ପୀ କେଶୁ ଦାସ ମୁଖ୍ୟଅତିଥି ଭାବେ ଉପସ୍ଥିତ ହୋଇ ଅନୁଷ୍ଠାନର କାର୍ଯ୍ୟଧାରାକୁ ବହୁତ ପ୍ରଶଂସା କରିଥିଲେ। ପରିଷଦ ସଭାପତି ଶୁଭସ୍ମିତା ଦାସ ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା ବର୍ଷାରାଣୀ ଦାସ ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ବେହେରା, ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ସକ୍ରିୟ କର୍ମକର୍ତ୍ତା ପ୍ରଭାତ ଦାସ ଓ ବାହାର୍ଦ୍ଧା ନୋଡ଼ାଲ ବିଦ୍ୟାଳୟର ଅଧ୍ୟକ୍ଷ ଦଶିଆ ଦାସ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କବି ମୁନାମଣୀ ଜେନା ଧନ୍ୟବାଦ ଦେଇଥିଲେ। ଗୋବିନ୍ଦ ଚନ୍ଦ୍ର ଦାସ, ଅମୂଲ୍ୟ କୁମାର ଦାସ, ବିନୋଦ ଦାସ, ଘନଶ୍ୟାମ ସେଠୀ, କୃଷ୍ଣ ଜେନା ଉପସ୍ଥିତ ରହି ୫ଜଣ କୃତୀ ପ୍ରତିଯୋଗୀ ରଶ୍ମିତା ଗୋଛାୟତ, ଦୀପ୍ତିରେଖା ଦାସ, କଳ୍ପନା ସାହୁ, ବୃନ୍ଦାବତୀ ଦାସ, ରାଜଲକ୍ଷ୍ମୀ ଦାସଙ୍କୁ ପୁରସ୍କୃତ କରିଥିଲେ। ୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

# ବାଲେଶ୍ୱର ବିକାଶରେ ସମରେନ୍ଦ୍ରଙ୍କ ଅବଦାନ ଅବିସ୍ମରଣୀୟ

**ବାଲେଶ୍ୱର ଅଫିସ, ୬।୧୨**

ବିଶିଷ୍ଟ ସମାଜବାଦୀ ନେତା ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ସମରେନ୍ଦ୍ର କୁଣ୍ଡୁଙ୍କ ୨୫ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର 'ସମରେନ୍ଦ୍ର କୁଣ୍ଡୁ ସ୍ମାରକୀ' ପକ୍ଷରୁ ବାଲେଶ୍ୱର ଷ୍ଟେଶନଛକସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ତଥା ଆବାହକ ଅରୁଣ ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ସ୍ମାରକୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଚ୍ଚଶିକ୍ଷାମନ୍ତ୍ରୀ ଅନନ୍ତ ଦାସ, ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ପ୍ରାକ୍ତନ ବିଧାୟକ ଅରୁଣ ଦେ, ପ୍ରାକ୍ତନ ଜିଲାପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଲକ୍ଷ୍ମୀଧର ବେହେରା, ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, କବି ଶ୍ରୀଦେବ, ଦିଲ୍ଲୀପ ପାଲ୍, ସମାଜସେବୀ ଅରୁଣ ଜେନା, ବିଧାନ ଚନ୍ଦ୍ର ରାୟ, ଶତ୍ରୁଘ୍ନ ମଲ୍ଲିକ୍, ବରିଷ୍ଠ ଖବରଦାତା ବିପ୍ଳବ କୁମାର ମହାନ୍ତି ଓ ସତ୍ୟପ୍ରିୟ ମହାନ୍ତି, ନାରୀନେତ୍ରୀ ସରସ୍ୱତୀ ପଣ୍ଡା, ରୋଜି ପଟ୍ଟନାୟକ, ବସନ୍ତଲତା ପଟ୍ଟନାୟକ, ଦୁକୁଲ ଚନ୍ଦ୍ର ଘଡ଼ାଇ, ନିତାଇଗୌର ସାମଲ ପ୍ରମୁଖ ଓଡ଼ିଶାର ବିକାଶ ସାଙ୍ଗକୁ ସମାଜର କୃଷକ, ଶ୍ରମିକ ଓ ଅବହେଳିତ ଜନତାଙ୍କୁ ସଙ୍ଗଠିତ କରିବାରେ ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ମୁଖ୍ୟତଃ ବାଲେଶ୍ୱର ସହରକୁ ପରିବର୍ଦ୍ଧିତ ଓ ବିକାଶ ଦିଗରେ ଓଡ଼ିଶାର ପ୍ରଥମ ଉଡ଼ନ୍ତା ପୋଲ ନିର୍ମାଣର ପରିକଳ୍ପନା ଉତ୍ତର ଓଡ଼ିଶାବାସୀଙ୍କ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ସଭାରେ ଅତିଥି ଓ ବକ୍ତାମାନେ ଉଲ୍ଲେଖ କରିଥିଲେ। ଭାରତବର୍ଷର ଶ୍ରମିକ ଶ୍ରେଣୀକୁ ଐକ୍ୟବଦ୍ଧ କରିବାରେ କୁଣ୍ଡୁ ହିନ୍ଦ୍ ମଜଦୁର ସଭାର ସର୍ବଭାରତୀୟ ସଭାପତି ଭାବେ ତାଙ୍କର ଅବଦାନ ଶ୍ରମିକ ଶ୍ରେଣୀ ପାଖରେ ଚିରସ୍ମରଣୀୟ ହୋଇରହିବ। ସ୍ୱର୍ଗତ କୁଣ୍ଡୁଙ୍କ ନାମରେ ବାଲେଶ୍ୱର ସହରରେ ଏକ ପ୍ରେକ୍ଷାଳୟ ନିର୍ମାଣ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ମରଣୋତ୍ତର ଡକ୍ଟର ଉପାଧି ଦେବାକୁ ଆସିଥିବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯାଇଥିଲା। ସଭା ପରିଚାଳନାରେ ପିତାମ୍ବର ମାଝୀ, ଗଦାଧର ପ୍ରଧାନ, ବିରଞ୍ଚି ପ୍ରଧାନ, ଶରତ ଚନ୍ଦ୍ର ସାହୁ, ଶମ୍ଭୁନାଥ ଦାସ, ହରେକୃଷ୍ଣ ଜେନା, କମଳା ନାୟକ, ଦାମୋଦର ସାମନ୍ତ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।




ଶ୍ରାଦ୍ଧସଭାରେ ଉପସ୍ଥିତ ଏମ୍‌ପି ଓ ଅନ୍ୟମାନେ।

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 1

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

***i. All questions are compulsory. There are 30 questions in all.***

***ii. This question paper has four sections : Section A, Section B, Section C and Section D.***


***iii. Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

***iv. There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

***v. Use of calculators is not permitted.***

### SECTION-A

1. Complete the missing entries in the following factor tree.




2. Find the ratio in which the line segment joining $P(x_1, y_1)$ and $Q(x_2, y_2)$ is divided by x-axis.

3. Express $\sin 81^0 + \tan 81^0$ in terms of trigonometric ratios of angle between $0^0$ and $45^0$.

4. Find the value of $\theta$ in each $2\sin 2\theta = \sqrt{3}$

5. What is the probability that a number selected from the numbers 1, 2, 3,....., 15 is a multiple of 4 ?

6. If the mean of first n natural number is 15, then find n.

### SECTION-B

7. Prove that there is no natural number n for which $4^n$ ends with the digit zero.

8. If $\alpha$ and $\beta$ are the zeros of the polynomial $f(x) = x^2 - 5x + k$ such that $\alpha - \beta = 1$, find the value of k.

9. Find a point on the y-axis which is equidistant from the points A(6, 5) and B(–4, 3).

10. If $\sin(A + B) = 1$ and $\cos(A - B) = \frac{\sqrt{3}}{2}$, $0^0 < A + B \le 90^0$, A > B then find A and B

11. A jar contains 54 marbles each of which is blue, green or white. The probability of selecting a blue marble at random from the jar is $\frac{1}{3}$, and the probability of selecting a green marble at random is $\frac{4}{9}$. How many white marbles does the jar contain ?

12. The mean of 1, 3, 4, 5, 7, 4 is m. The numbers 3, 2, 2, 4, 3, 3, p have mean m – 1 and median q. Then find p + q.

### SECTION-C

13. Prove that $\sqrt{2} + \sqrt{5}$ is irrational.

14. Find the values of p and q for which the following system of equations has infinite number of solutions:


$2x + 3y = 7$

$(p + q)x + (2p - q)y = 21$

15. Find four numbers in A.P. whose sum is 20 and the sum of whose squares is 120.


16. If the point (x, y) is equidistant from the points (a + b, b – a) and (a – b, a + b), prove that bx = ay.

17. ABC is a right triangle right angled at B such that BC = 6 cm and AB = 8 cm. Find the radius of its incircle.





**OR**

In figure, a circle is inscribed in a quadrilateral ABCD in which $\angle B = 90^0$. If AD = 23, AB = 29 cm and DS = 5 cm, find the radius r of the circle.





18. In figure, $\Delta ABC$ and $\Delta DBC$ are on the same base BC. If AD and BC intersect at O, prove that $\frac{\text{Area}(\Delta ABC)}{\text{Area}(\Delta DBC)} = \frac{AO}{DO}$




**OR**


ABC is a right triangle right angled at C and AC = $\sqrt{3}$ BC. Prove that $\angle ABC = 60^0$.




19. Draw a circle of radius 6 cm. Draw a tangent to this circle making an angle of $30^0$ with a line passing through the centre.

20. Prove that $\frac{1}{\operatorname{cosec} A - \cot A} - \frac{1}{\sin A} = \frac{1}{\sin A} - \frac{1}{\operatorname{cosec} A + \cot A}$

21. In figure, ABCD is a trapezium with AB || CD and $\angle BCD = 60^0$. If BFEC is a sector of a circle with centre C and AB = BC = 7 cm and DE = 4 cm, then find the area of the shaded region (Use $\pi$ = 22/7 and $\sqrt{3}$ = 1.732)




22. A vessel is in the form of a hemispherical bowl mounted by a hollow cylinder. The diameter of the sphere is 14 cm and the total height of the vessel is 13 cm. Find its capacity (Take $\pi$ = 22/7)

### SECTION-D

23. A shopkeeper buys a number of books for Rs. 80. If he had bought 4 more books for the same amount, each book would have cost Rs. 1 less. How many books did he buy ?

24. The sum of the first p, q, r terms of an A.P. are a, b, c respectively. Show that $\frac{a}{p}(q - r) + \frac{b}{q}(r - p) + \frac{c}{r}(p - q) = 0$

25. The sum of a two-digit number and the number obtained by reversing the order of its digits is 165. If the digits differ by 3, find the number.

26. D and E are points on the sides AB and AC respectively of a $\Delta ABC$ such that DE || BC and divides $\Delta ABC$ into two parts, equal in area, find BD/AB.

**OR**

The perpendicular AD on the base BC of a $\Delta ABC$ intersects BC at D so that DB = 3CD. Prove that $2AB^2 = 2AC^2 + BC^2$.

27. If $\sec\theta = x + \frac{1}{4x}$, prove that $\sec\theta + \tan\theta = 2x$ or $\frac{1}{2x}$

28. A man on a cliff observe a boat at an angle of depression of $30^0$ which is approaching the shore to the point immediately beneath the observer with a uniform speed. Six minutes later, the angle of depression of the boat is found to be $60^0$. Find the time taken by the boat to reach the shore.

29. Water flows at the rate of 10 meters per minute through a cylindrical pipe 5 mm in diameter. How long would it take to fill a conical vessel whose diameter at the base is 40 cm and depth 24 cm?

**OR**

The interior of a building is in the form of cylinder of a diameter 4.3 m and height 3.8 m, surmounted by a cone whose vertical angle is a right angle. Find the area of the surface and the volume of the building. (Take $\pi$ = 3.14)

30. If the median of the following frequencies distribution is 46, find the missing frequencies.

| Class | 10–20 | 20–30 | 30–40 | 40–50 | 50–60 | 60–70 | 70–80 | Total |
|---|---|---|---|---|---|---|---|---|
| Frequency | 12 | 30 | ? | 65 | ? | 25 | 18 | 229 |

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION

NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.

Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

## ସଂକ୍ଷେପରେ


ମୟୂରଭଞ୍ଜ ଜିଲା ଡୁକୁରା ନିକଟ ବହଳଦାରେ ଗୁରୁବାର ଏକ ୧୮ ଫୁଟର ଅହିରାଜ ଉଦ୍ଧାର ହୋଇଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର,୬।୧୨ (ଡି.ଏନ.ଏ):** ଗୋରୁମଇଷାଣୀ ଥାନା ରେଙ୍ଗାଲବେଡା ଗ୍ରାମର ଭୀମ ସିଂ ମୁଣ୍ଡାଙ୍କର ବୁଧବାର ରାତିରେ ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ଜଣାଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗୁରୁବାର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲସି ପକ୍ଷରୁ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୧୬/୧୮) ରୁଜୁ ହୋଇଛି।

### ବିଦ୍ୟୁତ୍ ଶକ୍ତି ବିଭାଗର ପ୍ରଜ୍ଞାପନ ଷ୍ଟଲ ଉଦ୍ଘାଟିତ

ବାରିପଦା ଅଫିସ,୬।୧୨: ବାରିପଦାସ୍ଥିତ ଛଉପଡ଼ିଆଠାରେ ଅନୁଷ୍ଠିତ ମୟୂରଭଞ୍ଜ ମହୋତ୍ସବ ଅବସରରେ ଓଡ଼ିଶା ଶକ୍ତି ବିଭାଗର ପ୍ରଜ୍ଞାପନ ପ୍ରଦର୍ଶନୀ ଷ୍ଟଲ ଉଦ୍ଘାଟିତ ହୋଇଯାଇଛି। ନିର୍ବାହୀ ଯନ୍ତ୍ରୀ ଇଂ ସିଦ୍ଧାର୍ଥ ଶଙ୍କର ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି , ସମ୍ମାନିତ ଅତିଥି ଭାବେ ନେସ୍କୋର ଅଥୋରାଇଜ ଅଫିସର ବିଜୟ କୁମାର ସାହୁ, ଚିଫ ଅପରେଟିଙ୍ଗ ଅଫିସର ଇଂ ଶରତ ଚନ୍ଦ୍ର ଉପାଧ୍ୟାୟ, ସିନିୟର ଜିଏମ ସୁରେନ୍ଦ୍ର ପ୍ରସାଦ ମଲ୍ଲିକ, ଜେନେରାଲ ମ୍ୟାନେଜର ଇଂ ସୁଦର୍ଶନ ସାହୁ, ଏଚଆର ହେଡ୍ ବୁଦ୍ଧିଷ୍ଟ ବେହେରା, ଜେନେରାଲ ମ୍ୟାନେଜର ଅପରେସନ ଶ୍ୟାମସୁନ୍ଦର ନାୟକ, ଅଧୀକ୍ଷଣ ଯନ୍ତ୍ରୀ ରାଜୀବ ନାୟକ, ଇଂ ତ୍ରୀଭୁବନ ଦାସ, ଇଂ ମାନସ ରଞ୍ଜନ ମହାନ୍ତି, ଜ୍ୟୋତିକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଷ୍ଟଲ ମାଧମରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିଦ୍ୟୁତ୍ କ୍ଷେତ୍ରରେ ବିଭିନ୍ନ ଯୋଜନାଗୁଡିକ ସମ୍ବନ୍ଧରେ ଅବଗତ କରାଯିବା ପାଇଁ ଏହି ଷ୍ଟଲ ଖୋଲାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବିଜାତଳା ଉପନିର୍ବାଚନ: ୭୭.୯୬% ମତଦାନ

**ବାରିପଦା ଅଫିସ,୬।୧୨**

ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ଅନ୍ତର୍ଗତ ୩୨ ନଂ. ଜିଲା ପରିଷଦ ଜୋନ ଉପନିର୍ବାଚନ ଗୁରୁବାର ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ବିଭିନ୍ନ ବୁଥରେ ସକାଳୁ ଲମ୍ବା ଧାଡ଼ି ଲାଗିଥିଲା। ସରକାରୀ ସୂତ୍ର ଅନୁଯାୟୀ ୭୭.୯୬ ପ୍ରତିଶତ ମତଦାନ ହୋଇଛି। ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଛି । ବୁଥସ୍ତରୀୟ ନିର୍ବାଚନ ଅଧିକାରୀ କଡା ସୁରକ୍ଷା ବଳୟରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବାଲାଟ ବାକ୍ସ ଜମା କରିଛନ୍ତି। ଶୁକ୍ରବାର ଭୋଟ ଗଣତି ପରେ ଫଳାଫଳ ପ୍ରକାଶ ପାଇବ। ଭୋଟ ଗ୍ରହଣ ବେଳେ କାଁ ଭାଁ କେତେକ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା । ତଥାପି ସେପରି କୌଣସି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ନିର୍ବାଚନ ଅଧିକାରୀ ତଥା ବିଜାତଳା ବିଡିଓ ଜୟକୃଷ୍ଣ ପାତ୍ର କହିଛନ୍ତି। ଅନ୍ୟପକ୍ଷେ ସରକାରୀ କଳ ସହଯୋଗରେ ଶାସକ ଦଳ ବୁଥ ରିଗିଂ କରିଥିବା ଭାଜପା ଓ ଜେଏମ୍ଏମ୍ ପକ୍ଷରୁ ଅଭିଯୋଗ ହୋଇଛି। ପ୍ରତିବାଦରେ ବ୍ଲକ କାର୍ଯ୍ୟାଳୟରେ ବାଲାଟ ବକ୍ସ ଗାଡି ପ୍ରବେଶକୁ ସେମାନେ ବିରୋଧ କରିଥିଲେ। ପରେ ବରିଷ୍ଠ ପୋଲିସ ଅଧିକାରୀ ଓ ନିର୍ବାଚନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତି ପଡିଥିଲା ।


ଜଣେ ଭୋଟର ମତଦାନ ସାବ୍ୟସ୍ତ କରୁଛନ୍ତି।

- ବୁଥ ରିଗିଂ ଅଭିଯୋଗ ଆଣିଲେ ଭାଜପା ଓ ଜେଏମ୍ଏମ୍
- ଶାନ୍ତିଶୃଙ୍ଖଳାରେ ମତଦାନ ସରିଛି କହିଲେ ନିର୍ବାଚନ ଅଧିକାରୀ
- ଆଜି ପ୍ରକାଶ ପାଇବ ଫଳାଫଳ, ପୋଲିସ ସଜାଗ

ପୂର୍ବରୁ ଭାଜପା କବଜାରେ ଥିବା ବିଜାତଳା ଜିଲା ପରିଷଦ ଆସନ ଗତ ଜାନୁୟାରୀରୁ ଖାଲି ପଡିଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ଆସନ ହାତେଇବାକୁ ସବୁ ରାଜନୈତିକ ଦଳ ନିଜ ହେଭିୱେଟ ନେତାଙ୍କୁ ଧରି ପ୍ରଚାର କରିଥିଲେ। ଗୁରୁବାର ସକାଳୁ ଭୋଟରମାନେ ଲମ୍ବା ଧାଡ଼ିରେ ଛିଡା ହେବା ପରେ ବାଲାଟ ପେପରରେ ନିଜ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଭବାନୀ ବେହେରା, କାହ୍ନୁଚରଣ ବେହେରା ପ୍ରମୁଖ ଭୋଟର କହିଛନ୍ତି। ସୁଖଦୁଃଖରେ ସେମାନଙ୍କ ସହିତ ଛିଡା ହୋଇଥିବା ଓ ସେମାନଙ୍କ ସମସ୍ୟାକୁ ସମାଧାନ କରୁଥିବା ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ବହୁ ଭୋଟର କହିଛନ୍ତି।

ସରକାରୀ କର୍ମଚାରୀମାନେ ଶାସକ ବିଜେଡିକୁ ଭିତିରିଆ ସହଯୋଗ କରିଥିବା ଜେଏମ୍ଏମ୍ ରାଜ୍ୟ ସଭାପତି ମହେଶ ହେମ୍ବ୍ରମ, ଜିଲା ସଭାପତି ଫାଗୁ ହାଁସଦା ପ୍ରମୁଖ ଅଭିଯୋଗ କରିଛନ୍ତି । ରାଇହାରି ପଞ୍ଚାୟତର ଏକ ବୁଥରେ କେତେ ଭୋଟ ହୋଇଛି ସେ ନେଇ ଏଜେଣ୍ଟମାନଙ୍କୁ ସୂଚନା ନ ଦେଇ ବାଲାଟ ବକ୍ସ ନିଆଯାଇଥିବା ଅଭିଯୋଗ ହୋଇଛି। ସେହିପରି ବଣକାଟି, ଖଣ୍ଡାଧାର, କରକଟିଆ ଆଦି ସ୍ଥାନରେ ଥିବା ବୁଥଗୁଡିକରେ ବିଜେଡି ପକ୍ଷରୁ ନିଯୁକ୍ତ ଏଜେଣ୍ଟ ବୁଥ ରିଗିଂ କରିଥିଲେ ବୋଲି ରାଜ୍ୟ ଭାଜପା ଉପସଭାପତି ଅଭିଯୋଗ କରିଛନ୍ତି। ସେଠାରେ ନିୟୋଜିତ ନିର୍ବାଚନ ଅଧିକାରୀ ଏହାର ବିରୋଧ କରି ନ ଥିବା ବେଳେ ଅନ୍ୟଦଳର ଏଜେଣ୍ଟମାନେ ବିରୋଧ କରିଥିଲେ। ହେଲେ ସେମାନଙ୍କୁ ବୁଥରୁ ବାହାର କରିଦିଆଯାଇଥିଲା। ସ୍ଥାନୀୟ ବିଧାୟକ ପୋଲିସ ସହାୟତାରେ ବୁଥଗୁଡିକ ପରିଦର୍ଶନ କରି ଲୋକଙ୍କୁ ବିଜେଡିକୁ ଭୋଟ ଦେବାକୁ ପ୍ରବର୍ତ୍ତାଉଥିଲେ ବୋଲି ମଧ୍ୟ ଦାସ ଅଭିଯୋଗ କରିଛନ୍ତି। ହେଲେ ସବୁ କଥା ଶୁଣି ମଧ୍ୟ ନିର୍ବାଚନ ଅଧିକାରୀ ମୋ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିବା ଦାସ କହିଛନ୍ତି। ଏନେଇ ବିଜାତଳା ବିଡିଓ ଜୟକୃଷ୍ଣ ପାତ୍ର କହିଛନ୍ତି, ନିର୍ବାଚନ ଶେଷ ପରେ ଭୋଟର ସଂଖ୍ୟା ଓ ମତଦାନ ସଂଖ୍ୟା ଏଜେଣ୍ଟମାନଙ୍କୁ ଜଣାଇବାର କୌଣସି ନିୟମ ନାହିଁ। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି ।

## ମଝିଗଡ଼ିଆ ସରପଞ୍ଚ ଉପନିର୍ବାଚନ ୨୯୪୯ ଭୋଟର ଦେଲେ ଭୋଟ୍

**କପ୍ତିପଦା,୬।୧୨(ଡ଼ିଏନ୍ଏ)**

କପ୍ତିପଦା ବ୍ଲକ୍ ମଝିଗଡ଼ିଆ ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ ଗୁରୁବାର ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ମଝିଗଡ଼ିଆ ପଞ୍ଚାୟତରେ ସମୁଦାୟ ୩୮୨୧ ଭୋଟର ଥିବା ବେଳେ ୨୯୪୯ ମତଦାନ କରିଥିବା ବିଭାଗ ସୂତ୍ରରୁ ଜଣାଯାଇଛି। ଏହି ନିର୍ବାଚନରେ ମତଦାନ ହାର ୭୭.୧୭ ଶତକଡା ରହିଛି। ମତଦାନ ଶେଷ ପରେ ମଝିଗଡ଼ିଆ ପଞ୍ଚାୟତ ବଳଦମରା କେନ୍ଦ୍ରରେ କେତେକ ଭୋଟର ପହଞ୍ଚି ଭୋଟ ଦେବାକୁ ଅଡି ବସିଥିଲେ। ଏହାକୁ କେନ୍ଦ୍ର କରି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମାତ୍ର ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଭୋଟ ଶେଷ ପରେ କଡ଼ା ସୁରକ୍ଷା ମଧ୍ୟରେ ଭୋଟ ବାକ୍ସକୁ ଅଣାଯାଇ ବ୍ଲକ୍ କାର୍ଯ୍ୟାଳୟର ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ଶୁକ୍ରବାର ଭୋଟ ଗଣତି ହେବ ବୋଲି ବିଡ଼ିଓ ରବୀନ୍ଦ୍ର କୁମାର ମଲ୍ଲିକ୍ କହିଛନ୍ତି। ଉପଖଣ୍ଡ ପୋଲିସ୍ ଅଧିକାରୀ କୃଷ୍ଣନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ କପ୍ତିପଦା ଆଇଆଇସି ରୀନା ବେହେରା, ଦେଢ଼ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ହୋଇ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। କପ୍ତିପଦା ଅତିରିକ୍ତ ତହସିଲଦାର ଲକ୍ଷ୍ମୀଧର ନାୟକ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ନିୟୋଜିତ ହୋଇଥିଲେ ।

# ୩ ଭାଜପା ଏଜେଣ୍ଟଙ୍କୁ ଅପହରଣ ଅଭିଯୋଗ

## ସାନି ମତଦାନ ଦାବି କଲା ଭାଜପା


ମୟୂରଭଞ୍ଜ ଜିଲା ଭାଜପା ପକ୍ଷରୁ ସାନି ମତଦାନ ନିମନ୍ତେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାରିପଦା ଅଫିସ,୬।୧୨**

ଗୁରୁବାର ହୋଇଥିବା ବିଜାତଳା ଉପନିର୍ବାଚନରେ ୩ ଭାଜପା ଏଜେଣ୍ଟଙ୍କୁ ଅପହରଣ କରାଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏହାବ୍ୟତୀତ ବିଜେଡି କର୍ମୀମାନେ କେତେକ ବୁଥରେ ଜୋରଜବରଦସ୍ତି ପଶି ନିଜ ଦଳ ସପକ୍ଷରେ ଭୋଟ ଦେବାକୁ ଭୋଟରଙ୍କୁ ପ୍ରବର୍ତ୍ତାଇଥିବା କୁହାଯାଇଛି। ତେଣୁ ଉକ୍ତ ଆସନ ନିମନ୍ତେ ସାନି ନିର୍ବାଚନ ଦାବି କରି ଗୁରୁବାର ରାତି ପ୍ରାୟ ୯ଟା ବେଳେ ମୟୂରଭଞ୍ଜ ଜିଲା ଭାଜପା ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ସାକ୍ଷାତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାପରେ ନିଜ ସମର୍ଥକଙ୍କ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଭାଜପା ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ ମୁଣ୍ଡାଠାକୁରା ପଞ୍ଚାୟତର ୧ନଂ ବୁଥରେ ଥିବା ଭାଜପା ଏଜେଣ୍ଟ, ବଣକାଟି ପଞ୍ଚାୟତର ଖଣ୍ଡାଧାରା ଓ କରକାଠିଆରେ ଥିବା ଭାଜପା ଏଜେଣ୍ଟମାନଙ୍କୁ ଅପହରଣ କରାଯାଇଛି। ଏହାବ୍ୟତୀତ ବିଜାତଳା ପଞ୍ଚାୟତର ଅସନା ଗାଁର ଏକ ବୁଥକୁ ବିଜେଡି କର୍ମୀମାନେ ଜବରଦଖଲ କରିଛନ୍ତି। ସେହିପରି ରାଇଘରି ଗ୍ରାମପଞ୍ଚାୟତର ୧୨, ୧୩, ୧୪, ୧୫ ଆଦି ବୁଥରେ ବିଜେଡି କର୍ମୀମାନେ ଜୋରଜବରଦସ୍ତି ପଶି ବିଜେଡି ସପକ୍ଷରେ ଭୋଟ ଦେବାକୁ କହିବା ସହ ଏଥିରେ ଗ୍ରାମ୍ୟ ରୋଜଗାର ସେବକମାନେ ସେମାନଙ୍କୁ ସମର୍ଥନ କରଥିବା ଅଭିଯୋଗ ହୋଇଛି। ଏହା ନିର୍ବାଚନ ବିଧିବ୍ୟବସ୍ଥାର ଉଲ୍ଲଘଂନ ହୋଇଥିବାରୁ ଘଟଣାର ନିରପେକ୍ଷ ତଦନ୍ତ ସହ ସାନି ମତଦାନ କରିବାକୁ ଦାବି ହୋଇଛି।

# ‘ଚିରକାଳ ଅନୁଭୂତି ପ୍ରଦାନ କରିଥାଏ ଇତିହାସ’


**କପ୍ତିପଦା,୬।୧୨(ଡ଼ିଏନ୍ଏ)**

ନୂଆସାହିସ୍ଥିତ କପ୍ତିପଦା ମହାବିଦ୍ୟାଳୟରେ ଇତିହାସ ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ‘ଇତିହାସ ଉପାଦାନର ଗୁରୁତ୍ୱ’ ସମ୍ବନ୍ଧରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଚନ୍ଦ୍ରକୁମାର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଡ଼ଃ ସତ୍ୟବତୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁରର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଗିରିଶଙ୍କର ମଲ୍ଲିକ, ସମ୍ମାନିତ ବକ୍ତାଭାବେ +୩ ମହାବିଦ୍ୟାଳୟର ଅଧକ୍ଷା ଡ଼. ଲିପିକା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନାଚକ୍ରର ଉଦ୍ଦେଶ୍ୟ ତଥା ବିଷୟଭିତ୍ତିକ ସୂଚନା ଦେବା ସହିତ ଇତିହାସ କେବଳ ପ୍ରାଚୀନ ବସ୍ତୁ ନୁହଁ, ଏହା ଚିରକାଳ ଜୀବନ୍ତ ଅନୁଭୂତି ପ୍ରଦାନ କରିଥାଏ ବୋଲି କହିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆଦର୍ଶ ବେହେରା, ଶକୁନ୍ତଳା ମଣ୍ଡଳ, ସାବିତ୍ରୀ ବେହେରା, ସୁନୀତା ସିଂ, ପ୍ରିୟଙ୍କା ପଣ୍ଡା ସେମାନଙ୍କର ବିଷୟଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ବିଭୁରଞ୍ଜନ ବିଶ୍ୱାଳ, ଅଧ୍ୟାପକ ସଞ୍ଜୟ କୁମାର ସେନାପତି, ଧନଞ୍ଜୟ ରାଉତ ଉପସ୍ଥିତ ରହି ଆଲୋଚନାଚକ୍ରରେ ନିଜସ୍ୱ ଅଭିମତ ଉପସ୍ଥାପନ କରିଥିଲେ ।




## ମୟୂରଭଞ୍ଜ ମହୋତ୍ସବର ପ୍ରଥମ ସନ୍ଧ୍ୟା

# ‘କଳା, କ୍ରୀଡ଼ା ଜିଲାକୁ ଦେଇଛି ପରିଚୟ’


କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରୁଛନ୍ତି।

**ବାରିପଦା ଅଫିସ,୬।୧୨**

ଛଉ ନୃତ୍ୟ ସାଙ୍ଗକୁ ସମୃଦ୍ଧ କଳା ଓ କ୍ରୀଡା ମୟୂରଭଞ୍ଜ ଜିଲାକୁ ବିଶ୍ୱ ଦରବାରରେ ପରିଚିତ କରାଇଛି। ଏଠାକାର ଆଦିବସୀଙ୍କ ପାରମ୍ପରିକ ନୃତ୍ୟ ବେଶ ମନୋରମ। ଏଣୁ ଜିଲ୍ଲାର କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଲୋକଲୋଚନକୁ ଆଣିବାକୁ ଆୟୋଜିତ ହେଉଛି ମୟୂରଭଞ୍ଜ ମହୋତ୍ସବ। ଗୁରୁବାର ଏହାର ପ୍ରଥମ ସାଂସ୍କୃତିକ ସନ୍ଧ୍ୟାରେ ବେଶ୍ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗଦେଇ ଜିଲାବାସୀ ଏଥିନିମନ୍ତେ ଗର୍ବ କରିବାକୁ ସେ କହିଛନ୍ତି। ମୟୂରଭଞ୍ଜ ମହୋତ୍ସବ କମିଟିର ସଦସ୍ୟ ରଣଜିତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସାଂସ୍କୃତିକ ସନ୍ଧ୍ୟାରେ ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ, ନେସ୍କୋ ଅଧିକୃତ ଅଧିକାରୀ ବିଜୟ କୁମାର ସାହୁ, ବାରିପଦା ପୌରପରିଷଦ ନଗରପାଳ ବବିତା ଦାସ, ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ମହୋତ୍ସବ କମିଟି ସଭାପତି ଅସିତ ପତି, ସାଧାରଣ ସମ୍ପାଦକ କଳିଙ୍ଗକେଶରୀ ଜେନା, କାର୍ଯ୍ୟକାରୀ ସଭାପତି ଶିବ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। କଳାକାରଙ୍କ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନମୋହି ନେଇଥିଲା।

ଦେଶରେ ବିମାନ ମଧ୍ୟରେ ଟେଲିକମ୍ ସେବା ପ୍ରଦାନ ନେଇ ଶୀଘ୍ର ବିଜ୍ଞପ୍ତି ଜାରି କରାଯିବା।
– ମନୋଜ ସିହ୍ନା, କେନ୍ଦ୍ର ଟେଲିକମ୍ ମନ୍ତ୍ରୀ



ଆଗାମୀ ୫ ବର୍ଷରେ ମିଡିଆ ଏବଂ ଏଣ୍ଟରଟେନମେଣ୍ଟ ଶିଳ୍ପର ରପ୍ତାନି ୧୦ ବିଲିୟନ ଡଲାର ଛୁଇଁବାର ସମ୍ଭାବନା ରହିଛି।
– ସୁଧାଂଶୁ ପାଣ୍ଡେ, ଅତିରିକ୍ତ ସଚିବ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ



## ସଂକ୍ଷେପରେ

### ଏସ୍ଏଲ୍ଆର୍‌କୁ ୧୮%ରେ ଆଣିବା ଆର୍‌ବିଆଇର ଲକ୍ଷ୍ୟ

ମୁମ୍ବାଇ,୬-୧୨: ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆସନ୍ତା ବର୍ଷ ଜାନୁୟାରୀରୁ ପ୍ରତି ତ୍ରୈମାସରେ ବୈଧାନିକ ତରଳତା ଅନୁପାତ(ଏସ୍ଏଲ୍ଆର୍)ରେ ୦.୨୫% ଲେଖାଏ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏସ୍ଏଲ୍ଆର୍‌କୁ ୧୮% ପର୍ଯ୍ୟନ୍ତ ଆଣିବା ଲାଗି ଆର୍‌ବିଆଇ ଲକ୍ଷ୍ୟ ଧାର୍ଯ୍ୟ କରିଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ନିଷ୍ପତ୍ତି ଯୋଗୁ ବ୍ୟାଙ୍କଗୁଡିକ ନିକଟରେ ଅଧିକ ଅର୍ଥ ଉପଲବ୍ଧ ହେବ ଓ ସେମାନେ ଅଧିକ ଋଣ ଦେଇପାରିବେ। ବର୍ତ୍ତମାନ ଏସ୍ଏଲ୍ଆର୍ ୧୯.୫% ରହିଛି। ବିକାଶ ଓ ମାନ୍ଦାବସ୍ଥାକୁ ନିୟନ୍ତ୍ରଣ କରିବା ଲାଗି ଏସ୍ଏଲ୍ଆର୍‌କୁ ବ୍ୟବହାର କରାଯାଏ।

### ୨୦୨୨ ସୁଦ୍ଧା ଆସିଯିବ ୫ଜି

ନୂଆଦିଲ୍ଲୀ,୬-୧୨: ଦେଶର ଟେଲିକମ ସେକ୍ଟରରେ ୨୦୨୨ ସୁଦ୍ଧା ୫ଜି ଆରମ୍ଭ ହୋଇଯିବ। ଏଥିସହିତ ଆସନ୍ତା ୫ ବର୍ଷ ମଧ୍ୟରେ ଡିଜିଟାଲ ପ୍ଲାଟଫର୍ମରେ ଏହା ଦ୍ରୁତଗତିରେ ପହଞ୍ଚିଯିବ ବୋଲି ଦୂରସଞ୍ଚାର ନିୟାମକ ପ୍ରାଧିକରଣ(ଟ୍ରାଇ) ସଚିବ ଏସ.କେ.ଗୁପ୍ତା ଗୁରୁବାର କହିଛନ୍ତି। ମିଡିଆ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ଆର୍ଟିଫିଶିଆଲ ଇଣ୍ଟେଲିଜେନ୍ସ ତଥା ବଡ଼ ଧରଣର ଡାଟା ଆନାଲିଟିକ୍ସର ବ୍ୟବହାର ଯୋଗୁ ଉପଭୋକ୍ତାଙ୍କ ମଧ୍ୟରେ ଅନେକ ପରିବର୍ତ୍ତନ ଦେଖାଯିବ। ସେ କହିଛନ୍ତି ଯେ, ଏଥିମଧ୍ୟରେ ମିଡିଆ ଉଦ୍ୟୋଗରେ ଅନେକ ପରିବର୍ତ୍ତନ ଦେଖାଗଲାଣି ଏବଂ ସେମାନେ ନୂଆ ପ୍ରଯୁକ୍ତି ଆପଣାଇ ସଫଳତା ପାଇଲେଣି। ଉଦ୍ୟୋଗ ସଂଗଠନ ସିଆଇଆଇ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଗୁପ୍ତା କହିଛନ୍ତି ଯେ, ଟେଲିକମ୍ ଜଗତରେ ୨୦୨୨ ସୁଦ୍ଧା ୫ଜି ପ୍ରବେଶ କରିସାରିଥିବ। ସେ କହିଛନ୍ତି ଯେ, ଦେଶରେ ପ୍ରାୟ ୪୦ କୋଟି ୟୁଜର ଭଲ କ୍ୱାଲିଟିର ଇଣ୍ଟରନେଟ୍ ହାସଲ କରିପାରିଛନ୍ତି। ଏଭଳି ସ୍ଥିତିରେ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ମିଡିଆ ସାମଗ୍ରୀ ବ୍ୟବହାର କରିବାର ଅନେକ ସମ୍ଭାବନା ରହିଛି। ସ୍ମାର୍ଟଫୋନର ସଂଖ୍ୟା ବୃଦ୍ଧି ଯୋଗୁ ମିଡିଆ ସାମଗ୍ରୀର ବିକାଶର ପ୍ରକୃତି ବଦଳିଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

### ଦ୍ରୁତତମ ବିକାଶଶୀଳ ସହର ଶୀର୍ଷ ୧୦ରେ ଭାରତ

ନୂଆଦିଲ୍ଲୀ,୬-୧୨: ଆଗାମୀ ଦୁଇ ଦଶନ୍ଧିରେ ଭାରତ ଦ୍ରୁତତମ ବିକାଶଶୀଳ ସହର ନିର୍ମାଣ କ୍ଷେତ୍ରରେ ବିଶ୍ୱର ଶୀର୍ଷ ୧୦ଟି ଦେଶ ମଧ୍ୟରେ ସ୍ଥାନ ପାଇଛି। ଅକ୍ସଫୋର୍ଡ ଇକୋନୋମିକ୍ସ ରିପୋର୍ଟରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି। ଅକ୍ସଫୋର୍ଡର ଗ୍ଲୋବାଲ ସିଟିଜ ରିସର୍ଚ୍ଚର ମୁଖ୍ୟ ରିଚାର୍ଡ ହଲ୍ଟ ତାଙ୍କ ରିପୋର୍ଟରେ କହିଛନ୍ତି ଯେ, ହୀରା ପ୍ରକ୍ରିୟାକରଣ ଓ ବ୍ୟବସାୟ କ୍ଷେତ୍ରରେ ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଗୁଜରାଟର ସୁରଟ ସହର ବିକାଶ କ୍ଷେତ୍ରରେ ୨୦୩୫ ସୁଦ୍ଧା ଦ୍ରୁତତମ ହେବ, ଯାହାକି ଅନ୍ୟ ସହର ତୁଳନାରେ ପ୍ରାୟ ୯% ଅଧିକ ହେବ। ଏହା ବ୍ୟତୀତ ଦ୍ରୁତତମ ବିକାଶ କ୍ଷେତ୍ରରେ ଶୀର୍ଷ ୧୦ ସ୍ଥାନରେ ରହିଥିବା ଭାରତର ଅନ୍ୟ ସହରଗୁଡିକ ହେଲା ଆଗ୍ରା, ବେଙ୍ଗାଲୁରୁ, ହାଇଦ୍ରାବାଦ, ନାଗପୁର, ତିରୁପ୍ପୁର, ରାଜକୋଟ, ତିରୁଚିରାପଲ୍ଲୀ, ଚେନ୍ନାଇ ଓ ବିଜୟୱାଡା ପ୍ରମୁଖ। ତେବେ ବିଶ୍ୱର ବଡ଼ ବଡ଼ ମେଟ୍ରୋପଲିଟାନ ସହର ତୁଳନାରେ ଭାରତର ସହରାଞ୍ଚଳର ଆର୍ଥିକ ଅଭିବୃଦ୍ଧି ନଗଣ୍ୟ ରହିବ ବୋଲି ରିପୋର୍ଟରେ କୁହାଯାଇଛି। ୨୦୩୫ ସୁଦ୍ଧା ଏବଂ ବର୍ତ୍ତମାନର ଶୀର୍ଷ ସହର ତାଲିକାରେ ବିଶେଷ ପରିବର୍ତ୍ତନ ଦେଖାଯିବ ନାହିଁ ବୋଲି କୁହାଯାଇଛି।

### ଅନ୍‌ଲାଇନରେ ଟୁ-ହ୍ୱିଲର୍ସ ବୀମା କ୍ରୟ ବଢୁଛି

ଭୁବନେଶ୍ୱର,୬-୧୨: ଦେଶରେ ୭୫% ଦୁଇ ଚକିଆ ଯାନର ବୀମା ନ ଥିବା ଜଣାପଡ଼ିଛି। ଏପରି ସ୍ଥିତିରେ ଡିଜିଟାଲ ପ୍ଲାଟଫର୍ମରେ ଟୁ-ହ୍ୱିଲର୍ସ ଲାଗି ବୀମା କ୍ରୟରେ ବର୍ତ୍ତମାନ ବୃଦ୍ଧି ପରିଲକ୍ଷିତ ହେଉଛି। ନିଷ୍କ୍ରିୟ ପଲିସିକୁ ସକ୍ରିୟ କରିବା ଲାଗି ପ୍ରାୟ ୬୦% ଦୁଇ ଚକିଆ ଯାନର ବୀମା ଅନ୍‌ଲାଇନରେ କ୍ରୟ କରାଯାଉଛି। ପ୍ରତି ୧୦ ଜଣରେ ୬ ଜଣ ଲୋକ ନିଜର ନିଷ୍କ୍ରିୟ ଟୁ-ହ୍ୱିଲର୍ସ ବୀମାକୁ ସକ୍ରିୟ ପାଇଁ ଅନଲାଇନ ବୀମା ନେଉଥିବା ପଲିସି ବଜାର ଡଟ୍ କମ୍‌ର ପ୍ରଡକ୍ଟ ଆଣ୍ଡ ଇନୋଭେସନ ସେଣ୍ଟର(ପିଆଇସି) ପକ୍ଷରୁ ହୋଇଥିବା ସର୍ଭେରୁ ଏହା ପ୍ରକାଶ ପାଇଛି। ସର୍ଭେରେ ୧୦ ଲକ୍ଷରୁ ଅଧିକ ଦୁଇ ଚକିଆ ଯାନ ଗ୍ରାହକଙ୍କୁ ସାମିଲ କରାଯାଇଥିଲା। ଡିଜିଟାଲ ପ୍ଲାଟଫର୍ମରେ ଯଦି ସୁବିଧା, ସହଜରେ ଓ ତତ୍କାଳ ବୀମା ସୁବିଧା ଉପଲବ୍ଧ ହେଉ ନ ଥାନ୍ତା ତେବେ ନିକଟ ଭବିଷ୍ୟତରେ ନିଜ ଦୁଇ ଚକିଆ ଯାନର ବୀମାକୁ ଆଉ କିଛି ଦିନ ଏଡ଼ାଇ ଯାଇଥାନ୍ତେ ବୋଲି ସର୍ଭେରେ ଭାଗ ନେଇଥିବା ଅଧିକାଂଶ ଲୋକ କହିଛନ୍ତି।

## ଦୂର ହେଲା ଆମେରିକା ବାଧା

# ଟଙ୍କା ଦେଇ ଇରାନରୁ ତେଲ କିଣିବ ଭାରତ

ନୂଆଦିଲ୍ଲୀ,୬-୧୨

- ଦୁଇ ଦେଶ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷରିତ
- ୟୁକୋ ବ୍ୟାଙ୍କରେ ଥିବା ନ୍ୟାଶନାଲ ଇରାନିୟାନ ଅଏଲ ଆକାଉଣ୍ଟରେ ଟଙ୍କା ଜମା ହେବ
- ଚଳିତ ବର୍ଷ ଏବେ ସୁଦ୍ଧା ଦୈନିକ ୫.୬ ଲକ୍ଷ ବ୍ୟାରେଲ ତେଲ ଇରାନରୁ ଆସିଛି
- ୟୁରୋ ମାଧ୍ୟମରେ ଦେୟ ବନ୍ଦ




ଅଶୋଧିତ ତେଲ କିଣାକୁ ନେଇ ଭାରତ ଓ ଇରାନ ମଧ୍ୟରେ ଗୁରୁବାର ଏକ ମେମୋରାଣ୍ଡମ୍ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏଣିକି ଭାରତ ଟଙ୍କା ବଦଳରେ ଇରାନରୁ ସିଧାସଳଖ ଅଶୋଧିତ ତେଲ କିଣିପାରିବ। ଫଳରେ ଆମେରିକା କଟକଣାକୁ ଭାରତ ଆଉ ଭୟ କରିବାର ଆବଶ୍ୟକତା ନାହିଁ। କଟକଣା ପରେ ମଧ୍ୟ ଦୁଇ ଦେଶ ଟଙ୍କା ବିନିମୟରେ ତେଲ କାରବାର କରିପାରିବେ।

ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଭାରତୀୟ ରିଫାଇନେରିଗୁଡ଼ିକ ୟୁକୋ ବ୍ୟାଙ୍କରେ ଥିବା ନ୍ୟାଶନାଲ ଇରାନିୟାନ ଅଏଲ କମ୍ପାନୀର ଆକାଉଣ୍ଟରେ ଟଙ୍କା ଜମା କରିବେ। ଏହି ଜମା ଅର୍ଥର ଅଧାରେ ଭାରତରୁ ଇରାନ ସାମଗ୍ରୀ କିଣିବ। ଆମେରିକା କଟକଣା ଜାରି ସତ୍ତ୍ୱେ ଇରାନକୁ ଭାରତ ଗହମ, ସୋୟା ମିଲ୍, କଞ୍ଜ୍ୟୁମର ସାମଗ୍ରୀ, ଔଷଧ ଓ ମେଡିକାଲ ଉପକରଣ ରପ୍ତାନି କରିପାରିବ। ସୂଚନାଥାଉ କି, ଭାରତ ନିଜର ତୃତୀୟ ସର୍ବବୃହତ୍ ତେଲ ବିକ୍ରେତା ଦେଶକୁ ୟୁରୋପିୟାନ ବ୍ୟାଙ୍କିଙ୍ଗ ଚ୍ୟାନେଲ ମାଧ୍ୟମରେ ୟୁରୋରେ ଦେୟ ପ୍ରଦାନ କରୁଥିଲା। ଏବେ ଏହି ଚ୍ୟାନେଲକୁ ନଭେମ୍ବରରୁ ବନ୍ଦ କରିଦିଆଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଇରାନ ସହ ପରମାଣୁ ଶକ୍ତି ଚୁକ୍ତିରୁ ଓହରିବା ପରେ ଆମେରିକା ସେଦେଶ ବିରୋଧରେ କଟକଣା ଲାଗୁ କରିଥିଲା, ଯାହା ନଭେମ୍ବରରୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହେଉଛି। ତେବେ ଭାରତ ସମେତ ୮ଟି ଦେଶକୁ ଆମେରିକା ୬ ମାସ ପାଇଁ ଏହି କଟକଣାରୁ ବାଦ୍ ଦେଇଛି। ଚାଇନା ପରେ ଭାରତ ଦ୍ୱିତୀୟ ତୈଳ ଆମଦାନୀକାରୀ ଦେଶ ଭାବେ ଇରାନରୁ ଅଶୋଧିତ ତେଲ କିଣିଥାଏ। ୧୮୦ ଦିନର ମିଳିଥିବା ଛାଡ଼ରେ ଇରାନରୁ ଭାରତ ଦୈନିକ ସର୍ବାଧିକ ୩ ଲକ୍ଷ ବ୍ୟାରେଲ ଅଶୋଧିତ ତେଲ ଆମଦାନୀ କରିପାରିବ। ତେବେ ଚଳିତ ବର୍ଷ ଏବେ ସୁଦ୍ଧା ଦୈନିକ ହାରାହାରି ପ୍ରାୟ ୫.୬ ଲକ୍ଷ ବ୍ୟାରେଲ ତେଲ ଇରାନରୁ କିଣିଛି। ଉଲ୍ଲେଖଯୋଗ୍ୟ ଯେ, ଭାରତ ବିଶ୍ୱର ତୃତୀୟ ସର୍ବବୃହତ୍ ତେଲ ଉପଭୋକ୍ତା ଭାବେ ଭାରତ ନିଜ ଚାହିଦାର ୮୦ ପ୍ରତିଶତ ଅଶୋଧିତ ତେଲ ବିଦେଶରୁ ଆମଦାନୀ କରିଥାଏ। ଅନ୍ୟପକ୍ଷରେ ଇରାନ ବ୍ୟତୀତ ସୌଦି ଆରବ ଓ ଇରାକ ଭାରତକୁ ସର୍ବାଧିକ ତେଲ ଯୋଗାଇଥାନ୍ତି। ସୂଚନାଥାଉ କି, ୨୦୧୩ରେ ଇରାନ ବିରୋଧରେ ଆମେରିକା କଟକଣା ପରିପ୍ରେକ୍ଷୀରେ ଭାରତ ଏହାର ଦେୟର ୪୫% ଟଙ୍କା ଆକାରରେ ଇରାନକୁ ଦେଇଥିଲା। ଅବଶିଷ୍ଟ ଅର୍ଥକୁ ଅନ୍ୟ ମୁଦ୍ରା ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଭାରତୀୟ ରିଫାଇନେରିଙ୍କ ଲାଗି ଇରାନ ତେଲ କିଣିବା ସୁବିଧାଜନକ। କାରଣ ଏହା ଦେୟ ପ୍ରଦାନ ଲାଗି ୬୦ ଦିନ ସମୟ ଦେଇଥାଏ। ଓପେକ୍‌ର ଅନ୍ୟ ରାଷ୍ଟ୍ରଗୁଡ଼ିକ ସେ ସୁବିଧା ଭାରତକୁ ଦେଇ ନ ଥାନ୍ତି।




## ହୋଣ୍ଡା କାର୍‌ସ ଇଣ୍ଡିଆ- ଏଏସ୍‌ଡିଏସ୍ ଏମ୍ଓୟୁ

ନୂଆଦିଲ୍ଲୀ,୬-୧୨

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ରାଜସ୍ଥାନ ଅଲଓ୍ୱର ଜିଲାରେ ଥିବା ତାପୁକାରାସ୍ଥିତ ହୋଣ୍ଡା ଭୋକେସନାଲ ଟ୍ରେନିଙ୍ଗ ସେଣ୍ଟର (ଏଚ୍‌ଭିଟିଆଇ)ର ଆକ୍ରିଡେଶନ ଲାଗି ଅଟୋମୋଟିଭ ସ୍କିଲ ଡେଭଲପମେଣ୍ଟ କାଉନସିଲ (ଏଏସ୍‌ଡିଏସ୍) ସହ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀର ବରିଷ୍ଠ ଉପସଭାପତି ପ୍ରବୀଣ ପରାଞ୍ଜପେ ଏବଂ ଏଏସ୍‌ଡିସି ଅଧ୍ୟକ୍ଷ ନିକୁଞ୍ଜ ସାଂଘିଙ୍କ ମଧ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଉକ୍ତ ସ୍ୱୀକୃତି ପରେ ପ୍ରତିଷ୍ଠାନରେ ଏଏସ୍‌ଡିସିର ନିୟମାବଳୀ ଓ ପାଠ୍ୟକ୍ରମ ଅନୁସାରେ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ତାଲିମ ପ୍ରଦାନ କରାଯିବ। ଏହି ସେଣ୍ଟର ବର୍ତ୍ତମାନ ସୁଦ୍ଧା ୧.୪୦ ଲକ୍ଷ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରିଛି। ନୂଆ ପଦକ୍ଷେପ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦିଗରେ ବିଶେଷ ସୁବିଧା ଲାଭ କରିପାରିବେ ବୋଲି ପ୍ରବୀଣ ପରାଞ୍ଜପେ ସୂଚନା ଦେଇଛନ୍ତି।

## ଇଏସ୍‌ଆଇସି ହସ୍ପିଟାଲରେ ସାଧାରଣ ବ୍ୟକ୍ତିଙ୍କୁ ଚିକିତ୍ସା ସୁବିଧା

ନୂଆଦିଲ୍ଲୀ,୬-୧୨




କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ହସ୍ପିଟାଲରେ ଏଣିକି ସାଧାରଣ ବ୍ୟକ୍ତିବିଶେଷ ଚିକିତ୍ସା କରାଇପାରିବେ। ଏ ସଂକ୍ରାନ୍ତରେ ଇଏସ୍‌ଆଇସି ଅନୁମତି ପ୍ରଦାନ କରିଛି। ଯେଉଁଠି କ୍ଷମତାର ସମ୍ପୂର୍ଣ୍ଣ ବିନିଯୋଗ ହେଉନି ସେଠାରେ ଏହି ସୁବିଧା ଯୋଗାଇ ଦିଆଯିବ। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବୟାନରେ କୁହାଯାଇଛି ଯେ, କେନ୍ଦ୍ର ଶ୍ରମ ମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗୱାରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଇଏସ୍‌ଆଇସିର ୧୭୬ତମ ବୈଠକରେ ଉକ୍ତ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ସାଧାରଣ ବ୍ୟକ୍ତିଙ୍କୁ ଶସ୍ତା ଦରରେ ଚିକିତ୍ସା ସୁବିଧା ମିଳିପାରିବ। ଏଥିସହିତ ଇଏସ୍‌ଆଇସି ହସ୍ପିଟାଲଗୁଡିକର ସମ୍ପୂର୍ଣ୍ଣ ବିନିଯୋଗ ହୋଇପାରିବ। ମାତ୍ର ୧୦ ଟଙ୍କା ବ୍ୟୟ କରି ସାଧାରଣ ରୋଗୀ ଓପିଡିରେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଭର୍ତ୍ତି ହେବା ସ୍ଥିତିରେ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟସେବା ପ୍ୟାକେଜ ଦରର ୨୫% ଶୁଳ୍କ ଭାବେ ଦାଖଲ କରିବେ। ଏଥିସହିତ ଇଏସ୍‌ଆଇସିର ପାଇଲଟ ପ୍ରୋଗ୍ରାମ ଆଧାରରେ ପ୍ରାରମ୍ଭିକ ବର୍ଷ ଲାଗି ବାସ୍ତବିକ ଦରରେ ଔଷଧ ଯୋଗାଇ ଦିଆଯିବ।




## ପୂର୍ବତଟ ରେଳପଥର ମହାପରିନିର୍ବାଣ ଦିବସ

ଭୁବନେଶ୍ୱର,୬-୧୨

ପୂର୍ବତଟ ରେଳପଥ ପକ୍ଷରୁ ଭୁବନେଶ୍ୱରର ରେଳ ସଦନଠାରେ ଡ. ବି.ଆର୍ ଆମ୍ବେଦକରଙ୍କ ୬୩ତମ ମହା ପରିନିର୍ବାଣ ଦିବସ ପାଳିତ ହୋଇଯାଇଛି। ପୂର୍ବତଟ ରେଳପଥର ମୁଖ୍ୟ ଯନ୍ତ୍ରୀ ଲକ୍ଷ୍ମୀ ନାରାୟଣଙ୍କ ନେତୃତ୍ୱରେ ରେଳପଥର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରେଳପଥର ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସେହିଭଳି ବିଭିନ୍ନ ରେଳମଣ୍ଡଳ ପକ୍ଷରୁ ଏହି ଦିବସକୁ ପାଳନ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

## ଆଜିଠୁ ଏୟାର ଏସିଆର ଟ୍ରାଭେଲ ଫେୟାର

ଭୁବନେଶ୍ୱର,୬-୧୨

ଏୟାର ଏସିଆ ପକ୍ଷରୁ ଭୁବନେଶ୍ୱରରେ ଟ୍ରାଭେଲ ଫେୟାର ସମ୍ପର୍କରେ ଘୋଷଣା କରାଯାଇଛି। ଭୁବନେଶ୍ୱରର ଏସ୍‌ପ୍ଲାନେଡ ଓ୍ୱାନ ମଲ୍ ଠାରେ ଶୁକ୍ରବାର ଠାରୁ ରବିବାର ଯାଏ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ସମୟରେ ଗ୍ରାହକମାନେ କମ୍ପାନୀର ବେଷ୍ଟ ଡିଲ ଲାଭ କରିବାକୁ ସକ୍ଷମ ହେବେ। ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାକୁ ଯାଇ କମ୍ପାନୀ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା ହୋଇଛି। ଏହା ଦ୍ୱାରା ଗ୍ରାହକ ଆକର୍ଷଣୀୟ ଡିଲ୍ ଏବଂ ଅଫର ଲାଭ କରିପାରିବେ। ଗ୍ରାହକମାନେ ଏହି ସମୟରେ ବୁକିଂ ଉପରେ ଫ୍ଲାଟ ୨୦% ରିହାତି ଲାଭ କରିପାରିବେ। ଏହି ବୁକିଂ ଉପରେ ଉଡ଼ାଣ ସମୟ ଆସନ୍ତା ବର୍ଷ ଜାନୁୟାରୀ ୭ଠାରୁ ଏପ୍ରିଲ ୧୭ ତାରିଖ ରହିଛି। ଏୟାର ଏସିଆ ଗ୍ରୁପ ନେଟ୍‌ୱର୍କରେ ଚାଲୁଥିବା ସବୁ ଫ୍ଲାଇଟ ଲାଗି ଏହା ଲାଗୁ ହେବ। ଭୁବନେଶ୍ୱରରୁ କଲିକତା ଏବଂ ବାଙ୍ଗାଲୋର ଯାଉଥିବା କମ୍ପାନୀର ଡାଇରେକ୍ଟ ଫ୍ଲାଇଟ ସମେତ କୁଆଲାଲମ୍ପୁର, ବ୍ୟାଙ୍କକ, ସିଙ୍ଗାପୁର, ବାଲି, ମେଲବୋର୍ନ ଏବଂ ସିଡନୀ ଭଳି ଅନ୍ତର୍ଜାତୀୟ ଉଡାଣ ସୁବିଧା ଏହି ଅଫର ମାଧ୍ୟମରେ ଉପଲବ୍ଧ। ମାଲେସିଆ ଏବଂ ଥାଇ ଟୁରିଜିମ କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମ ଲାଗି କମ୍ପାନୀ ସହ ଚୁକ୍ତିରେ ସାମିଲ ହୋଇଛନ୍ତି।

## ଓପେକ୍ ବୈଠକ ଆରମ୍ଭ

ଭିଏନା,୬-୧୨

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ ପାଇବାକୁ ନେଇ ତୈଳ ଉତ୍ପାଦନକାରୀ ରାଷ୍ଟ୍ରସମୂହ ଓପେକ୍ ଉଦ୍‌ବିଗ୍ନ। ଉତ୍ପାଦନ ହ୍ରାସ ଦ୍ୱାରା ତୈଳ ମୂଲ୍ୟକୁ ଯଥାସ୍ଥିତିରେ ପହଞ୍ଚାଇବା ନେଇ ଗୁରୁବାର ଏହାର ଗୁରୁତ୍ୱପୂର୍ଣ୍ଣ ବୈଠକ ଏଠାରେ ଆରମ୍ଭ ହୋଇଛି। ଉତ୍ପାଦନ ହ୍ରାସ ନେଇ ଓପେକ୍ ସଦସ୍ୟ ରାଷ୍ଟ୍ରଗୁଡିକ ମଧ୍ୟରେ ଏକରକମ ସହମତି ପ୍ରକାଶ ପାଇଥିଲେ ହେଁ ଅଣ ଓପେକ୍ ରାଷ୍ଟ୍ରଙ୍କ ମତିଗତି ଉପରେ ଏହା ନିର୍ଭର କରୁଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସୌଦି ଆରବ କହିଛି।

## ୫୭୨ ପଏଣ୍ଟ ହ୍ରାସ ପାଇଲା ସେନସେକ୍ସ

# ନିବେଶକ ହରାଇଲେ ୨.୨୬ ଲକ୍ଷ କୋଟି

ମୁମ୍ବାଇ,୬-୧୨



ପ୍ରମୁଖ ୪ଟି କାରଣରୁ ଗୁରୁବାର ଦେଶରେ ଷ୍ଟକ୍ ବଜାରରେ ହ୍ରାସ ପରିଲକ୍ଷିତ ହୋଇଥିଲା। ଫଳରେ ସେନସେକ୍ସ ୫୭୨.୨୮ ପଏଣ୍ଟ ହ୍ରାସ ପାଇବା ଯୋଗୁ ୩୫,୩୧୨.୧୩ ପଏଣ୍ଟରେ ବନ୍ଦ ହୋଇଥିଲା। ନିଫ୍ଟିରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଏହା ୧୮୧.୭୫ ପଏଣ୍ଟ ହ୍ରାସ ପାଇ ୧୦,୬୦୧.୧୫ ପଏଣ୍ଟରେ ବନ୍ଦ ହୋଇଥିଲା। ଏଥିଯୋଗୁ ନିବେଶକଙ୍କର ପ୍ରାୟ ୨.୨୬ ଲକ୍ଷ କୋଟି ଟଙ୍କାର ନିବେଶ ବୁଡ଼ିଯାଇଛି। ବିଶେଷଜ୍ଞଙ୍କ କହିବାନୁଯାୟୀ, ଆସନ୍ତା ସପ୍ତାହରେ ୫ ରାଜ୍ୟର ନିର୍ବାଚନ ଫଳାଫଳ ଘୋଷଣା, ଶୁକ୍ରବାର ଓପେକ ବୈଠକ ହେବାକୁ ଯାଉଥିବା ବେଳେ କାନାଡାରେ ଚାଇନାର ସର୍ବବୃହତ୍ ମୋବାଇଲ କମ୍ପାନୀ ହୁଆଇର ସିଏଫଓ ତଥା ମାଲିକଙ୍କ କନ୍ୟାଙ୍କୁ ଗିରଫ କରାଯିବା ତଥା ଟଙ୍କାର ମୂଲ୍ୟ ହ୍ରାସ ପାଇବାର ଖବର ଷ୍ଟକ୍ ମାର୍କେଟରେ ଛାଇ ରହିଥିଲା। ଧାତୁ, ତୈଳ, ଗ୍ୟାସ୍, ଔଷଧ ତଥା ଆର୍ଥିକ କମ୍ପାନୀଙ୍କ ଶେୟାର ମୂଲ୍ୟ ଅଧିକ ପରିମାଣରେ ହ୍ରାସ ପାଇଥିଲା।

## ଭାରତ ଲାଗି ଫିଚ୍ ଅନୁମାନ

# ଜିଡିପି କମିବ, ୭୫ ସ୍ତର ଛୁଇଁବ ଟଙ୍କା

ନୂଆଦିଲ୍ଲୀ,୬-୧୨



ଲୋକ ସଭା ନିର୍ବାଚନ ପୂର୍ବରୁ ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ରେଟିଂ ଏଜେନ୍ସି ଫିଚ୍ ଏହାର ରିପୋର୍ଟରେ ଭାରତ ଲାଗି ଦୁଇଟି ପୂର୍ବାନୁମାନ କରିଛି,ଯାହା ଭାରତ ପାଇଁ ଖୁସି ଆଣିବ ନାହିଁ। ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି(ଜିଡିପି) ହାରକୁ ନେଇ ନିଜର ପୂର୍ବାନୁମାନକୁ ଫିଚ୍ ହ୍ରାସ କରିଛି। ୨୦୧୮-୧୯ରେ ଦେଶର ଜିଡିପି ୭.୮ ପ୍ରତିଶତ ରହିବ ବୋଲି ଏଜେନ୍ସି ପୂର୍ବରୁ ଦର୍ଶାଇଥିବା ବେଳେ ସଦ୍ୟତମ ରିପୋର୍ଟରେ ଏହାକୁ ୭.୨%କୁ ହ୍ରାସ କରିଛି। ଏଥିସହିତ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ୨୦୧୯ ଶେଷ ସୁଦ୍ଧା ୭୫ ସ୍ତର ଛୁଇଁବ ବୋଲି ଏହା ଆଉ ଏକ ପୂର୍ବାନୁମାନ କରିଛି। ସୂଚନାଥାଉ କି, ବର୍ତ୍ତମାନ ଟଙ୍କା ୭୧ ସ୍ତରରେ କାରବାର କରୁଛି।

ଭାରତର ଜିଡିପି ୨୦୧୭-୧୮ରେ ୬.୭ ପ୍ରତିଶତ ହିସାବରେ ବୃଦ୍ଧି ପାଉଥିଲା। ଏହାକୁ ଦୃଷ୍ଟିରେ ରଖି ଫିଚ୍ ଜୁନ୍‌ରେ ୭.୪% ଓ ସେପ୍ଟେମ୍ବରରେ ୭.୮% ରହିବ ବୋଲି ପୂର୍ବାନୁମାନ କରିଥିଲା। ଅନ୍ୟପକ୍ଷରେ ମୁଦ୍ରା ନୀତି ଘୋଷଣା କରି ଭାରତୀୟ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ଦେଶର ଜିଡିପି ୭.୪% ରହିବ ବୋଲି ଆକଳନ କରିଛି। ତେବେ ଏଜେନ୍ସି ଦେଶର ଜିଡିପି ୨୦୧୯-୨୦ରେ ୭% ଓ ୨୦୨୦-୨୧ରେ ୭.୧% ରହିବ ବୋଲି ଅନୁମାନ କରିଛି। ଅନ୍ୟପକ୍ଷରେ ଟଙ୍କାକୁ ନେଇ ଏଜେନ୍ସିର ଭବିଷ୍ୟବାଣୀ ନୈରାଶ୍ୟ ସୃଷ୍ଟି କରିବ ବୋଲି ମନେ କରାଯାଉଛି। ଏହା କହିଛି ଯେ, ବିଶ୍ୱର ଆର୍ଥିକ ପରିସ୍ଥିତି ଉପରେ ନଜର ଦେଲେ ଭାରତୀୟ ଟଙ୍କାର ମୂଲ୍ୟ ଅଧିକ ହ୍ରାସ ପାଇବ ଓ ଏହା ଡଲାର ତୁଳନାରେ ୭୫ ସ୍ତର ଛୁଇଁବ।

# ଅନ୍‌ଲାଇନ ବୁକିଂ ପୋର୍ଟାଲ- ହୋଟେଲ ଶିଳ୍ପ ମୁହାଁମୁହିଁ

ଭୁବନେଶ୍ୱର,୬-୧୨



ମେକ୍ ମାଇଁ ଟ୍ରିପ୍(ଏମ୍ଏମ୍‌ଟି), ଗୋ ଆଇ ବିବୋ ଭଳି ଅନ୍‌ଲାଇନରେ ହୋଟେଲ ବୁକିଂ ସେବା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ସଂସ୍ଥାଗୁଡ଼ିକ ବେଆଇନ ବିଜନେସ ପ୍ରାକ୍ଟିସକୁ ପ୍ରଶୟ ଦେଉଥିବା ଅଭିଯୋଗ ଆସିଛି। ଗତ ଦୁଇ ବର୍ଷ ହେବ ସଂସ୍ଥାଗୁଡ଼ିକର ଏଭଳି ମନମୁଖୀ କାର୍ଯ୍ୟକୁ ନେଇ ଦେଶର ହୋଟେଲ ଶିଳ୍ପ ଅତିଷ୍ଠ ହୋଇ ପଡିଛନ୍ତି। ଅନ୍‌ଲାଇନ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ କମିଶନ ବାବଦକୁ ଅତି ଉଚ୍ଚ ହାର ଦାବି କରୁଛନ୍ତି। ହୋଟେଲ ଶିଳ୍ପକୁ ଏହା ପ୍ରଭାବିତ କରୁଥିବା ଶିଳ୍ପ ସୂତ୍ରରୁ ଜଣାଯାଇଛି। ବିଶେଷ କରି ଗୋ-ଏମ୍ଏମ୍‌ଟି ଭଳି ସଂସ୍ଥା ହୋଟେଲଗୁଡ଼ିକଠାରୁ ୪୫% କମିଶନ ଚାର୍ଜ କରିଛନ୍ତି ବୋଲି ହୋଟେଲ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ ଓଡ଼ିଶା (ଏଚ୍ଆର୍ଏଓ) ଅଧ୍ୟକ୍ଷ ଜେ.କେ ମହାନ୍ତି କହିଛନ୍ତି।

ଗୁରୁବାର ଖବରଦାତା ସମ୍ମିଳନୀରେ ମହାନ୍ତି କହିଛନ୍ତି ଯେ, କମିଶନ ଚାର୍ଜ ପ୍ରଦାନ କରିବା ପରେ ଶିଳ୍ପ ବିଭିନ୍ନ ଅସୁବିଧାର ସାମ୍ନା କରୁଛି। ବେତନ ପ୍ରଦାନ, ପରିଚାଳନା, ବ୍ୟାଙ୍କ ସୁଧ ସହ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ତୁଲାଇବା ସମସ୍ୟା ସୃଷ୍ଟି କରୁଛି। ଏହାକୁ ବିଚାର କରି ଅନ୍‌ଲାଇନ ପୋର୍ଟାଲଗୁଡ଼ିକର ବୁକିଂ ବନ୍ଦ କରିଦେବାକୁ ଶିଳ୍ପ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏମ୍ଏମ୍‌ଟି ଭଳି ସଂସ୍ଥା ବର୍ତ୍ତମାନ ଦେଶରେ ୮୦% ବଜାର ଅଂଶ ହାସଲ କରିଛି। ସଂସ୍ଥାର ଟାଳଟୁଳ ନୀତି ଯୋଗୁ ହୋଟେଲ ଶିଳ୍ପ ପ୍ରଭାବିତ। ଏହାକୁ ବନ୍ଦ କରିବାକୁ ସଂସ୍ଥାଗୁଡ଼ିକୁ କୁହାଯାଇଛି।

- ବୁକିଂ ବନ୍ଦ କରିଦେବାକୁ ଚେତାବନୀ ଦେଲେ ହୋଟେଲ
- ଉଚ୍ଚ କମିଶନ ଚାର୍ଜକୁ ନେଇ ଶିଳ୍ପ ଅତିଷ୍ଠ
- ଅନ୍‌ଲାଇନ୍ ସଂସ୍ଥାଗୁଡ଼ିକର ଟାଳଟୁଳ ନୀତିକୁ ହୋଟେଲ ମାଲିକଙ୍କ ବିରୋଧ

ଏହି ବିଷୟ ଉପରେ ବିଚାର କରିବାକୁ ଗୋ-ଏମ୍ଏମ୍‌ଟିକୁ ୭ ଦିନ ସମୟ ଦିଆଯାଇଛି ବୋଲି ମହାନ୍ତି କହିଛନ୍ତି।

ସେହିଭଳି କମିଶନ ଚାର୍ଜ ୧୫% ମଧ୍ୟରେ ରଖିବାକୁ କୁହାଯାଇଛି। କମିଶନ ଇନଭଏସ ଠିକ୍ ସମୟରେ ପୋର୍ଟାଲଗୁଡ଼ିକ ପ୍ରଦାନ କରୁ ନ ଥିବାରୁ ଟିଡିଏସ୍ ପୈଠରେ ସମସ୍ୟା ଉପୁଜୁଛି। ଗୋ-ଏମ୍ଏମ୍‌ଟି ପ୍ରଦାନ କରୁଥିବା କୁପନ କୋଡ, ମେଟା ଡିସକାଉଣ୍ଟ, ଓ୍ୱାଲେଟ ଡିସକାଉଣ୍ଟ ଦ୍ୱାରା ହୋଟେଲଶିଳ୍ପର ବ୍ରାଣ୍ଡ ନାମ ନଷ୍ଟ ହେଉଥିବା ସେ ସୂଚନା ଦେଇଛନ୍ତି। ସେହିଭଳି ହୋଟେଲଗୁଡ଼ିକୁ ଟିଡିଏସ୍‌ର ପ୍ରିପେମେଣ୍ଟ, ଜିଏସ୍‌ଟି ଉପରେ କମିଶନ ଲାଗୁ ନ କରିବା ଭଳି ବିଭିନ୍ନ ଦାବି ଏଚ୍ଆର୍ଏଓ ପକ୍ଷରୁ ରଖାଯାଇଛି।

# ପରାଜୟ ସତ୍ତ୍ୱେ କ୍ୱାର୍ଟରରେ ଆର୍ଜେଣ୍ଟିନା

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି ଫ୍ରାନ୍ସ। ସବୁଠାରୁ ଲୋ ର୍‍ୟାଙ୍କିଙ୍ଗ(୨୦ତମ)ପ୍ରାପ୍ତ ଦଳଭାବେ ବିଶ୍ୱକପ ଖେଳୁଥିବା ଫ୍ରାନ୍ସ ଗୁରୁବାର ଅନୁଷ୍ଠିତ ପୁଲ୍‌'ଏ'ର ଅନ୍ତିମ ଲିଗ୍ ମ୍ୟାଚରେ ଅଲିମ୍ପିକ୍ସ ଚାମ୍ପିୟନ ତଥା ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନାକୁ ୫-୩ ଗୋଲରେ ପରାସ୍ତ କରିଛି। ଫଳରେ ଏହି ପୁଲ୍‌ର ଲାଇନ୍‌ଅପ୍ ହୋଇ ଯାଇଛି। ପରାଜୟ ସତ୍ତ୍ୱେ ଆର୍ଜେଣ୍ଟିନା ୩ ମ୍ୟାଚରୁ ୬ ପଏଣ୍ଟ ପାଇ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅନ୍ୟପକ୍ଷରେ ସମାନ ସଂଖ୍ୟକ ମ୍ୟାଚ ଖେଳି ୪ପଏଣ୍ଟ ଲେଖାଏ ପାଇଥିଲେ ହେଁ ଫ୍ରାନ୍ସ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡ ତୃତୀୟ ସ୍ଥାନୀୟ ଦଳଭାବେ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ନିୟମ ଅନୁସାରେ ୪ର୍ଥ ସ୍ଥାନୀୟ ଦଳ ତଥା ବିଶ୍ୱର ୮ ର୍‍ୟାଙ୍କ୍‌ପ୍ରାପ୍ତ ସ୍ପେନ୍‌ର ଅଭିଯାନ ପୁଲ୍ ପର୍ଯ୍ୟାୟରୁ ଶେଷ ହୋଇ ଯାଇଛି। ଫ୍ରାନ୍ସ ୭ଟି ଗୋଲ ଦେଇଥିବାବେଳେ ୬ଟି ବରଣ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୪ ଗୋଲ ଦେଇଥିବାବେଳେ ୬ ଗୋଲ ବରଣ କରିଛି। ଫଳରେ ଯୁକ୍ତ ୧ ଗୋଲ ବ୍ୟବଧାନ ଯୋଗୁ ଫ୍ରାନ୍ସ ଦ୍ୱିତୀୟ ଏବଂ -୨ ଗୋଲ ବ୍ୟବଧାନ ଯୋଗୁ ନ୍ୟୁଜିଲାଣ୍ଡ ୩ୟ ସ୍ଥାନରେ ରହିଛି। ଆର୍ଜେଣ୍ଟିନାଠାରୁ ୩-୪ ଗୋଲରେ ହାରି ଅଭିଯାନ ଆରମ୍ଭ କରିଥିବା ସ୍ପେନ ପରବର୍ତ୍ତୀ ଫ୍ରାନ୍ସ ବିପକ୍ଷ ମ୍ୟାଚକୁ ୧-୧ ଓ ଗୁରୁବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖିଥିଲା। ଫଳରେ ମାତ୍ର ୨ ପଏଣ୍ଟ ପାଇଥିବାରୁ ଦଳ ଏଲିମିନେଟେଡ ହୋଇ ଯାଇଛି। ଡିସେମ୍ବର ୧୦ରେ ହେବାକୁଥିବା କ୍ରସ୍ ଓଭର ମ୍ୟାଚରେ ଫ୍ରାନ୍ସ ପୁଲ୍ 'ବି'ର ୩ୟ ସ୍ଥାନୀୟ ଦଳକୁ ଭେଟିବ। ସେହି ଦିନ ଅନ୍ୟ ଏକ କ୍ରସ୍ ଓଭରରେ ପୁଲ୍ 'ବି'ର ୨ୟ ସ୍ଥାନୀୟ ଦଳ ସହ ନ୍ୟୁଜିଲାଣ୍ଡ ମୁକାବିଲା କରିବ। ଏହି ୨ଟି ମ୍ୟାଚର ବିଜେତା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ପୂର୍ବରୁ ଏକମାତ୍ର ଦଳଭାବେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏବେ ଆର୍ଜେଣ୍ଟିନା ଏହି ନମ୍ବର ୱାନ ଦଳ ସହ ଯୋଗ ଦେଇଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏବଂ କୋଚ୍ ଅନୀଲ କୁମ୍ବଲେ ଖେଳାଳିଙ୍କ ସହ ପରିଚିତ ହୋଇ ଦ୍ୱିତୀୟ ମ୍ୟାଚର ଶୁଭାରମ୍ଭ କରିଥିବାବେଳେ ଭାଜପା ନେତା କନକବର୍ଦ୍ଧନ ସିଂ ଦେଓ ଅତିଥିଭାବେ ଯୋଗଦେଇ ଫ୍ରାନ୍ସର ଜେନେଷ୍ଟେଟ୍ ହ୍ୟୁଗୋଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

ପୁଲ୍ 'ଏ'ର ଏହି ଶେଷ ମ୍ୟାଚରେ ଆଶ୍ଚର୍ଯ୍ୟ କଲାଭଳି ପ୍ରଦର୍ଶନ କରିଥିଲା ୨୦ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଫ୍ରାନ୍ସ। ସେ କେବଳ ବିଶ୍ୱର ୨ ନମ୍ବର ଦଳ ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେଇ ନ ଥିଲା ଆରମ୍ଭରୁ ଗୋଲ ବର୍ଷା କରି ବିପର୍ଯ୍ୟୟର ବାଟ ଖୋଲିଥିଲା। ମ୍ୟାଚର ୧୨ତମ ମିନିଟରେ ପେନାଲ୍ଟି କର୍ନର ପାଇଥିଲା ଆର୍ଜେଣ୍ଟିନା। ମାତ୍ର ଫ୍ରାନ୍ସ ଗୋଲକିପର ଥିଫରେ ଆର୍ଥର ଚମତ୍କାରଭାବେ ତାହାକୁ ସେଭ୍ କରି ଦେଇଥିଲେ। ୧୫ତମ ମିନିଟରେ ଫ୍ରାନ୍ସକୁ ପେନାଲ୍ଟି କର୍ନର ମିଳିଥିଲେ ହେଁ ତାହାକୁ ଖେଳାଳିମାନେ ଗୋଲରେ ପରିଣତ କରିପାରି ନ ଥିଲେ। ଫଳରେ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର କିନ୍ତୁ ଫ୍ରାନ୍ସ ନାମରେ ରହିଥିଲା। ୧୮ତମ ମିନିଟରେ ୭ ନମ୍ବର ହ୍ୟୁଗୋ ଜେନ୍‌ଷ୍ଟେଟ୍ ଫିଲ୍ଡ ଗୋଲ ଦେଇ ଫ୍ରାନ୍ସକୁ ଅଗ୍ରଣୀ କରାଇଥିଲେ। ୨୩ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଅଧିନାୟକ ଭିକ୍ଟର ଚାର୍ଲେଟ ଫ୍ରାନ୍ସର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୨୬ତମ ମିନିଟରେ ଆରିଷ୍ଟିଡ୍ କୋଇଜ୍‌ନେ ଏହାକୁ ୩-୦ରେ ପରିଣତ କରିଥିବାବେଳେ ୨୮ତମ ମିନିଟରେ ଆର୍ଜେଣ୍ଟିନାର ଲୁକାସ ମାର୍ଟିନେଜ ଗୋଟିଏ ଗୋଲ ପରିଶୋଧ କରିଥିଲେ। ତେବେ ୩୦ତମ ମିନିଟରେ ଫ୍ରାନ୍ସର ଗାସ୍ପାର୍ଡ ବୌମଗାର୍ଟେନ ଆଉ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳର ଅଗ୍ରଣୀ ବ୍ୟବଧାନକୁ ୪-୧ରେ ପହଞ୍ଚାଇ ଦେଇଥିଲେ।

ଆର୍ଜେଣ୍ଟିନା ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ଗେମ୍‌କୁ ପ୍ରତ୍ୟାବର୍ତ୍ତନ ପାଇଁ ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଦଳ ଜୋରଦାର ଉଦ୍ୟମ କରିଥିଲା। ୪୧ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଦଳ ଗୋଲରେ ପରିଣତ କରିପାରି ନ ଥିଲେ ହେଁ ୪୮ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ୨ ନମ୍ବର ଜର୍ସି ପରିହିତ ଗୋଞ୍ଜାଲୋ ପିଲାଟ ବ୍ୟବଧାନକୁ କମାଇଥିଲେ। ଏହାର ୪ ମିନିଟ ପରେ ପିଲାଟ ପେନାଲ୍ଟି କର୍ନରରୁ ବ୍ୟକ୍ତିଗତ ଏବଂ ଆର୍ଜେଣ୍ଟିନା ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ମ୍ୟାଚ କ୍ରମେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇ ପଡ଼ିଥିବାବେଳେ ୫୪ତମ ମିନିଟରେ ଫ୍ରାନ୍ସର ଫ୍ରାଙ୍କୋଇଜ୍ ଗୋୟେଟ ଆଉ ଏକ ଫିଲ୍ଡ ଗୋଲ ଦେଇ ଫ୍ରାନ୍ସକୁ ଡ୍ରାଇଭର ସିଟ୍‌ରେ ବସାଇ ଦେଇଥିଲେ। ୫୭ତମ ମିନିଟରେ ଗୋଲ ବ୍ୟବଧାନ ବଢ଼ାଇବାକୁ ଦଳ ନିକଟରେ ଆଉ ଏକ ସୁଯୋଗ ପହଞ୍ଚିଥିଲେ ହେଁ ଖେଳାଳିମାନେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିପାରି ନ ଥିଲେ। ୬୦ତମ ମିନିଟରେ ଆର୍ଜେଣ୍ଟିନାକୁ ପେନାଲ୍ଟି କର୍ନର ମିଳିଥିଲେ ହେଁ ପିଲାଟ ମାରିଥିବା ଶଟ୍ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ଫଳରେ ଫ୍ରାନ୍ସ ୫-୩ ଗୋଲରେ ବିଜୟୀ ହୋଇଥିଲା।

## ସ୍ପେନ୍ ବିଦା, କ୍ରସ୍ ଓଭରରେ ନ୍ୟୁଜିଲାଣ୍ଡ, ଫ୍ରାନ୍ସ



ବିଜୟ ହାସଲ ପରେ ଫ୍ରାନ୍ସ ଖେଳାଳିଙ୍କ ସେଲିବ୍ରେଶନ।

### ଗୋଲ ସ୍କୋରର

**ଫ୍ରାନ୍ସ-୫**
- ହ୍ୟୁଗୋ ଜେନେଷ୍ଟେଟ୍
- ଭିକ୍ଟର ଚାର୍ଲେଟ
- ଆରିଷ୍ଟିଡ୍ କୋଇଜ୍‌ନେ
- ଗାସ୍ପାର୍ଡ ବୌମଗାର୍ଟେନ
- ଫ୍ରାଙ୍କୋଇଜ୍ ଗୋୟେଟ

**ଆର୍ଜେଣ୍ଟିନା-୩**
- ଲୁକାସ ମାର୍ଟିନେଜ
- ଗୋଞ୍ଜାଲୋ ପିଲାଟ
- ଗୋଞ୍ଜାଲୋ ପିଲାଟ

## କଳିଙ୍ଗ କର୍ନର


ଖେଳାଳିଙ୍କ ସହ ପରିଚିତ ହୋଇ ଫେରୁଛନ୍ତି ପ୍ରାକ୍ତନ କ୍ରିକେଟର ଅନିଲ କୁମ୍ବଲେ(ବାମ)।

## ପଏଣ୍ଟ ଟେବୁଲ୍

**ପୁଲ୍-ଏ**

| ଦେଶ | ଖେ | ଜି | ଡ୍ର | ହା | ଗୋ.ସ | ଗୋ.ବି | ଗୋ.ବ୍ୟ | ପ |
|---|---|---|---|---|---|---|---|---|
| ଆର୍ଜେଣ୍ଟିନା | ୩ | ୨ | ୦ | ୧ | ୧୦ | ୮ | +୨ | ୬ |
| ଫ୍ରାନ୍ସ | ୩ | ୧ | ୧ | ୧ | ୭ | ୬ | +୧ | ୪ |
| ନ୍ୟୁଜିଲାଣ୍ଡ | ୩ | ୧ | ୧ | ୧ | ୪ | ୬ | -୨ | ୪ |
| ସ୍ପେନ୍ | ୩ | ୦ | ୨ | ୧ | ୬ | ୭ | -୧ | ୨ |
| **ପୁଲ୍-ବି** | | | | | | | | |
| ଅଷ୍ଟ୍ରେଲିଆ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ଚାଇନା | ୨ | ୦ | ୨ | ୦ | ୩ | ୩ | ୦ | ୨ |
| ଆୟର୍ଲାଣ୍ଡ | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଇଂଲଣ୍ଡ | ୨ | ୦ | ୧ | ୧ | ୨ | ୫ | -୩ | ୧ |
| **ପୁଲ୍-ସି** | | | | | | | | |
| **ଭାରତ** | **୨** | **୧** | **୧** | **୦** | **୭** | **୨** | **+୫** | **୪** |
| ବେଲଜିୟମ | ୨ | ୧ | ୧ | ୦ | ୪ | ୩ | +୧ | ୪ |
| କାନାଡା | ୨ | ୦ | ୧ | ୧ | ୨ | ୩ | -୧ | ୧ |
| ଦ.ଆଫ୍ରିକା | ୨ | ୦ | ୧ | ୧ | ୧ | ୬ | -୫ | ୧ |
| **ପୁଲ୍-ଡି** | | | | | | | | |
| ଜର୍ମାନୀ | ୨ | ୨ | ୦ | ୦ | ୫ | ୧ | +୪ | ୬ |
| ନେଦରଲାଣ୍ଡସ୍ | ୨ | ୧ | ୦ | ୧ | ୮ | ୪ | +୪ | ୩ |
| ପାକିସ୍ତାନ | ୧ | ୦ | ୦ | ୧ | ୦ | ୧ | -୧ | ୦ |
| ମାଲେସିଆ | ୧ | ୦ | ୦ | ୧ | ୦ | ୭ | -୭ | ୦ |

(ବି.ଦ୍ର: ଖେ-ଖେଳିଛି, ଜି- ଜିତିଛି, ହା-ହାରିଛି, ଗୋ.ସ-ଗୋଲ ସପକ୍ଷରେ, ଗୋ.ବି-ଗୋଲ୍ ବିପକ୍ଷରେ, ଗୋ.ବ୍ୟ-ଗୋଲ ବ୍ୟବଧାନ, ପ.-ପଏଣ୍ଟ ।)

## ଫ୍ୟାନ୍ କର୍ନର






# ସ୍ପେନ-ନ୍ୟୁଜିଲାଣ୍ଡ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

ଏକଦା ୦-୨ରେ ପଛୁଆ ରହିଥିବା ନ୍ୟୁଜିଲାଣ୍ଡ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ୧୦ ମିନିଟରେ ୨ଟି ଗୋଲ ଦେଇ ସ୍ପେନ ବିପକ୍ଷ ମ୍ୟାଚକୁ ଡ୍ର ରଖିଛି। ଚଳିତ ହକି ବିଶ୍ୱକପର କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଏହି ପୁଲ୍‌'ଏ' ମ୍ୟାଚ୍‌ଟି ୨-୨ ଗୋଲରେ ଶେଷ ହୋଇଛି। ଫଳରେ ନ୍ୟୁଜିଲାଣ୍ଡ ସହ ସ୍ପେନ ପଏଣ୍ଟ ଭାଗ କରିବାକୁ ବାଧ୍ୟ ହୋଇଛି। ସ୍ପେନ ପକ୍ଷରୁ ଆଲବର୍ଟ ବେଲଟ୍ରାନ ୯ମ ଓ ଏନରିକ୍ ଗୋଞ୍ଜାଲେଜ ୨୭ତମ ମିନିଟରେ ଗୋଲ ଦେଇଥିବାବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ଫିଲିପ୍ ହେଡେନ ୫୦ ଓ ରସେଲ କେନ୍ ୫୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଖେଳ ପୂର୍ବରୁ ଭାରତର କିମ୍ବଦନ୍ତୀ ମହିଳା ଆଥଲେଟ୍ ଅଞ୍ଜୁ ବବି ଜର୍ଜ ଖେଳାଳିଙ୍କ ସହିତ ପରିଚିତ ହୋଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ଶେଷରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଅତିଥିଭାବେ ଯୋଗଦେଇ ସ୍ପେନର ରୋମେଉ ଜୋସେପଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ନ୍ୟୁଜିଲାଣ୍ଡ ଅଧିନାୟକ ବ୍ଲେଆର ଟରାଣ୍ଟ ଓ ସ୍ପେନ୍ ଅଧିନାୟକ କୋର୍ଟେସ କ୍ୱିକୋଙ୍କୁ ଫଳକ ଦେଇ ସମ୍ମାନିତ କରିଥିଲେ।

ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତୁଳନାତ୍ମକଭାବେ ଦେଖିବାକୁ ଗଲେ ସ୍ପେନ ୪୫ ମିନିଟ ପର୍ଯ୍ୟନ୍ତ ପ୍ରଭାବୀ ରହିଥିଲା। ମ୍ୟାଚର ୯ମ ମିନିଟରେ ୨୨ ନମ୍ବର ଖେଳାଳି ଆଲବର୍ଟ ବେଲଟ୍ରାନ ଏକ ଫିଲ୍ଡ ଗୋଲ କରି ଦଳକୁ ଅଗ୍ରଣୀ କରାଇଥିଲେ। ୨୫ତମ ମିନିଟରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲେ ହେଁ ଖେଳାଳିମାନେ ତାହାର ସଦୁପଯୋଗ କରିପାରି ନ ଥିଲେ। ୨୭ତମ ମିନିଟରେ ୯ ନମ୍ବର ଇଗ୍ଲେସିଆସ ଆଲଭାରୋ ଆଉ ଏକ ଫିଲ୍ଡ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳ ୨-୦ରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିଲେ ହେଁ ସ୍ପେନର ପ୍ରଭାବ ଜାରି ରହିଥିଲା। ଚାପରେ ରହିବା ସତ୍ତ୍ୱେ ନ୍ୟୁଜିଲାଣ୍ଡ ଶେଷ କ୍ୱାର୍ଟରରେ ନିଜ ଦମ୍ ଦେଖାଇଥିଲା। ୧୦ ମିନିଟର ସଂଘର୍ଷ ପରେ ୫୦ତମ ମିନିଟରେ ଫିଲ୍ଡ ଗୋଲ ମାଧ୍ୟମରେ ଗୋଟିଏ ଗୋଲ ପରିଶୋଧ କରିଥିଲେ ୩୧ନମ୍ବର ଜର୍ସି ପରିହିତ ଫିଲିପ୍ସ ହେଡେନ। ଏହାପରେ ନ୍ୟୁଜିଲାଣ୍ଡ ଦଳରେ ଉତ୍ସାହ ଭରି ଯାଇଥିଲା। ଖେଳ ଶେଷହେବାକୁ ୮ ମିନିଟ ଥିବାବେଳେ ଗୋଲ ପୋଷ୍ଟ ଛାଡ଼ିଦେଇ ଉପରେ ଖେଳିଥିଲେ ନ୍ୟୁଜିଲାଣ୍ଡ ଗୋଲକିପର ଜୋୟସ ରିଚାର୍ଡ। ଏହାର ଫାଇଦା ନ୍ୟୁଜିଲାଣ୍ଡକୁ ମିଳିଥିଲା। ଦଳ ଅଧିକ ଆକ୍ରମଣାତ୍ମକ ରଣନୀତି ଅବଲମ୍ବନ କରି ୫୬ତମ ମିନିଟରେ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୨୧ ନମ୍ବର ଖେଳାଳି ରସେଲ କେନ୍ ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ମ୍ୟାଚ ସମାନ ସ୍ତରକୁ ଆସିବାପରେ ନ୍ୟୁଜିଲାଣ୍ଡ ଗୋଲକିପର ନିଜ ପୋଜିଶନକୁ ପଳାଇ ଆସିଥିଲେ। ଅବଶିଷ୍ଟ ୪ ମିନିଟରେ କେହି ଗୋଲ ଦେଇ ନ ପାରିବାରୁ ମ୍ୟାଚ ଡ୍ର ରହିଥିଲା।



ନ୍ୟୁଜିଲାଣ୍ଡ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ରୋମାଞ୍ଚକ ମୁହୂର୍ତ୍ତ।

### ଗୋଲ ସ୍କୋରର

**ସ୍ପେନ୍-୨**
- ଆଲବର୍ଟ ବେଲଟ୍ରାନ: ୯ମ ମିନିଟ
- ଏନରିକ୍ ଗୋଞ୍ଜାଲେଜ ୨୭ତମ ମିନିଟ

**ନ୍ୟୁଜିଲାଣ୍ଡ-୨**
- ଫିଲିପ୍ସ ହେଡେନ ୫୦ତମ ମିନିଟ
- ରସେଲ କେନ୍ ୫୬ତମ ମିନିଟ

# ଫ୍ୟାନ ଭିଲେଜରେ ପାକିସ୍ତାନ, ମାଲେସିଆ ଖେଳାଳି


ଫ୍ୟାନ୍ ଭିଲେଜରେ ଟେରାକୋଟା ସାମଗ୍ରୀ ବୁଲି ଦେଖୁଛନ୍ତି ପାକିସ୍ତାନ ଖେଳାଳି।

ଭୁବନେଶ୍ୱର, ୬।୧୨(କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପ ଅବସରରେ ଗେମ୍‌ର ଅସଲ ରୋମାଞ୍ଚ ସହ ବିଭିନ୍ନ ଦଳର ଖେଳାଳିଙ୍କୁ ଫ୍ୟାନ ଭିଲେଜରେ ଦର୍ଶକଙ୍କ ସହ ମିଶିବା ଏବଂ ମଜା ମସ୍ତି କରିବାର ସୁଯୋଗ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଉଭୟ ଫ୍ୟାନ ଭିଲେଜ ଓ ପୋଲିସ ଫ୍ୟାନ ଭିଲେଜକୁ ଆସିଥିଲେ ପାକିସ୍ତାନ ଓ ମାଲେସିଆ ଦଳର ଖେଳାଳିମାନେ। ପ୍ରଥମେ ପାକିସ୍ତାନ ଖେଳାଳିମାନେ ଫ୍ୟାନ ଭିଲେଜକୁ ଆସି ଗୀତ, ନାଚ ସହ ସେମାନଙ୍କ ପଡ଼ିଆ ବାହାରର ସ୍କିଲ୍‌କୁ ଦେଖାଇଥିଲେ। ଏହି ଅବସରରେ ଖେଳାଳି ଓ କୋଚ୍ ନିଜ ଅନୁଭୂତି ମଧ୍ୟ ବଖାଣିଥିଲେ। ଏହାପରେ ଆସିଥିଲା ମାଲେସିଆ ଟିମ୍। ମାଲେସିଆ ଖେଳାଳିମାନେ ଫ୍ୟାନ ଭିଲେଜର ମଞ୍ଚ ଉପରେ ହକି ସ୍କିଲ ପ୍ରଦର୍ଶନ କରିଥିଲେ। କିଛି ଖେଳାଳି ଗୀତ ଗାଇଥିବାବେଳେ ଆଉ କେତେକ ଓଲି ସହିତ ନାଚିଥିଲେ। କୋଚ୍ ରୋଲାଣ୍ଟ ଓଲ୍ଟମାନ୍ସ କେତେକ ଖେଳାଳିଙ୍କ ଡାକନାମ(ନିକ୍ ନେମ୍)ର ରହସ୍ୟ ବର୍ଣ୍ଣନା କରିଥିଲେ। ଶେଷରେ ଓଲି ସହ ସେଲ୍‌ଫି ନେଇ ସେମାନେ ବିଦାୟ ନେଇଥିଲେ। ପ୍ରକାଶଯୋଗ୍ୟ ଯେ ଚଳିତ ହକି ବିଶ୍ୱକପରେ ବୁଧବାର ପୁଲ୍ 'ଡି'ର ଏକ ମ୍ୟାଚରେ ପାକିସ୍ତାନ ଓ ମାଲେସିଆ ପରସ୍ପରକୁ ଭେଟିଥିଲେ। ମ୍ୟାଚଟି ଡ୍ର ରହିଥିବାରୁ ଉଭୟ ଦଳ ଆଶଙ୍କା ମଧ୍ୟରେ ରହିଛନ୍ତି। କାରଣ ଏହି ପୁଲ୍‌ରୁ ଜର୍ମାନୀ ଓ ନେଦରଲାଣ୍ଡ ଯଥାକ୍ରମେ ୬ ଓ ୩ ପଏଣ୍ଟ ପାଇସାରିଥିବାରୁ ଅନ୍ତିମ ଲିଗ୍ ମ୍ୟାଚ୍ ପରେ ପାକିସ୍ତାନ କିମ୍ବା ମାଲେସିଆ ମଧ୍ୟରୁ ଗୋଟିଏ ଦଳକୁ ବିଦାୟ ନେବାକୁ ପଡ଼ିବ। ୯ ତାରିଖରେ ମାଲେସିଆ ଏହାର ପରବର୍ତ୍ତୀ ମ୍ୟାଚ ଜର୍ମାନୀ ଏବଂ ପାକିସ୍ତାନ ନେଦରଲାଣ୍ଡସ୍‌କୁ ଭେଟିବ।





ଭୁବନେଶ୍ୱରରେ ଚାଲିଥିବା ହକି ବିଶ୍ୱକପ୍‌ରେ ଭାରତୀୟ ଦଳର ଆରମ୍ଭ ଭଲ ରହିଛି, କିନ୍ତୁ ଖେଳାଳିମାନେ ପ୍ରଦର୍ଶନକୁ ବଜାୟ ରଖିବା ଜରୁରୀ ।
–ସର୍ଦ୍ଦାର ସିଂ, ଭାରତର ପୂର୍ବତନ ହକି ଅଧିନାୟକ



ଗୁରୁବାର ଆରମ୍ଭ ହୋଇଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ୪ ଓଭର ଆମେ ଭଲ ବୋଲିଂ କରିଥିଲୁ, ମାତ୍ର ଶେଷ ପର୍ଯ୍ୟାୟରେ ତ୍ରୁଟି ପରିଲକ୍ଷିତ ହୋଇଥିଲା ।
–ମିଚେଲ ଷ୍ଟାର୍କ, ଅଷ୍ଟ୍ରେଲୀୟ ପେସ୍ ବୋଲର

## ସଂକ୍ଷେପରେ

### ଆଇପିଏଲ୍-୧୨ରୁ ଓହରିଲେ ଫିଞ୍ଚ, ମ୍ୟାକ୍ସୱେଲ

**ମୁମ୍ବାଇ, ୬।୧୨:** ଅଷ୍ଟ୍ରେଲିଆ ଟି୨୦ ଦଳର ଅଧିନାୟକ ଆରୋନ ଫିଞ୍ଚ ଓ ଗ୍ଲେନ ମ୍ୟାକ୍ସୱେଲ ଆଇପିଏଲର ୧୨ତମ ସଂସ୍କରଣରୁ ଓହରି ଯାଇଛନ୍ତି। ଆଇସିସି ବିଶ୍ୱକପ୍ ଓ ବ୍ୟସ୍ତବହୁଳ କାର୍ଯ୍ୟସୂଚୀକୁ ଦୃଷ୍ଟିରେ ରଖି ଉଭୟ ଅଷ୍ଟ୍ରେଲିଆନ ଖେଳାଳି ଏହି ନିଷ୍ପତ୍ତି ନେଇଛନ୍ତି। କାରଣ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ମେ' ୨ ତାରିଖରୁ ବିଶ୍ୱକପ୍ ଲାଗି ପ୍ରସ୍ତୁତି ଶିବିର ଆରମ୍ଭ କରାଯିବ। ଉଲ୍ଲେଖଥାଉ କି, ଆଇପିଏଲ ଶେଷ ହେବାର ଏକ ସପ୍ତାହ ପରେ ଇଂଲଣ୍ଡରେ ବିଶ୍ୱକପ୍ ଆରମ୍ଭ ହେବ। ଆଇପିଏଲର ପରବର୍ତ୍ତୀ ସିଜନର କାର୍ଯ୍ୟସୂଚୀ ପ୍ରକାଶ ପାଇ ନ ଥିଲେ ମଧ ମାର୍ଚ୍ଚର ୩ୟ ସପ୍ତାହରୁ ମେ' ମାସର ମଧ୍ୟାନ୍ତର ପର୍ଯ୍ୟନ୍ତ ଚାଲିବ ବୋଲି ଆଶା କରାଯାଉଛି। ତେବେ ଇଣ୍ଡିଜ୍ ଓ ନ୍ୟୁଜିଲାଣ୍ଡ ବ୍ୟତୀତ ପ୍ରାୟ ସମସ୍ତ ଦଳ ଆଇପିଏଲ୍‌ରେ ଖେଳାଳିଙ୍କ ଅଂଶଗ୍ରହଣ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଆଇପିଏଲରେ ଅଂଶଗ୍ରହଣ କରିବାକୁ ଥିବା ଇଂଲଣ୍ଡ ଦଳର ଖେଳାଳିଙ୍କୁ ଏପ୍ରିଲ ୨୫ ତାରିଖ ସୁଦ୍ଧା ଓ ଦକ୍ଷିଣ ଆଫ୍ରିକୀୟ ଖେଳାଳିଙ୍କୁ ମେ' ୧୦ ତାରିଖ ସୁଦ୍ଧା ସ୍ୱଦେଶ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଶ୍ରୀଲଙ୍କା, ବାଂଲାଦେଶ ଓ ଆୟର୍ଲାଣ୍ଡ ଖେଳାଳିଙ୍କ ପ୍ରସ୍ତୁତି ଶିବିରରେ ଯୋଗଦେବା ଲାଗି ତାରିଖ ଦିଆଯାଇଛି। ନିକଟରେ ଖେଳାଳିଙ୍କ ନିଲାମ ଲାଗି ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ମୋଟ ୧୦୦୩ ଜଣ ଖେଳାଳି ଭାଗ ନେଇଛନ୍ତି। ତାଲିକାରେ ଅନ୍ତର୍ଜାତୀୟ ସ୍ତରରେ ଖେଳି ନ ଥିବା ୮୦୦ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରୁ ୭୮୬ ଭାରତୀୟ ଖେଳାଳି ଓ ୩ ଜଣ ଆସୋସିଏଟେଡ୍ ଦେଶର ଖେଳାଳି ଅଛନ୍ତି। ସୂଚନା ମୁତାବକ ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ବ୍ରେଣ୍ଡନ ମ୍ୟାକୁଲମ ଓ କୋରି ଆଣ୍ଡରସନ, ଇଂଲଣ୍ଡର ସାମ କୁରାନ, କଲିନ ଇନଗ୍ରାମ, କ୍ରିସ ୱୋକ୍ସ, ଅଷ୍ଟ୍ରେଲିଆର ଡାର୍ସି ଶର୍ଟ, ଶନ ମାର୍ଶ, ଶ୍ରୀଲଙ୍କାର ଆଞ୍ଜେଲୋ ମାଥ୍ୟୁସ ସର୍ବାଧିକ ୨ କୋଟି ଟଙ୍କାର ପ୍ରାଇସ ଟ୍ୟାଗ୍ ରଖାଯାଇଛି।

### ଓଡ଼ିଶା ବିଜୟୀ

**କଟକ ଅଫିସ,୬।୧୨:** ଅରୁଣାଚଳ ପ୍ରଦେଶରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍‌ରେ ଗୁରୁବାର ଓଡ଼ିଶା ୪-୨ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଝୁନୁ କୁଲଡି ୧୧ତମ, ୨୫ତମ ମିନିଟରେ ଓ ଅରବିନ ଲାକ୍ରା ୫୫ତମ ଓ ୮୮ତମ ମିନିଟରେ ୨ଟି ଲେଖାଏ ଗୋଲ ସ୍କୋର କରିଥିଲେ।

### ସେମିରେ ଅଟକିଲା ଓଡ଼ିଶା

**କଟକ ଅଫିସ,୬।୧୨:** ବାରବାଟୀ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ ଡଃ ବି.ସି. ରାୟ୍ ଟ୍ରଫିର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଆୟୋଜକ ଓଡ଼ିଶାକୁ ୩-୦ ଗୋଲରେ ପଞ୍ଜାବଠାରୁ ହାରିଯାଇଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ତେବେ ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ପଞ୍ଜାବ ଫରୱାର୍ଡ ତରୁଲ ସ୍ଲଥିଆ ପ୍ରଥମ ଗୋଲସ୍କୋର କରିଥିଲେ ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ଏହାପରେ ୯୦ତମ ମିନିଟରେ ତରୁଣ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଓ ଅତିରିକ୍ତ ୯୫ତମ ମିନିଟରେ ଇନ୍ଦେଭିର ସିଂ ଚାନା ଗୋଟିଏ ଗୋଲ ଦେଇ ପଞ୍ଜାବକୁ ବିଜୟୀ କରାଇଛନ୍ତି। ଶୁକ୍ରବାର ପଶ୍ଚିମବଙ୍ଗ ଓ ମିଜୋରାମ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ।

### ଆସାମକୁ ହରାଇଲା ଓଡ଼ିଶା

**କଟକ ଅଫିସ,୬।୧୨:** ସନ୍‌ସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ସିନିୟର ମହିଳା ଏକଦିବସୀୟ ଲିଗ କ୍ରିକେଟ ଏଲିଟ ଗ୍ରୁପ-ସି'ର ଏକ ମ୍ୟାଚ୍‌ରେ ଓଡ଼ିଶା ୬୬ ରନ୍‌ରେ ଆସାମକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାଧୁରୀ ମେହେତାଙ୍କ ୯୩ ରନ୍ ବଳରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଜବାବରେ ଆସାମ ୧୧୬ ରନ୍‌ରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ରିମାଲକ୍ଷ୍ମୀ ଏକ୍କା ଓ ସୁଶ୍ରୀ ଦିବ୍ୟଦର୍ଶିନୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଓ ୨ଟି ପରାଜୟ ସହ ୮ ପଏଣ୍ଟ ହାସଲ କରି ଓଡ଼ିଶା ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି।

# ସମ୍ମାନ ରଖିଲେ ପୂଜାରା

## ଆଡିଲେଡ୍ ଟେଷ୍ଟ



ଶତକ ହାସଲ ପରେ ଚେତେଶ୍ୱର ପୂଜାରା

**ଆଡିଲେଡ୍, ୬।୧୨(ପି.ଟି.)**

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବହୁପ୍ରତୀକ୍ଷିତ ୪ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଗୁରୁବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଆଡିଲେଡ୍ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରି ଭାରତ ଷ୍ଟମ୍ପ ଅପସାରଣ ସୁଦ୍ଧା ୯ ଉଇକେଟ୍ ହରାଇ ୨୫୦ ରନ କରିଛି। ଭାରତ ଏକଦା ସଙ୍କଟଜନକ ସ୍ଥିତିରେ ପଡ଼ିଥିବାବେଳେ ଚେତେଶ୍ୱର ପୂଜାରା ଧୈର୍ଯ୍ୟପୂର୍ଣ୍ଣ ଶତକୀୟ ଇନିଂସ ଖେଳି ଭାରତର ସମ୍ମାନ ରଖିବାରେ ସଫଳ ହୋଇଛନ୍ତି। ପୂଜାରାଙ୍କ କ୍ୟାରିୟରର ଏହି ୧୬ତମ ଶତକ ପ୍ରଥମ ଦିବସର ଉଲ୍ଲେଖନୀୟ ଘଟଣା ରହିଥିଲା।

ଅଷ୍ଟ୍ରେଲିଆର ଏହି ବାଉନ୍ସି ଉଇକେଟ୍‌ରେ ଟସ୍ ଜିତି ଭାରତ ଅଧିନାୟକ ବିରାଟ କୋହଲି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ କୋହଲିଙ୍କ ଏହି ନିଷ୍ପତ୍ତି ସଫଳ ସାବ୍ୟସ୍ତ ହୋଇପାରି ନ ଥିଲା। ଦୁଇ ଓପନର୍ ଲୋକେଶ ରାହୁଲ (୨) ଓ ମୁରଲୀ ବିଜୟ (୧୧)ଙ୍କ ସମେତ କୋହଲି (୩) ଏବଂ ଅଜିଙ୍କ୍ୟ ରାହାନେ (୧୩) ସଅଳ ଆଉଟ୍ ହୋଇଯିବାରୁ ଦଳୀୟ ସ୍କୋର ୫୦ ରନ ପୂରଣ ହେବା ପୂର୍ବରୁ ୪ ପ୍ରମୁଖ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା। ଅଷ୍ଟ୍ରେଲିଆର ୩ ଦ୍ରୁତ ବୋଲର ଜୋଶ୍ ହାଜେଲଉଡ୍, ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କୁମିନ୍ସ ମିଳିତଭାବେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଅଡୁଆରେ ପକାଇଥିଲେ। ଗୋଟିଏ ପଟେ ଭାରତ କ୍ରମାଗତ ବ୍ୟବଧାନରେ ଉଇକେଟ୍ ହରାଇ ଚାଲିଥିବାବେଳେ ଅନ୍ୟପଟେ ପୂଜାରା ତାଙ୍କ ଧୈର୍ଯ୍ୟର ପରିଚୟ ଦେଖାଇ ଅଷ୍ଟ୍ରେଲୀୟ ପେସ୍ ବୋଲିଂ ଆଟାକ୍‌କୁ ସାମ୍ନା କରିଥିଲେ। ହନୁମା ବିହାରୀଙ୍କ ବଦଳରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ରୋହିତ୍ ଶର୍ମା ଓ ଉଇକେଟ୍‌କିପର ରିଷଭ ପନ୍ତଙ୍କ ସହ ୫ମ ଓ ୬ଷ୍ଠ ଉଇକେଟ୍‌ରେ ଛୋଟିଆ ଭାଗୀଦାରି କରି ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ତେବେ ଅଫ୍-ସ୍ପିନର ନାଥନ ଲିୟନ ଉଭୟ ରୋହିତ୍ ଓ ପନ୍ତଙ୍କୁ ଆଉଟ୍ କରି ଭାରତକୁ ପୁଣିଥରେ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଅପେକ୍ଷାକୃତ ଆଟାକିଂ ଖେଳିଥିବା ରୋହିତ୍ ୨ ଚୌକା ଓ ୩ ଛକା ସହାୟତାରେ ୩୭ ରନ କରିଥିବାବେଳେ ପନ୍ତ ତାଙ୍କର ୨୫ ରନର ଛୋଟିଆ ଇନିଂସ ମଧ୍ୟରେ ୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଭାରତ ୧୨୭ ରନରେ ଛ'ଟି ଉଇକେଟ୍ ହରାଇ ସାରିଥିବାରୁ ଦେଢ଼ଶହ ରନ୍ ଅତିକ୍ରମ କରିବ କି ନାହିଁ ସନ୍ଦେହ ପ୍ରକାଶ ପାଇଥିଲା। କିନ୍ତୁ ପୂଜାରା ଏହି ଅବସରରେ ତାଙ୍କ ଟେଷ୍ଟ କ୍ୟାରିୟରର ଆଉ ଏକ ସ୍ମରଣୀୟ ଇନିଂସ ଖେଳିଥିଲେ। ନିମ୍ନକ୍ରମରେ ରବିଚନ୍ଦ୍ରନ ଅଶ୍ୱିନ (୨୫), ଇଶାନ୍ତ ଶର୍ମା (୪) ଓ ମହମ୍ମଦ ସାମି (୬*)ଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଛୋଟିଆ ଛୋଟିଆ ଭାଗୀଦାରି କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ତେବେ ୨୪୬ ବଲରୁ ୧୨୩ ରନ (୭ ଚୌକା, ୨ ଛକା) ଦର୍ଶନୀୟ ଇନିଂସ ଖେଳି ବ୍ୟାଟିଂ କରୁଥିବାବେଳେ ୩୦ ବର୍ଷୀୟ ପୂଜାରା ଦିବସର ଅନ୍ତିମ ବଲରେ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ୍ ହୋଇଥିଲେ। କୁମିନ୍ସଙ୍କ ଏକ ଚମତ୍କାର ଥ୍ରୋ'ରେ ନିଜ ଉଇକେଟ୍ ହରାଇଥିଲେ ପୂଜାରା। ସେତେବେଳକୁ ଭାରତ ୯ ଉଇକେଟ୍ ହରାଇ ୨୫୦ ରନ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟାର୍କ, ହାଜେଲଉଡ୍, କୁମିନ୍ସ ଓ ଲିୟନ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ।

### ଏସିଆ ବାହାରେ ପ୍ରଥମ ଦିବସରେ ଶତକ ଅର୍ଜନକାରୀ ଭାରତୀୟ ବ୍ୟାଟ୍ସମ୍ୟାନ

| | |
|---|---|
| ୧. ବିଜୟ ମଞ୍ଜରେକର ୧୩୩ | – ଲିଡ୍ସରେ (୧୯୫୨) |
| ୨. ସଚିନ ତେନ୍ଦୁଲକର ୧୫୫ | – ବ୍ଲୋଏମଫୋଣ୍ଟେନ୍ (୨୦୦୧) |
| ୩. ବୀରେନ୍ଦ୍ର ସେହ୍ୱାଗ ୧୦୫ | – ବ୍ଲୋଏମଫୋଣ୍ଟେନ (୨୦୦୧) |
| ୪. ବିରାଟ କୋହଲି ୧୧୯ | – ଜୋହାନ୍ସବର୍ଗ (୨୦୧୩) |
| ୫. ମୁରଲୀ ବିଜୟ ୧୨୨ | – ଟ୍ରେଣ୍ଟବ୍ରିଜ (୨୦୧୪) |
| ୬. ବିରାଟ କୋହଲି ୧୪୩ | – ନର୍ଥ ସାଉଣ୍ଡ (୨୦୧୬) |
| ୭. ଚେତେଶ୍ୱର ପୂଜାରା ୧୨୩ | – ଆଡିଲେଡ୍ ୨୦୧୮* |

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ- ୨୫୦/୯, ୮୭.୫ ଓଭର (ପୂଜାରା ୧୨୩, ରୋହିତ୍ ୩୭, ପନ୍ତ ୨୫, କୋହଲି ୩, କୁମିନ୍ସ ୨/୪୯, ହାଜେଲଉଡ୍ ୨/୫୨)।

### ୫ ହଜାର ରନ୍ କ୍ଲବରେ ପୂଜାରା

ଆଡିଲେଡ୍ ଓଭାଲରେ ଶତକ ହାସଲ କରିବା ସହ ଚେତେଶ୍ୱର ପୂଜାରା ତାଙ୍କ ଟେଷ୍ଟ କ୍ରିକେଟ୍ କ୍ୟାରିୟରରେ ୫ ହଜାର ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ସେ ୧୬ଟି ଶତକ ଓ ୧୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୦୧୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ସୌରାଷ୍ଟ୍ରର ଏହି ତାରକା ବ୍ୟାଟ୍ସମ୍ୟାନ ୧୦୮ଟି ଇନିଂସ ସହାୟତାରେ ୫ ହଜାର ରନ୍ କ୍ଲବରେ ସାମିଲ ହୋଇଛନ୍ତି। ଏହି ସମ୍ମାନଜନକ କ୍ଲବରେ ସାମିଲ ହେବାରେ ସେ ୫ମ ଦ୍ରୁତତମ ଭାରତୀୟ ବ୍ୟାଟ୍ସମ୍ୟାନ ହେବା ସହ ରାହୁଲ ଦ୍ରାବିଡ୍‌ଙ୍କ ସମକକ୍ଷ ହୋଇଛନ୍ତି। ସବୁଠାରୁ କମ୍ ଇନିଂସ ଖେଳି ୫ ହଜାର ରନ୍ ସଂଗ୍ରହ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ ତାଲିକାରେ ସୁନୀଲ ଗାଭାସ୍କାର (୯୫ ଇନିଂସ) ରହିଥିବାବେଳେ ବୀରେନ୍ଦ୍ର ସେହ୍ୱାଗ (୯୯), ସଚିନ ତେନ୍ଦୁଲକର (୧୦୩), ବିରାଟ କୋହଲି (୧୦୫), ରାହୁଲ ଦ୍ରାବିଡ୍ (୧୦୮) ଓ ପୂଜାରା (୧୦୮) ପର୍ଯ୍ୟାୟକ୍ରମେ ପଛକୁ ପଛ ରହିଛନ୍ତି। ଦ୍ୱାଦଶ ଭାରତୀୟ ବ୍ୟାଟ୍ସମ୍ୟାନଭାବେ ପୂଜାରା ଟେଷ୍ଟ କ୍ରିକେଟରେ ୫ ହଜାର ରନ୍ ସଂଗ୍ରହ କରିବାର କୀର୍ତ୍ତିମାନ କରିଛନ୍ତି।

## ଓଡ଼ିଶା-ଝାଡ଼ଖଣ୍ଡ ରଣଜୀ

# ପ୍ରଥମ ଦିବସରେ ୧୩ ଉଇକେଟ

**କଟକ ଅଫିସ, ୬।୧୨**



ବସନ୍ତ ମହାନ୍ତି

ରାଞ୍ଚିସ୍ଥିତ ଜେଏସ୍‌ସିଏ ଆନ୍ତର୍ଜାତୀୟ ଷ୍ଟାଡିୟମରେ ଗୁରୁବାର ଠାରୁ ଓଡ଼ିଶା-ଝାଡ଼ଖଣ୍ଡ ମଧ୍ୟରେ ଆରମ୍ଭ ହୋଇଥିବା ରଣ୍‌ଜୀ ମ୍ୟାଚ୍‌ର ପ୍ରଥମ ଦିବସରେ ବୋଲରମାନଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଛି। ବସନ୍ତ ମହାନ୍ତିଙ୍କ ୫ ଓ ରାଜେଶ ମହାନ୍ତିଙ୍କ ୩ ଉଇକେଟ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ୧୭୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୨୭ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଛି। ଓଡ଼ିଶା ଆହୁରି ୧୪୫ ରନ୍ ପଛରେ ଥିବାବେଳେ ଅଧିନାୟକ ବିପ୍ଳବ ସାମନ୍ତରାୟ (୧୦ ରନ୍) ଓ ଅନୁରାଗ ଷଡ଼ଙ୍ଗୀ (୯ ରନ୍) ଅପରାଜିତ ଅଛନ୍ତି।

ଭ୍ରମଣକାରୀ ଓଡ଼ିଶା ଟସ୍ ଜିତି ଘରୋଇ ଝାଡ଼ଖଣ୍ଡକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଅଧିନାୟକ ମହମ୍ମଦ ନଜିମ (୨୩ ରନ) ଓ କୁମାର ଦେଓବ୍ରତ (୨୯ ରନ) ଓପନିଂ ଭାଗିଦାରୀରେ ୫୭ ରନ୍ ସଂଗ୍ରହ କରିଥିଲେ। ତେବେ ଅଭିଜ୍ଞ ବସନ୍ତ ମହାନ୍ତି ଉଭୟଙ୍କୁ ଆଉଟ୍ କରି ଓଡ଼ିଶା ପାଇଁ ଡବଲ୍ ସଫଳତା ଆଣିଦେଇଥିଲେ। ଏହାପରେ ଅନ୍ତର୍ଜାତୀୟ ଖେଳାଳି ସୌରଭ ତିୱାରୀ (୭) ବେଶୀ ସମୟ ତିଷ୍ଠି ନ ପାରି ଗୋବିନ୍ଦ ପୋଦ୍ଦାରଙ୍କ ବଲରେ କ୍ଲିନ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ମଧ୍ୟ ଓ ନିମ୍ନକ୍ରମ ବ୍ୟାଟିଂ ବିଫଳତା ଯୋଗୁ ଘରୋଇ ଝାଡ଼ଖଣ୍ଡ ୯୮ ରନରେ ଶେଷ ୭ଟି ଉଇକେଟ୍ ହରାଇ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉତ୍କର୍ଷ ସିଂ ୨୧, ଇଶାଙ୍କ ଜାଗୀ ୩୪, ବରୁଣ ଆରୋନ ୧୫ ରନ କରିଥିଲେ। ଓଡ଼ିଶା ପକ୍ଷରୁ ବସନ୍ତ ୫ ଉଇକେଟ୍ ନେଇଥିବାବେଳେ ରାଜେଶ ମହାନ୍ତି (୩), ଧୀରାଜ ସିଂ (୧) ଓ ଗୋବିନ୍ଦ (୧) ଉଇକେଟ୍ ବାଣ୍ଟି ନେଇଥିଲେ।

ଜବାବରେ ପ୍ରଥମ ଇନିଂସ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା । ୭ ରନ୍‌ରେ ଓଡ଼ିଶା ରାଜେଶ ଧୂପର (୦), ଗୋବିନ୍ଦ ପୋଦ୍ଦାର(୪) ଓ ଶୁଭ୍ରାଂଶୁ ସେନାପତି (୦)ଙ୍କ ଉଇକେଟ ହରାଇଥିଲା। ଚଳିତ ସିଜନରେ ଦମ୍‌ଦାର ଫର୍ମରେ ଥିବା ଶୁଭ୍ରାଂଶୁ ରନଆଉଟ ହୋଇଥିବା ବେଳେ ରାଜେଶ ଓ ଗୋବିନ୍ଦଙ୍କୁ ଅନ୍ତର୍ଜାତୀୟ ତାରକା ବରୁଣ ଆରୋନ ଏଲବିଡବ୍ଲ୍ୟୁ କରିଥିଲେ।

### ଦେବାଶିଷଙ୍କ ସମକକ୍ଷ ହେଲେ ବସନ୍ତ

ଓଡ଼ିଶା ରଣ୍‌ଜୀ ଦଳର ଭରସାଯୋଗ୍ୟ ଓ ଅଭିଜ୍ଞ ପେସ ବୋଲର ବସନ୍ତ ମହାନ୍ତି ଝାଡ଼ଖଣ୍ଡ ବିପକ୍ଷ ମ୍ୟାଚ୍‌ରେ ୫ ଉଇକେଟ ଦଖଲ କରିବା ସହ ଓଡ଼ିଶା କ୍ରିକେଟର ରେକର୍ଡ କ୍ଲବରେ ସାମିଲ ହୋଇଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ବସନ୍ତଙ୍କର ଏହା ହେଉଛି ୧୯ତମ ୫ମ ଉଇକେଟ ସଫଳତା। ପୂର୍ବରୁ ଅନ୍ତର୍ଜାତୀୟ ଖେଳାଳି ଦେବାଶିଷ ମହାନ୍ତିଙ୍କ ନାମରେ ଏହି ରେକର୍ଡ ରହିଥିବାବେଳେ ବସନ୍ତ ଏବେ ଦେବାଶିଷଙ୍କ ସମକକ୍ଷ ହୋଇଛନ୍ତି। ଦେବାଶିଷ ସ୍ୱର୍ଣ୍ଣିମ ପ୍ରଥମ ଶ୍ରେଣୀ କ୍ୟାରିୟରରେ ୧୧୭ ମ୍ୟାଚ୍‌ରୁ ମୋଟ ୪୧୭ ଉଇକେଟ ଦଖଲ କରିଛନ୍ତି। ବସନ୍ତ ୮୬ ମ୍ୟାଚ୍ ଖେଳି ୩୨୩ ଉଇକେଟ ଅକ୍ତିଆର କରିଛନ୍ତି।

# ହ୍ୟାଟ୍ରିକ୍ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ


**ଭୁବନେଶ୍ୱର, ୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଚଳିତ ବିଶ୍ୱକପ୍‌ରେ ଶୁକ୍ରବାର ପୁଲ୍ ବି'ର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଏହି ଦୁଇ ମ୍ୟାଚ୍‌ର ଫଳାଫଳ ଉପରେ କେଉଁ ଦୁଇଟି ଦଳ କ୍ରସ୍‌ଓଭର ମ୍ୟାଚ୍ ଖେଳିବେ ତାହା ସ୍ପଷ୍ଟ ହେବ। ପ୍ରଥମ ମ୍ୟାଚ୍‌ରେ ଗ୍ରୁପ୍ ଟପ୍ପର ଅଷ୍ଟ୍ରେଲିଆ ନବାଗତ ଚାଇନାକୁ ଭେଟିବ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ପରସ୍ପରକୁ ଭେଟିବେ।

ଗତ ଦୁଇଟି ସଂସ୍କରଣରେ ଟାଇଟଲ ହାସଲ କରିଥିବା ଅଷ୍ଟ୍ରେଲିଆ ଏଥର ମଧ୍ୟ ନିଜର ଖ୍ୟାତି ଅନୁରୂପ ପ୍ରଦର୍ଶନ କରି ପ୍ରଥମ ଦୁଇ ମ୍ୟାଚ୍ ଜିତି ୬ ପଏଣ୍ଟ ହାସଲ କରିବା ସହ ପୁଲ ବି'ର ଶୀର୍ଷ ସ୍ଥାନ ଅଧିକାର କରି ବିଶ୍ୱକପ୍‌ର ପ୍ରଥମ ଦଳ ଭାବେ କ୍ୱାର୍ଟର ଫାଇନାଲ ଟିକେଟ ହାସଲ କରିଛି। ଅନ୍ୟପଟେ ବିଶ୍ୱକପ୍ ପଦାର୍ପଣ କରିଥିବା ଚାଇନା ଦୁଇଟି ମ୍ୟାଚ୍ ଖେଳି ଦୁଇଟି ଡ୍ର' ସହ ଦୁଇ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ବିଜୟୀ ହେଲେ ୯ ପଏଣ୍ଟ ହାସଲ କରିବ। ଅନ୍ୟପଟେ ଚାଇନା ବିଜୟୀ ହେଲେ ୫ ପଏଣ୍ଟ ହାସଲ କରି କ୍ରସଓଭର ମ୍ୟାଚ୍ ପାଇଁ ଯୋଗ୍ୟତା ହାସଲ କରିବ। ପୁଣି ଯଦି ଚାଇନା ପରାସ୍ତ ହୁଏ କିମ୍ବା ମ୍ୟାଚ୍ ଡ୍ର ହୁଏ ତେବେ କ୍ରସଓଭର ମ୍ୟାଚ୍ ପାଇଁ ଏହି ଦଳକୁ ଆୟର୍ଲାଣ୍ଡ ଓ ଇଂଲଣ୍ଡ ମ୍ୟାଚ୍‌ର ଫଳାଫଳ ଉପରେ ନିର୍ଭର କରିବାକୁ ହେବ। ଯଦି ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ଡ୍ର ହୁଏ ତେବେ ୩ଟି ଯାକ ଦଳ ସମାନ ୨ ପଏଣ୍ଟ ପାଇବେ। ଏଭଳି ସ୍ଥିତିରେ କ୍ରସ୍‌ଓଭର ମ୍ୟାଚ୍ ପାଇଁ ଗୋଲ ବ୍ୟବଧାନ ମାପକାଠି ହେବ। ଯେଉଁ ଦୁଇଟି ଦଳର ଗୋଲ ବ୍ୟବଧାନ ଉନ୍ନତ ଥିବ ସେହି ଦୁଇଟି ଦଳ କ୍ରସ୍‌ଓଭର ମ୍ୟାଚ୍ ଖେଳିବେ। ପୁଣି ଇଂଲଣ୍ଡ କିମ୍ବା ଆୟର୍ଲାଣ୍ଡ ମଧ୍ୟରୁ ବିଜୟୀ ଦଳ କ୍ରସ୍ ଓଭର ଖେଳିବ ଓ ଚାଇନା ତୃତୀୟ ସ୍ଥାନରେ ରହି କ୍ରସ୍‌ଓଭର ଖେଳିବା ପାଇଁ ଯୋଗ୍ୟ ବିବେଚିତ ହେବ।

ଅଷ୍ଟ୍ରେଲିଆ ତା'ର ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡକୁ ୨-୧ ଗୋଲରେ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୩-୦ ଗୋଲରେ ବିଜୟୀ ହୋଇଥିଲା। ସମୟ ଅନୁସାରେ ଅଷ୍ଟ୍ରେଲିଆ ତା'ର ପ୍ରଦର୍ଶନରେ ଉନ୍ନତି ଆଣିଛି। ତେବେ ଚାଇନା ବିପକ୍ଷରେ ଅଷ୍ଟ୍ରେଲିଆ କ୍ଲିୟର ଫେଭରାଇଟ ବିବେଚିତ ହେଉଛି। ଅଷ୍ଟ୍ରେଲିଆ ବିଶ୍ୱର ୧ ନମ୍ବର ଦଳ ହୋଇଥିବା ବେଳେ ଗତ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇଥିଲା। ଅନ୍ୟପଟେ ଚାଇନା ବିଶ୍ୱ ର୍ୟାଙ୍କିଂର ୧୭ତମ ସ୍ଥାନରେ ରହିଛି। ସବୁ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆ ଚାଇନାଠାରୁ ଯଥେଷ୍ଟ ଆଗରେ ରହିଛି। ତେବେ ଚାଇନା ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ଅଷ୍ଟ୍ରେଲିଆକୁ ହରାଇବାକୁ ଆମେ ସବୁମତେ ଚେଷ୍ଟା କରିବୁ ବୋଲି ଚାଇନା ହେଡ କୋଚ୍ କିମ୍ ସାଙ୍ଗ-ରିଉଲ କହିଛନ୍ତି।

### ଆଜିର ମ୍ୟାଚ୍



ଅଷ୍ଟ୍ରେଲିଆ ବନାମ ଚାଇନା
ପୁଲ୍-ବି
ସମୟ : ଅପରାହ୍ନ ୫ଟା

ଆୟର୍ଲାଣ୍ଡ ବନାମ ଇଂଲଣ୍ଡ
ପୁଲ୍-ବି
ସମୟ: ରାତି ୭ଟା
ସ୍ଥାନ: କଳିଙ୍ଗ ଷ୍ଟାଡିୟମ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

# କ୍ରସ୍‌ଓଭର ଲାଗି ଆୟର୍ଲାଣ୍ଡ- ଇଂଲଣ୍ଡ ମୁକାବିଲା

**ଭୁବନେଶ୍ୱର, ୬।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ଗ୍ରୁପ୍ ବି'ର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ମୁହାଁମୁହିଁ ହେବେ। ଦୁଇଟି ଯାକ ଦଳ ଦୁଇଟି ମ୍ୟାଚ୍ ଖେଳିଛନ୍ତି। ଏଥିରୁ ଗୋଟିଏ ମ୍ୟାଚ୍ ଡ୍ର ରଖିଥିବା ବେଳେ ଗୋଟିଏ ମ୍ୟାଚ୍ ଅମୀମାଂସିତ ରଖିଛନ୍ତି। ଫଳର ଏହି ଦୁଇ ଦଳ ସମାନ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। ତେବେ ଉନ୍ନତ ଗୋଲ ବ୍ୟବଧାନ ବଳରେ ଆୟର୍ଲାଣ୍ଡ ତୃତୀୟ ସ୍ଥାନରେ ରହିଥିବା ବେଳେ ଇଂଲଣ୍ଡ ଚତୁର୍ଥ ସ୍ଥାନରେ ରହିଛି। ଏହି ପୁଲ୍‌ରେ ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲକୁ ଉଠି ସାରିଛି। ପୁଣି ଚାଇନା ଦୁଇଟି ମ୍ୟାଚ୍ ଖେଳି ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଫଳରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ମଧ୍ୟରୁ ଯେଉଁ ଦଳ ବିଜୟୀ ହେବ ସେହି ଦଳ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନକୁ ଉଠି କ୍ରସ୍‌ଓଭର ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ହାସଲ କରିବ। ପୁଣି ଅଷ୍ଟ୍ରେଲିଆ- ଚାଇନା ମ୍ୟାଚ୍‌ର ଫଳାଫଳ ମଧ୍ୟ ଏଭଳି ସ୍ଥିତିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ତେଣୁ ଶୁକ୍ରବାର ଖେଳାଯିବାକୁ ଥିବା ଦୁଇଟି ମ୍ୟାଚ୍‌ର ଫଳାଫଳ ଉପରେ କ୍ରସ୍ ଓଭର ମ୍ୟାଚ୍ ନେଇ ସ୍ଥିତି ସ୍ପଷ୍ଟ ହେବ। ଏଭଳି ସ୍ଥିତିରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିଜୟୀ ହେବା ପାଇଁ ପ୍ରାଣପଣେ ଚେଷ୍ଟା କରିବେ। ଉଭୟ ଦଳ ଗତ ମ୍ୟାଚ୍‌ଗୁଡ଼ିକର ତ୍ରୁଟି ସୁଧାରି ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ। ଶୁକ୍ରବାର ଖେଳାଯିବାକୁ ଥିବା ଏହି ଦୁଇଟି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିଛି। ଇଂଲଣ୍ଡ ତା'ର ପ୍ରଥମ ମ୍ୟାଚ୍‌ରେ ଚାଇନାକୁ ଭେଟିଥିଲା ଓ ଏହି ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ ୦-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଅନ୍ୟପଟେ ଆୟର୍ଲାଣ୍ଡ ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ୨-୧ ଗୋଲରେ ହାରିଥିଲା। ତେବେ ଚାଇନା ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ୧-୧ ଗୋଲରେ ଅମୀମାଂସିତ ରଖିଥିଲା।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଡିସେମ୍ବର ୭/୨୦୧୮ Balasore, Friday, December 7/ 2018


# ‘ଗୁଡ୍ ନ୍ୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟର’ ଜଳେଶ୍ୱର ଶାଖା ଉପରେ ଚଢ଼ାଉ

**ଜଳେଶ୍ୱର, ୬।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖୁଆଡ଼ ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ଅଞ୍ଚଳର ମହୁଡୁମା ମଞ୍ଚପୁର ଗ୍ରାମରେ ଥିବା ଗୁଡ୍ ନ୍ୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟର, ଜଳେଶ୍ୱର ଶାଖାରେ ବୁଧବାର ଜିଲା ପ୍ରଶାସନ ତରଫରୁ ଚଢ଼ାଉ କରାଯାଇଛି। ହ୍ୟାପି ଆଣ୍ଡ ହୋଲି ବିଦ୍ୟାଳୟ ସହିତ ମିଳିତ ଭାବେ ଡ୍ରିମ୍ ସେଣ୍ଟର ହୋମ ଦ୍ୱାରା ପରିଚାଳିତ ହେଉଥିବା ଏହି ଶାଖାରେ ସମୁଦାୟ ୧୯୦ ଜଣ ଅନ୍ତେବାସୀ ରହୁଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୮୫ ଜଣ ଝିଅ ,୧୧୫ ଜଣ ପୁଅ ଓ ୪୦ ଜଣ କୁଷ୍ଠରୋଗୀ ଅଛନ୍ତି।

୨୦୧୧ ମସିହାରୁ ପରିଚାଳିତ ହେଉଥିବା ଏହି ସେଲ୍ଟର ହୋମରେ ବିଦ୍ୟାଳୟରେ ୧ମ ରୁ ୮ମ ଶ୍ରେଣୀ ଯାଏ ଛାତ୍ରୀଛାତ୍ରମାନେ ଅନ୍ତେବାସୀ ଭାବେ ରହି ପାଠ ପଢୁଛନ୍ତି। ଏହି ସେଲ୍ଟର ହୋମର ଦାୟିତ୍ୱରେ ଥିବା ସ୍ୱର୍ଣ୍ଣପ୍ରଭା ବାରିକ ଜିଲା ପ୍ରଶାସନର ଚଢ଼ାଉ ଟିମ୍ ସମ୍ମୁଖରେ ବୟାନ ଦେଇଛନ୍ତି ଯେ, ଏଠାରେ ଗରିବ, ଆଦିବାସୀ ଓ କୁଷ୍ଠରୋଗୀ ପରିବାରର ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଯିବା ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥାଏ। କୌଣସି ଧର୍ମ ସମ୍ବନ୍ଧରେ ଶିକ୍ଷା ଦିଆଯାଏ ନାହିଁ କିମ୍ବା ଧର୍ମାନ୍ତରୀକରଣ ହୁଏନାହିଁ। ଉକ୍ତ ଚଢ଼ାଉ ଟିମ୍‌ରେ ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ସେନାପତି, ଜିଲା ଶିଶୁମଙ୍ଗଳ କମିଟି ଅଧ୍ୟକ୍ଷ ଭାଗିରଥୀ ବାରିକ, ପିଓ ସତ୍ୟନାରାୟଣ ସ୍ୱାଇଁ, ପୁଷ୍ପଲତା ଜେନା, ଦେବସ୍ମିତା ନାୟକ, ସୌମ୍ୟ ଗିରି ପ୍ରମୁଖ ସାମାଜିକ କର୍ମୀ ସାମିଲ ଥିଲେ। ଚଢ଼ାଉ ସମ୍ବନ୍ଧରେ ସହକାରୀ ଜିଲାପାଳ ସେନାପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ତଦନ୍ତ ସମୟରେ ପ୍ରତି ଅନ୍ତେବାସୀ ଓ ଆଖପାଖ ଲୋକଙ୍କୁ ପଚାରି ବୁଝିଥିଲେ ମଧ୍ୟ ସେଲ୍ଟର ହୋମ ବିରୋଧରେ କୌଣସି ପ୍ରକାର ଅଭିଯୋଗ କରିନାହାନ୍ତି। ତଦନ୍ତର ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।


ମହୁଡୁମା ମଞ୍ଚପୁର ଗ୍ରାମରେ ଥିବା ଗୁଡ୍ ନ୍ୟୁଜ ଇଣ୍ଡିଆ ଡ୍ରିମ୍ ସେଣ୍ଟର।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**ଜଳେଶ୍ୱର, ୬।୧୨(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ଜଣେ ଅନୁସୂଚିତ ଜାତିର ଛାତ୍ରୀଙ୍କୁ ଜଣେ ଯୁବକ ରାସ୍ତାରେ ଅଟକାଇ ଟଣାଓଟରା କରିବା ସହ ଅସଦାଚରଣ କରିଥିଲେ। ଫଳରେ ଛାତ୍ରୀଜଣକ ତଳେ ପଡ଼ିଯାଇ ଆହତ ହୋଇଥିବା ଜଣାପଡ଼ିଛି। ଏନେଇ ଜଳେଶ୍ୱର ଥାନାରେ ଛାତ୍ରୀ ଜଣଙ୍କ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏସ୍‌ଟି/ଏସସି ମାମଲା (ନଂ.୩୪୮/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ■ ତାଳପଦାରେ ସମିତିସଭ୍ୟ ଉପନିର୍ବାଚନ

# ୮୧.୪୬ ପ୍ରତିଶତ ମତଦାନ


**ବାହାନଗା, ୬।୧୨(ଡି.ଏନ.ଏ.)**

ରେମୁଣା ବ୍ଲକ ତାଳପଦା ପଞ୍ଚାୟତ ସମିତିସଭ୍ୟ ନିମନ୍ତେ ଅନୁଷ୍ଠିତ ଉପନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ୮୧.୪୬ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି । ତାଳପଦା ପଞ୍ଚାୟତର ୧୧ଟି ୱାର୍ଡରେ ୧୧ଟି ବୁଥ୍‌ରେ ମତଦାନ କରାଯାଇଥିଲା। ତେବେ ପଞ୍ଚାୟତର ୨୭ଶହ ୮୪ ଜଣ ଭୋଟର ଥିବା ବେଳେ ୨୨ଶହ ୭୩ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ପୂର୍ବାହ୍ନ ୮ଟାରେ ମତଦାନ ଆରମ୍ଭ ହୋଇଥିଲା। ଭୋଟରମାନେ ଲମ୍ବା ଧାଡ଼ି ଲଗାଇ ମତ ସାବ୍ୟସ୍ତ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଥିଲା। ଶୁକ୍ରବାର ଗଣତି କାର୍ଯ୍ୟକ୍ରମ ବ୍ଲକ ପରିସରରେ ଅନୁଷ୍ଠିତ ହେବ। ସେହିପରି ରେମୁଣା ବ୍ଲକ ଶ୍ରୀଜଙ୍ଗ ପଞ୍ଚାୟତର ୭ନମ୍ବର ୱାର୍ଡରେ ୱାର୍ଡସଭ୍ୟ ପାଇଁ ଉପନିର୍ବାଚନ ହୋଇଥିଲା । ଏଥିରେ ୩୨୫ଜଣ ଭୋଟରଙ୍କ ମଧ୍ୟରୁ ୨୨୫ ଜଣ ଭୋଟର ମତଦାନ କରିଥିଲେ। ଶୁକ୍ରବାର ରେମୁଣା ବ୍ଲକ ପରିସରରେ ଭୋଟ ଗଣତି ହେବ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

# ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ ‘ହକି ଓଡ଼ିଶାରେ ବିଶ୍ୱ’। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱର୍କ ନୁହେଁ ସ୍ମାର୍ଟଓ୍ୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**

**ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ:** ଆଲୋକ କାନୁନ୍‌ଗୋ (୯୯୩୭୨୭୪୩୭୬/୮୨୪୯୫୮୪୦୧୦)
**ଭଦ୍ରକ:** ଦେବରାଜ ସାମଲ (୯୯୩୮୧୩୭୭୪୬)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଶୌର୍ଯ୍ୟ ଦିବସରେ ବାଇକ୍ ରାଲି

**କେନ୍ଦୁଝର, ୬।୧୨(ସ୍ୱ.ପ୍ର.):** କେନ୍ଦୁଝର ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ଶୌର୍ଯ୍ୟ ଦିବସ ଉପଲକ୍ଷେ ଏକ ବାଇକ୍ ରାଲି ଆୟୋଜନ କରାଯାଇଥିଲା। ବାଇକ୍ ରାଲି ବଜରଙ୍ଗ ଦଳର ଜିଲା ପ୍ରମୁଖ ସରୋଜ ନାୟକଙ୍କ ନେତୃତରେ ବହୁ ସଂଖ୍ୟାରେ ବଜରଙ୍ଗ କର୍ମୀ ସାମିଲ ହୋଇଥିଲେ। ପୁରୁଣା ବଜାର ଗୁଣ୍ଡିଚା ମନ୍ଦିରରୁ ରାଲି ବାହାରି ନଗର ପରିକ୍ରମା କରିଥିଲା। ଅନ୍ତରାଷ୍ଟ୍ରିୟ ହିନ୍ଦୁ ପରିଷଦ ପକ୍ଷରୁ ଏକ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ସମସ୍ତ ହିନ୍ଦୁ ଭଉଣୀଭାଇଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ପ୍ରଦାନ କରାଯାଇଥିଲା।

### ଛାତ୍ରୀଛାତ୍ର ପାଳିଲେ ସ୍ୱଦେଶୀ ସପ୍ତାହ

**କେନ୍ଦୁଝର, ୬।୧୨(ସ୍ୱ.ପ୍ର.):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡଠାରେ ସ୍ୱଦେଶୀ ସପ୍ତାହ ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ପାଣିଗ୍ରାହୀ ଯୋଗଦେଇ ଆମ ଦେଶରେ ପ୍ରସ୍ତୁତ ହୋଇଥିବା ଜିନିଷଗୁଡ଼ିକର ବ୍ୟବହାର କରିବା ଉପରେ ଆଲୋକପାତ କରିଥିଲେ। ଏହି ସମୟରେ ଛାତ୍ରଛାତ୍ରୀଙ୍କୁ ସ୍ୱଦେଶୀ ଜିନିଷ ପତ୍ର ତାଲିକାର ଏକ ବିବରଣୀ ପତ୍ରକ ଦିଆଯାଇଥିଲା। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ବିଦେଶରେ ପ୍ରସ୍ତୁତ ହୋଇଥିବା ଜିନିଷର ଅପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ବିନୟ ମହାନ୍ତ, ଅକ୍ଷୟ ପଲେଇ, ସ୍ନେହଲତା ସାହୁ, ଅନ୍ୟ ଗୁରୁଜୀଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଆନନ୍ଦପୁର ମହୋତ୍ସବ ପାଇଁ ତତ୍ପରତା

**ଆନନ୍ଦପୁର, ୬।୧୨(ସ୍ୱ.ପ୍ର.):** ଆନନ୍ଦପୁର ମହୋତ୍ସବ ୪ରୁ ଆରମ୍ଭ ହେବାକୁ ଥିବାବେଳେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ମହୋତ୍ସବ କମିଟିର ଅଧକ୍ଷ ତଥା ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ସୋଭେନିଅର୍, କଲଚରାଲ୍ କମିଟି, ଷ୍ଟଲ୍ କମିଟି, ଫାଇନାନ୍ସ କମିଟିର ବୈଠକ ଡକାଯାଇ ବିଭିନ୍ନ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ମହୋତ୍ସବ ଶୀତ ଦିନରେ ହେଉଥିବାରୁ ଦର୍ଶକଙ୍କ ଭିଡ଼ ବୃଦ୍ଧି ପାଇବା ଆଶଙ୍କାକୁ ଦୃଷ୍ଟିରେ ରଖି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଷ୍ଟଲ୍ ସଂଖ୍ୟା ପୂର୍ବ ଅପେକ୍ଷା ୨ଶହକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କମିଟିର କନଭେନର୍ ପ୍ରଦୀପ କୁମାର ମହାନ୍ତିଙ୍କ ସଂଯୋଜନାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିମନ୍ତେ ବ୍ଲୁ ପ୍ରିଣ୍ଟ ସ୍ଥିର କରାଯାଉଛି।

# ‘ଆମ୍ବେଡ଼କରଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ’

**କେନ୍ଦୁଝର, ୬।୧୨(ସ୍ୱ.ପ୍ର.)** ସେବାସ୍ତମ୍ଭ କେନ୍ଦୁଝର ଜିଲା ଶାଖା ପକ୍ଷରୁ ଗୁରୁବାର ଭାରତରତ୍ନ ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଡ଼କରଙ୍କ ମହାପରାୟଣ ଦିବସ ଜିଲା ମୁଖ୍ୟାଳୟରେ ପାଳିତ ହୋଇଯାଇଛି। ଆମ୍ବେଡ଼କରଙ୍କ ମହାନ ଆଦର୍ଶ ଏବଂ ଗୁଣାବଳୀକୁ ମନେ ପକାଇ ଅନୁପ୍ରାଣିତ ହେବାକୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ସମବେତ ଆମ୍ବେଦକର ପ୍ରେମୀ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ରହି ଶ୍ରଦ୍ଧାଳି ଜ୍ଞାପନ କରିଥିଲେ। ଅତିଥି ଭାବରେ ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣଚନ୍ଦ୍ର ସେଠୀ, ସେବାସ୍ତମ୍ଭର ସଭାପତି କୁମରମଣୀ ତନ୍ତୀ, ରମେଶଚନ୍ଦ୍ର ସେଠୀ, ଅଲେଖ ଚନ୍ଦ୍ର ପାତ୍ର, ଭରତ ଚନ୍ଦ୍ର ପାତ୍ର, ଭାଗବତ ନାୟକ, ଲକ୍ଷ୍ମୀଧର ଜେନା, ଶ୍ୟାମ ସୁନ୍ଦର ନାୟକ, ମାନ ଭନ ପାତ୍ର, ଶରତ ଚନ୍ଦ୍ର ପାତ୍ର, ବିଭୁ ପ୍ରସାଦ ସେନାପତି, ପ୍ରକାଶ ସୂତ୍ରଧର, ଅନୀଲ ସୋନକାର ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ରୋଟାରୀ ଭବନଠାରେ ସେବାସ୍ତମ୍ଭର ସଭାପତି କୁମରମଣିଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବରେ ଜିଲାପରିଷଦ ଅଧକ୍ଷା କମଳିନୀ ପାତ୍ର, ସମ୍ମାନିତ ଅତିଥି ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ ଯୋଗଦେଇ ଆମ୍ବେଡ଼କରଙ୍କ ବିଚାରଧାରା ବିଷୟରେ ଆଲୋଚନା କରିଥିଲେ।



ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

### ମେମୋରିଆଲ୍ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ

**ଆନନ୍ଦପୁର, ୬।୧୨(ସ୍ୱ.ପ୍ର.)** ଘସିପୁରା ଗେଟ୍ ସାଇଁଠାରେ ପ୍ରଥମ ବାର୍ଷିକ ଶରତ ସାହୁ ମେମୋରିଆଲ୍ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ ୧୪ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଘସିପୁରା ଓ କେଶଦୁରାପାଳ ଦଳ ଦୁଇ ରାଉଣ୍ଡକୁ ଉନ୍ନୀତ ହୋଇ ଉତ୍ତମ ଖେଳ ପ୍ରଦର୍ଶନ ଜାରି ରଖିଛି। କେଶଦୁରାପାଳ, ଶାଳବଣି, ଆନନ୍ଦପୁର,ଭଗିନାଳ, ଘସିପୁରା ଆଦି ଅଞ୍ଚଳରୁ ୧୬ ଟିମ୍ ଅଂଶ ଗ୍ରହଣ କରିଛନ୍ତି। ଗୁନ୍ନାଲ ସ୍ୱାଇଁ, ଗୌରାଙ୍ଗ ବେହେରା, ଭରତ ଚନ୍ଦ୍ର ସାହୁ, ବସନ୍ତ ସାହୁ, ଦାମୋଦର ସାହୁ, କାଠିଆ ପାଗଳ, ଶୁଭଜିତ୍ ସାହୁ, ଶୈଳ ରଞ୍ଜନ ସାହୁ, କ୍ଷୀରୋଦ ସାହୁ ପ୍ରମୁଖ ଖେଳ ପରିଚାଳନା କରୁଛନ୍ତି।



# ସାମାଜିକ ସେବା କ୍ଷେତ୍ରରେ ଅଧିକ ଖର୍ଚ୍ଚ ନେଇ ପ୍ରସ୍ତାବ

**କେନ୍ଦୁଝର, ୬।୧୨(ସ୍ୱ.ପ୍ର.)** ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାରେ ଆସୁଥିବା ଅନୁଦାନକୁ ଜିଲ୍ଲା ଯୋଜନା କମିଟି ଚର୍ଚ୍ଚା କରି ଯୋଜନା ପ୍ରସ୍ତୁତ କରିଛି। ୨୦୧୮-୧୯ରେ ସମୁଦାୟ ୨୦୮୯୩.୪୨ ଲକ୍ଷ ଟଙ୍କା ଜିଲ୍ଲାର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ସର୍ବାଧିକ ଅର୍ଥ ୯୪୩୧୧.୯୯ ଲକ୍ଷ ଟଙ୍କା ସାମାଜିକ ସେବା କ୍ଷେତ୍ରରେ ଖର୍ଚ୍ଚ କରିବାକୁ ପ୍ରସ୍ତାବ ରହିଛି ଯାହାକି ସମୁଦାୟ ହିସାବର ୪୫.୧୪ ପ୍ରତିଶତ ବୋଲି ଜଣାପଡ଼ିଛି। ଗ୍ରାମ ବିକାଶ ପାଇଁ ୩୮୪୨୭.୨୮ ଲକ୍ଷ, ପରିବହନ ଓ ଯୋଗାଯୋଗ ପାଇଁ ୩୨୦୨୬.୭୬ ଲକ୍ଷ ଖର୍ଚ୍ଚ କରିବାକୁ ଯୋଜନା ହୋଇଛି। ଉର୍ଜା କ୍ଷେତ୍ରରେ ୨୮୯୦.୭୬ ଲକ୍ଷ, କୃଷି କ୍ଷେତ୍ରରେ ୬୧୩୦.୬୭ ଲକ୍ଷ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ପାଇଁ ୪୪୮୯.୯୨ ଲକ୍ଷ, ସାଧାରଣ ଅର୍ଥନୈତିକ ସେବା କ୍ଷେତ୍ର ପାଇଁ ୬୮୯.୪୦ ଲକ୍ଷ, ଶିଳ୍ପ ପାଇଁ ୬୭୪.୫୩ ଲକ୍ଷ, ଜଙ୍ଗଲ, ପରିବେଶ ଓ ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ୫୫୩.୮୦ ଲକ୍ଷ, ସାଧାରଣ ସେବା ପାଇଁ ୧୭.୧୮ ଲକ୍ଷ ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ୨୦୧୮-୧୯ ବର୍ଷରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ଖର୍ଚ୍ଚ ଅନୁମୋଦନ ଜିଲ୍ଲା ଯୋଜନା ବୈଠକରେ ଗୁରୁବାର ଅନୁମୋଦିତ ହୋଇଛି। କେନ୍ଦୁଝର ଜିଲ୍ଲାରେ ରାସ୍ତାଘାଟ, ବିଜୁଳି, ଜଳସେଚନ ଆଦିର ବିକାଶ ପାଇଁ ସମୁଦାୟ ୨୪୩୬.୪୩ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ସର୍ବାଧିକ ବାଂଶପାଳ ବ୍ଲକରେ ୩୧୧.୫୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ହରିଚନ୍ଦନପୁର ବ୍ଲକରେ ୨୨୮.୬୮ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି।

# ରାସ୍ତା କାମ ବନ୍ଦ କଲେ ଗ୍ରାମବାସୀ

**ଖୁଣ୍ଟା, ୬।୧୨ (ଡି.ଏନ.ଏ.):** ପଳାଶପଙ୍ଗା-ବାମେବାରୀ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ଏ ନେଇ ରାସ୍ତା ପାର୍ଶ୍ୱ ଗ୍ରାମ କଣ୍ଡରାପଶି, ସତୀଙ୍ଗୁଦର, ମଳଦା, ଧନୁର୍ଜୟପୁର, ରେଙ୍ଗାଲବେଡ଼ା ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ। ବାରମ୍ବାର ଅଭିଯୋଗ ପରେ କିଡ୍‌କୋ ପକ୍ଷରୁ ଧନୁର୍ଜୟପୁରଠାରେ ଖାଲ ଜାଗାଗୁଡ଼ିକରେ ପିଚୁ ମରାମତି କାମ ଆରମ୍ଭ ହୋଇଥିଲା। ପୂର୍ବରୁ ଉକ୍ତ ଖାଲରେ ମୋରମ ଢଳା ଯାଇଥିଲା। ମୋରମ କଢା ନ ଯାଇ ପିଚୁର ଲେପ ଦିଆଯାଉଥିବା ଦେଖି ଗ୍ରାମବାସୀ ବିରୋଧ କରିଥିଲେ। କାମକୁ ବନ୍ଦ କରିଦେଇଥିଲେ। ପଳାଶପଙ୍ଗା-ବାମେବାରୀ ରାସ୍ତାରେ ଭାରିଯାନ ଚଳାଚଳ କରୁଛି। ରାସ୍ତାର ସରାସକୋଲା ଏବଂ କାଳିମାଟିଠାରେ ଗେଟ କରାଯାଇ ଟୋଲ ଆଦାୟ ଚାଲିଛି। କିଡ୍‌କୋ କର୍ତ୍ତୃପକ୍ଷ ରାସ୍ତା ମରାମତି ଦିଗରେ ଧ୍ୟାନ ଦେଉ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଦିନ ସାରା କାମ ବନ୍ଦ ରହିବା ପରେ ସନ୍ଧ୍ୟା ସମୟରେ କିଡ୍‌କୋ ଅଧିକାରୀ ହିମାଂଶୁ କୁଅଁର ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। କାମ ଚଳା ମରାମତି କରାଯାଉଛି। ୨ ମାସ ପରେ ଠିକ ଭାବେ ରାସ୍ତା ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ଡା.ପୁରୁଷୋତ୍ତମଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ପାଟଣା, ୬।୧୨(ସ୍ୱ.ପ୍ର.)** ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଆନନ୍ଦେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଗୁରୁବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପୁରୁଷୋତ୍ତମ ମହାନ୍ତଙ୍କୁ ବିଦାୟକାଳୀନ ଭାବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଡା. ମହାନ୍ତଙ୍କର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ କ୍ୟାନ୍ସର ବିଭାଗର ମୁଖ୍ୟ କେମୋ ଥେରୋପୀ ଡାକ୍ତର ଭାବେ ପଦନ୍ନତୀ ହୋଇଛି। ଡା. ମହାନ୍ତ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିଲେ। ଅୟୋଜିତ ସଭାରେ ବରିଷ୍ଠ ନାଗରିକ ନାରାୟଣ ଦାଶଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ଇଂ ବିଦ୍ୟାଧର ଦାଶ, ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ତହସିଲଦାର ଶିବପ୍ରସାଦ ମୁର୍ମୁ, ବିଡ଼ିଓ କୁଶଳ ଚନ୍ଦ୍ର ନାଏକ, ଥାନା ଅଧିକାରୀ ପ୍ରମୋଦିନୀ ସାହୁ, ପୂର୍ଣ୍ଣଚନ୍ଦ୍ର ଅମାତ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ ଭରତ ଚନ୍ଦ୍ର ସାହୁ, ସାମାଜିକ କର୍ମୀ ଅଜୟ ଦାଶ, ଗଦାଧର ମହାନ୍ତ, ଦିଲୀପ ଦାଶ ଓ ବଳଭଦ୍ର କର ପ୍ରମୁଖ ଯୋଗଦେଇ ଡା. ମହାନ୍ତଙ୍କ ନିରବିଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ଅରୁଣ ମିଶ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସନାତନ ଦାଶ, ବିଜୟରତ୍ନ ପତି, ଯୁଗଳ କିଶୋର ଦାଶ, ଶରତ ଚନ୍ଦ୍ର ଦାଶ, ଲକ୍ଷ୍ମୀଧର ପତି ଓ ଅବିନାଶ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡା. ମହାନ୍ତଙ୍କ ଧର୍ମପତ୍ନୀଙ୍କ ସମେତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର, କର୍ମଚାରୀ, ସ୍ଥାନୀୟ ଅଞ୍ଚଳର ଜନସାଧାରଣ, ଶିକ୍ଷାବିତ ଯୋଗ ଦେଇଥିଲେ।



ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଆଲୋଚନା

**କେନ୍ଦୁଝର, ୬।୧୨ (ସ୍ୱ.ପ୍ର.)** ଫଟୋ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ଏକ ଆଲୋଚନାଚକ୍ର ମଙ୍ଗଳବାର ହୋଇଥିଲା। ଜିଲାପାଳ ଆଶିଷ ଠାକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ପାଇଁ ସମସ୍ତଙ୍କ ସହ ଯୋଗ କାମନା କରିଥିଲେ। ଡିସେମ୍ବର ୨୫ ସୁଦ୍ଧା ସମସ୍ତ ମିଳିଥିବା ଆପତ୍ତି ଅଭିଯୋଗ ଗୁଡ଼ିକର ଫଇସଲା କରାଯାଇ ଜାନୁୟାରୀ ୨୧ ସୁଦ୍ଧାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ କରିବାକୁ ନିର୍ବାଚନ କମିଶନଙ୍କ ଆଦେଶକୁ ଅବଗତ କରାଇଥିଲେ। ଜିଲାର ୬ ନିର୍ବାଚନ ମଣ୍ଡଳୀରେ ନାମ ଯୋଗଦେବା ପାଇଁ ୪୪,୨୭୪ ଜଣ, ନାମ ବିୟୋଗ ପାଇଁ ୨୦,୦୭୦ ଜଣ, ନାମ ସଂଶୋଧନ ପାଇଁ ୧୭,୯୨୭ ଜଣ, ଏବଂ ବୁଥ ସ୍ଥାନାନ୍ତରଣ ପାଇଁ ୯୬୧ ଜଣଙ୍କ ଦରଖାସ୍ତ ଫର୍ମ ଗ୍ରହଣ କରାଯାଇଥିବା ନିର୍ବାଚନ ଅଧିକାରୀ ରାମଚନ୍ଦ୍ର କିସ୍କୁ କହିଛନ୍ତି। ୬ ନିର୍ବାଚନ ମଣ୍ଡଳୀର ଚିହ୍ନଟ ହୋଇଥିବା ୫୨୯ ଦିବ୍ୟାଙ୍ଗ ଭୋଟର ସାମିଲ କରାଯାଇଥିବା ସୂଚନା ମିଳିଛି। ବୈଠକରେ ଚମ୍ପୁଆ ଉପଜିଲାପାଳ ପାରୁଲ ପଟୱାରୀ, ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁ ସମେତ ଅନ୍ୟମାନେ ସାମିଲ ଥିଲେ।

# ହିତାଧିକାରୀଙ୍କୁ ମିଳିଲା ରାଶନ କାର୍ଡ

**ହାଟଡ଼ିହୀ, ୬।୧୨(ଡି.ଏନ.ଏ.)** ହାଟଡିହୀ ବ୍ଲକରେ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ମାୟାଧର ଜେନା, ବିଡ଼ିଓ ସୁଶାନ୍ତ ବାରିକ, ସରପଞ୍ଚ ବିଧାଧର ବିଶ୍ୱାଳ, ଜିଲାପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ୧୫୦ରୁ ଉର୍ଦ୍ଧ୍ୱ କାର୍ଡ ବଣ୍ଟନ କରାଯାଇଛି। ଯୋଗାଣ ଅଧିକାରୀ ରମେଶ ମାଝୀ, ଯୋଗେନ୍ଦ୍ର ବେହେରା, ଜୀବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


### ଦଲିଲ୍ ହଜିଛି

ମୁଁ ଶ୍ରୀମତୀ ସୁଜାତା ସୁବୁଦ୍ଧି, ସ୍ୱାମୀ- ବି. ଅନନ୍ତ ପଦ୍ମନାଭ ସୁବୁଦ୍ଧି, ପେସା: ବ୍ୟବସାୟ, ବର୍ତ୍ତମାନ ବାସିନ୍ଦା: ରସୁଲଗଡ଼, ପୋଷ୍ଟ- ମଞ୍ଚେଶ୍ୱର, ଥାନା- ଶହୀଦନଗର, ଜିଲ୍ଲା- ଖୋର୍ଦ୍ଧା ମୋର ଜମି କାଗଜପତ୍ର ଅର୍ଥାତ୍ ମୋ ସପକ୍ଷରେ ସର୍ବେଶ୍ୱର ରାଉତଙ୍କ ଦ୍ୱାରା ସ୍ୱାକ୍ଷରିତ "ପଞ୍ଜୀକୃତ ବିକ୍ରି କବଲା" ସଂଖ୍ୟା- ୮୧୫୧, ତାରିଖ: ୦୮।୧୧।୧୯୭୬ ଏବଂ ରାଜେନ୍ଦ୍ର କୁମାର ପାତ୍ରଙ୍କ ନାମରେ ଥିବା ବନ୍ଦୋବସ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶିତ "ଅଧିକାରର ଅଭିଲେଖ" ଖାତା ସଂଖ୍ୟା- ୩୧୪, ପ୍ଲଟ୍ ନଂ.- ୫୩୨/୧୦୨୬ ହଜିଯାଇଛି।
ଏହି ଦୁଇଟି ଦଲିଲ୍ ମୋ ଜମି ଏସିଓ-୧୪୨ ଏ/ସି ମୌଜା:- ବମିଖାଲ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ପାଇଁ ଅଟେ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍ ପାଇଥାନ୍ତି ତେବେ ଦୟାକରି ମୋବାଇଲ ନଂ.- 8249447728ରେ ସୂଚିତ କରନ୍ତୁ। କଥିତ ଦଲିଲ୍‌ର ଅପବ୍ୟବହାର ପାଇଁ ମୁଁ ଦାୟୀ ରହିବି ନାହିଁ ।

CLASSIFIED DISPLAY

















## ସିଣ୍ଡିକେଟ୍ ବ୍ୟାଙ୍କ

କ୍ଷେତ୍ରୀୟ କାର୍ଯ୍ୟାଳୟ-୧: ପ୍ଲଟ୍ ନଂ.: ୧୫୫୬ ଏବଂ ୧୫୬୧, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ ସିଣ୍ଡିକେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ ୨୦୦୨) ନିମ୍ନଲିଖିତ ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହାଅଛି ଭିତ୍ତିରେ" ଇ-ନିଲାମ କରାଯିବ।

| ଶାଖା / ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ମୋଟ ବକେୟା/ ଡିମାଣ୍ଡ ନୋଟିସ୍/ ଦଖଲ ତାରିଖ | ଇ-ନିଲାମ ତାରିଖ ଏବଂ ସମୟ |
|---|---|---|---|---|
| **ପୁରୀ ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ସାହୁ,** ସ୍ୱାମୀ: ଯଯାତି କେଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ରଶ୍ମିତା କୁମାରୀ ଆଚାର୍ଯ୍ୟ,** ପିତା: ଯଯାତି କଶରୀ ଆଚାର୍ଯ୍ୟ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | **ଶ୍ରୀମତୀ ଶାନ୍ତିଲତା ସାହୁଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ଖାତା ନଂ.: ୧୬୫/୭୯୩, ହାଲ୍ ଖାତା ନଂ.: ୧୬୫/୧୨୧୦, ସାବକ ପ୍ଲଟ୍ ନଂ.: ୧୬୯/୧୫୪୯, ହାଲ୍ ପ୍ଲଟ୍ ନଂ.: ୧୭୧/୨୦୧୦, ୧୬୯/୨୦୧୧, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୩, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୬, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୪, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୨ । | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୮୩୭/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୁରୀ ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟ,** ପିତା: ଯଯାତି କେଶରୀ ଆଚାର୍ଯ୍ୟ, ମାର୍ଫତ: ହୋଟେଲ୍ ସୁକନ୍ୟା, ସା/ପୋ.: ଚକ୍ରତୀର୍ଥ ରୋଡ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଶ୍ରୀ ତପନ କୁମାରୀ ପାଣିଗ୍ରାହୀ,** ପିତା: ଶ୍ରୀଧର ପାଣିଗ୍ରାହୀ, ସା/ପୋ.: ଶ୍ରୀକ୍ଷେତ୍ର କଲୋନୀ, ଘର ନଂ.: ଇଡବ୍ଲୁଏସ୍-୧୦୦, ଜିଲ୍ଲା: ପୁରୀ-୭୫୨୦୦୨, ଓଡ଼ିଶା | **ଶ୍ରୀମତୀ ସୁନିତା କୁମାରୀ ଆଚାର୍ଯ୍ୟଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୨/୧୨୦୨, ପ୍ଲଟ୍ ନଂ.: ୧୬୯/୨୦୦୨, ମୌଜା: ଗୋପୀନାଥପୁର ଓରଫ ରାଉତରାପୁର, ମୁକୁନ୍ଦ ମିଶ୍ର ନଗର, ଫେଜ୍- ୩, ବସ୍ତି ପ୍ଲଟ୍ ନଂ.: ୭୨, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ବସ୍ତି ପ୍ଲଟ୍ ନଂ.: ୭୭, ପଶ୍ଚିମ: ୧୫ଫୁଟିଆ ଚଉଡା ବସ୍ତି ରାସ୍ତା, ଉତ୍ତର: ବସ୍ତି ପ୍ଲଟ୍ ନଂ.: ୭୩, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ୭୧ । | ଟ.୧୧,୮୫,୦୦୦/- / ଟ.୧,୧୮,୫୦୦/- / ଟ.୧୦,୦୦୦/- | ଟ.୨୨,୩୫,୯୯୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୁରୀ ଶାଖା /** **ଋଣଗ୍ରହୀତା: ଶ୍ରୀ ଦୁଲ୍ଲାଲ ରାୟ,** ପିତା: ଚିତ୍ତରଞ୍ଜନ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଷଷ୍ଟୀ ରାୟ,** ସ୍ୱାମୀ: ଶ୍ରୀ ଦୁଲ୍ଲାଲ ରାୟ, ମାର୍ଫତ: ପ୍ରଦିପ କୁମାର କର, ସା/ପୋ.: ବାଲିସାହି, ମଙ୍ଗଳା ମୁଣ୍ଡି ଲେନ୍, ଜିଲ୍ଲା: ପୁରୀ-୭୫୨୦୦୧, ଓଡ଼ିଶା | **ଶ୍ରୀ ଦୁଲ୍ଲାଲ ରାୟଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨, ପ୍ଲଟ୍ ନଂ.: ୧୯୮, ମୌଜା: ଭାରଥୀପୁର, ଏସ୍‌ଆରଓ: ପୁରୀ, ଥାନା: ପୁରୀ ସଦର, ଏହାର ଚାରିପାର୍ଶ୍ୱରେ ପୂର୍ବ: ୨୦ଫୁଟିଆ ଚଉଡା ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୧୯୮ (ବିକ୍ରେତାର ଅଂଶ), ଉତ୍ତର: ବସ୍ତି ପ୍ଲଟ୍ ନଂ.: ଡି-୧, ଡି-ବିକ୍ରେତା, ଦକ୍ଷିଣ: ବସ୍ତି ପ୍ଲଟ୍ ନଂ.: ଡି-୧, ବି-ଶକୁନ୍ତଳା ମିଶ୍ର । | ଟ.୧୦,୩୫,୦୦୦/- / ଟ.୧,୦୩,୫୦୦/- / ଟ.୧୦,୦୦୦/- | ଟ.୧୬,୭୧,୮୨୪/- / ୦୧.୧୧.୨୦୧୬ / ୧୯.୦୧.୨୦୧୭ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |
| **ପୋଡାଡିହ ଶାଖା /** **ଋଣଗ୍ରହୀତା: ମେସର୍ସ ସୀତା ସର୍ଭିସ୍ ଷ୍ଟେସନ, ସ୍ୱତ୍ତ୍ୱାଧିକାରୀ : ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ,** ସା./ପୋ.: ପାଟପୁର, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ **ସମ୍ପତ୍ତିର ମାଲିକ: ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁ / ଗ୍ୟାରେଣ୍ଟିଦାତା: ଜସ୍ମୀ ମାଝି,** ସା.: ଅଦାପାଳ, ପୋ.: କୁଆଳିଆ, ଭାୟା : ଉଦଳା, ଜିଲ୍ଲା : ମୟୂରଭଞ୍ଜ ଏବଂ **ଶ୍ରୀ ରବିନ୍ଦ୍ର ନାଥ ଦାସ,** ସା: ଦୂତୀକାଦେଇପୁର, ପୋ.: ଭୀମହାତୀ, ଭାୟ : ଉଦଳା, ଜିଲ୍ଲା : ମୟୂରଭଞ୍ଜ | **ଶ୍ରୀ ଈଶ୍ୱର ଚନ୍ଦ୍ର ଟୁଡୁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାଟପୁର, ଖାତା ନଂ.: ୧୯, ପ୍ଲଟ୍ ନଂ.: ୩୪୫, କ୍ଷେତ୍ର: ଏକର ୦.୧୯ ଡ଼ିସିମିଲି, କିସମ: ଘରବାରୀ, ପୋ.: ପୋଡାଡିହ, ତହସିଲ: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଘରୋଇ ଜମି (ପ୍ଲଟ୍ ନଂ.: ୩୪୪), ପଶ୍ଚିମ: ପିଡବ୍ଲୁଡି ରୋଡ୍, ଉତ୍ତର: ସରକାରୀ ଜମି (ପ୍ଲଟ୍ ନଂ.: ୩୦୨), ଦକ୍ଷିଣ: ନିଜସ୍ୱ ଜମି (ପ୍ଲଟ୍ ନଂ.: ୩୪୬) | ଟ.୨୪,୭୫,୦୦୦/- / ଟ.୨,୪୭,୫୦୦/- / ଟ.୧୦,୦୦୦/- | ଟ.୬୮,୮୫,୦୫୫/- / ୩୧.୦୧.୨୦୧୨ / ୧୩.୦୯.୨୦୧୨ | ୨୯.୧୨.୨୦୧୮ ପୂର୍ବାହ୍ନ ୧୦ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ୫ ମିନିଟ୍ ଅସିମିତ ବର୍ଦ୍ଧିତ ସମୟ ସହିତ |

**ନିୟମ ଓ ସର୍ତ୍ତାବଳୀ :**

୧) ଇ-ନିଲାମ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହାଅଛି ଭିତ୍ତିରେ"** ସମ୍ପନ୍ନ ହେବ ।
୨) ଅମାନତ ରାଶି ଏବଂ ବିଡ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: **ତା.୨୬.୧୨.୨୦୧୮ରିଖ ଅପରାହ୍ନ ୪.୦୦** ଘଟିକା ପର୍ଯ୍ୟନ୍ତ । ଇ-ନିଲାମ ତାରିଖ ଓ ସମୟ: **ତା.୨୯.୧୨.୨୦୧୮ରିଖ ପୂର୍ବାହ୍ନ ୧୦.୦୦ ରୁ ମଧ୍ୟାହ୍ନ ୧୨.୦୦ ଘଟିକା।**
୩) ଇଚ୍ଛୁକ ନିଲାମଧାରୀମାନେ ଯେକୌଣସି ଜାତୀୟକରଣ ବ୍ୟାଙ୍କରୁ **ସିଣ୍ଡିକେଟ୍ ବ୍ୟାଙ୍କ** (ସମ୍ପୃକ୍ତ ଋଣଗ୍ରହୀତା) ସପକ୍ଷରେ ଅମାନତ ଜମା ରାଶି ରୂପେ ଡ଼ିମାଣ୍ଡ ଡ୍ରାଫ୍ଟ ଡ୍ର କରି ପୈଠ କରିପାରିବେ।
୪) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ସମ୍ପତ୍ତିର କୌଣସି ଏନକମ୍ବ୍ରାନ୍ସ ନାହିଁ । ଇଚ୍ଛୁକ ନିଲାମଧାରୀମାନେ ନିଜେ ସମ୍ପତ୍ତିର ମାଲିକାନା, ଏନକମ୍ବ୍ରାନ୍‌ସେସ୍ ବିଷୟରେ ଅନୁସନ୍ଧାନ କରି ଏବଂ ସମ୍ପତ୍ତି ତନଖି କରି ନିଜେ ସନ୍ତୁଷ୍ଟ ହେବା ଉଚିତ । **ସମ୍ପତ୍ତି ତା.୨୦.୧୨.୨୦୧୮ ଏବଂ ୨୧.୧୨.୨୦୧୮ରିଖ ଅପରାହ୍ନ ୨.୦୦ଘଟିକା ରୁ ୪.୦୦ଘଟିକା** ମଧ୍ୟରେ ତନଖି କରିପାରିବେ।
୫) ଅମାନତ ରାଶି ଦାଖଲ କରିଥିବା ଇଚ୍ଛୁକ ନିଲାମଧାରୀମାନେ ଲଗ୍‌ଇନ୍ ଆଇଡି, ପାସ୍‌ୱାର୍ଡ, ଡାଟା ଅପଲୋଡ କରିବା, ବିଡ୍ ଦାଖଲ କରିବା, ଇ-ନିଲାମ ତାଲିମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଇତ୍ୟାଦି ବିଷୟରେ ସହାୟତା ନିମନ୍ତେ ଇ-ନିଲାମ ତାରିଖ ପୂର୍ବରୁ **M/s. e-Procurement Technologies Limited, (Auctiontiger) Ahmedabad** ଙ୍କ ସହ ଯୋଗାଯୋଗ କରିପାରନ୍ତି । ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ନାମ **https://syndicatebank.auctiontiger.net** ରେ ପଞ୍ଜିକରଣ କରି ୟୁଜର ଆଇଡି, ପାସ୍‌ୱାର୍ଡ ଏବଂ ଇ-ନିଲାମ ତାଲିମ **M/s. e-procurement Technologies Ltd. (Auctiontiger) Ahmedabad** ରୁ ମାଗଣାରେ ପାଇପାରିବେ: **ହେଲ୍ପଲାଇନ୍ ନଂ.: ଶ୍ରୀ ରାମ ଶର୍ମା, ମୋ.: ୦୮୦୦୦୦୨୩୨୯୭, ରାକେଶ, ମୋ.: ୦୯୯୩୭୨୨୦୩୧୯, ଟେଲିଫୋନ୍: ୦୭୯-୪୦୨୩୦୮୧୧/୮୧୨/୮୧୦, ଶ୍ରୀ ରିକିନ୍, ମୋ.: ୦୯୯୭୮୫୯୧୮୮୮, E-mail ID: orissa@auctiontiger.net, rikin@auctiontiger.net & support@auctiontiger.net** ଏବଂ ସମ୍ପତ୍ତି ବିଷୟରେ ଅନୁସନ୍ଧାନ ନିମନ୍ତେ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ **ଉପର ଦର୍ଶିତ ଆକାଉଣ୍ଟରେ ଦର୍ଶାଯାଇଥିବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଯୋଗାଯୋଗ ନଂ.: ୯୪୩୭୪୬୩୧୩୩ ଏବଂ ୯୪୩୭୫୭୯୫୩୧** ରେ ଯୋଗାଯୋଗ କରନ୍ତୁ: **E-mail id: ro.bhubaneswar@syndicatebank.co.in**
୬) ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ୱେବସାଇଟ୍ **https://syndicatebank.auctiontiger.net** ଦେଖନ୍ତୁ।
୭) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ବିବେଚନା କରାଯିବ ଏବ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ। ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ପରେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% ଦାଖଲ କରିବେ ଏବଂ ଅବଶିଷ୍ଟ **୭୫%** ରାଶି ବିକ୍ରୟର **୧୫ ଦିନ** ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀଙ୍କ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ ।
୮) କ୍ରେତା ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟିକସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି ଯଦି କାହାକୁ ଦେବାକୁ ଥାଏ, ତାହା ବହନ କରିବେ ।
୯) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।
୧୦)ସଫଳ ନିଲାମଧାରୀ/କ୍ରେତା ଆୟକର ଆଇନ ୧୯୬୧ର ଧାରା **194 IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ ୧% ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **26QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣପତ୍ରର ମୂଳ ରସିଦ ବ୍ୟାଙ୍କରେ ଜମା କରିବେ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୬.୧୨.୨୦୧୮ — କ୍ଷମତାପ୍ରାପ୍ତ ଅଧିକାରୀ, ସିଣ୍ଡିକେଟ୍ ବ୍ୟାଙ୍କ

## ସଂକ୍ଷେପରେ

### କାଠ ବୋଝେଇ ଗାଡ଼ି ଜବତ



ବଡ଼ବିଲ, ୬।୧୨(ସ୍ୱ.ପ୍ର.): ବଡ଼ବିଲ ଥାନା ସାନ୍ତବାହାଲ ନିକଟରୁ ବୁଧବାର ରାତିରେ ଚୋରା କାଠ ବୋଝେଇ ଏକ ଗାଡିକୁ ପୋଲିସ ଜବତ କରି ଗୁରୁବାର ବନ ବିଭାଗକୁ ହସ୍ତାନ୍ତର କରିଛି। ଓଆର୍‌୦୯ଏମ୍‌୮୭୩୯ ନମ୍ବର ବିଶିଷ୍ଟ ଜବତ ଟାଟା ଏସିଇରେ ବିଭିନ୍ନ ପ୍ରକାରର ଚୋରା କାଠ ବୋଝେଇ ହେଉଥିବା ଖବରପାଇ ପୋଲିସ ପାଟ୍ରୋଲିଂ ଟିମ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ ବୋଲି ବଡ଼ବିଲ ଥାନା ଆଇଆଇସି ଅନିଲ କୁମାର ପ୍ରଧାନ କହିଛନ୍ତି।

### ୨ ଚୋରା ବାଇକ ଜବତ

ବଡ଼ବିଲ, ୬।୧୨(ସ୍ୱ.ପ୍ର.): ବଡ଼ବିଲ ଥାନା ପୋଲିସର ଏମଭି ତନଖି ହାବୁଡରେ ପଡି ଜଣେ ବାଇକ୍ ଚୋର ଗିରଫ ହୋଇଛନ୍ତି। ତାଙ୍କଠାରୁ ଅନ୍ୟ ଏକ ଚୋରି ବାଇକ୍ ଉଦ୍ଧାର ହୋଇଛି। ସେ ହେଲେ ବଡ଼ବିଲ ଥାନା ସୟାବାଲି ଗ୍ରାମର ଆହଲୁୱାଲିଆ ସୋରେନ। ବଡ଼ବିଲ ପୋଲିସ ବଡବିଲ-ଠାକୁରାଣି ରାସ୍ତାରେ ସନ୍ଧ୍ୟାରେ ଏମଭି ତନଖି କରୁଥିଲା। ସୋରେନ ପୋଲିସ ହାବୁଡରେ ପଡିଯାଇଥିଲେ। ସୋରେନଙ୍କୁ ଥାନାକୁ ଆଣି ପଚରାଉଚରା ପରେ ଅନ୍ୟ ଏକ ଚୋରି ବାଇକ୍ ଜବତ ହୋଇଥିଲା। ବାଇକ ଚୋରି ଘଟଣାରେ ଅନ୍ୟତମ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

### କ୍ରିକେଟ ଟୁର୍ନାମେଣ୍ଟରେ ୨୪ ଦଳ



ଚମ୍ପୁଆ, ୬।୧୨(ଡି.ଏନ.ଏ): ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ରାଜ୍ୟ ଯୁବ କଲ୍ୟାଣ ପରିଷଦ ଆନୁକୂଲ୍ୟରେ ଚମ୍ପୁଆ ବ୍ଲକ ଓ ଏନ୍‌ଏସିର ବିଜୁ ଯୁବ ବାହିନୀକୁ ନେଇ ଏକ ଦୁଇଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ଏବିଡିଓ ଶରତ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ଏନ୍‌ଏସି ନିର୍ବାହୀ ଅଧିକାରୀ ସପନ ସାହୁ ଯୋଗ ଦେଇଥିଲେ। ଆସ ଖେଳିବା ଓଡ଼ିଶା ପରିପ୍ରେକ୍ଷୀରେ ୨୨ ପଞ୍ଚାୟତ ଓ ଏନ୍‌ଏସିର ୩ ଦଳକୁ ମିଶାଇ ୨୪ ବିଜୁ ଯୁବ ବାହିନୀ କ୍ରିକେଟ ଦଳ ଭାଗ ନେଇଛନ୍ତି। ଏହି ଟୁର୍ନାମେଣ୍ଟରେ ଉନ୍ନତ ଖେଳ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଚୟନ କରାଯିବ ବୋଲି ଜଣାପଡିଛି। ୧୦ ତାରିଖରେ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଚୟନ ହୋଇଥିବା ଦଳ ଭାଗ ନେବେ ବୋଲି ସୂଚନା ମିଳିଛି।

### ବାଲି ଚୋରା ଚାଲାଣ, ୨ ଗାଡ଼ି ଜବତ

ତେଲକୋଇ, ୬।୧୨(ଡି.ଏନ.ଏ.): ତେଲକୋଇ ବ୍ଲକ ମୁଖ୍ୟାଳୟ ମଧ ଭାଗ ଦେଇ ଯାଇଥିବା ସାମାକୋଇ ନଦୀପଠାରୁ ବେଆଇନ ଭାବେ ବାଲି ଚାଲାଣ ହେଉଛି। ଖବର ପାଇ ସ୍ଥାନୀୟ ତହସିଲଦାର ଗୁରୁବାର ଚଢ଼ାଓ କରିଛନ୍ତି। ଶିବନାରାୟଣପୁର ଗୋଡା ପଞ୍ଚାୟତର ବାଙ୍ଗୁରୁପାଳ ସାମାକୋଇ ପଠାରୁ ଗୋଟିଏ ଟ୍ରାକ୍ଟର ନଂ ଓଡି-୧୯କେ ୮୯୬୪ ଓ ଏବଂ ୮୦୭ଗାଡି ଓଡି.୦୯ବି-୧୨୮୫ ଗାଡି ଜବତ ହୋଇଛି। ଗାଡି ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବାଲି ଚାଲାଣ ନ କରିବାକୁ ତହସିଲଦାର ଆଶ୍ୱିନୀ କୁମାର ନାଏକ ତାଗିଦ କରିଛନ୍ତି। ୯ ପଞ୍ଚାୟତ ଦେଇ ସାମାକୋଇ ପ୍ରବାହିତ ହେଉଛି। ବିଭାଗ ପକ୍ଷରୁ ତେଲକୋଇ ଓ ଦୋବଲାପାଳଠାରେ ବାଲି ଲିଜ ଦିଆଯାଇଛି।

### ନିଖୋଜ ନାବାଳକ ଉଦ୍ଧାର

ବଡ଼ବିଲ, ୬।୧୨(ସ୍ୱ.ପ୍ର.): ବଡବିଲସ୍ଥିତ ପୁରୁଣା ବସଷ୍ଟାଣ୍ଡ ନିକଟରୁ ବୁଧବାର ରାତିରେ ନିଖୋଜ ଥିବା ଜଣେ ନାବାଳକଙ୍କୁ ପୋଲିସ ଉଦ୍ଧାର କରିଛି। ତାଙ୍କୁ କେନ୍ଦୁଝରସ୍ଥିତ ସିଡବ୍ଲୁସି ପାଖକୁ ପଠାଯାଇଛି। ନାବାଳକ ଜଣଙ୍କ ଝାଡଖଣ୍ଡ ଚାଇଁବସାସ୍ଥିତ କୁଜୁ ଗ୍ରାମର। ଝାଡଖଣ୍ଡ ପୋଲିସ ସହ ଫୋନ ଯୋଗେ ଯୋଗାଯୋଗ ହୋଇ ପାରି ନାହିଁ। ଗୁରୁବାର ସନ୍ଧ୍ୟାରେ କେନ୍ଦୁଝର ଜିଲା ମୁଖ୍ୟାଳୟସ୍ଥିତ ଚାଇଲ୍ଡ ୱେଲଫେଆର କମିଟି ପାଖକୁ ନାବାଳକଙ୍କୁ ପଠାଯାଇଥିବା ସ୍ଥାନୀୟ ଥାନାଧିକାରୀ ଅନିଲ କୁମାର ପ୍ରଧାନ କହିଛନ୍ତି।

# ସଙ୍କଟରେ ଗଜାନନ

- ଫାଇଲରେ ସୀମିତ କରିଡର, ପ୍ରକଳ୍ପ ପ୍ରସ୍ତାବ
- ହାତୀ ସୁରକ୍ଷା ନେଇ ଉଦ୍‌ବେଗଜନକ ପରିସ୍ଥିତି

କେନ୍ଦୁଝର, ୬।୧୨(ସ୍ୱ.ପ୍ର.)

ହାତୀଙ୍କୁ ସୁରକ୍ଷିତ ଆଶ୍ରୟ ଦେଉଥିବା ଘଞ୍ଚ ଜଙ୍ଗଲ, ଭରପୂର ପାହାଡ଼ିଆ ଅଞ୍ଚଳ ନଷ୍ଟ ହୋଇଯାଉଛି। କେନ୍ଦୁଝର ସମେତ ପଡୋଶୀ ସୀମାବର୍ତ୍ତୀ ଢେଙ୍କାନାଳ, ସୁନ୍ଦରଗଡ, ଦେବଗଡ ଜିଲାରେ ସଙ୍କଟରେ ଗଜାନନ ରହିଛନ୍ତି। ସରକାରୀ ଉଦାସୀନତା ପାଇଁ ସମ୍ପୃକ୍ତ ଘଞ୍ଚ ଅଞ୍ଚଳ ହାତୀଙ୍କ ପାଇଁ ଅସୁରକ୍ଷିତ ହୋଇପଡିଛି। କେନ୍ଦୁଝର ଜିଲାରେ ଗତ ୧୦ ବର୍ଷ ମଧ୍ୟରେ ୪୧ ହାତୀଙ୍କ ମୃତ୍ୟୁ ଘଟିଛି। ହାତୀ ସୁରକ୍ଷା ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ସୁରକ୍ଷା ପାଇଁ ନିଆଯାଇଥିବା ହସ୍ତୀ ସଂରକ୍ଷଣ ପ୍ରକଳ୍ପ ଓ ହାତୀ କରିଡର ପ୍ରସ୍ତାବ କାର୍ଯ୍ୟକାରୀ ହୋଇ ପାରୁ ନ ଥିବାରୁ ସନ୍ଦେହ ସୃଷ୍ଟି ହେଉଛି। ଜିଲାରେ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା ସ୍ଥାପନ ଯୋଗୁ ହାତୀ ପଥ ନଷ୍ଟ ହୋଇ ଜନବସତି ଆଡକୁ ଚାଲିଆସୁଛନ୍ତି। ଜଙ୍ଗଲରେ ଖାଦ୍ୟାଭାବରୁ ଧାନଫସଲ ଓ ହାଣ୍ଡିଆ ପାଇଁ ହାତୀ ଗାଁମୁହାଁ ହୋଇ ଉପଦ୍ରବ କରୁଛନ୍ତି। ମଣିଷ ଓ ହାତୀ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି।

ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ପ୍ରାୟ ୨୦ ବର୍ଷ ତଳେ ଉକ୍ତ ୪ ସୀମାନ୍ତ ଜିଲାର ପ୍ରାୟ ୧୦ ହଜାର ହେକ୍ଟର ପରିମିତ ଜଙ୍ଗଲାଞ୍ଚଳକୁ ବୈତରଣୀ ହସ୍ତୀ ସଂରକ୍ଷଣ ପ୍ରକଳ୍ପ ଭାବରେ ପରିଗଣିତ କରିବାକୁ ପ୍ରସ୍ତାବ ରହିଥିଲା। ସମସ୍ତ ଜିଲାରେ ଏ ନେଇ ଲୋକମତ ସଂଗ୍ରହ ପାଇଁ ଆଲୋଚନାଚକ୍ର ହୋଇଥିଲା। ଉକ୍ତ ପ୍ରସ୍ତାବ ନାଲି ଫିତା ତଳେ ଚାପି ହୋଇରହିଛି। ବିଭିନ୍ନ କାରଣରୁ ହାତୀ ଓ ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟିଛି। ଏ ନେଇ ପଶୁପ୍ରେମୀଙ୍କୁ ଚିନ୍ତାରେ ପକାଇଦେଇଛି। ଜନବସତି ମୁହାଁରୁ ହାତୀଙ୍କୁ ରୋକିବା ପାଇଁ ଜଙ୍ଗଲାଞ୍ଚଳରେ ଖାଦ୍ୟ ବ୍ୟବସ୍ଥା କରିବା ଉଚିତ ବୋଲି ମତ ପ୍ରକାଶ ପାଉଛି।



ତେଲକୋଇ ରେଞ୍ଜରେ ରହିଥିବା ହାତୀପଲ।

ଧାନ ଫସଲ ଜଙ୍ଗଲପଦା ଅଞ୍ଚଳରେ କରିବା ଆବଶ୍ୟକ ବୋଲି ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ହରେକୃଷ୍ଣ ମହାନ୍ତ କହିଛନ୍ତି। ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ବଡବିଲ ରେଞ୍ଜର କାରୋ-କରମପଦା ଓ ତେଲକୋଇ ରେଞ୍ଜର କରଦାଙ୍ଗୀ-କାକୁଡିଅମ୍ବା ଅଞ୍ଚଳକୁ ହାତୀ କରିଡର ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଚିହ୍ନଟ ହୋଇଥିଲା। ସେହି କରିଡର ଅନୁମୋଦନ ପୂର୍ବରୁ ଉକ୍ତ ଅଞ୍ଚଳରେ ଲୁହା, ଚୂନପଥର ତଥା ଅନ୍ୟ ପଥର ଖଣି ଲାଗି ଅନୁମତି ଦିଆଯିବାରୁ ହାତୀଙ୍କ ସୁରକ୍ଷା ହୋଇପାରିଲା ନାହିଁ। କେନ୍ଦୁଝର ଡିଭିଜନରେ ଶହେରୁ ଅଧିକ ହାତୀ ରହିଛନ୍ତି। ମଙ୍ଗଳବାର ସର୍ବାଧିକ ୪୦ ହାତୀ ତେଲକୋଇ ରେଞ୍ଜରେ ରହିଥିଲେ। କରଦାଙ୍ଗିରୁ କାକୁଡିଅମ୍ବା ପର୍ଯ୍ୟନ୍ତ ଦୀର୍ଘ ୩୨ କି.ମି. ଜଙ୍ଗଲାଞ୍ଚଳକୁ କରିଡର ପ୍ରସ୍ତାବ ରହିଥିଲା। ହସ୍ତୀ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉକ୍ତ ଅଞ୍ଚଳରେ ଖଣିଖାଦାନ ତଥା ଅନ୍ୟ ପ୍ରକଳ୍ପ ହେବା ନେଇ ସମସ୍ୟା ଦେଖାଦେବା ଆଶଙ୍କା କରି ପ୍ରସ୍ତାବକୁ ଚପାଇ ଦିଆଯାଇଥିବା ଅଭିଯୋଗ ହେଉଛି। ପ୍ରସ୍ତାବକୁ କାର୍ଯ୍ୟକାରୀ କରାଗଲେ ମଣିଷ-ହାତୀ ତଥା ଅନ୍ୟ ଜୀବଜନ୍ତୁଙ୍କ ମଧ୍ୟରେ ଭୟଙ୍କର ତିକ୍ତତା ଦେଖିବାକୁ ମିଳି ନ ଥାନ୍ତା ବୋଲି ନାଗରିକ ମଞ୍ଚର ସଭାପତି କିରଣ ଶଙ୍କର ସାହୁ କହିଛନ୍ତି। ଏ ନେଇ ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି, ହାତୀ ସବୁଆଡେ ବୁଲାବୁଲି କରୁଥିବାରୁ ସବୁ ସ୍ଥାନକୁ ଗୁରୁତ୍ୱ ଦିଆଯାଇ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଛି।

## ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲଦଣ୍ଡାଦେଶ

ଚମ୍ପୁଆ, ୬।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଘୁଣ୍ଟପଶି ଅଞ୍ଚଳରେ ଗତ ୧୦।୧୦।୨୦୧୪ ତାରିଖରେ ଘଟିଥିବା ଏକ ବଳାତ୍କାର ମାମଲାର ବିଚାର କରି ଚମ୍ପୁଆ ଅତିରିକ୍ତ ଜିଲା ଦୌରାଜଜ୍ ଡକ୍ଟର ପବିତ୍ର ମୋହନ ସାମଲ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଆହୁରି ୧ ବର୍ଷ ଦଣ୍ଡ ଭୋଗିବାକୁ ଆଦେଶ ରହିଛି। ଦଣ୍ଡିତ ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ଛତିଶ ମହାନ୍ତ। ଝୁମ୍ପୁରା ଥାନାରେ ରୁଜୁ ହୋଇଥିବା ଏକ ମାମଲା ଅନୁସାରେ ୧୨ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ଏହି ରାୟ ଦେଇଛନ୍ତି।

ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଛତିଶ ଜଣେ ମହିଳାଙ୍କୁ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ୪ ମାସର ଅନ୍ତଃସତ୍ତ୍ୱା ଥିଲେ। ତାଙ୍କ ସ୍ୱାମୀ, ଦେଢଶୁର, ବଡଯା ଘଟଣା ଦିନ ଶାଶୁଙ୍କର ଦେହ ଖରାପ ଥିବାରୁ କେନ୍ଦୁଝର ଯାଇଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସରକାରଙ୍କ ପକ୍ଷରୁ ମଧୁସୂଦନ ପତି ଓ ଆସାମୀ ପକ୍ଷରୁ ଚନ୍ଦ୍ରଭାନୁ ମହାନ୍ତ ମାମଲା ପରିଚାଳନା କରିଥିଲେ।

## ବାଇକ୍ ଚାଳକଙ୍କ ଜୀବନ ଗଲା

ବଡ଼ବିଲ, ୬।୧୨(ସ୍ୱ.ପ୍ର.)

ବଡ଼ବିଲ-ନାଳଦା ରାଜ୍ୟ ରାଜପଥରେ ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବଡ଼ବିଲ ବର୍କତ ନଗର ଅଞ୍ଚଳର ଏମଡି ମୁମତାଜ। ମୁମତାଜ ଓଡି୦୯ଏ୬୧୭୭ ନମ୍ବର ବିଶିଷ୍ଟ ବାଇକ ଯୋଗେ ନାଳଦା ଆଡକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଆର୧୪ପି୦୪୮୮ ନମ୍ବର ବିଶିଷ୍ଟ ଡମ୍ପର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ମୁମତାଜଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ଉନ୍ନୟନମୂଳକ କାମ ଠପ୍

**ବାଲିବନ୍ଧ ପଞ୍ଚାୟତରେ ମନମୁଖୀ କାର୍ଯ୍ୟ**

ଝୁମ୍ପୁରା, ୬।୧୨(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ବାଲିବନ୍ଧ ପଞ୍ଚାୟତରେ ମନମୁଖୀ କାର୍ଯ୍ୟ ଯୋଗୁ ବିଭିନ୍ନ ଉନ୍ନୟନ କାମକାର୍ଯ୍ୟ ଠପ ହୋଇଯାଇଛି। ଏ ନେଇ ବିବାଦୀୟ ପରିସ୍ଥିତି ଉପୁଜିଛି। ସରକାରଙ୍କ ନିୟମ ଅନୁଯାୟୀ ପଞ୍ଚାୟତରେ ବୈଠକ ହେଉନାହିଁ। ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଖସଡ଼ା ପ୍ରସ୍ତୁତି ନିମନ୍ତେ ଆୟୋଜିତ ପଲ୍ଲୀସଭାରେ ସରପଞ୍ଚ ଅନୁପସ୍ଥିତ ରହୁଛନ୍ତି ବୋଲି କେତେକ ୱାର୍ଡ ମେମ୍ବର ଅଭିଯୋଗ କରିଛନ୍ତି। ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଝୁମ୍ପୁରା ବିଡିଓଙ୍କ କାର୍ଯ୍ୟାଳୟରେ ଦିଆଯାଇଛି। ସେହି କପି ପଞ୍ଚାୟତରାଜ ସେକ୍ରେଟାରୀ ଭୁବନେଶ୍ୱର, ଜିଲାପାଳ କେନ୍ଦୁଝର, ଉପଜିଲାପାଳ ଚମ୍ପୁଆ, ଡିପିଓ କେନ୍ଦୁଝରଙ୍କୁ ମଧ ଦିଆଯାଇଥିବା ସୂଚନା ଅଧିକାର ନିୟମ ବଳରେ ମଗାଯାଇଥିବା ତଥ୍ୟରୁ ଜଣାପଡ଼ିଛି। ଅଭିଯୋଗ ହେବାର ୧୦ ଦିନ ବିତି ଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଶ୍ରମିକ ଭାବେ ଗୁଜୁରାଣ ମେଣ୍ଟାଉଥିବା ଜବ କାର୍ଡଧାରୀ ପ୍ରଭାବିତ ହେଉଛନ୍ତି।

ଏ ନେଇ ପଞ୍ଚାୟତର ୱାର୍ଡ ମେମ୍ବର ରଶ୍ମୀତା ମାଝି, ସୁଚିତ୍ରା ମୁଣ୍ଡା, ନୟନା ପାତ୍ର, ଦୀପା ମୁଣ୍ଡା, ମାଳତୀ ମହାନ୍ତ, ରଶ୍ମୀ ବେଷ୍ଟକାର, ଆର ଆପଟ, ଉର୍ମିଳା ନାଏକ, ରମେଶ ମାଝିଙ୍କ ସହ ଶତାଧିକ ଗ୍ରାମବାସୀ ଅଭିଯୋଗ କରିଥିବା ଜଣାପଡ଼ିଛି। ଏ ନେଇ ସରପଞ୍ଚ ଦମୟନ୍ତୀ ଦେହୁରିଙ୍କ ମତାମତ ମିଳିପାରି ନାହିଁ। ଝୁମ୍ପୁରା ବ୍ଲକ ବିଡିଓ ଜୟଶ୍ରୀ ବେଉରା, ଜିପିଓ ଅକ୍ଷୟ ମହାନ୍ତଙ୍କ ସହ ଯୋଗାଯୋଗ ମଧ ହୋଇପାରି ନାହିଁ।

## ଲୁଟ ଟ୍ରକ୍ ଜବତ, ଜଣେ ଗିରଫ

ବଡ଼ବିଲ, ୬।୧୨(ସ୍ୱ.ପ୍ର.)

ବଡବିଲ ଥାନା ୫୨୦ ନମ୍ବର ଜାତୀୟ ରାଜପଥରୁ ଲୁଟ ହୋଇଥିବା ୧୨ ଚକିଆ ଟ୍ରକ୍‌କୁ ପୋଲିସ ଉଦ୍ଧାର କରିଛି। ଲୁଟରେ ସମ୍ପୃକ୍ତି ଅଭିଯୋଗରେ ବୁଧବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣଙ୍କ ହେଲେ ବଡ଼ବିଲ ସେଡିଂ ଅଞ୍ଚଳର ମଧୁସୂଦନ ଦାସ। ସେ ଯୋଡ଼ା ଥାନା ଅଞ୍ଚଳର ଏକାଧିକ ଅପରାଧ ମାମଲାରେ ସମ୍ପୃକ୍ତ ଥିବା ପୋଲିସ କହିଛି।

ଗତ ନଭେମ୍ବର ୧୧ରେ ଛତିଶଗଡ ରାୟଗଡର ଚନ୍ଦ୍ରପୁରରୁ ସମ୍ବଲପୁରର ଅଲେଖ ମହାକୁଡଙ୍କ ଓଆର୧୫ଜି୨୮୯ ନମ୍ବର ବିଶିଷ୍ଟ ଟ୍ରକ୍ ୫୨୦ ନମ୍ବର ଜାତୀୟ ରାଜପଥରେ ଯାଉଥିଲା। ସେହି ସମୟରେ ଡ୍ରାଇଭର ପ୍ରେମ ଚାନ୍ଦ କୁଜୁରଙ୍କୁ ବାନ୍ଧି କେତେକ ଦୁର୍ବୃତ୍ତ ଟ୍ରକ୍ ଲୁଟି ନେଇଥିଲେ। ଏ ନେଇ ବଡବିଲ ଥାନାରେ ଅଭିଯୋଗ ହୋଇଥିଲା। ଟ୍ରକ୍‌କୁ ରିମୁଲି ନିକଟରୁ ପୋଲିସ ଉଦ୍ଧାର କରିଛି। ଏହି ଲୁଟ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ପରିଚୟ ମିଳିବା ସହ ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ବଡବିଲ ଥାନା ଆଇଆଇସି ଅନିଲ କୁମାର ପ୍ରଧାନ କହିଛନ୍ତି।

## ଜିଲା ପରିଷଦ ଅଧ୍ୟକ୍ଷାଙ୍କ କୁଶପୁତ୍ତଳିକା ଦାହ

ରାଇସୁଆଁ, ୬।୧୨(ଡି.ଏନ.ଏ.)

ରାଶନ କାର୍ଡ ହାତେଇବା ଅଭିଯୋଗରେ କେନ୍ଦୁଝର ଜିଲା ସଦର ବ୍ଲକ ମହାଦେଇଯୋଡ଼ା ପଞ୍ଚାୟତରେ ଭାଜପା ପକ୍ଷରୁ ମଙ୍ଗଳବାର ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଉକ୍ତ ପଞ୍ଚାୟତରେ ବହୁ ଗରିବ ଲୋକଙ୍କୁ ରାଶନ କାର୍ଡ ମିଳିନି। ଜିଲା ପରିଷଦ ଅଧ୍ୟକ୍ଷାଙ୍କ ନାମରେ କିପରି ରାଶନ କାର୍ଡ ରହିଲା ବୋଲି ଭାଜପା କର୍ମୀମାନେ ଅଭିଯୋଗ କରିଛନ୍ତି। ଗଣମାଧ୍ୟମରେ ଖବର ପ୍ରକାଶ ପରେ ସେ ରାଶନ କାର୍ଡ ଫେରାଇ ଘଟଣା ଚର୍ଚ୍ଚା ବିଷୟ ହୋଇଛି।

ଏପରି ଦୁର୍ନୀତିକୁ ନେଇ ଭାଜପାର ମୋହନ ମାଝି, କିରଣବାଳା ନାଏକ, ବିଶ୍ୱନାଥ ମାଝି, ରକ୍ଷାକର ନାଏକ, ବୁଦ୍ଧୁ ସାହୁ, ବାପୁନ ନାଏକ, ବିଜୟ ମହାନ୍ତ, କାଳିଚରଣ ମୁଣ୍ଡା ପ୍ରମୁଖ ମହାଦେଇଯୋଡା ଛକରେ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭରେ ବହୁ ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ।



କୁଶପୁତ୍ତଳିକା ଦାହ କରାଯାଉଛି।

# ରାଜ୍ୟ ଯୁଗ୍ମ ସମ୍ପାଦକଙ୍କ ହାଟଡିହୀ ବ୍ଲକ ପରିଦର୍ଶନ

ହାଟଡିହୀ, ୬।୧୨(ଡି.ଏନ.ଏ.)

ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗର ରାଜ୍ୟ ଯୁଗ୍ମ ସମ୍ପାଦକ ସୁବାସ୍ ଦାସ ଏବଂ ରାଜ୍ୟ ସ୍ୱଚ୍ଛ ଭାରତ ପ୍ରେରକ ଶୋଭନ ଦାସ ବୁଧବାର ହାଟଡିହୀ ବ୍ଲକ ପରିଦର୍ଶନ କରିଛନ୍ତି। ବିଡିଓ ଓ ବ୍ଲକ ଅଧ୍ୟକ୍ଷାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କେତେକ ଗ୍ରାମକୁ ଯାଇ ନିର୍ମାଣ ହୋଇଥିବା ପାଇଖାନା ଘର ବୁଲି ଦେଖିଥିଲେ। ଲୋକଙ୍କୁ ସ୍ୱଚ୍ଛତା ଦିଗରେ ସଚେତନ କରାଇବା ସହ ପାଇଖାନା ବ୍ୟବହାର ଉପରେ ଆଲୋଚନା କରିଥିଲେ। ହାଟଡିହୀ ବ୍ଲକରେ ମୋଟ ୫୧ ପ୍ରତିଶତ ଲୋକ ପାଇଖାନା ନିର୍ମାଣ କରିଥିବା ଜଣାପଡିଛି। ଆସନ୍ତା ତିନି ମାସ ଭିତରେ ସବୁଲୋକ କିପରି ପାଇଖାନା ନିର୍ମାଣ ସହ ବ୍ୟବହାର କରିବେ ସେ ଦିଗରେ ଯୁଗ୍ମ ସମ୍ପାଦକ ଦାସ, ବିଡିଓ ସୁଶାନ୍ତ ବାରିକ, ଅଧ୍ୟକ୍ଷା ସଞ୍ଜୁଲତା ବିଶ୍ୱାଳ, ଜିଲା ଜଳ ଓ ପରିମଳ ମିଶନ ପରାମର୍ଶଦାତା ଅସୀତ ପାତ୍ର ଓ ବିଭାଗୀୟ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଆନନ୍ଦପୁର ବ୍ଲକରେ ପହଞ୍ଚି ବିଡିଓ ଡ. ମଧୁସ୍ମିତା ସାମନ୍ତରାୟ ଓ ବ୍ଲକର ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।

# ଦାଉ ସାଧୁଛନ୍ତି ହାତୀପଲ

କେନ୍ଦୁଝର/ରାଇସୁଆଁ, ୬।୧୨(ସ୍ୱ.ପ୍ର./ଡି.ଏନ.ଏ.)

ସଦର ରେଞ୍ଜ ଅଞ୍ଚଳରେ ପୁଣି ହାତୀ ଉପଦ୍ରବ ଯୋଗୁଁ ଲୋକଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଚାଷୀ ଭୟଭୀତ ହୋଇ ପଡିଛନ୍ତି। ଦୀର୍ଘ ଦିନ ପରେ ହାତୀପଲ କାଉଁରୀକଳା ଗ୍ରାମରେ ପଶି ଚାଷୀଙ୍କ ଫସଲ ହାନୀ କରିଛନ୍ତି। ପାଟେରି ଭାଙ୍ଗି ଫସଲ ନଷ୍ଟ କରିଛନ୍ତି। ନିରାକାର ମହାନ୍ତଙ୍କ ପାଟେରି ଭାଙ୍ଗି ବଗିଚାରେ ଲାଗିଥିବା ବନ୍ଧା ଓ ଫୁଲ କୋବି ନଷ୍ଟ କରିଦେଇଛନ୍ତି। ହାତୀପଲ ବହୁ କଦଳୀଗଛ ଶୁଣ୍ଢରେ ଉପାଡି ଫିଙ୍ଗି ଦେଇଛନ୍ତି। ବଉଳମାଳ ଗ୍ରାମରେ ମଦନ ମହାନ୍ତଙ୍କ ପୋଖରୀ ଓ ଘର ବାଡିରେ କରିଥିବା ପନିପରିବା ଓ ହରଡ ଫସଲକୁ ମଧ୍ୟ ନଷ୍ଟ କରିଦେଇଛନ୍ତି। ହାତୀପଲ ପାଖ ଜଙ୍ଗଲରେ ରହୁଥିବାରୁ ଚାଷୀ ଭୟଭୀତ ହୋଇ ରହୁଛନ୍ତି। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ସହ ହାତୀଙ୍କୁ ଜଙ୍ଗଲକୁ ଘଉଡାଇବାକୁ ଲୋକେ ଦାବି କରିଛନ୍ତି।



ନଷ୍ଟ ହୋଇଥିବା କୋବି ଫସଲ।

## ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ପାଟଣା, ୬।୧୨(ସ୍ୱ.ପ୍ର.)

ପାଟଣା ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ଶିବିରକୁ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ୧୮୦ ବାଳିକା ଅଂଶ ଗ୍ରହଣ କରିଛନ୍ତି। ଛାତ୍ରୀମାନେ କିଭଳି ନିଜକୁ ସୁରକ୍ଷା ଦେଇପାରିବେ ସେଥିନେଇ ତାଲିମ ଦିଆଯାଉଥିବା ମୁଖ୍ୟ ତାଲିମଦାତା ଉମାବତୀ ପାତ୍ର କହିଛନ୍ତି। ଅଧ୍ୟାପକ ଜୟନ୍ତ ଦିବେଦୀ, କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର ସାହୁ, ବ୍ରଜେନ୍ଦ୍ର ପତି ଓ ଗୋବିନ୍ଦ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ■ ଜିଲା ଯୋଜନା କମିଟି ବୈଠକ

## ୨୦୮୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦିତ

କେନ୍ଦୁଝର, ୬।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଯୋଜନା କମିଟିର ବୈଠକ ଗୁରୁବାର ସ୍ଥାନୀୟ ଦରବାର ହଲଠାରେ ଜିଲା ଯୋଜନା କମିଟିର ଅଧ୍ୟକ୍ଷ ହୃଷିକେଶ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଠାକରେ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କମିଟିର ଅଧ୍ୟକ୍ଷ ନାଏକ କହିଥିଲେ ଯେ, ଜିଲାର ବିକାଶ ପାଇଁ ଯୋଜନା ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ। ବିଜୁଳି, ସଡ଼କ ଓ ପାଣି ପ୍ରକଳ୍ପଗୁଡିକ ସମ୍ପର୍କରେ ଆସିଥିବା ଚିଠା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି କୌଶଳ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ଅତିଥି ଭାବେ ଯୋଗଦେଇ ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ପ୍ରକଳ୍ପର ଠିକ୍ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ୨୦୧୮-୧୯ ବର୍ଷ ପାଇଁ ୨୦୮୯ କୋଟି ୩୭ ଲକ୍ଷ ୪୨ ହଜାର ଟଙ୍କାର ବାର୍ଷିକ ଯୋଜନା ପ୍ରସ୍ତୁତ କରାଯାଇ ବୈଠକରେ ଅନୁମୋଦିତ ହୋଇଥିଲା।

ବୈଠକରେ କେନ୍ଦୁଝର ଲୋକସଭା ସଦସ୍ୟା ଶକୁନ୍ତଳା ଲାଗୁରୀ, ଆନନ୍ଦପୁର ବିଧାୟକ ମାୟାଧର ଜେନା, କେନ୍ଦୁଝର ବିଧାୟକ ଅଭିରାମ ନାଏକ, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ପିଡିଡିଆରଡିଏ ନୃସିଂହଚରଣ ସ୍ୱାଇଁ ଉପସ୍ଥିତ ରହିଥିଲେ। ସହକାରୀ ନିର୍ଦ୍ଦେଶକ (ଯୋଜନା) ସୁକାନ୍ତ କୁମାର ଜେନା ଜିଲାର ବିଭିନ୍ନ ଯୋଜନା ବିଷୟରେ ପାୱାରପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ଭାରପ୍ରାପ୍ତ ଉପନିର୍ଦ୍ଦେଶକ (ଯୋଜନା ଓ ପରିସଂଖ୍ୟାନ) ବିନୟ ପ୍ରଧାନ, ବରିଷ୍ଠ ଅର୍ଥନୀତି ଅନୁସନ୍ଧାନକାରୀ ଅକ୍ଷୟ ଓତା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଜଙ୍ଗଲ ଆରପାରିରେ ଅଙ୍ଗନୱାଡି

ରାଇସୁଆଁ, ୬।୧୨(ଡି.ଏନ.ଏ.)

ଜଙ୍ଗଲ ପାରି ହେଲେ ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ପଡୁଛି। ଶିକ୍ଷା ବିଭାଗର ଅବହେଳାରୁ କେନ୍ଦୁଝର ଜିଲାର ସଦର ଅଞ୍ଚଳରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ପିଲାମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। କେନ୍ଦୁଝର ଜିଲା ସଦର ବ୍ଲକ ମହାଦେଇଯୋଡ଼ା ପଞ୍ଚାୟତ ନଉପଦା ମୁଣ୍ଡା ସାହିରେ ଅଙ୍ଗନୱାଡି କେନ୍ଦ୍ରନାହିଁ। ଉକ୍ତ ସାହିରୁ ୨ କିମି ଦୂର ଗଲେ ନାଉପଦା ଅଙ୍ଗନୱାଡି କେନ୍ଦ୍ର ପଡୁଛି। ଛୋଟ ପିଲାମାନେ ବିପଦସଙ୍କୁଳ ଏବଂ ବନ୍ୟପ୍ରାଣୀ ଭୟରେ ଜଙ୍ଗଲ ପାରି ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଛନ୍ତି। ସେମାନେ ଅନେକ ସମୟରେ ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ଅମଙ୍ଗ ହେଉଛନ୍ତି। ଜଙ୍ଗଲ ପାରି ହୋଇ ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯିବା ପାଇଁ ଅଭିଭାବକ ନିରାପଦ ମଣୁନାହାନ୍ତି। ଶିଶୁମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

ମୁଣ୍ଡା ସାହିର ଅଭିନାଶ, ଲିଜା ମୁଣ୍ଡା, ପୂଜା ମୁଣ୍ଡା, ସାସାଞ୍ଜୟୀ ମୁଣ୍ଡା, ପ୍ରଫୁଲ୍ଲ ମୁଣ୍ଡା, ରେବତୀ ମୁଣ୍ଡା, ସନିଆ ମୁଣ୍ଡାଙ୍କ ସହ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଶିଶୁ ନାଉପଦା ଅଙ୍ଗନୱାଡି କେନ୍ଦ୍ରରେ ନାମ ଲେଖାଇଥିଲେ। ସେମାନେ ଅଙ୍ଗନୱାଡି କେନ୍ଦ୍ରକୁ ଯାଉ ନ ଥିବା ଦେଖିବାକୁ ମିଳିଛି। ୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ଶିଶୁ ଜଙ୍ଗଲ ରାସ୍ତା ପାରି ହୋଇ ବିଦ୍ୟାଳୟକୁ ଯାଉ ନ ଥିବା ଅଭିଭାବକ କହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ସହ ତୁରନ୍ତ ଉକ୍ତ ସାହିରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।



ଅଙ୍ଗନୱାଡି ନ ଯାଇ ମା'ଙ୍କ ପାଖରେ ଖେଳୁଥିବା ଶିଶୁ।

# ସୋରିଷ ଖେତରେ ସୁନାର ଢେଉ

- ମହକରେ ମତୁଆଲା ପର୍ଯ୍ୟଟକ
- ବଢ଼ାଉଛି ପ୍ରାକୃତିକ ସୌନ୍ଦର୍ଯ୍ୟ
- ମହୁମାଛିଙ୍କ ଉଡ଼ିବାର ଦୃଶ୍ୟ ମନୋମୁଗ୍ଧକର

କେନ୍ଦୁଝର, ୬।୧୨(ସ୍ୱ.ପ୍ର.)

ପାହାଡ଼ିଆ ରାସ୍ତା ସାଙ୍ଗକୁ ସବୁଜ ଜଙ୍ଗଲ। ଜଙ୍ଗଲ ପରିବେଷ୍ଟିତ ପାହାଡ଼ ଓ ଜମିରେ ପୁଣି ସୋରିଷ ଫୁଲର ଚାଷ। ସୋରିଷ ଖେତରେ ସୁନାର ଢେଉ ଦୃଶ୍ୟ ଲୋକଙ୍କୁ ଆକୃଷ୍ଟ କରୁଛି। ସେହି ରାସ୍ତା ଦେଇ ଯାତାୟାତ କରୁଥିବା ପର୍ଯ୍ୟଟକଙ୍କୁ ସୋରିଷ ଫୁଲର ମହକ ମତୁଆଲା କରୁଛି। ସେଥିପାଇଁ ବହୁ ଦୂରରୁ ଆସୁଥିବା ପର୍ଯ୍ୟଟକଙ୍କୁ ତାହା ଆକର୍ଷଣ କରୁଛି। ସୋରିଷ ଫୁଲରୁ ମଧୁ ସଂଗ୍ରହ ପାଇଁ ଉଡିବୁଲୁଥିବା ମହୁମାଛିଙ୍କ ଦୃଶ୍ୟ ଏବଂ ଫୁଲରେ ବସି ମହୁ ସଂଗ୍ରହର ଦୃଶ୍ୟ ଅନେକ ଲେଖକ, ଭାବୁକ ତଥା ପରିବେଶ ପ୍ରେମୀଙ୍କୁ ବିମୋହିତ କରୁଛି। କେହି କେନ୍ଦୁଝର ଜିଲାକୁ ଆସିଲେ ଗାଡିରୁ କିଛି କ୍ଷଣ ଓହ୍ଲାଇ ସେହି ଦୃଶ୍ୟକୁ ଭଲ ଭାବରେ ଉପଭୋଗ କରିବା ସହ ସେଲ୍‌ଫି ଉଠାଇ ଥାନ୍ତି। ବିଭିନ୍ନ ଭାବଭଙ୍ଗିରେ ଫଟୋ ଉତ୍ତୋଳନ କରି ମଧୁର ସ୍ମୃତିକୁ ସାଉଁଟି ନେଇଯାଆନ୍ତି। ଶୀତ ଋତୁରେ ପ୍ରଦୂଷଣ ମାତ୍ରା କମ ଥାଏ। ପାହାଡ଼ିଆ ଓ ଜଙ୍ଗଲାଞ୍ଚଳରେ ବନବାସୀ ଏହି ଦିନରେ ସୋରିଷ, ରାଶି ଆଦି ଚାଷ କରିଥାନ୍ତି। ପାହାଡ଼ର ଗଡ଼ାଣିଆ ଜମିରେ ତଇଳା ସଫା କରି ପୋଡୁଚାଷ କରିଥାନ୍ତି। ସତେ ଯେପରି ହଳଦିଆ ରଙ୍ଗର ଓଢଣୀ ପିନ୍ଧି ସବୁଜ ରଙ୍ଗରେ ସଜେଇ ହୋଇଛି ପ୍ରକୃତି।



ରାସ୍ତାକଡ଼ରେ ରହିଥିବା ହଳଦିଆ ରଙ୍ଗର ସୋରିଷ ଫୁଲ।

କେନ୍ଦୁଝର ଜିଲାରେ ଭରି ରହିଛି ପ୍ରାକୃତିକ ଝରଣା, ଜଳପ୍ରପାତ ସମ୍ବଳିତ ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର। ଶୀତଦିନେ ବ୍ୟସ୍ତତା ଜୀବନରୁ କିଛି କ୍ଷଣ ବାହାର କରି ଭୋଜି କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ବୁଲିବା ପାଇଁ ବହୁ ପର୍ଯ୍ୟଟକ ଆସିଥାନ୍ତି। ସାନଘାଗରା, ବଡଘାଗରା, ଭୀମକୁଣ୍ଡ, ଖଣ୍ଡାଧାର, ହାଣ୍ଡିଭଙ୍ଗା, ମୁର୍ଗା, ଗୁଣ୍ଡିଚାଘାଗି ଆଦି ପ୍ରାକୃତିକ ଜଳପ୍ରପାତର ଶୀତୁଆ ସକାଳ ଦେଖିବାକୁ ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ। ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଗ୍ରାମବାସୀଙ୍କ ସହାୟତା, ସୁବିଧା ଯୋଗୁ ପର୍ଯ୍ୟଟକଙ୍କ ଆଗମନ ହୋଇଛି। ପର୍ଯ୍ୟଟନ କେନ୍ଦ୍ରକୁ ଯିବା ବାଟରେ ଏଭଳି ସୋରିଷ ଫୁଲର ସୌନ୍ଦର୍ଯ୍ୟ ସେମାନଙ୍କୁ ଅଧିକ ଆକୃଷ୍ଟ କରୁଛି।